


▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-235 ◆FRIDAY ◆20 FEBRUARY 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୩୫ ◆ଶୁକ୍ରବାର ◆୨୦ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ବ୍ରିଟେନର ପୂର୍ବତନ ରାଜକୁମାର ଆଣ୍ଡ୍ରୁ ଗିରଫ

■ ଲଣ୍ଡନ, ୧୯ ।୨ (ଏଜେନ୍ସି): ଆମେରିକାର କୁଖ୍ୟାତ ଯୌନ ଅପରାଧୀ ଏପଷ୍ଟିନ ସହ ଘନିଷ୍ଠତା ବ୍ରିଟେନର ପୂର୍ବତନ ରାଜମୁକାର ଆଣ୍ଡ୍ରୁଙ୍କୁ ମହଙ୍ଗା ପଡ଼ିଛି । ଏପଷ୍ଟିନ ସହ ସଂପର୍କ ଏବଂ ଯୌନ କେଳେଙ୍କାରୀ ଯୋଗୁଁ ଗତବର୍ଷ ରାଜ ପରିବାରରୁ ତଡ଼ା ଖାଇଥିବା ଆଣ୍ଡ୍ରୁଙ୍କୁ ଆଜି ପୁଲିସ ଗିରଫ କରିଛି । ଆଣ୍ଡ୍ରୁ ଆଜି ତାଙ୍କର ୬୬ତମ ଜନ୍ମଦିନ ପାଳନ କରୁଥିବା ବେଳେ ବ୍ରିଟେନ ପୁଲିସ ତାଙ୍କ ଘରେ ପହଞ୍ଚି ଗିରଫ କରିଛି । ତାଙ୍କୁ ଗିରଫ କରାଯିବା ଘଟଣା ବ୍ରିଟେନରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

ଏପଷ୍ଟିନ ସହ ସଂପର୍କ ଏବଂ ଯୌନ କେଳେଙ୍କାରୀ ଯୋଗୁଁ ଗତବର୍ଷ ଆଣ୍ଡ୍ରୁଙ୍କୁ ରାଜପରିବାରରୁ ବହିଷ୍କାର କରାଯିବା ସହିତ



ଏପଷ୍ଟିନ୍ କଳଙ୍କ

ତାଙ୍କ ଠାରୁ ସମସ୍ତ ରାଜକୀୟ ସୁବିଧାସୁଯୋଗ ପ୍ରତ୍ୟାହାର କରି ନିଆଯାଇଥିଲା । ସେହିଦିନ ଠାରୁ ତାଙ୍କର ଅଡୁଆ ବଢ଼ିବାର ଲାଗିଛି । ତାଙ୍କୁ ନେଇ ପୁଲିସ ଏପଷ୍ଟିନ ଫାଇଲ୍ସର ଯେତେ ଖୋଳତାଡ଼ କରୁଛି, ସେତିକି ନୂଆ ନୂଆ ଏବଂ ବିସ୍ଫୋରକ ତଥ୍ୟ ଆସିବାରେ ଲାଗିଛି । ଆଣ୍ଡ୍ରୁ ବ୍ରିଟେନର ବାଣିଜ୍ୟ ଦୂତ ଥିବା ବେଳେ ଏପଷ୍ଟିନଙ୍କୁ ଅନେକ ଗୋପନୀୟ ତଥ୍ୟ ପ୍ରଦାନ କରିଥିଲେ । ସେ ଏସ୍ରା ଗସ୍ତ କରି ଫେରିବା ପରେ ଏପଷ୍ଟିନଙ୍କୁ ଭିଏତନାମ, ହଂକଂ, ସେନଝେନ୍ ଏବଂ ସିଙ୍ଗାପୁର ସଂପର୍କରେ ଗୁପ୍ତ ତଥ୍ୟ ଦେଇଥିଲେ । ଆଣ୍ଡ୍ରୁ ହେଉଛନ୍ତି ବ୍ରିଟେନ ରାଜା କିଙ୍ଗ ଚାର୍ଲ୍ସଙ୍କ ଭାଇ । ଏପଷ୍ଟିନ ସହ ଆଣ୍ଡ୍ରୁଙ୍କର ▶ପୃଷ୍ଠା-୭

## ପାକିସ୍ତାନରେ ଗ୍ୟାସ ଲିକ୍‌ରୁ ବିସ୍ଫୋରଣ: ୧୬ ମୃତ

■ କରାଚୀ, ୧୯ ।୨ (ଏଜେନ୍ସି): ପାକିସ୍ତାନର କରାଚୀରେ ଗ୍ୟାସ୍ ଲିକ୍ ହେବା କାରଣରୁ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ଏକ ଆବାସିକ ଅଟ୍ଟାଳିକାର କିଛି ଅଂଶ ଭୁଶୁଡ଼ିବା ଫଳରେ ୧୬ଜଣ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ମହିଳା ଓ ୯ ଶିଶୁ ଅଛନ୍ତି । ଏହି ଦୁର୍ଘଟଣାରେ ୭ ଶିଶୁଙ୍କ ସହ ୧୪ ଜଣ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଉଦ୍ଧାରକାରୀ ସଂସ୍ଥା ଅନୁଯାୟୀ, ଗୁଲ ରାଣା କଲୋନୀରେ ସନ୍ଦିଗ୍ଧ ଗ୍ୟାସ ଲିକେଜ କାରଣରୁ ଏହି ବିସ୍ଫୋରଣ ହୋଇଥିଲା ଓ ଅଟ୍ଟାଳିକାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା । ସମସ୍ତ ମୃତକ ଓ ଆହତଙ୍କୁ ସ୍ଥାନୀୟ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପୁଲିସ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି । ଭଗ୍ନାବଶେଷ ତଳେ କେହି ପୋତି ହୋଇ ରହିଥିବା ଆଶଙ୍କା କରି ଯାଞ୍ଚ୍ ମଧ କରାଯାଉଛି ।

**ମୃତକଙ୍କ ମଧ୍ୟରେ ୯ ଶିଶୁ**



## ଜିଦ୍‌ରେ ଅଟଳ ବିରୋଧୀ-ଶାସକ

# ବିଧାନସଭା ଅଚଳ

## ଚାଷୀ ମାରଣ ନୀତିକୁ ନେଇ ବିଜେଡିର ଗର୍ଜନ

■ ଭୁବନେଶ୍ୱର, ୧୯।୨ (ସମିସ): ଚାଷୀଙ୍କ ସମସ୍ୟା, ଧାନ କିଣାରେ ଅନିୟମିତତାକୁ ନେଇ ଗତ ଦୁଇଦିନ ଧରି ଅଚଳ ରହିଛି ବିଧାନସଭା । ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟରେ ସରକାରଙ୍କ ଚାଷୀମାରଣ ନୀତିକୁ ନେଇ ସରକାରଙ୍କୁ ଘେରିଥିବାବେଳେ ଗୃହରେ ପ୍ରଶ୍ନକାଳ, ଶୂନ୍ୟକାଳ ଓ କୌଣସି ଆଲୋଚନା ହୋଇପାରୁନାହିଁ । ଗତକାଲି ପରି ଆଜି ମଧ୍ୟ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାନସଭାରେ ଧାନ କିଣା ଅବ୍ୟବସ୍ଥାକୁ ନେଇ ନିଜର ପ୍ରତିବାଦ ଜାରି ରଖିଛନ୍ତି । ଧାନ ବିକ୍ରି ଏବଂ ଚାଷୀ ସମସ୍ୟାକୁ ନେଇ ଉଭୟ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଛନ୍ତି । ମଣ୍ଡି ଅବ୍ୟବସ୍ଥା, ସରକାରଙ୍କ ଚାଷୀ ମାରଣା ନୀତି, କଟନୀ ଛଟନୀ ପ୍ରସଙ୍ଗରେ ବିରୋଧୀ ଗୃହ ମଧ୍ୟରେ ପୋଷ୍ଟର ପ୍ରଦର୍ଶନ ସହ ପ୍ରବଳ ହୋ ହଲ୍ଲା କରିଛନ୍ତି । ଫଳରେ ପ୍ରଥମାର୍ଦ୍ଧରେ ମାତ୍ର ୧୧ ମିନିଟ୍ ଗୃହ କାର୍ଯ୍ୟ ହୋଇପାରିଛି ଏବଂ




▶ ରାଜ୍ୟପାଳଙ୍କ ଅଭିଭାଷଣ ପୁସ୍ତିକା ଚିରିଲା କଂଗ୍ରେସ

▶ ପ୍ରଥମାର୍ଦ୍ଧରେ ବିଧାନସଭା ଚାଲିଲା ମାତ୍ର ୧୧ ମିନିଟ୍

ଦ୍ୱିତୀୟାର୍ଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ସମୟରେ ବିରୋଧୀ କକ୍ଷତ୍ୟାଗ କରିଛନ୍ତି ।

ଗୁରୁବାର ସକାଳେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ସରକାର ସ୍ଲୋଗାନ ଦେଇଥିଲେ । ବିରୋଧୀଙ୍କ ହୋହାଲ୍ଲା ମଧ୍ୟରେ ବିଧାୟିକା ସଂଜଳି ମୁର୍ମୁଙ୍କ ଉତ୍ତର ଜଳ ସମ୍ପଦ ବିଭାଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହଲିଙ୍ଗ ରଖିଥିଲେ । ଅତିରିକ୍ତ ପ୍ରଶ୍ନକର୍ତ୍ତା ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ▶ପୃଷ୍ଠା-୭

## ସବୁ ଧାନ କିଣିବେ ସରକାର: ମୁଖ୍ୟମନ୍ତ୍ରୀ



**୨୦୪୭ ସୁଦ୍ଧା ଓଡ଼ିଶା ହେବ ଦେଶର ଗ୍ରୋଥ ଇଞ୍ଜିନ୍**

**ଆଲୋଚନାରେ ଭାଗ ନେଲେନି ବିରୋଧୀ ସଦସ୍ୟ**

■ ଭୁବନେଶ୍ୱର, ୧୯।୨ (ସମିସ): ଆମ ସରକାର ଚାଷୀଙ୍କ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲୁ, ଆଜି ମଧ୍ୟ ସେତିକି ପ୍ରାପ୍ୟ ପ୍ରଦାନ କରୁଛୁ । ୨୦୨୪-୨୫ ଖରିଫ ଋତୁରେ ଆମ ସରକାର ୧୬.୬୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ୭୩ ଲକ୍ଷ ମେଟ୍ରିକ ଟନରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ କରିଥିବା ବେଳେ ଚାଷୀଙ୍କୁ ପ୍ରାୟ ୨୩,୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଚଳିତ ଖରିଫ ୨୦୨୫-୨୬ ଋତୁରେ ଅଦ୍ୟାବଧି ୧୩ ଲକ୍ଷ ୯୧ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରୟ କରିଛନ୍ତି । ସରକାର ଏ ଯାବତ ପ୍ରାୟ ୫୯ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରି ସାରିଲେଣି । ଏହା ପ୍ରଶାସନିକ ଅନାଗ୍ରହର ପ୍ରତୀକ ନୁହେଁ; ସୁଦୃଢ଼, ପାରଦର୍ଶୀ ଓ ଚାଷୀକଲ୍ୟାଣ ▶ପୃଷ୍ଠା-୭

## 'ମାଗଣା ସଂସ୍କୃତି'କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ମାଗଣା ସୁବିଧା ନୁହେଁ, ନିଯୁକ୍ତି ଦିଅ



■ ନୂଆଦିଲ୍ଲୀ, ୧୯ ।୨ (ଏଜେନ୍ସି): ନିର୍ବାଚନ ଆସିଲେ ବିଭିନ୍ନ ରାଜ୍ୟରେ ସରକାର ମାଗଣା ସୁବିଧା ସୁଯୋଗ ଦେବାକୁ ଘୋଷଣା କରୁଛନ୍ତି । ଏଭଳି 'ମାଗଣା ସଂସ୍କୃତି'କୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । ଏକିପ୍ରକାର ମାଗଣା ସଂସ୍କୃତି ବୋଲି ପ୍ରଶ୍ନ ଉଠାଇ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଏଭଳି ନୀତିଗୁଡ଼ିକ ଉପରେ ପୁନର୍ବିଚାର କରିବାର ସମୟ ଆସିଛି । କାରଣ ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରୁଛି । କୋର୍ଟ ଆହୁରି କହିଛନ୍ତି ଯେ, ମାଗଣା ସୁବିଧା ବଦଳରେ ରାଜ୍ୟଗୁଡ଼ିକ ରୋଜଗାର ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଉଚିତ । 'ଯଦି ଆପଣ ସକାଳୁ ସଞ୍ଜ ଯାଏଁ ମାଗଣା ଖାଦ୍ୟ, ତାପରେ ମାଗଣା ସାଇକେଲ ଏବଂ ମାଗଣା ବିଜୁଳି ଦେବେ, ତେବେ ଲୋ।।କେ କାହିଁକି କାମ କରିବେ? ଏହା କାମ କରିବାର ସଂସ୍କୃତି ତଥା ଅଭ୍ୟାସକୁ ପ୍ରଭାବିତ କରୁଛି ।' ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ, ଗରିବଙ୍କୁ ସାହାଯ୍ୟ କରିବା ବୁଝାପଡୁଛି । କିନ୍ତୁ ଆର୍ଥିକ ସ୍ଥିତି ଦୃଷ୍ଟିରୁ ଗରିବ ଓ ଧନୀ ସମେତ ସବୁ ବର୍ଗର ଲୋକଙ୍କୁ କାହିଁକି ମାଗଣା ବିଜୁଳି, ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି ।

**ମାଗଣା ବାଣ୍ଟିଲେ ରାଜକୋଷ ଖାଲି ହୋଇଯିବ**

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ୍ ପାଞ୍ଚୋଲୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏସଂକ୍ରାନ୍ତ ତାମିଲନାଡୁ ମାମଲାର ଶୁଣାଣି କରୁଥିବା ସମୟରେ ଏଭଳି ଢଙ୍ଗରେ ବିରକ୍ତି ପ୍ରକାଶ କରିଛନ୍ତି । ଚଳିତ ବର୍ଷ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି ଏବଂ ଏହାପୂର୍ବରୁ ରାଜ୍ୟ ସରକାର ସମସ୍ତଙ୍କ ପାଇଁ ମାଗଣା ବିଜୁଳି ଯୋଗାଇବାକୁ ଘୋଷଣା କରିଛନ୍ତି । ଏଥିରେ କ୍ଷୋଭ ପ୍ରକାଶ କରି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ଯେ ଏମିତି କଣ ଦରକାର ପଡ଼ିଲା ଯେ ରାଜ୍ୟ ସରକାର ଏମିତି ଘୋଷଣା କରିଦେଲେ । ସରକାରୀ ଘୋଷଣା ଯୋଗୁଁ ବିଦ୍ୟୁତ ବଣ୍ଟନ କଂପାନୀଙ୍କୁ ସେମାନଙ୍କର ଶୁଳ୍କ ଏବଂ ବଜେଟ୍ ▶ପୃଷ୍ଠା-୭

## ଆଜି ରାଜ୍ୟ ବଜେଟ୍

■ ଭୁବନେଶ୍ୱର, ୧୯।୨ (ସମିସ): ଶୁକ୍ରବାର ରାଜ୍ୟ ବଜେଟ୍ ବିଧାନସଭାରେ ଉପସ୍ଥାପନ ହେବ । ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବଜେଟ୍ ଉପସ୍ଥାପନ କରିବେ । ରାଜ୍ୟରେ ବିଜେପି ସରକାରଙ୍କର ଏହା ଦ୍ୱିତୀୟ ପୂର୍ଣ୍ଣାଙ୍ଗ ବଜେଟ୍ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ତାଙ୍କର ତୃତୀୟ ବଜେଟ୍ ଉପସ୍ଥାପନ କରିବେ । ଏହା ପୂର୍ବରୁ ୨୦୨୫-୨୬ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ସହ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଥିଲେ । ଅପରାହ୍ଣରେ ବଜେଟ୍ ଉପସ୍ଥାପନ କରିବା ନେଇ ସୂଚନା ରହିଥିବା ବେଳେ ଏହା ପୂର୍ବରୁ ଗୁରୁବାର ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି । ଚଳିତ ବର୍ଷ ରାଜ୍ୟ ବଜେଟ୍ ୩ ଲକ୍ଷ ୧୦ ହଜାର କୋଟି ଛୁଇଁବା ନେଇ ଆକଳନ କରାଯାଉଛି ।




## ଏଆଇରେ ୧୦ ଲକ୍ଷ କୋଟି ନିବେଶ କରିବ ରିଲାଏନ୍ସ

### ମୋବାଇଲ ଡାଟା ଭଳି ଶସ୍ତା ହେବ ଏଆଇ: ଅମ୍ବାନୀ

■ ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି): ଜିଓ ଯେଉଁଭଳି ଭାବରେ ଦେଶରେ ଡାଟାକୁ ଶସ୍ତା କରିଥିଲା, ଠିକ୍ ସେହିପରି ଏବେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)କୁ ମଧ୍ୟ ସାଧାରଣ ଲୋକଙ୍କ ପାଖରେ ସୁଲଭ ମୂଲ୍ୟରେ ଉପଲବ୍ଧ କରାଯିବ । ‹ଭାରତ ଏଆଇକୁ ଭଡାରେ ନେଇପାରିବନାହିଁ ଏବଂ ଜିଓ ଦେଶକୁ ଇଣ୍ଟରନେଟ୍ ଯୁଗ ପରେ ବର୍ତ୍ତମାନ 'ଇଣ୍ଟେଲିଜେନ୍ସ ଯୁଗ' ସହିତ ଯୋଡ଼ିବ । ଯାହାଫଳରେ ମୋବାଇଲ ଡାଟା ଭଳି ଲୋକଙ୍କ ପାଇଁ ଏଆଇ ଶସ୍ତା ହେବ । ଜିଓ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆଗାମୀ ୭ ବର୍ଷରେ ଏଆଇରେ ୧୦ ଲକ୍ଷ କୋଟି ଟଙ୍କା ନିବେଶ କରିବେ । ଏହି ନିବେଶ ଭାରତରେ ଶକ୍ତିଶାଳୀ ଏଆଇ ଭିତ୍ତିଭୂମି ସୃଷ୍ଟି କରିବା ସହ ଆଗାମୀ ଦଶକଗୁଡିକ ପାଇଁ ଆର୍ଥିକ ଦୃଢ଼ତା ସୁନିଶ୍ଚିତ କରିବାର ଉଦ୍ଦେଶ୍ୟରେ



କରାଯିବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଏହି ଘୋଷଣା କରିଛନ୍ତି ।

କମ୍ପାନୀ ଜାମନଗରରେ ପର୍ଯ୍ୟାୟକ୍ରମେ ମଲ୍ଟି-ଗିଗାୱାଟ୍ ଏଆଇ-ରେଡି ଡାଟା ସେଣ୍ଟର ପାର୍କ ବିକଶିତ କରୁଛି । ୨୦୨୬ ଶେଷ ମଧ୍ୟରେ ୧୨୦ ମେଗାୱାଟ୍ କ୍ଷମତା ଆରମ୍ଭ କରିବାର ଲକ୍ଷ୍ୟ ରହିଛି, ଯାହାକୁ ପରବର୍ତ୍ତୀକାଳରେ ଗିଗାୱାଟ୍ ସ୍ତର ପର୍ଯ୍ୟନ୍ତ ବଢ଼ାଯିବ । ଏହି ସମ୍ପୂର୍ଣ୍ଣ ଭିତ୍ତିଭୂମି ଗ୍ରୀନ୍ ଏନର୍ଜି ଉପରେ ଆଧାରିତ ରହିବ । ସେହିପରି ଜିଓ ଏହାର ନେଟୱର୍କ ଜରିଆରେ ସମଗ୍ର ଦେଶରେ ଏଭଳି କମ୍ପ୍ୟୁଟିଂ କ୍ଷମତା ଉପଲବ୍ଧ କରାଇବ, ଯାହା ଦ୍ୱାରା ଏଆଇ ସେବାଗୁଡିକ ଅଳ୍ପ ଖର୍ଚ୍ଚରେ ଏବଂ ଦ୍ରୁତ ଗତିରେ ଲୋକମାନଙ୍କ ପାଖରେ ତଥା ଦୋକାନ, ▶ପୃଷ୍ଠା-୭

## ୩୦୦ ମ୍ୟୁଲ ଆକାଉଣ୍ଟରେ ୧୧୦ କୋଟି କାରବାର

### ସାଇବର୍ ଠକଙ୍କ ୫ ଏଜେଣ୍ଟ ସହ ୨୦ ଗିରଫ; ୩୨ ଜଣଙ୍କୁ ନୋଟିସ୍

■ ସମ୍ବଲପୁର, ୧୯।୨ (ସମିସ): ଲୋଭରେ ପଡ଼ି ନିଜ ବ୍ୟାଙ୍କ ଖାତା ଅନ୍ୟ କାହାକୁ ବ୍ୟବହାର କରିବାକୁ ଦେଉଥିଲେ ସାବଧାନ । କେତେବେଳେ ବି ସାଇବର ପୁଲିସ ହାବୁଡ଼ରେ ପଡିପାରନ୍ତି । ସମ୍ବଲପୁର ଜିଲ୍ଲା ପୁଲିସ ସାଇବର ଠକେଇ ଅଭିଯୋଗରେ ମୋଟ ୫୨ଜଣଙ୍କୁ ଅଟକ ରଖିଛି । ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୩୨ ଜଣଙ୍କୁ ନୋଟିସ ଦେଇଛି । ଗିରଫ ୨୦ ଜଣଙ୍କ ମଧ୍ୟରେ ୫ଜଣ ମୁଖ୍ୟ ଏଜେଣ୍ଟ ରହିଛନ୍ତି । ସାଇବର ସେଲ କ୍ରାଇମବ୍ରାଞ୍ଚ ଓ ସମ୍ବଲପୁର ପୁଲିସ ମିଳିତ ଉଦ୍ୟମରେ ୩୦୦ମ୍ୟୁଲ ଆକାଉଣ୍ଟକୁ ନଜରରେ ରଖିଛି । ଇଣ୍ଡିଆନ ସାଇବର କ୍ରାଇମ କୋର୍ଡିନେସନ ସେଣ୍ଟର୍ ଓ ଜାତୀୟ ସାଇବର କ୍ରାଇମ ରିପୋର୍ଟିଂ



ପୋର୍ଟାଲ (ଏନସିଆରପି) ସହାୟତାରେ ଏହି ମ୍ୟୁଲ ଆକାଉଣ୍ଟ ଧାରୀଙ୍କ ତଥ୍ୟ ସଂଗ୍ରହ କରିପାରିଛି ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଏସପି ମୁକେଶ ଭାମୁ କହିଛନ୍ତି ।

ସୂଚନା ଅନୁସାରେ, ବର୍ତ୍ତମାନ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ସାଇବର ଠକେଇ ବଢ଼ିବାରେ ଲାଗିଛି । ତେଣୁ ରାଜ୍ୟ କ୍ରାଇମ ବ୍ରାଞ୍ଚ ଓ ସାଇବର ସେଲର ମିଳିତ ଉଦ୍ୟମରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଏସପିଙ୍କ କହିବା ଅନୁସାରେ ସମ୍ବଲପୁରରେ ୩୦୦ ଗୋଟି ସନ୍ଦିଗ୍ଧ ମ୍ୟୁଲ୍ ଏକାଉଣ୍ଟ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ସମ୍ବଲପୁର ସାଇବର ଥାନା ପୁଲିସ ୧୪୦ ଗୋଟି ଆକାଉଣ୍ଟକୁ ଯାଞ୍ଚ କରିଛି । ଏଥିରେ ପ୍ରାୟ ୧୧୦ କୋଟି ୩୦ ଲକ୍ଷ ୧୮ ହଜାର ୭୭୨ ଟଙ୍କା ଟ୍ରାଞ୍ଜାକ୍ସନ ହୋଇଛି । ଯାହାକୁ ନେଇ ପୁଲିସ ତଦନ୍ତ ଜାରି ▶ପୃଷ୍ଠା-୭

**ଅଜବ ରାଜ୍ୟ, ଗଜବ ନୀତି**

## ବିନା ଫିଟନେସରେ ଶିକ୍ଷାନୁଷ୍ଠାନ ଗାଡ଼ି

### ପରିବହନ ବିଭାଗର ୨୪୨ ଗାଡ଼ିରେ ନାହିଁ ପିୟୁସିସି

■ ଭୁବନେଶ୍ୱର, ୧୯।୨ (ସମିସ): ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଦୈନିକ ଛାତ୍ରଛାତ୍ରୀମାନଙ୍କୁ ନେବା ଆଣିବା କରୁଥିବା ଅନେକ ବସ୍ ଚଳାଚଳ ପାଇଁ ଫିଟ୍ ନୁହେଁ । ସେହିପରି ଖୋଦ୍ ପରିବହନ ପକ୍ଷରୁ ଚାଲୁଥିବା ଅନେକ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନାହିଁ । ଖୋଦ୍ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ବିଧାନସଭାରେ ଏହାକୁ ସ୍ୱୀକାର କରିଛନ୍ତି । ବିଡ଼ମ୍ବନା ହେଉଛି ସରକାରଙ୍କ ନିକଟରେ ଏ ସଂକ୍ରାନ୍ତରେ ତଥ୍ୟ ଥିବା ସତ୍ତ୍ୱେ ଉପରୋକ୍ତ ଗାଡ଼ି ବା ଏହାର କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗ ପଛଘୁଞ୍ଚା ଦେଉଛନ୍ତି ।



ବିଧାନସଭାରେ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ବର୍ତ୍ତମାନ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୪୦୪୫ ଟି ବସ୍ ଗମନାଗମନ କରୁଛି । ଏଥିମଧ୍ୟରୁ ୧୧୭୧ଟି ବସରେ ଫିଟନେସ୍ ସାର୍ଟିଫିକେଟ ନାହିଁ । ସେହିପରି ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୧୭ଟି ବସ୍ ବିନା ଫିଟନେସରେ ଗଡୁଛି ବୋଲି ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି ।


ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗରେ ଚାଲୁଥିବା ଗାଡିକୁ ନେଇ ମଧ୍ୟ ଆଶ୍ଚର୍ଯ୍ୟଜନକ ଚିତ୍ର ସାମନାକୁ ଆସିଛି । ବିଭାଗ ଅଧୀନରେ ଚଳାଚଳ କରୁଥିବା ଅନେକ ଗାଡ଼ି ବିନା ପ୍ରଦୂଷଣ ପ୍ରମାଣପତ୍ରରେ ଗଡୁଛି । ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ସରକାରଙ୍କ ନିଜସ୍ୱ ଓ ଭଡ଼ାରେ ପରିବହନ ବିଭାଗରେ ୨୪୨ଟି ଗାଡ଼ି ଚାଲୁଛି । ଏସବୁ ଗାଡ଼ିର ପ୍ରଦୂଷଣ ▶ପୃଷ୍ଠା-୭

**ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ**

# ରଙ୍ଗ ଗେରୁଆ, ବାସ୍ନା ଗୋଲାପୀ

## ଓଡ଼ିଶା ହେବ ୧୦ ଲକ୍ଷ କୋଟିର ଅର୍ଥନୀତି

■ ଭୁବନେଶ୍ୱର, ୧୯।୨ (ସମିସ): ସରକାର ବଦଳିବା ସହ ଅର୍ଥନୈତିକ ସର୍ଭେ ରିପୋର୍ଟରେ ରାଜ୍ୟର ଛବି ଓ ରଙ୍ଗ ବଦଳିଛି । ବିଧାନସଭାରେ ଉପସ୍ଥାପିତ ଗେରୁ ରଙ୍ଗର ଅର୍ଥନୈତିକ ସର୍ଭେ ରିପୋର୍ଟ ପୁସ୍ତିକାରେ ଅଭିବୃଦ୍ଧିର ଗୋଲାପୀ ଅତର ଢ଼ାଳିଛନ୍ତି ସରକାର । ରାଜ୍ୟର ଅର୍ଥନୀତି ଖୁବ୍ ଶୀଘ୍ର ୧୦ ଲକ୍ଷ କୋଟି ଟଙ୍କା ଛୁଇଁବ ଓ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ୯.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରିଛନ୍ତି । ୨୦୨୪-୨୫ ଆର୍ଥକବର୍ଷରେ ରାଜ୍ୟ ଅର୍ଥନୀତିର ଆକାର ୯ ଲକ୍ଷ କୋଟି ଟଙ୍କା ଥିଲା ଓ ବାର୍ଷିକ ୯.୫ ପ୍ରତିଶତ ଅଭିବୃଦ୍ଧି ଘଟିବ ବୋଲି ରିପୋର୍ଟରେ କୁହାଯାଇଛି । ସେହିପରି




**ଆୟ ହାର ବୃଦ୍ଧିରେ ଦେଶକୁ ଟପିଲା ଓଡ଼ିଶା**

**ମୁଣ୍ଡ ପିଛା ଆୟ ୧.୮୭ ଲକ୍ଷ ଟଙ୍କା**

**ବାର୍ଷିକ ଅଭିବୃଦ୍ଧି ହାର ୭.୯% ଆକଳନ**

**ଜାତୀୟ ହାରକୁ ଟପିବ ଜିଡିପି ଅଭିବୃଦ୍ଧି**

୨୦୨୫-୨୬ ଆର୍ଥକବର୍ଷରେ ରାଜ୍ୟରେ ମୁଣ୍ଡପିଛା ଆୟରେ ୯.୨% ବୃଦ୍ଧି ପାଇଥିବା ଓ ଏହା ଦେଶରେ ମୁଣ୍ଡପିଛା ଆୟ ହାର ୬.୯% ବୃଦ୍ଧିରୁ ଅଧିକ ବୋଲି ଏଥିରେ ଉଲ୍ଲେଖ ରହିଛି । ରାଜ୍ୟବାସୀଙ୍କ ହାରାହାରି ମୁଣ୍ଡପିଛା ଆୟ ୧.୮୭ ଲକ୍ଷ ଟଙ୍କା ବୋଲି ସରକାର କହିଛନ୍ତି ।

୨୦୨୫-୨୬ରେ ରାଜ୍ୟର ବାସ୍ତବ ଅର୍ଥନୈତିକ ଅଭିବୃଦ୍ଧି ୭.୯ ▶ପୃଷ୍ଠା-୭

## ଦୁଇ ଦିନରେ ମୁଣ୍ଡପିଛା ଆୟ ୭ ହଜାର ବୃଦ୍ଧି !

■ ଭୁବନେଶ୍ୱର, ୧୯।୨ (ସମିସ): ମାତ୍ର ଦୁଇଦିନରେ ରାଜ୍ୟବାସୀଙ୍କ ହାରାହାରି ବାର୍ଷିକ ମୁଣ୍ଡପିଛା ହାରାହାରି ଆୟ ବଢ଼ିଛି ୭ ହଜାର ଟଙ୍କା । ଏ କଥା ଖୋଦ ରାଜ୍ୟ ସରକାର ବିଧାନସଭାରେ ଉଲ୍ଲେଖ କରିଛନ୍ତି । ତେବେ କେଉଁ ଚମତ୍କାରିତା ବଳରେ ଏପରି ଉପଲବ୍ଧି ହାସଲ ହେଲା ତାହାର ରହସ୍ୟ ସରକାର ସ୍ପଷ୍ଟ କରିନାହାନ୍ତି । ମଙ୍ଗଳବାର ବିଧାନସଭାର ବଜେଟ୍ ଅଧିବେଶନର ପ୍ରାରମ୍ଭରେ ରାଜ୍ୟପାଳ ନିଜ ଅଭିଭାଷଣରେ ରାଜ୍ୟବାସୀଙ୍କ ମୁଣ୍ଡପିଛା ହାରାହାରି ଆୟ ୧.୮୦ ଲକ୍ଷ ଟଙ୍କା ଥିବା ଦର୍ଶାଇଥିଲେ । ଏହା ସହିତ ୨୦୪୭ ସୁଦ୍ଧା ମୁଣ୍ଡପିଛା ହାରାହାରି ଆୟ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ରାଜ୍ୟ ସରକାର ଭିଜନ ଡ଼କୁମେଣ୍ଟର ▶ପୃଷ୍ଠା-୭






# ମେ ୫'ରୁ ସିଏଏ ମାମଲାର ଅନ୍ତିମ ଶୁଣାଣି କରିବେ ସୁପ୍ରିମକୋର୍ଟ

**ତର୍କ ରଖିବା ପାଇଁ ଆବେଦନାକାରୀଙ୍କୁ ମିଳିବ ଦେଢ଼ ଦିନ**

ନୂଆଦିଲ୍ଲୀ, ୧୯ ।୨(ଏଜେନ୍ସି): ନାଗରିକତା ସଂଶୋଧନ ଆଇନ (ସିଏଏ) ମାମଲାର ଅନ୍ତିମ ଶୁଣାଣି ପାଇଁ ସୁପ୍ରିମକୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି ଯେ ସିଏଏ ୨୦୧୯ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରୁଥିବା ୨୦୦ରୁ ଅଧିକ ଆବେଦନ ଉପରେ ଅନ୍ତିମ ଶୁଣାଣି ମେ ମାସ ୫ରୁ ଆରମ୍ଭ ହେବ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଆବେଦନକରୀ ନିଜର ପକ୍ଷ ରଖିବା ପାଇଁ ଦେଢ଼ ଦିନ ଓ କେନ୍ଦ୍ର ସରକାରଙ୍କୁ ଗୋଟିଏ ଦିନ ସମୟ ଦିଆଯିବ। ଆସନ୍ତା ମେ ୧୨ ତାରିଖ ସୁଦ୍ଧା ଏହି ଶୁଣାଣି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଆବେଦନଗୁଡ଼ିକ ମଧ୍ୟରେ ଇଣ୍ଡିଆନ ୟୁନିୟନ ମୁସ୍‌ଲିମ୍ ଲିଗ୍ (ଆଇୟୁଏମ୍‌ଏଲ)ର ପିଟିସନ ମଧ୍ୟ ସାମିଲ ରହିଛି। ସୂଚନାଯୋଗ୍ୟ ଯେ, ସିଏଏ ଅଧୀନରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଭାରତ ଆସିଥିବା କେବଳ ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଶରଣାର୍ଥୀଙ୍କୁ ନାଗରିକତା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପ୍ରଥମେ ଭାରତ ପାଇଁ ଲାଗୁ ହୋଇଥିବା ସିଏଏର ଶୁଣାଣି କରିବେ ଏବଂ ପରେ ଆସାମ, ତ୍ରିପୁରା ସହ ଜଡ଼ିତ ସ୍ୱତନ୍ତ୍ର ଆବେଦନଗୁଡ଼ିକ ଉପରେ ଶୁଣାଣି କରିବେ। ଉଲ୍ଲେଖଥାଉ କି, ସିଏଏ ନେଇ ଦେଶରେ ସେତେବେଳେ ବଡ଼ ବିବାଦ ଦେଖାଦେଇଥିଲା।

# ବିଦ୍ରୋହ ପାଇଁ ଦୋଷୀ ସାବ୍ୟସ୍ତ ଦ. କୋରିଆ ପୂର୍ବତନ ରାଷ୍ଟ୍ରପତି



ସିଓଲ, ୧୯ ।୨(ଏଜେନ୍ସି): ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି ୟୁନ ସୁକ ୟୋଲଙ୍କୁ ଗୁରୁବାର ବିଦ୍ରୋହ ଉସୁକାଇବା ଅଭିଯୋଗରେ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲା ୨୦୨୪ ଶେଷ ଭାଗରେ ଦେଶରେ ଲାଗୁ କରାଯାଇଥିବା ମାର୍ଶାଲ ଲ (ସାମରିକ ଶାସନ) ସହିତ ଜଡ଼ିତ। ଯଦିଓ ଏହି ସାମରିକ ଶାସନ ଅଳ୍ପ ସମୟ ପାଇଁ ଲାଗୁ ହୋଇଥିଲା, କିନ୍ତୁ ଏକ ବଡ଼ ଧରଣର ରାଜନୈତିକ ଅସ୍ଥିରତା ସୃଷ୍ଟି କରିଥିଲା। ଦଶନ୍ଧି ଦଶନ୍ଧି ଚାଲିଆସୁଥିବା ଦକ୍ଷିଣ କୋରିଆରେ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ସମାଲୋଚକଙ୍କ ମତରେ, ୟୁନ୍‌ଙ୍କ ଏହି ନିଷ୍ପତ୍ତି ଦକ୍ଷିଣ କୋରିଆର ଗଣତାନ୍ତ୍ରିକ ପରମ୍ପରାକୁ ବହୁତ କ୍ଷତି ପହଞ୍ଚାଇଥିଲା। ଗୁରୁବାର କୋର୍ଟ ୟୁନ ସୁକ ୟୋଲଙ୍କୁ ବିଦ୍ରୋହର ନେତୃତ୍ୱ ନେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଲ୍ଲେଖଥାଉ କି, ୟୁନ୍ ୨୦୨୪ ଡିସେମ୍ବର ୩ରେ ରାତିରେ ହଠାତ୍ ଦେଶରେ ମାର୍ଶାଲ ଲ ଲାଗୁ କରିବାକୁ ଘୋଷଣା କରିଥିଲେ। ଏହି ନିଷ୍ପତ୍ତିକୁ ନେଇ ସାରା ଦେଶରେ ପ୍ରବଳ ଜନ ଅସନ୍ତୋଷ ଦେଖା ଦେଇଥିଲା। ଫଳରେ ମାତ୍ର ୬ ଘଣ୍ଟା ମଧ୍ୟରେ ସେ ନିଜର ନିଷ୍ପତ୍ତି ଫେରାଇନେବାକୁ ବାଧ୍ୟ ହୋଇଥିଲେ। ଏହି ଘଟଣା ପରେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଥିଲା ଏବଂ ତାଙ୍କୁ ରାଷ୍ଟ୍ରପତି ପଦରୁ ହଟାଇ ଦିଆଯାଇଥିଲା।


# ଗାଜାର ୯୦ ପ୍ରତିଶତ ଅଞ୍ଚଳରେ ପ୍ରଭାବ ବଢ଼ାଉଛି ହମାସ

ଗାଜା, ୧୯ ।୨(ଏଜେନ୍ସି): ଗତ ଅକ୍ଟୋବରରେ ଆମେରିକା ପ୍ରୟାସରେ ଲାଗୁ ହୋଇଥିବା ଅସ୍ତ୍ରବିରତି ପରେ ଗାଜାରେ ହମାସ ପୁଣିଥରେ ନିଜର ସ୍ଥିତି ମଜବୁତ କରିବାରେ ଲାଗିଛି। ବିବିସି ରିପୋର୍ଟ ଅନୁଯାୟୀ, ଗାଜାର ଜଣେ କର୍ମକର୍ତ୍ତା ମହମ୍ମଦ ଦିୟାବ କହିଛନ୍ତି ଯେ, ହମାସ ଏହି ଅଞ୍ଚଳଗୁଡ଼ିକରେ ୯୦ ପ୍ରତିଶତରୁ ଅଧିକ ଭାଗରେ ନିଜର ନିୟନ୍ତ୍ରଣ ଫେରି ପାଇଛି। ଗାଜାର ରାସ୍ତାଘାଟକୁ ପୁଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ଫେରିଛନ୍ତି। ସେମାନେ ଅପରାଧ ରୋକିବା ସହ ନିଜର ବିରୋଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଆଜି ୱାସିଂଟନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ବୋର୍ଡ ଅଫ୍ ପିସ'ର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ବିଶ୍ୱର ୬୦ଟି ଦେଶକୁ ନିମନ୍ତ୍ରଣ କରାଯାଇଛି। ଟାଇମ୍ସ ଅଫ୍ ଇସ୍ରାଏଲ ଅନୁଯାୟୀ, ବୋର୍ଡ ପ୍ରାଥମିକ ଦସ୍ତାବିଜରେ ଗାଜା ବିଷୟରେ କୌଣସି ସ୍ପଷ୍ଟ ସୂଚନା ନାହିଁ। ଟ୍ରମ୍ପ କହିଛନ୍ତି ଯେ, ଏହି ବୋର୍ଡର ଲକ୍ଷ୍ୟ କେବଳ ଗାଜାରେ ନୁହେଁ, ବରଂ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା। ଏହି ପିସ୍ ବୋର୍ଡ ଉପରେ ଟ୍ରମ୍ପଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବ। ଟ୍ରମ୍ପ ନିଜର ଉତ୍ତରାଧିକାରୀ ଚୟନ କରିବା ପର୍ଯ୍ୟନ୍ତ ଏହି ବୋର୍ଡର ଆଜୀବନ ଅଧ୍ୟକ୍ଷ ରହିବେ। ରାଷ୍ଟ୍ରପତି ପଦରୁ ଅବସର ନେବା ପରେ ମଧ୍ୟ ଟ୍ରମ୍ପ ବୋର୍ଡ ଅଧ୍ୟକ୍ଷ ରହିବେ।

# ଆମେରିକାରେ ଧସିଲା ବରଫ ପାହାଡ଼, ୮ ମୃତ

ଲସ ଏଞ୍ଜେଲ୍ସ, ୧୯ ।୨(ଏଜେନ୍ସି): ଆମେରିକା କାଲିଫର୍ଣ୍ଣିଆ ରାଜ୍ୟର ନେଭାଡ଼ା ପର୍ବତମାଳାରେ ମଙ୍ଗଳବାର ଦିନ ବରଫ ପାହାଡ଼ ଧସିବା ଫଳରେ ଏକ ୧୫ ଜଣିଆ ପର୍ଯ୍ୟଟକ ଦଳ ଫସିଯାଇଥିଲା। ଏହି ଗ୍ରୁପ୍ ବ୍ଲାକବୋର୍ଡ ମାଉଣ୍ଟେନ ଗାଇଡ୍ସ କମ୍ପାନୀ ସହିତ ୩ ଦିନିଆ ଟ୍ରିପ୍‌ରେ ଯାଇଥିଲେ। କିନ୍ତୁ ମଙ୍ଗଳବାର ସକାଳ ପ୍ରାୟ ୧୧.୩୦ରେ ତୁଷାର ସ୍ଖଳନ ଘଟିଥିଲା। ଏହି ଦୁର୍ଘଟଣା ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ପର୍ଯ୍ୟଟକ ନିଖୋଜ ଅଛନ୍ତି। ନିଖୋଜ ପର୍ଯ୍ୟଟକ ମୃତ ବୋଲି ଅନୁମାନ କରାଯାଉଛି। ମୃତକ ମଧ୍ୟରେ କମ୍ପାନୀର ୩ ଜଣ ଗାଇଡ୍ ସାମିଲ ଅଛନ୍ତି। ମୋଟ ମୃତ ଓ ନିଖୋଜଙ୍କ ମଧ୍ୟରେ ୭ ଜଣ ମହିଳା ଓ ୨ ଜଣ ପୁରୁଷ ଅଛନ୍ତି। ତେବେ ଅନ୍ୟ ୬ ଜଣଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। ଏହା ଆମେରିକାର ଗତ ୪୫ ବର୍ଷ ମଧ୍ୟରେ ସବୁଠାରୁ ମାରାତ୍ମକ ତୁଷାର ସ୍ଖଳନ ବୋଲି କୁହାଯାଉଛି। ଏହାପୂର୍ବରୁ ୧୯୮୧ରେ ୱାସିଂଟନ ମାଉଣ୍ଟ ଟେନିୟରରେ ଏକ ଦୁର୍ଘଟଣା ଘଟିଥଲା ଓ ଏଥିରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଖରାପ ପାଗ ଓ ଶୂନ୍ୟ ଦୃଶ୍ୟମାନତା କାରଣରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

# ୩୭ ରାଜ୍ୟସଭା ଆସନ ପାଇଁ ଛକାପଞ୍ଝା ଆରମ୍ଭ



**ମାର୍ଚ୍ଚ ୧୬ ପାଇଁ ଜୋରଦାର ଲଢ଼େଇ**

ନୂଆଦିଲ୍ଲୀ, ୧୯।୨: ଆସନ୍ତା ମାର୍ଚ୍ଚ ୧୬ରେ ରାଜ୍ୟସଭାର ଦ୍ୱିବାର୍ଷିକ ନିର୍ବାଚନ ପାଇଁ ନିର୍ବାଚନ କମିସନ ତାରିଖ ଘୋଷଣା କରିବା ପରେ ସରକାରୀ ଓ ବିରୋଧୀ ଦଳ ମଧ୍ୟରେ ରାଜନୈତିକ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଯେଉଁ ୧୦ଟି ରାଜ୍ୟର ୩୭ଟି ଆସନ ପାଇଁ ନିର୍ବାଚନ ହେବ, ସେଥିରେ କେଉଁ ଦଳ/ମେଣ୍ଟ କେତେ ଜିତିବ, ତାହାକୁ ନେଇ କଳ୍ପନାଜଳ୍ପନା ଚାଲିଛି। ଯେଉଁ ୩୭ଟି ଆସନ ଖାଲି ହେବାକୁ ଯାଉଛି, ସେଥିରେ ବିଜେପି ମେଣ୍ଟର ୧୨ ଜଣ ସାଂସଦ ଥିବା ବେଳେ ଆଉ ୨୫ ଜଣ ହେଉଛନ୍ତି ବିରୋଧୀ ମେଣ୍ଟର। ମାର୍ଚ୍ଚ ୧୬ ନିର୍ବାଚନରେ ବିଜେପି ମେଣ୍ଟକୁ କିଛି ଫାଇଦା ମିଳିବ। କିନ୍ତୁ ସବୁ ଆସନକୁ ପୋଛିବା ସ୍ଥିତିରେ ନାହିଁ। ଏହି ୧୦ଟି ରାଜ୍ୟ ମଧ୍ୟରୁ ବିଜେପି ମେଣ୍ଟ ୬ଟି ରାଜ୍ୟରେ କ୍ଷମତାସୀନ ଥିବା ବେଳେ ବିରୋଧୀ ଦଳ ୪ଟି ରାଜ୍ୟରେ ସରକାରରେ ଅଛନ୍ତି। ବିଜେପି ମେଣ୍ଟ ଶାସିତ ରାଜ୍ୟରେ ୨୩ଟି ଆସନରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ବିରୋଧୀ ଶାସିତ ୪ ରାଜ୍ୟରେ ଅବଶିଷ୍ଟ ୧୪ଟି ଆସନରେ ମତଦାନ ହେବ।

ବିଭିନ୍ନ ରାଜ୍ୟରେ ବିଧାୟକଙ୍କ ସଂଖ୍ୟା ଦୃଷ୍ଟିରୁ ମହାରାଷ୍ଟ୍ର, ବିହାର, ଓଡ଼ିଶା, ଆସାମ, ହରିଆଣା ଓ ଛତିଶଗଡ଼ରେ ବିଜେପି ମେଣ୍ଟର ପ୍ରଦର୍ଶନ ଭଲ ରହିବ ବୋଲି ଜଣାପଡୁଛି। ଏହିସବୁ ରାଜ୍ୟରେ ବିଜେପି ମେଣ୍ଟ ସରକାରରେ ଅଛି। କିନ୍ତୁ ଖାଲି ପଡୁଥିବା ସମସ୍ତ ୨୩ଟି ଆସନ ହାତେଇବା ସ୍ଥିତିରେ ନାହିଁ ଶାସକ ମେଣ୍ଟ। ମହାରାଷ୍ଟ୍ରରେ ସର୍ବାଧିକ ୭ଟି ଆସନରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ବିଜେପି ମେଣ୍ଟ ୬ଟି ଆସନରେ ଜିତିବାର ସମ୍ଭାବନା ରହିଛି। ବିରୋଧୀ ଦଳ ଏକାଠି ହେଲେ ସେମାନେ ଗୋଟିଏ ଆସନ ପାଇପାରିବେ। ସେହିଭଳି ବିହାରରେ ନିର୍ବାଚନ ହେବାକୁ ଯାଉଥିବା ୫ଟି ଆସନ ମଧ୍ୟରୁ ବିଜେପି ମେଣ୍ଟକୁ ୪ଟି ଆସନ ମିଳିବା ନିଶ୍ଚିତ। ଓଡ଼ିଶାରେ ୪ଟି ଆସନ ଖାଲିପଡୁଥିବା ବେଳେ ବିଜେପି ମେଣ୍ଟ ୨ଟି ଆସନ ପାଇବା ନିଶ୍ଚିତ। ହରିଆଣା ଏବଂ ଛତିଶଗଡ଼ରେ ଏହା ଗୋଟିଏ ଲେଖାଏଁ ଆସନ ପାଇବାର ସମ୍ଭାବନା ରହିଛି। ମୋଟ ଉପରେ କହିବାକୁ ଗଲେ ଏହି ୬ଟି ରାଜ୍ୟରେ ବିଜେପି ମେଣ୍ଟ ୧୬ଟି ଆସନ ପାଇବାକୁ ଥିବା ବେଳେ ଅନ୍ୟମାନଙ୍କୁ ମିଳିପାରେ ୭ଟି ଆସନ। ଅନ୍ୟପକ୍ଷରେ ବିରୋଧୀ ଶାସିତ ପଶ୍ଚିମ ବଙ୍ଗରେ ୫ ଆସନ ଏବଂ ତାମିଲନାଡୁରେ ୬ଟି ଆସନ ପାଇଁ ନିର୍ବାଚନ ହେବ। ବିଧାୟକ ସଂଖ୍ୟା ଦୃଷ୍ଟିରୁ ପଶ୍ଚିମ ବଙ୍ଗରେ ତୃଣମୂଳ କଂଗ୍ରେସ ୪ଟି ଆସନ ଜିତିବ ଏବଂ ବିଜେପିକୁ ଗୋଟିଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ସେହିଭଳି ତାମିଲନାଡୁରେ ଡିଏମକେ ଏବଂ ଏହାର ସହଯୋଗୀ ୪ଟି ଆସନରେ ବିଜୟୀ ହେବା ନିଶ୍ଚିତ ଜଣାପଡୁଥିବା ବେଳେ ଆନ୍ନାଡିଏମକେକୁ ମିଳିବ ୨ଟି ଆସନ । ତେଲେଙ୍ଗାନାରେ ଯେଉଁ ୨ଟି ଆସନ ଖାଲି ପଡ଼ିଛି ତାହା କଂଗ୍ରେସ ଏବଂ ବିଆର୍‌ଏସ୍ ଖାତାକୁ ଚାଲିଯିବ। ହିମାଚଳ ପ୍ରଦେଶରେ ଗୋଟିଏ ଆସନ ଖାଲି ପଡୁଛି ଏବଂ ଏଠାରେ କଂଗ୍ରେସ ଜିତିବାର ସମ୍ଭାବନା ରହିଛି। ତେବେ ବିଜେପି ପ୍ରାର୍ଥୀ ଦେଲେ କିଛି ବି ଅସମ୍ଭବ ନୁହେଁ। କାରଣ ରାଜ୍ୟରେ କ୍ଷମତାସୀନ ଅନେକ କଂଗ୍ରେସ ବିଧାୟକଙ୍କ ସନ୍ଦେହଜନକ ଭୂମିକା ଓଲଟପାଲଟ କରିପାରେ। ଅତୀତରେ ଏହା ମଧ୍ୟ ଘଟିଛି। ରାଜ୍ୟ ବିଧାନସଭାରେ କଂଗ୍ରେସର ୪୦ ବିଧାୟକ ଥିବା ବେଳେ ବିଜେପିର ୨୮ ବିଧାୟକ ଅଛନ୍ତି। ଏହି ୪ଟି ରାଜ୍ୟରେ ଖାଲିପଡୁଥିବା ୧୪ ଆସନ ମଧ୍ୟରୁ ବିଜେପି ଓ ଏହାର ସହଯୋଗୀ ଆନ୍ନାଡିଏମକେକୁ ୩ଟି ଆସନ ମିଳିବାକୁ ଥିବା ବେଳେ ଅବଶିଷ୍ଟ ୧୧ଟି ଆସନ ବିରୋଧୀ ମେଣ୍ଟକୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଯେଉଁ ୩୭ଟି ଆସନରେ ନିର୍ବାଚନ ହେବାକୁ ଯାଉଛି, ସେଥିମଧ୍ୟରୁ ବିଜେପି ମେଣ୍ଟକୁ ୧୯ଟି ଏବଂ ଅବଶିଷ୍ଟ ୧୮ଟି ଆସନ ବିରୋଧୀଙ୍କ ଦଖଲରେ ରହିପାରେ। ବିଜେପି ମେଣ୍ଟକୁ ୭ଟି ଆସନର ଫାଇଦା ମିଳିବାର ସମ୍ଭାବନା ଥିବା ବେଳେ ବିରୋଧୀଙ୍କ ହାତରୁ ୭ଟି ଆସନ ଚାଲିଯିବ।

ସୂଚନାଯୋଗ୍ୟ ଯେ ଏବେ ରାଜ୍ୟସଭାରେ ୨୪୫ ଆସନ ମଧ୍ୟରୁ ବିଜେପି ମେଣ୍ଟର ୧୩୩ ସାଂସଦ ଥିବା ବେଳେ ବିରୋଧୀ ମେଣ୍ଟର ୭୯ ସଭ୍ୟ ଅଛନ୍ତି। ଅନ୍ୟ ଦଳର ୩୦ ସାଂସଦ ଅଛନ୍ତି। ବିଜେପିର ସର୍ବାଧିକ ୧୦୩ ସଭ୍ୟ ଅଛନ୍ତି।

# ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଅଫିସ, ଚଣ୍ଡୀଗଡ଼ କୋର୍ଟ ଉଡ଼ାଇ ଦେବାକୁ ଧମକ



ଚଣ୍ଡୀଗଡ଼, ୧୯ ।୨(ଏଜେନ୍ସି): ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ସଚିବାଳୟ ଓ ଚଣ୍ଡୀଗଡ଼ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଇମେଲ ଜରିଆରେ ଆଜି ଧମକ ମିଳିଛି। ସୂଚନା ପାଇବା ମାତ୍ରେ ପୁଲିସ ପ୍ରଶାସନ ତତ୍ପର ହୋଇ ଉଠିଥିଲା ଏବଂ ସୁରକ୍ଷା ଦୃଷ୍ଟିରୁ ସମ୍ପୂର୍ଣ୍ଣ ଅଞ୍ଚଳକୁ ଖାଲି କରାଯାଇଥିଲା। ଏଥିସହିତ ପଡୋଶୀ ହରିୟାଣା ସଚିବାଳୟକୁ ମଧ୍ୟ ସତର୍କତା ଜାରି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସକାଳ ୯.୪୬ରେ ସମ୍ପୃକ୍ତ ବିଭାଗକୁ ଏକ ଇମେଲ ଆସିଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଅଫିସ, ସଚିବାଳୟ ଓ ଚଣ୍ଡୀଗଡ଼ କୋର୍ଟରେ ବିସ୍ଫୋରଣ କରିବାକୁ କୁହାଯାଇଥିଲା। ଭାଇରାଲ ହୋଇଥିବା ସ୍କ୍ରିନସଟ୍ ଅନୁଯାୟୀ, ଇମେଲରେ ଲେଖାଥିଲା ଯେ ଦ୍ୱିପହର ୨.୧୧ରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଓ ୩.୧୧ରେ କୋର୍ଟରେ ବିସ୍ଫୋରଣ ହେବ। ଏଥିରେ ଖଲିସ୍ତାନ ପ୍ରସଙ୍ଗ ମଧ୍ୟ ଉଲ୍ଲେଖ ଥିଲା। ସୂଚନା ମିଳିବା ପରେ ପୁଲିସ ବାହିନୀ, ସିଆରପିଏଫ୍, ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ଼ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସଚିବାଳୟରୁ ସମସ୍ତଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରାଯାଇଥିଲା। ପୁଙ୍ଖାନୁପୁଙ୍ଖ ଯାଞ୍ଚ ପରେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ। ସତର୍କତାମୂଳକ ପଦକ୍ଷେପ ଭାବେ ସେଠାରେ ଆମ୍ବୁଲାନ୍ସ ଓ ଦମକଳ ବାହିନୀକୁ ମୁତୟନ କରାଯାଇଛି। ପଞ୍ଜାବ ସଚିବାଳୟକୁ ଧମକ ମିଳିବା ପରେ ହରିୟାଣା ସଚିବାଳୟଙ୍କୁ ମଧ୍ୟ ଆଲର୍ଟରେ ରଖାଯାଇଛି।

ସୂଚନାଯୋଗ୍ୟ ଯେ, ଆସନ୍ତାକାଲିଠାରୁ ହରିୟାଣା ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଉଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଆଜି ହିଁ ମୋହାଲିର ପୋର୍ଟିସ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ନିଜ ବାସଭବନକୁ ଫେରିଛନ୍ତି। ସେ ଅସୁସ୍ଥ ଥିବା ବେଳେ ହସ୍ପିଟାଲକୁ ଏକ ମିଥ୍ୟା ବୋମା ଧମକ ମିଳିଥିଲା।

# ରାହୁଲଙ୍କୁ ହତ୍ୟା ଧମକ ମିଳିଥିବା ଅଭିଯୋଗ କଲା କଂଗ୍ରେସ



**କରଣୀ ସେନା କର୍ମକର୍ତ୍ତାଙ୍କ ଭିଡ଼ିଓ ସେୟାର କଲେ ଖେଡ଼ା**

ନୂଆଦିଲ୍ଲୀ, ୧୯ ।୨(ଏଜେନ୍ସି): କରଣୀ ସେନାର ଜଣେ କର୍ମକର୍ତ୍ତା ବରିଷ୍ଠ କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଗୁଳି ମାରିବାକୁ ଧମକ ଦେଇଛନ୍ତି। କଂଗ୍ରେସ ମୁଖପାତ୍ର ପବନ ଖେଡ଼ା ଗୁରୁବାର ଏହି ଦାବି କରିଛନ୍ତି। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଧମକପୂର୍ଣ୍ଣ ଭିଡ଼ିଓ ମଧ୍ୟ ସେୟାର କରିଛନ୍ତି। ଖେଡ଼ା ଲେଖିଛନ୍ତି ଯେ, ସମ୍ପୂର୍ଣ୍ଣ ଆରଏସ୍‌ଏସ୍- ବିଜେପି ତନ୍ତ୍ର ଏକ 'ଗଡ଼ସେ ଫ୍ୟାକ୍ଟ୍ରି'ରେ ପରିଣତ ହୋଇଛି। ରାହୁଲ ଗାନ୍ଧୀ ଓ ୨୫ ଜଣ ସାଂସଦଙ୍କ ବିରୋଧରେ ଦିଆଯାଇଥିବା ଧମକ କୌଣସି ମାମୁଲି ଘଟଣା ନୁହେଁ। ଏହା ଏକ ସୁଚିନ୍ତିତ ଓ କପଟପୂର୍ଣ୍ଣ ଷଡ଼ଯନ୍ତ୍ରର ଏକ ଅଂଶବିଶେଷ। ସେ 'ଏକ୍ସ'ରେ ଆହୁରି ଲେଖିଛନ୍ତି ଯେ, କଠୋରପନ୍ଥୀମାନେ ଏମିତି ହିଁ କାର୍ଯ୍ୟ କରନ୍ତି। ସେମାନେ ପ୍ରଥମେ ଏକ ମିଛ ତିଆରି କରନ୍ତି, ରାଜନୈତିକ କର୍ତ୍ତୃପକ୍ଷ ତାକୁ ଆଗକୁ ବଢ଼ାନ୍ତି ଏବଂ ସେତେବେଳ ପର୍ଯ୍ୟନ୍ତ ପ୍ରସାର କରନ୍ତି ଯେତେବେଳେ ପର୍ଯ୍ୟନ୍ତ ସେମାନଙ୍କ ଅନୁଗାମୀଙ୍କ ମନରେ ଘୃଣା ଓ ହିଂସା ଭରି ନଯାଇଛି। ସେତେବେଳେ ମଧ୍ୟ ଗଡ଼ସେ ତିଆରି କରାଯାଇଥିଲା, ଆଜି ମଧ୍ୟ ଆଉ ଜଣେ ଗଡ଼ସେକୁ ପ୍ରସ୍ତୁତ କରାଯାଉଛି। ଏହି ଭିଡ଼ିଓ ସାମ୍ନାକୁ ଆସିବା ପରେ କୋଟା ପୁଲିସ ରାଜ ଆମେରାକୁ ଗିରଫ କରିଛି। ତେବେ ରାଜ କହିଛି, ତାକୁ ଏହି ଭିଡ଼ିଓ ବିଷୟରେ କିଛି ଜଣାନାହିଁ। ବିରୋଧୀ ଦଳ ଫେକ୍ ଆଇଡ଼ି ବ୍ୟବହାର କରି ଏହି ଭିଡ଼ିଓ ତିଆରି କରିଛନ୍ତି। ମୁଁ ସନାତନ ସହିତ ଜଡ଼ିତ ଓ ଦେଶକୁ ହିନ୍ଦୁ ରାଷ୍ଟ୍ର କରିବାକୁ ଚାହେଁ। ଅଭିଯୁକ୍ତ ରାଜ ଆମେରା କୋର୍ଟ ଉଦ୍ୟୋଗ ନଗରର ବାସିନ୍ଦା ଏବଂ ସେ କରଣୀ ସେନାର ମୁଖପାତ୍ର ରହିଛି।

# ଇରାନ ନିକଟରେ ଆମେରିକାର ଶକ୍ତି ପ୍ରଦର୍ଶନ

## ଉଡ଼ାଇଲା ଏଫ୍-୩୫, ଏଫ-୨୨ ଓ ଏଫ୍-୧୬



**୨୦୦୩ ପରେ ସବୁଠାରୁ ବଡ଼ ବାୟୁସେନା ମୁତୟନ**

ୱାସିଂଟନ/ତେହେରାନ, ୧୯।୨ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଅତିଦ୍ରୁତ ଗତିରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ନ୍ୟୁଜ ଏଜେନ୍ସି ସିଏନ୍‌ଏନ୍ ଅନୁଯାୟୀ, ଏହି ସପ୍ତାହର ଶେଷ ଆଡ଼କୁ ଆମେରିକା ଇରାନ ଉପରେ ଆକ୍ରମଣ କରିପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତରଫରୁ ଏହାକୁ କେବଳ ଚୂଡ଼ାନ୍ତ ମଞ୍ଜୁରୀ ମିଳିବା ବାକି ଅଛି। ୨୦୦୩ ଇରାନ ଯୁଦ୍ଧ ପରେ ଆମେରିକା ମଧ୍ୟପ୍ରାଚ୍ୟରେ ତା'ର ସବୁଠାରୁ ବଡ଼ ବାୟୁସେନା ମୁତୟନ କରିଛି। ରିପୋର୍ଟ ଅନୁଯାୟୀ, ଆମେରିକା ଏଫ୍-୩୫, ଏଫ-୨୨ ଓ ଏଫ୍-୧୬ ଭଳି ଅତ୍ୟାଧୁନିକ ଓ ଉନ୍ନତ ଲଢୁଆ ବିମାନର ଅନେକ ସ୍କ୍ୱାର୍ଡନ ମୁତୟନ କରିଛି। ବଡ଼ଧରଣର ବାୟୁସେନା ଅଭିଯାନ ପାଇଁ ଅତ୍ୟାବଶ୍ୟକ କମାଣ୍ଡ ଓ ନିୟନ୍ତ୍ରଣର ବିମାନ ମଧ୍ୟ ମୁତୟନ କରାଯାଇଛି। ଗତ କେତେ ସପ୍ତାହ ମଧ୍ୟରେ ଏହି ଅଞ୍ଚଳରେ ଏୟାର ଡିଫେନ୍ସ ସିଷ୍ଟମ ଅର୍ଥାତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ମଧ୍ୟ ସ୍ଥାପିତ ହୋଇଛି। ଆମେରିକାର ଖବର ଏଜେନ୍ସି ଆକ୍ସିଓସ୍‌ର ରିପୋର୍ଟ ଅନୁଯାୟୀ, ଯଦି ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଏହା ଅନେକ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଏହି ଅପରେସନରେ ଇରାନର ପରମାଣୁ ଓ ମିସାଇଲ ଭିତ୍ତିଭୂମିକୁ ଟାର୍ଗେଟ କରାଯାଇପାରେ। ସମ୍ଭବତଃ ଏହି କାର୍ଯ୍ୟାନୁଷ୍ଠାନ ଇସ୍ରାଏଲ ସହ ମିଶି କରାଯାଇପାରେ। ଇସ୍ରାଏଲର ପୂର୍ବତନ ଗୁଇନ୍ଦା ଅଧିକାରୀ ଆମୋସ ୟାଦଲିନଙ୍କ କହିବା ଅନୁଯାୟୀ, ସଂଘର୍ଷ ଏବେ ପୂର୍ବାପେକ୍ଷା ଅଧିକ ନିକଟତର ହୋଇଛି।

ଏହାସତ୍ତ୍ୱେ ଯୁଦ୍ଧ ଟାଳିବା ପାଇଁ କୂଟନୈତିକ ପ୍ରୟାସ ଜାରି ରହିଛି। ମଙ୍ଗଳବାର ଦିନ ଟ୍ରମ୍ପଙ୍କ ପରାମର୍ଶଦାତା ଜେରେଡ଼ କୁଶନର ଓ ଷ୍ଟିଭ୍ ବିଟ୍‌କେଫ୍ ଜେନେଭାରେ ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଘଚିଙ୍କ ସହ ୩ ଘଣ୍ଟାର କଥାବାର୍ତ୍ତା କରିଛନ୍ତି। କଥାବାର୍ତ୍ତାରେ ଅଗ୍ରଗତି ଆସିଛି ବୋଲି ଦୁଇପକ୍ଷ ତରଫରୁ କୁହାଯାଇଛି। ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ କେତୋଟି ମାମଲାରେ କଥାବାର୍ତ୍ତା ଭଲ ହୋଇଛି। କିନ୍ତୁ କେତୋଟି ମାମଲାରେ ରାଷ୍ଟ୍ରପତି ଟ୍ରମ୍ପ ଯେଉଁ ରେଡ୍ ଲାଇନ୍ ସ୍ଥିର କରିଛନ୍ତି, ତାହାକୁ ଇରାନ ମାନିବାକୁ ପ୍ରସ୍ତୁତ ନାହିଁ। ଯୁଦ୍ଧ ଆସନ୍ନ ମନେ ହେଉଥିବା ହୋର୍ମୁଜ ପ୍ରଣାଳୀ ଅର୍ଥାତ ଷ୍ଟ୍ରେଟ୍ ଅଫ୍ ହର୍ମୁଜର ଗୁରୁତ୍ୱ ବଢ଼ିଯାଉଛି। ବିଶ୍ୱର ୨୦ ପ୍ରତିଶତ ତୈଳ ଯୋଗାଣ ଏହି ରାସ୍ତା ଦେଇ ହୋଇଥାଏ। ସାଉଦି ଆରବ, କୁଏତ, ଇରାକ, କାତାର, ବାହାରିନ, ୟୁଏଇ ଓ ଇରାନ ଭଳି ଦେଶର ରପ୍ତାନୀ ଏହି ମାର୍ଗ ଉପରେ ନିର୍ଭର କରେ। ଇରାନ ଏବେ ଏହି ଅଞ୍ଚଳରେ ନିଜର ସାମରିକ ଅଭ୍ୟାସ ଆରମ୍ଭ କରି କିଛି ସମୟ ପାଇଁ ଯାତାୟାତ ବନ୍ଦ କରିଥିଲା। ସୂଚନାଯୋଗ୍ୟ ଯେ, ଆମେରିକା ଓ ଇରାନ୍ ମଧ୍ୟରେ ଚାଲିଥିବା ପରମାଣୁ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆଲୋଚନାରେ ଇରାନର ବାଲାଷ୍ଟିକ୍ ମିସାଇଲ କାର୍ଯ୍ୟକ୍ରମ ବାଧା ସୃଷ୍ଟି କରିଛି। ଇରାନ ଏ ନେଇ କିଛି ବୁଝାମଣା କରିବାକୁ ରାଜି ନୁହେଁ। ତେଣୁ କୂଟନୈତିକ ପ୍ରୟାସ ବିଫଳ ହେଲେ ଯୁଦ୍ଧ ନିଶ୍ଚିତ ବୋଲି ଟ୍ରମ୍ପ ପୁଣିଥରେ ଧମକ ଦେଇଛନ୍ତି।

# ସଫ୍ଟଓୟାର ସମସ୍ୟା: ଇଣ୍ଡିଗୋ, ସ୍ପାଇସ୍‌ଜେଟ୍, ଏୟାରଲାଇନ୍ସର ଚେକ୍-ଇନ୍ ବାଧାପ୍ରାପ୍ତ

ନୂଆଦିଲ୍ଲୀ, ୧୯ ।୨(ଏଜେନ୍ସି): ଗୁରୁବାର ସକାଳେ ପ୍ରାୟ ୪୦ ମିନିଟରୁ ଅଧିକ ସମୟଧରି ସଫ୍ଟ ଓୟାର ଗ୍ଲିଚ୍ ତଥା ବୈଷୟିକ ତ୍ରୁଟି ଦେଖାଯିବା ଯୋଗୁଁ ଦେଶର ବିଭିନ୍ନ ବିମାନ ବନ୍ଦରରେ ଯାତ୍ରୀମାନଙ୍କ ଚେକ୍ ଇନ୍ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ସୂତ୍ର ଅନୁଯାୟୀ, ଏହି ସମସ୍ୟା ଯୋଗୁଁ ଇଣ୍ଡିଗୋ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ସ୍ପାଇସ୍ ଜେଟ୍ ଓ ଆକାଶ ଏୟାରର ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସକାଳ ପ୍ରାୟ ୬.୪୫ରୁ ୭.୨୮ ପର୍ଯ୍ୟନ୍ତ ଚେକ୍-ଇନ୍ ସିଷ୍ଟମ କାମ କରୁ ନଥିଲା। ପରବର୍ତ୍ତୀ ସମୟରେ ସକାଳ ୮.୧୦ରୁ ୮.୨୫ ପର୍ଯ୍ୟନ୍ତ ପୁଣିଥରେ କିଛି ସମୟ ପାଇଁ ଏହି ସମସ୍ୟା ଦେଖାଦେଇଥିଲା। ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁ ଓ କୋଲକାତା ଭଳି ବିମାନ ବନ୍ଦରଗୁଡ଼ିକରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଏହି ସମସ୍ୟା ବିଶ୍ୱସ୍ତରୀୟ ଏୟାର ଲାଇନ୍ସ ରିଜର୍ଭେସନ ସିଷ୍ଟମ 'ନଭିଟେୟାର'ରେ ଦେଖାଦେଇଥିବା ଏକ ବୈଷୟିକ ତ୍ରୁଟି ଯୋଗୁଁ ହୋଇଥିଲା। ଅଧିକାଂଶ ଲୋ ବଜେଟ ଏୟାର ଲାଇନ୍ସ ବୁକିଂ ଓ ଚେକ୍-ଇନ୍ ପାଇଁ ଏହି ସିଷ୍ଟମ ବ୍ୟବହାର କରନ୍ତି। ତେବେ ଏୟାର ଇଣ୍ଡିଆର କାର୍ଯ୍ୟକଳାପ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। କାରଣ ସେମାନେ ଭିନ୍ନ ସଫ୍ଟ ଓୟାର ସିଷ୍ଟମ ବ୍ୟବହାର କରନ୍ତି।

# ବକେୟା ଅର୍ଥ ପୈଠ ନକରିବାରୁ ସ୍ପାଇସ୍‌ଜେଟ୍ ଉପରେ ବାଂଲାଦେଶର କଟକଣା

ନୂଆଦିଲ୍ଲୀ, ୧୯ ।୨(ଏଜେନ୍ସି): ବଜେଟ ଏୟାର ଲାଇନ୍ସ ସ୍ପାଇସ୍‌ଜେଟ୍ ଏବେ ଏକ ନୂଆ ସମସ୍ୟାର ସମ୍ମୁଖୀନ ହୋଇଛି। ବକେୟା ଏୟାର ନେଭିଗେସନ ଚାର୍ଜ ପୈଠ କରି ନଥିବାରୁ ବାଂଲାଦେଶ ନିଜ ଆକାଶମାର୍ଗ ବ୍ୟବହାର ଉପରେ କଟକଣା ଲାଗୁ କରିଛି। ଏହାଫଳରେ ଏୟାର ଲାଇନ୍ସକୁ ନିଜର କିଛି ବିମାନର ଗତିପଥ ବଦଳାଇବାକୁ ପଡୁଛି, ଯାହା ଇନ୍ଧନ ଖର୍ଚ୍ଚ ବୃଦ୍ଧି କରିବାର ସମ୍ଭାବନା ରହିଛି। ଏହି କଟକଣା ଯୋଗୁଁ କୋଲକାତାରୁ ଗୌହାଟୀ ଓ ଇମ୍ଫାଲ ଭଳି ପୂର୍ବ ଭାରତୀୟ ସହରଗୁଡ଼ିକୁ ଯାଉଥିବା ବିମାନଗୁଡ଼ିକ ଏବେ ଲମ୍ବା ରାସ୍ତା ଦେଇ ଯାଉଛନ୍ତି। ଫ୍ଲାଇଟ୍ ଟ୍ରାକିଂ ପ୍ଲାଟଫର୍ମ 'ଫ୍ଲାଇଟଟ୍ରେଡର୨୪'ରୁ ମିଳିଥିବା ତଥ୍ୟ ଅନୁଯାୟୀ, ସ୍ପାଇସ୍‌ଜେଟ୍ ବିମାନ ଗୁଡ଼ିକ ବାଂଲାଦେଶ ଆକାଶମାର୍ଗକୁ ଏଡାଇ ଅନ୍ୟ କରିଡର ଦେଇ ଉଡାଣ କରୁଛନ୍ତି। ସ୍ପାଇସ୍‌ଜେଟ୍ ପୂର୍ବରୁ ହିଁ ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ୨୦୨୫ ଡିସେମ୍ବର ଶେଷ ହୋଇଥିବା ତ୍ରୈମାସିକରେ କମ୍ପାନୀ ପ୍ରାୟ ୨୬୯.୨୭ କୋଟି ଟଙ୍କାର କ୍ଷତି ସହିଥିବା ରିପୋର୍ଟ କରିଛି। ସମସ୍ୟାର ସମାଧାନ ପାଇଁ ବାଂଲାଦେଶ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରହିଛି ବୋଲି ସ୍ପାଇସଜେଟ୍ ତରଫରୁ କୁହାଯାଇଛି।

# ଟ୍ୟାକ୍ସ ଚୋରି; ଦେଶରେ ୭୦,୦୦୦ କୋଟି ଟଙ୍କାର ବିରିୟାନି ବିକ୍ରି ଲୁଚାଯାଇଛି



ନୂଆଦିଲ୍ଲୀ, ୧୯ ।୨(ଏଜେନ୍ସି): ଦେଶବ୍ୟାପୀ ରେସ୍ତୁରାଁଗୁଡ଼ିକରେ ୭୦୦୦୦ କୋଟି ଟଙ୍କାର ବିରିୟାନି ବିକ୍ରି ତଥ୍ୟ ଲୁଚାଯାଇଥିବା ଜଣାପଡ଼ିଛି। ହାଇଦରାବାଦ୍‌ର ବିରିୟାନି ରେସ୍ତୁରାଁ ଚେନ୍‌ର ଯାଞ୍ଚ କରିବା ସମୟରେ ଆୟକର ବିଭାଗ ଦେଶବ୍ୟାପୀ ଏକ ବଡ଼ ଧରଣର ଟ୍ୟାକ୍ସ ଚୋରି ଦୁର୍ନୀତିର ପର୍ଦ୍ଦାଫାସ କରିଛି। ବିଭାଗର ଦାବି ଅନୁଯାୟୀ, ୨୦୧୯-୨୦ରୁ ଏପର୍ଯ୍ୟନ୍ତ ଅତିକମ୍‌ରେ ୭୦,୦୦୦ କୋଟି ଟଙ୍କାର ବିରିୟାନି ତଥ୍ୟ ବିକ୍ରି ଲୁଚାଯାଇଛି। ହାଇଦରାବାଦ୍‌ର ତଦନ୍ତକାରୀ ୟୁନିଟ୍ ଦେଶର ପ୍ରାୟ ୧.୭୭ ଲକ୍ଷ ରେସ୍ତୁରାଁରେ ବ୍ୟବହୃତ ହୋଇଥିବା ଏକ ନିର୍ଦ୍ଦିଷ୍ଟ ବିଲିଂ ସଫ୍ଟଓୟାରର ୬୦ ଟେରାବାଇଟ୍ ଟ୍ରାଞ୍ଜାକସନ ତଥା ନେଣଦେଣ ଡାଟାକୁ ଯାଞ୍ଚ କରିଥିଲା। ଏହି ବିଶାଳ ତଥ୍ୟର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ ହାଇ-କାପାସିଟି ସିଷ୍ଟମ ଓ ଜେନେରେଟିଭ ଏଆଇ ଭଳି ଉନ୍ନତ ଉପକରଣର ବ୍ୟବହାର କରାଯାଇଥିଲା। ଯାଞ୍ଚରୁ ଜଣାପଡ଼ିଛି ଯେ, ଦେଶବ୍ୟାପୀ ରେସ୍ତୁରାଁଗୁଡ଼ିକ ସିଷ୍ଟମରୁ ପ୍ରାୟ ୧୩, ୦୦୦ କୋଟି ଟଙ୍କାର ବିଲ୍ ଡିଲିଟ୍ କରାଯାଇଛି। ରେସ୍ତୁରାଁ ମାଲିକମାନେ ଟ୍ୟାକ୍ସ ଫାଙ୍କିବା ପାଇଁ କ୍ୟାସ୍ ବିଲ୍ ଡିଲିଟ୍ ଭଳି ଉପାୟ ଅବଲମ୍ବନ କରିଥିଲେ। ତାମିଲନାଡୁ, କର୍ଣ୍ଣାଟକ, ତେଲଙ୍ଗାନା, ମହାରାଷ୍ଟ୍ର ଓ ଗୁଜୁରାଟ୍‌ରେ ଏହି ମାମଲା ଦେଖିବାକୁ ମିଳିଛି।

# ଜୁଡିସିଆଲ ସର୍ଭିସ ପାଇଁ ୩ ବର୍ଷର ଓକିଲାତି ନିୟମ: ସୁପ୍ରିମକୋର୍ଟରେ ହେବ ପୁନଃ ଶୁଣାଣି

ନୂଆଦିଲ୍ଲୀ, ୧୯ ।୨(ଏଜେନ୍ସି): ସିଭିଲ ଜଜ୍ (ଜୁନିଅର ଡିଭିଜନ) ନିଯୁକ୍ତି ପାଇଁ ସର୍ବନିମ୍ନ ୩ ବର୍ଷର ଓକିଲାତି ଅଭିଜ୍ଞତା ବାଧ୍ୟତାମୂଳକ ନିୟମ ବିରୋଧରେ ଆଗତ ସମୀକ୍ଷା ଆବେଦନ ଅର୍ଥାତ ରିଭ୍ୟୁ ପିଟିସନର ଶୁଣାଣି ପାଇଁ ସୁପ୍ରିମକୋର୍ଟ ସମ୍ମତି ପ୍ରକାଶ କରିଛନ୍ତି। ସାଧାରଣତଃ ସମୀକ୍ଷା ଆବେଦନଗୁଡ଼ିକ ବିଚାରପତିମାନଙ୍କ ଚାମ୍ବରରେ କେବଳ ଲିଖିତ ଦଲିଲ ଆଧାରରେ ଶୁଣାଣି ହୋଇଥାଏ। କିନ୍ତୁ ଏହି ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହାକୁ ଓପନ କୋର୍ଟ ଅର୍ଥାତ ଖୋଲା ଅଦାଲତରେ ଶୁଣାଣି କରିବାକୁ ଅନୁମତି ଦେଇଛନ୍ତି। ପୂର୍ବରୁ ୨୦୨୫ ମେରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇ କହିଥିଲେ ଯେ, ସିଭିଲ ଜଜ୍ ପରୀକ୍ଷା ପାଇଁ ଆବେଦନକରୀଙ୍କର ଅତିକମ୍‌ରେ ୩ ବର୍ଷର ଓକିଲାତି ଅଭିଜ୍ଞତା ରହିବା ଆବଶ୍ୟକ। କେବଳ ପାଠ୍ୟ ପୁସ୍ତକ ଜ୍ଞାନ ବିଚାରପତି ହେବା ପାଇଁ ଯଥେଷ୍ଟ ନୁହେଁ ବୋଲି କୋର୍ଟ ଦର୍ଶାଇଥିଲେ। ଏହି ନିୟମ ଯୋଗୁଁ ନୂଆ ଭାବେ ଆଇନ୍ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ସିଧାସଳଖ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଏହାକୁ ବିରୋଧ କରି ସିନିଅର ଆଡଭୋକେଟ କୋଲିନ ଗୋନସାଲଭେସ୍ ଓ ଅନ୍ୟମାନେ ସମୀକ୍ଷା ପିଟିସନ ଦାଖଲ କରିଥିଲେ। କୋର୍ଟ ଏହି ମାମଲାରେ ସମସ୍ତ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ ତାରିଖରେ କରାଯିବାକୁ ଦିନ ଧାର୍ଯ୍ୟ କରାଯାଇଛି।

# ବାପା ଆଖି ଆଗରେ ଚାଲିଗଲା ପୁଅର ଜୀବନ

ରାଇରଙ୍ଗପୁର, ୧୯।୨ (ସମିସ): ବାପା ଆଖି ଆଗରେ ଚାଲିଗଲା ପୁଅର ଜୀବନ। ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ଦାଣ୍ଡବୋଷ ଗ୍ରାମ ନିକଟରେ ଯାଇଥିବା ୨୨୦ନଂ ଜାତୀୟ ରାଜପଥରେ ଆଜି ଏପରି ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଛି। ମୃତକ ହେଲେ, ଝାଡ଼ଖଣ୍ଡ ରାଜ୍ୟ ରାଜନଗର ଥାନା ଡାଙ୍ଗରଡିହା ଗ୍ରାମର ରୁଦ୍ର ମହାକୁଡ଼ଙ୍କ ଏକମାତ୍ର ପୁଅ ଅକ୍ଷୟ ମହାକୁଡ଼ (୩୦)। ଏହି ଦୁର୍ଘଟଣାରେ ରୁଦ୍ର ମଧ୍ୟ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଏକ ଏକାଦଶାହ କର୍ମରେ ଯୋଗ ଦେବାକୁ ବାପା-ପୁଅ ଏକ ବୁଲେଟ୍ ବାଇକରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସାତପୌଟିଆ ଗ୍ରାମକୁ ଆସିଥିଲେ। ୨୨୦ନମ୍ବର ଜାତୀୟ ରାଜପଥରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସରେ ରାଇରଙ୍ଗପୁର ମେଡିକାଲକୁ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଅକ୍ଷୟଙ୍କୁ ମୃତ ଘୋଷଣା କରିଥିଲେ। ରାଇରଙ୍ଗପୁର ଟାଉନ ଥାନା ପୁଲିସ ଅକ୍ଷୟଙ୍କ ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନବଜାତ ହାତୀ ଶାବକର ମୃତଦେହ ଠାବ

ମୋରଡ଼ା, ୧୯ ।୨(ସମିସ): ରାସଗୋବିନ୍ଦପୁର ବନାଞ୍ଚଳ ଅଧୀନ ପଳାସମୁଣ୍ଡୁଳି ସଂରକ୍ଷିତ ଜଙ୍ଗଲର କାଞ୍ଜିଆକୁଣ୍ଡ ବଣ ନିକଟରୁ ବନ ବିଭାଗ ଆଜି ଏକ ନବଜାତ ହାତୀ ଶାବକର ମୃତଦେହ ଠାବ କରିଛି। ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂଙ୍କ ସୂଚନା ମୁତାବକ, ଜଙ୍ଗଲକୁ ଅଗ୍ନିଦାଉରୁ ରକ୍ଷା କରିବା ପାଇଁ ଦାୟିତ୍ୱରେ ଥିବା ଜଗୁଆଳି କାଳୀଚରଣ ଟୁଡୁ ଆଜି ଦିନ ପ୍ରାୟ ୨ଟା ବେଳେ ମୃତ ହାତୀ ଶାବକ ସଂପର୍କରେ ଖବର ଦେଇଥିଲେ। ଖବର ପାଇ ଡିଏଫ୍‌ଓ



ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଏସିଏଫ୍ ମେହେରବାନ ଅଲ୍ଲୀ ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଡିଏଫ୍‌ଓ ଶ୍ରୀ ବିଶ୍ୱାଳ କହିଛନ୍ତି, ମୃତ ହାତୀ ଶାବକଟିର ବୟସ ୫ରୁ ୧୦ଦିନ ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ସମ୍ବଲପୁର ଓ ରାଉରକେଲାରେ ସେବା ଯୋଗାଇବ 'ଓଡ଼ିଶା ଯାତ୍ରୀ'

ଭୁବନେଶ୍ୱର, ୧୯ ।୨(ସମିସ): ଖୁବ୍ ଶୀଘ୍ର ସମ୍ବଲପୁର ଓ ରାଉରକେଲାରେ ସେବା ଯୋଗାଇବ 'ଓଡ଼ିଶା ଯାତ୍ରୀ' । ରାଜ୍ୟ ପରିବହନ ବିଭାଗ ଏ ସମ୍ପର୍କରେ ସୂଚନା ଦେଇଛି । ମିଳିଥିବା ସୂଚନା ଅନୁସାରେ ପୂର୍ବରୁ ଓଡ଼ିଶା ଯାତ୍ରୀ କେବଳ କଟକ ଓ ଭୁବନେଶ୍ୱରରେ ପ୍ରଚଳନ ଥିଲା। ଏଠାରେ ସଫଳତା ପରେ ଏହାକୁ ପଶ୍ଚିମ ଓଡ଼ିଶାକୁ ସମ୍ପ୍ରସରଣ ଯୋଜନା ହୋଇଛି । ସମ୍ପ୍ରତି ଯାତ୍ରୀ ଆପ୍‌ରେ ନୂଆ ସୁରକ୍ଷା ଫିଚର୍ ଯୋଡ଼ାଯାଇଛି। ଏଥିରେ ପୋଲିସ୍‌କୁ ସିଧାସଳଖ ଏସ୍‌ଓଏସ୍ ସଂଯୋଗ, ଆପ୍ ନ ଖୋଲି ଜରୁରୀ ସଙ୍କେତ, ଲାଇଭ୍ ଲୋକେସନ୍ ସେୟାର୍ ଓ ସମ୍ପର୍କୀୟଙ୍କୁ ତୁରନ୍ତ ସୂଚନା ଭଳି ସୁବିଧା ରହିଛି। ଏହା ଦ୍ୱାରା ଯାତ୍ରା ସମୟରେ ନାଗରିକଙ୍କ ସୁରକ୍ଷା ବୃଦ୍ଧି ପାଇଛି। ଏଯାଏ ଚାଳକଙ୍କ ମୋଟ ଆୟ ୧୦ କୋଟି ଟଙ୍କା ଅତିକ୍ରମ କରିଛି। ଏହା ଚାଳକଙ୍କ ଆର୍ଥିକ ସ୍ୱାବଲମ୍ବନ ବୃଦ୍ଧି ସହ ସରକାରୀ ସେବା ଉପରେ ବିଶ୍ୱାସ ବଢ଼ାଇଛି। ଅନୁରୂପ ଭାବରେ ଆମ ବସ୍‌ରେ ଫାଷ୍ଟ ଟିକେଟ୍ ସେବା ଆରମ୍ଭ ହୋଇଛି। ବସ୍‌ରେ ଥିବା କ୍ୟୁଆର୍ କୋଡ୍ ସ୍କାନ୍ କରି ଯାତ୍ରୀମାନେ ଡିଜିଟାଲ୍ ଟିକେଟ୍ ପାଇପାରୁଛନ୍ତି। ଏହି କ୍ୟାସ୍‌ଲେସ୍ ବ୍ୟବସ୍ଥା ସୁବିଧାଜନକ ହୋଇଥିବା ବେଳେ ରିହାତି ପ୍ରଦାନ କରାଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

# ୩୦୮୨ଟି କେନ୍ଦ୍ରରେ ୫ଲକ୍ଷ ପରୀକ୍ଷାର୍ଥୀ

କଟକ,୧୯।୨(ସମିସ):ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬ ବାର୍ଷିକ ମାଟ୍ରିକ୍ ପରୀକ୍ଷା ଆଜିଠାରୁ ସାରା ରାଜ୍ୟରେ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ଆରମ୍ଭ ହୋଇଛି। ଗୁରୁବାର ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ପ୍ରଥମ ଭାଷା ଓଡ଼ିଆରେ ପରୀକ୍ଷା ହୋଇଥିଲା। ରାଜ୍ୟର ମୋଟ ୩୦୮୨ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫ଲକ୍ଷ ୬୧ ହଜାର ୯୭୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସକାଳ ୮ଟା ୩୦ ପୂର୍ବରୁ ଛାତ୍ରଛାତ୍ରୀମାନେ ପହଞ୍ଚିବା ସହ ଧାଡ଼ି ବାନ୍ଧି କେନ୍ଦ୍ରକୁ ପ୍ରବେଶ କରିଥିଲେ। ପରୀକ୍ଷା ସରିବା ପରେ ପ୍ରଶ୍ନପତ୍ର ବେଶ ସୁନ୍ଦର ଓ ସହଜ ହୋଇଥିବାରୁ ପରୀକ୍ଷାର୍ଥୀମାନେ ଅତ୍ୟନ୍ତ ଚାପମୁକ୍ତ ହୋଇ ହସଖୁସିରେ କେନ୍ଦ୍ରରୁ ବାହାରୁଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଦିନରେ କୌଣସି ବି କେନ୍ଦ୍ରରେ କେହି ଜଣେ ହେଲେ ପରୀକ୍ଷାର୍ଥୀ ମାଲ୍‌ପ୍ରାକ୍ଟିସ୍ ବା କପି କରି ଧରାପଡ଼ି ନଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

ପରୀକ୍ଷା ପରିଚାଳନାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଗଣଶିକ୍ଷା ବିଭାଗ ସଚିବ ଡକ୍ଟର ତିରୁମାଲା ନାୟକ ଏବଂ ଗଣଶିକ୍ଷା ମନ୍ତ୍ରୀ ଭୁବନେଶ୍ୱର ଓ କଟକର ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିଥିଲେ। କପିମୁକ୍ତ



ପରୀକ୍ଷା ପାଇଁ ଏଥର ପ୍ରତିଟି କେନ୍ଦ୍ରରେ ଏଆଇ ଯୁକ୍ତ ସିସିଟିଭି କ୍ୟାମେରା ଲଗାଯାଇଛି, ଯାହାର ସିଧା ପ୍ରସାରଣ ବୋର୍ଡର କଣ୍ଟ୍ରୋଲ ରୁମ୍‌ରୁ ତଦାରଖ କରାଯାଉଛି। କପି ରୋକିବା ପାଇଁ ବୋର୍ଡ ପକ୍ଷରୁ ୩୭ଟି ଏବଂ ଜିଲ୍ଲା ସ୍ତରରେ ୭୨ଟି ସ୍ୱତନ୍ତ୍ର ସ୍କ୍ୱାଡ ନିୟୋଜିତ ହୋଇଛନ୍ତି। ଏହାସହ ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରଥମ ଦିନର ସଫଳତା ପାଇଁ ସଚିବ ଓ ବୋର୍ଡ ସଭାପତି ସମସ୍ତ ଜିଲ୍ଲାପାଳ, ଏସପି ଏବଂ ଶିକ୍ଷା ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

ପରୀକ୍ଷା କେନ୍ଦ୍ରରେ ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ତ ପ୍ରକାର ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଥିଲା। ଏପରିକି ଯେଉଁ ପରୀକ୍ଷାର୍ଥୀମାନେ କୌଣସି କାରଣବଶତଃ ବିଳମ୍ବରେ ପହଞ୍ଚିଥିଲେ, ସେମାନଙ୍କୁ ମାନବିକତା ଦୃଷ୍ଟିରୁ ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରାଯାଇଥିଲା। ପରୀକ୍ଷା କେନ୍ଦ୍ର ପରିସରରେ ମୋବାଇଲ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବା ବେଳେ କେନ୍ଦ୍ର ବାହାରେ ବିଭିନ୍ନ କୋଚିଂ ସେଣ୍ଟର ଓ ଘରୋଇ ଅନୁଷ୍ଠାନର ପ୍ରଚାର ଭିଡ଼ ଦେଖିବାକୁ ମିଳିଥିଲା। ଅନେକ ସ୍ଥାନରେ ଲିଫଲେଟ୍ ଓ ପୋଷ୍ଟର୍ ଯୋଗୁଁ ଅବ୍ୟବସ୍ଥା

## ମାର୍ଚ୍ଚ ୧୫ ପରେ ଆରମ୍ଭ ହେବ ମୂଲ୍ୟାୟନ

ସୃଷ୍ଟି ହୋଇଥିଲେ ମଧ୍ୟ ସାମଗ୍ରିକ ଭାବେ ପରୀକ୍ଷା ପ୍ରକ୍ରିୟା ବେଶ୍ ସୁରୁଖୁରୁରେ ସମ୍ପନ୍ନ ହୋଇଛି।

ମାର୍ଚ୍ଚ ୨ ତାରିଖରେ ମାଟ୍ରିକ ପରୀକ୍ଷା ଶେଷ ହେବାକୁ ଥିବା ବେଳେ ଖୁବ୍ ଶୀଘ୍ର ଫଳ ପ୍ରକାଶ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ମାର୍ଚ୍ଚ ତୃତୀୟ ସପ୍ତାହ ଅର୍ଥାତ୍ ମାର୍ଚ୍ଚ ୧୫ ତାରିଖ ପରେ ପରେ ଉତ୍ତରଖାତା ମୂଲ୍ୟାୟନ କାର୍ଯ୍ୟ ଆରମ୍ଭ ହେବ ବୋଲି ଗଣଶିକ୍ଷା ସଚିବ ଡକ୍ଟର ତିରୁମାଲା ନାୟକ ସୂଚନା ଦେଇଛନ୍ତି। ସବୁସ୍ତରରେ ସମନ୍ୱୟ ଓ ସ୍ୱଚ୍ଛତା ବଜାୟ ରଖିବାକୁ ଚେଷ୍ଟା କରାଯାଉଥିବାରୁ ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଫଳ ବାହାରିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ଆଶା ପ୍ରକାଶ କରିଛନ୍ତି।

# ପୁଲିସ ରେକର୍ଡ କରିଥିବା ବୟାନ ଅଦାଲତରେ ସାକ୍ଷ୍ୟ ଭାବେ ଗ୍ରହଣୀୟ ନୁହେଁ: ହାଇକୋର୍ଟ

କଟକ, ୧୯ ।୨(ସମିସ): ଦୀର୍ଘ ୨୩ ବର୍ଷ ତଳେ ଏକ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ତଳ କୋର୍ଟ ଦେଇଥିବା ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ବ୍ରହ୍ମପୁର ଅତିରିକ୍ତ ଦୌରା ଅଦାଲତ ବିଚାରପତିଙ୍କ ଗତ ୨୦୦୩ ସେପ୍ଟେମ୍ବର ୧୬ ତାରିଖର ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଅଭିଯୁକ୍ତ ହାଡି ଦାସଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରମାଣ ଅଭାବ ଏବଂ ନିମ୍ନ ଅଦାଲତଙ୍କ ଆଇନଗତ ତ୍ରୁଟିକୁ ଦର୍ଶାଇ ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

**ନିମ୍ନ ଅଦାଲତଙ୍କ ଆଜୀବନ ଜେଲ ଦଣ୍ଡାଦେଶ ରଦ୍ଦ**

ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି ଯେ ମୃତକଙ୍କ ମା' (ମୁଖ୍ୟ ସୂଚନାଦାତା) ଏବଂ ଅନ୍ୟ ପ୍ରତ୍ୟକ୍ଷଦର୍ଶୀ ଅଦାଲତରେ ନିଜ ବୟାନରୁ ଓହରି ଯାଇଥିଲେ। ତେଣୁ ପୁଲିସ ନିକଟରେ ସିଆରପିସିର ଧାରା ୧୬୧ରେ ଦିଆଯାଇଥିବା ବୟାନ ଅଦାଲତରେ ସାକ୍ଷ୍ୟ ଭାବେ ଗ୍ରହଣୀୟ ନୁହେଁ। ଅଦାଲତରେ ସାକ୍ଷୀ ଦେଉଥିବା ବୟାନ କେବଳ ବିଚାର କରାଯାଇପାରିବ। ସେହିପରି ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ଆଧାରରେ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ଦାବି କରାଯାଇଥିଲେ ହେଁ ଏହାକୁ ଆଇନଗତ ଭାବେ ପ୍ରମାଣ କରାଯାଇପାରି ନାହିଁ। ଯେତେବେଳେ ଅନ୍ୟ ସମସ୍ତ ପ୍ରମାଣ ଦୁର୍ବଳ ଥାଏ, କେବଳ ଅସ୍ତ୍ରରେ ମିଳିଥିବା ରକ୍ତ ଗ୍ରୁପ୍ ମୃତକଙ୍କ ରକ୍ତ ଗ୍ରୁପ୍ ସହ ସମାନ ହେବା ଦ୍ୱାରା ଜଣଙ୍କୁ ହତ୍ୟାକାରୀ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୦୧ ମସିହା ସେପ୍ଟେମ୍ବର ୧୩ ତାରିଖରେ ଗଞ୍ଜାମ ଜିଲ୍ଲାର ଗୋପାଳପୁର ଥାନା ଅନ୍ତର୍ଗତ କୁମାରବନ୍ଧ ପଡ଼ିଆରେ କେ. କଙ୍କୟା ରେଡ୍ଡୀ ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ବିଚାର କରି ବ୍ରହ୍ମପୁର କୋର୍ଟ ୨୦୦୩ ମସିହାରେ ହାଡି ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବିକଶିତ ହେବ ରାଉରକେଲା ବିମାନବନ୍ଦର

ଭୁବନେଶ୍ୱର,୧୯।୨(ସମିସ): ସେଲ୍ ଅଧୀନ ରାଉରକେଲା ବିମାନ ବନ୍ଦରର ସଂପ୍ରସାରଣ ଓ ବିକାଶ କରିବା ପାଇଁ ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ ରାଉରକେଲା ବିମାନବନ୍ଦରକୁ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ଠାରୁ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ(ଏଏଆଇ)କୁ

**ଭାରତୀୟ ବିମାନବନ୍ଦର ପ୍ରାଧିକରଣକୁ ହସ୍ତାନ୍ତର ପାଇଁ ସରକାରଙ୍କ ଅନୁରୋଧ**

ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ଆନୁଷ୍ଠାନିକ ଭାବେ ଅନୁରୋଧ କରିଛନ୍ତି ବୋଲି ବିଧାନସଭାରେ ଉତ୍ତର ରଖିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା।

ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଏଏଆଇ ଦ୍ୱାରା ରାଉରକେଲା ବିମାନବନ୍ଦରକୁ ଏୟାରବସ୍ ଇ-୩୨୦ / ବୋଇଂ ୭୩୭ ପରି ବଡ଼ ବିମାନ ଚଳାଚଳ ଯୋଗ୍ୟ କରିବା ପାଇଁ ପ୍ରି-ଫିଜିବିଲିଟି ଅଧ୍ୟୟନ ସମ୍ପନ୍ନ କରାଯାଇଛି। ଏହା ପାଇଁ ପ୍ରାୟ ୩୭୫.୫ ଏକର ଅତିରିକ୍ତ ଜମି ଆବଶ୍ୟକ ହେବ। ଏଏଆଇକୁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରିବାକୁ ଅନୁରୋଧ କରାଯାଇଛି। ଏହାସହ ଲିଜ୍ ଜମି ହସ୍ତାନ୍ତର ପ୍ରକ୍ରିୟା ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ମାଧ୍ୟମରେ ଆରମ୍ଭ କରାଯାଇଛି। ସେହିପରି ବିମାନବନ୍ଦର ସଂପ୍ରସାରଣ ପାଇଁ ଆବଶ୍ୟକ ଜମି ମୂଲ୍ୟାଙ୍କନ ଓ ଜିପିଏସ୍ ସର୍ଭେ ନିମିତ୍ତ ଓରସାକ୍‌କୁ ୨୨.୫୯ ଲକ୍ଷ ଟଙ୍କା ଅନୁଦାନ



କରାଯାଇଛି। ଏହି ସର୍ଭେ ଆଧାରରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆଗକୁ ବଢ଼ାଯିବ। ଏହାବ୍ୟତୀତ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ)କୁ ରାଉରକେଲା ବିମାନ ବନ୍ଦର ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ଏବଂ ଫିଜିବିଲିଟି ସର୍ଭେ କରିବାକୁ ଅନୁରୋଧ କରାଯାଇଛି। ସର୍ଭେ ନିମନ୍ତେ ୪୮.୪୮ଲକ୍ଷ ଟଙ୍କା ଏବଂ ପ୍ରାକ୍-ସମ୍ଭାବ୍ୟତା ଅଧ୍ୟୟନ ପାଇଁ ୪୦.୫୩ଲକ୍ଷ ଟଙ୍କା ଏଏଆଇକୁ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି।

## ନିରୀହ ଆଦିବାସୀଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି ମାଫିଆ

# ଚାଇନା ଶାଗ କହି ଅଫିମ ମଞ୍ଜି ଦେଇଥିଲେ

କେନ୍ଦୁଝର, ୧୯।୨(ସମିସ): କେନ୍ଦୁଝର ସଦର ଥାନା ବରଦାପାଳ ପଞ୍ଚାୟତ ତଳକମ୍ପଡିହି ଗାଁର ଜହ୍ଲାସାହିରୁ ବିପୁଳ ପରିମାଣର ଅଫିମ ଚାଷକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତରେ ପୁଲିସ, ବନ ଓ ଅବକାରୀ ବିଭାଗ ନଷ୍ଟ କରିଛି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି କହିଛନ୍ତି ଅବକାରୀ ଅଧୀକ୍ଷକ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଫିମ ମାଫିଆମାନେ ନିରୀହ ଗରିବ ଆଦିବାସୀଙ୍କୁ ଅଫିମ ଚାଷ ପାଇଁ ମିଥ୍ୟା ପ୍ରଲୋଭନ ଦେଖାଇଥିଲେ। ଏହା ଚାଇନା ଶାଗ ଓ ଏହାକୁ ଚାଷ କଲେ ଭଲ ରୋଜଗାର ହେବ କହିଥିଲେ। ଏପରିକି, ସେମାନେ ଅଫିମ ମଞ୍ଜି ମଧ୍ୟ ଗ୍ରାମବାସୀଙ୍କୁ ଯୋଗାଇ ଦେଇ ଗାଁସାରା ଲୋକଙ୍କୁ ଏହି ଚାଷ କରିବାକୁ ପ୍ରବର୍ତ୍ତାଇଥିଲେ। ଗ୍ରାମବାସୀଙ୍କଠାରୁ ଏ କଥା ଶୁଣି ଅଧିକାରୀମାନେ ତାଜୁବ୍ ହୋଇଯାଇଥିଲେ।

ସେହିପରି, ଅଫିମ ଚାଷ ପାଇଁ ଗଛ ସବୁକୁ ଧାଡ଼ି ଧାଡ଼ି କରି ଲଗାଯାଇଥିବା ବେଳେ ସେଥିରେ ପାଣି ଦେବା ପାଇଁ ସିଆର କରାଯାଇଥିଲା। ଅଫିମ ଗଛଗୁଡ଼ିକ ମଧ୍ୟ ହୃଷ୍ଟପୁଷ୍ଟ ହୋଇ ଫୁଲ ଓ ଫଳ ହୋଇଥିଲା। ଆଉ କିଛି ଦିନ ପରେ ଅମଳ ହୋଇଥାନ୍ତା ଓ ମାଫିଆମାନେ ମାଲେମାଲ



**ଲକ୍ଷାଧିକ ଟଙ୍କାର ଅଫିମ ଗଛ ନଷ୍ଟ**

ହୋଇଥା'ନ୍ତେ। କିନ୍ତୁ ବନବିଭାଗ, ଅବକାରୀ ବିଭାଗ ଏବଂ ପୁଲିସ୍ ମିଳିତ ଭାବେ ଏସବୁ ଅଫିମ ଗଛ ସବୁକୁ କାଟି ଓପାଡ଼ି ନଷ୍ଟ କରିଦେବା ପରେ ମାଫିଆଙ୍କ ଦୀର୍ଘ ଦିନର ଯୋଜନା ଫସର ଫାଟି ଯାଇଛି।

# ବ୍ରାଉନ୍‌ସୁଗର ପାଇଁ ଭାଇକୁ ଭୁଜାଲିରେ ହାଣିଲା

ଜଳେଶ୍ୱର, ୧୯।୨(ସମିସ): ବ୍ରାଉନ୍‌ସୁଗର କାରବାରକୁ ନେଇ ଭାଇକୁ ଭୁଜାଲିରେ ହାଣିଲା ସମ୍ପର୍କୀୟ ଭାଇ। ଗୁରୁତର ଆହତକୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ, ରାଜପୁର ବସ୍ତିର ସେକ୍ ସରଫତ ତୁଲ୍ଲା(୨୮) ବିଦେଶରେ ରହି କାର୍ଯ୍ୟ କରୁଥିବା ବେଳେ ଅନ୍ୟ ସଂପର୍କୀୟ ଭାଇମାନେ ଗାଁରେ ରହି ଆସୁଥିଲେ। ଜମିଜମା ଭାଗବଣ୍ଟାକୁ ନେଇ ଭାଇମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ବେଳେ ଆଜି ପୂର୍ବାହ୍ନରେ ସେକ୍ ସରଫତ ତୁଲ୍ଲା ସଂପର୍କୀୟ ଭାଇ ସେକ୍ କରାମତ ତୁଲ୍ଲା (ଗରିବୁଲା)କୁ ବ୍ରାଉନ୍‌ସୁଗର କାରବାର ନ କରିବାକୁ ତାଗିଦ୍ କରିଥିଲା। ପୂର୍ବ ରାଗକୁ ରଖି କରାମତ ସରଫତକୁ ଭୁଜାଲିରେ ଛାତି ଓ ଜଙ୍ଘକୁ ହାଣି ଫେରାର୍ ହୋଇଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସରଫତକୁ ପ୍ରଥମେ ଜିକେ ଭଟ୍ଟର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ ଜଳେଶ୍ୱର ଅଞ୍ଚଳର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବ୍ରାଉନ୍‌ସୁଗର କାରବାର ଦୈନନ୍ଦିନ ବ୍ୟବସାୟରେ ପରିଣତ ହୋଇଥିବା ବେଳେ ଏହାକୁ ବନ୍ଦ କରାଯାଉନାହିଁ। ବିଭିନ୍ନ ସମୟରେ ଛୋଟଛୋଟ ବ୍ରାଉନ୍‌ସୁଗର ବ୍ୟବସାୟୀ ଧରାପଡୁଥିବା ବେଳେ ସେମାନଙ୍କୁ ପରିଚାଳିତ କରୁଥିବା ଓ ଟଙ୍କା ଲଗାଉଥିବା ମାଷ୍ଟରମାଇଣ୍ଡମାନଙ୍କୁ ଧରାଯାଇପାରୁନାହିଁ। ଏ ସଂପର୍କରେ ଜଳେଶ୍ୱର ଥାନାରେ ମାମଲା ରୁଜୁ ହେବା ପରେ ଅଭିଯୁକ୍ତକୁ ଧରିବା ଲାଗି ପୁଲିସ୍ ଟିମ୍ ଗଠନ କରି ତଦନ୍ତ ଚଳାଇଛି।

# ଦେବଗଡ଼ ବାଲ୍ୟବିବାହମୁକ୍ତ

ଭୁବନେଶ୍ୱର,୧୯ ।୨(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୦୩୦ ସୁଦ୍ଧା ଓଡ଼ିଶାକୁ ବାଲ୍ୟ ବିବାହ ମୁକ୍ତ ରାଜ୍ୟ କରିବା ଲକ୍ଷ୍ୟରେ ସମସ୍ତ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପୂର୍ବରୁ ଗଞ୍ଜାମ ଓ ଗଜପତି ଜିଲ୍ଲା ବାଲ୍ୟବିବାହମୁକ୍ତ ଘୋଷିତ ହୋଇଥିବାବେଳେ ଏବେ ଦେବଗଡ଼ ଏହି ସୂଚୀରେ ସାମିଲ ହୋଇଛି । ଜିଲ୍ଲା ଟାସ୍କଫୋର୍ସ ବୈଠକ ସମୀକ୍ଷା ପରେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଦେବଗଡ଼ ଜିଲ୍ଲାର ୩୬୪ଗ୍ରାମ ଓ ପୌରାଞ୍ଚଳର ୧୧ଟି ୱାର୍ଡକୁ 'ବାଲ୍ୟ ବିବାହ ମୁକ୍ତ' ଘୋଷିତ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ବାରକୋଟ ବ୍ଲକର ୧୪୦ ଗ୍ରାମ, ରିଆମାଳ ବ୍ଲକର ୧୧୬ ଗ୍ରାମ, ତିଳେଇବଣିର ୧୦୮ ଗ୍ରାମ ଓ ପୌରାଞ୍ଚଳର ୧୧ଟି ୱାର୍ଡକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରାଯାଇଛି। ଜିଲ୍ଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ ଘୋଷିତ କରାଯାଇଛି। ଏହି କ୍ରମରେ ଦେବଗଡ଼ ଜିଲ୍ଲାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରୀ ବିଭାଗ ଯଥା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସାମଜ ମଙ୍ଗଳ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜିଲ୍ଲା ପୁଲିସ ପକ୍ଷରୁ ମିଳିତ ଭାବେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲ୍ଲାର ସମସ୍ତ ଧାର୍ମିକ ଅନୁଷ୍ଠାନ ଗୁଡ଼ିକୁ ବାଲ୍ୟବିବାହମୁକ୍ତ ପରିସରର ଭାବେ ଘୋଷିତ କରାଯାଇଛି। ସେହିପରି ସମସ୍ତ ଗ୍ରାମ ଓ ବ୍ଲକର ସରପଞ୍ଚ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧକ୍ଷତାରେ ବାଲ୍ୟ ବିବାହ ନିଷେଧ ଟାସ୍କ ଫୋର୍ସ ଗଠନ କରାଯାଇଛି। ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀମାନେ ବିବାହ ପଞ୍ଜୀକରଣ ରେଜିଷ୍ଟରରେ ସମସ୍ତ ବିବାହକୁ ବାଧ୍ୟତାମୂଳକ ଭାବେ ପଞ୍ଜୀକରଣ କରୁଛନ୍ତି। ବାଲ୍ୟ ବିବାହ ସୂଚନା ପ୍ରଦାନକାରୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ୩୦୦୦ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି।

**ପୂର୍ବରୁ ଗଞ୍ଜାମ ଓ ଗଜପତି ଜିଲ୍ଲା ବାଲ୍ୟ ବିବାହମୁକ୍ତ ଘୋଷିତ ହୋଇଥିଲା**

# ଲୋକ ସଂଖ୍ୟାଠାରୁ ରାଜଧାନୀରେ ଗାଡ଼ି ସଂଖ୍ୟା ଅଧିକ

- ଭୁବନେଶ୍ୱରର ୨ ଆର୍‌ଟିଓରେ ୧୫.୨ ଲକ୍ଷ ଗାଡ଼ି ପଞ୍ଜିକୃତ
- ଚଳାଚଳ କରୁଛି ଅନ୍ୟ ଅଞ୍ଚଳରେ ପଞ୍ଜିକୃତ ପ୍ରାୟ ୨ ଲକ୍ଷ ଗାଡ଼ି
- ଟ୍ରାଫିକ ସମସ୍ୟା ବଢ଼ାଉଛି ବସ୍ତିରୁ ରାଜପଥ ପର୍ଯ୍ୟନ୍ତ ଅବାଞ୍ଛିତ ପାର୍କିଂ

ଭୁବନେଶ୍ୱର,୧୯ ।୨(ସମିସ): ୨୦୧୧ ମସିହାରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ଜନସଂଖ୍ୟା ଥିଲା ୮ଲକ୍ଷ ୪୩ ହଜାର ୪୦୨ । ଗତ ୨୦୨୧ରେ ଜନଗଣନା ହୋଇନଥିଲେ ସୁଦ୍ଧା ସଂପ୍ରତି ରାଜଧାନୀର ଜନସଂଖ୍ୟା ୧.୨ ନିୟୁତ ଅର୍ଥାତ୍ ୧୨ ଲକ୍ଷ ବୋଲି ଆକଳନ କରାଯାଉଛି। ଏହା ସହିତ ଉପାନ୍ତବର୍ତ୍ତୀ ଗ୍ରାମ ଓ ରାଜଧାନୀ ସହ ସଂଯୁକ୍ତ ଅଞ୍ଚଳର ଜନସଂଖ୍ୟାକୁ ମିଶାଇଲେ ୨୦୨୬ରେ ମୋଟ ଜନସଂଖ୍ୟା ୧୩.୨ ଲକ୍ଷ ହେବ ବୋଲି ଆକଳନ କରାଯାଉଛି । ମାତ୍ର ରାଜଧାନୀରେ ଜନସଂଖ୍ୟାଠାରେ ଗାଡ଼ିମୋଟର ସଂଖ୍ୟା ଯଥେଷ୍ଟ ଅଧିକ ବୋଲି ସୂଚନା ମିଳିଛି ।


ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଜେନା ପ୍ରଦାନ କରିଥିବା ସୂଚନା ଅନୁସାରେ ରାଜଧାନୀରେ ପରିବହନ ବିଭାଗର ଦୁଇଟି ଆଞ୍ଚଳିକ କାର୍ଯ୍ୟାଳୟ ରହିଛି । ଏଠାରେ ମୋଟ ୧୫,୨୦,୩୪୬ ଗୋଟି ବିଭିନ୍ନ କିସମର ଯାନବାହାନ ପଞ୍ଜିକୃତ ହୋଇଛି। ଏହାଛଡା ଅନ୍ୟ ରାଜ୍ୟ ଓ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଯାନବାହାନ ମଧ୍ୟ ଏଠାରେ ଚଳାଚଳ କରୁଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅର୍ଥାତ୍ ରାଜଧାନୀରେ ପଞ୍ଜିକୃତ ଗାଡ଼ି ଓ ଚଳାଚଳ କରୁଥିବା ଅନ୍ୟ ଅଞ୍ଚଳ, ଅନ୍ୟ ରାଜ୍ୟର ପଞ୍ଜିକୃତ ଗାଡ଼ିକୁ ମିଶାଇଲେ ଏହି ସଂଖ୍ୟା ପ୍ରାୟ ୧୭ ଲକ୍ଷ ହେବ ।

କୌତୂହଳର କଥା ହେଉଛି ବ୍ୟାଙ୍କ ଋଣ ସୁବିଧା ଯୋଗୁଁ ଯେ କୌଣସି ବ୍ୟକ୍ତି ଗାଡ଼ି କିଣିବାକୁ ସକ୍ଷମ ହେଉଛନ୍ତି । ମାତ୍ର ଗାଡ଼ି ରଖିବାକୁ ସେମାନଙ୍କ ପାଖରେ ସ୍ଥାନ ନାହିଁ । ବସ୍ତିରୁ ଆରମ୍ଭ କରି ରାଜଧାନୀର ରାଜରାସ୍ତା ପର୍ଯ୍ୟନ୍ତ ସବୁଠି ରାସ୍ତା ଉପରେ ମାଳମାଳ ଗାଡ଼ି ପାର୍କିଂ ହୋଇଥିବା ଦେଖିବାକୁ ମିଳୁଛି। ଅଧିକାଂଶ ମଲ, ଡ଼ାକ୍ତରଖାନା ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାର୍କିଂ ପାଇଁ ସ୍ଥାନ ରଖି ନ ଥିବାରୁ ଗାଡ଼ିଗୁଡ଼ିକ ମଧ୍ୟ ସଡ଼କ ଉପରେ ଠିଆ ହେଉଛି। ଯେଉଁଥିପାଇଁ ଅଯଥା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଗାଡ଼ି କିଣିବା ପୂର୍ବରୁ ମାଲିକଙ୍କୁ ପାର୍କିଂ ପାଇଁ ନିଜସ୍ୱ ସ୍ଥାନ ନିଶ୍ଚିତ କରିବା ପାଇଁ ପୂର୍ବରୁ ପରିବହନ ବିଭାଗ ପକ୍ଷରୁ ଅନେକବାର ପରାମର୍ଶ ଦିଆଯାଇଥିଲେ ହେଁ ତାହା ଏଯାଏ କାର୍ଯ୍ୟକାରୀ ହୋଇନାହିଁ।

ଲୋକମାନଙ୍କୁ ଅବାଞ୍ଛିତ ପାର୍କିଂ ଓ ଟ୍ରାଫିକ୍ ସମସ୍ୟା ଦୂର ପାଇଁ ରାସ୍ତା ଉପରେ ରଖାଯାଉଥିବା ଗାଡ଼ିଗୁଡ଼ିକୁ ଉଠାଇନେବା ପାଇଁ ବିଏମ୍‌ସି ଓ କମିଶନରେଟ୍ ପୁଲିସ ଯେପରି ତତ୍ପରତା ଦେଖାଇବା କଥା, ତାହା ଦେଖାଯାଉ ନାହିଁ । ନିକଟରେ ବିଏମ୍‌ସି ପକ୍ଷରୁ ରାସ୍ତାରେ ପାର୍କିଂ ହେଉଥିବା ଗାଡ଼ିଗୁଡ଼ିକୁ ଉଠାଇ ନେବାକୁ ପୁଲିସ ପକ୍ଷରୁ ଏକ ଚେତାବନୀ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ମାତ୍ର ଏଥିନେଇ ସେପରି କିଛି ପ୍ରଭାବ ପଡ଼ିଥିବା ଦେଖାଯାଉ ନାହିଁ । ଏବେ ବି ରାଜଧାନୀର ପ୍ରମୁଖ ଅଞ୍ଚଳରେ ରାସ୍ତା ଉପରେ ଗାଡ଼ି ପାର୍କିଂ ହେଉଥିବା ଦେଖାଯାଉଛି। ଅନ୍ୟପକ୍ଷରେ ବିଭାଗୀୟ ମନ୍ତ୍ରୀ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପାର୍କିଂସ୍ଥଳ ନିର୍ମାଣ କରୁଛନ୍ତି ବୋଲି ବିଧାନସଭାରେ ସୂଚନା ଦେଇଥିଲେ ହେଁ ଏହା କେଉଁଠି ନିର୍ମାଣ ହେଉଛି, ଏଠାରେ କେତେ ଗାଡ଼ି ପାର୍କିଂ ହୋଇ ପାରିବ, ଏହା କେବେ ଶେଷ ହେବ ସେ ସମ୍ପର୍କରେ କୌଣସି ତଥ୍ୟ ରଖି ନାହାନ୍ତି ।

# ଏନ୍‌କାଉଣ୍ଟର୍‌ରେ ୫ ମାଓବାଦୀ ନିହତ

ମାଲକାନଗିରି,୧୯ ।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନକ୍ସଲ ପ୍ରଭାବିତ ବିଜାପୁର ଜିଲ୍ଲାରେ ମାଓ ଦମନ କ୍ଷେତ୍ରରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ଗୁରୁବାର ସୁରକ୍ଷା ବାହିନୀ ଏବଂ ନକ୍ସଲଙ୍କ ମଧ୍ୟରେ ହୋଇଥିବା ଏକ ବଡ଼ ଧରଣର ଗୁଳି ବିନିମୟରେ ପାଞ୍ଚ ଜଣ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ବିଜାପୁରର କରେଗୁଟ୍ଟା ଅଞ୍ଚଳରେ ସୁରକ୍ଷାବାହିନୀ ପାଟ୍ରୋଲିଂ କରୁଥିବା ବେଳେ ମାଓବାଦୀମାନେ ସେମାନଙ୍କ ଉପରେ ଅତର୍କିତ ଗୁଳିଚାଳନା କରିଥିଲେ। ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଏଥିରେ ପାଞ୍ଚଜଣ ନକ୍ସଲ ନିହତ ହୋଇଥିଲେ। ଖବର ଲେଖା ହେବା ବେଳକୁ ନିହତ ନକ୍ସଲଙ୍କ ପରିଚୟ ଜଣାପଡ଼ିନଥିଲା। ଘଟଣାସ୍ଥଳରୁ ଅନେକ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ନକ୍ସଲ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି।

NACO
ସମସ୍ତ ଗର୍ଭବତୀ ମହିଳା ସରକାରୀ ଡାକ୍ତରଖାନାରେ ଥିବା ଆଇ.ସି.ଟି.ସି.ରେ ରକ୍ତ ପରୀକ୍ଷା କରାନ୍ତୁ ଏବଂ ନିଶ୍ଚିନ୍ତ ରୁହନ୍ତୁ ।
OSACS
10001/69/2526
ଏକମାତ୍ର ସରଳ ପରୀକ୍ଷା
ମା' ଓ ଶିଶୁ ଉଭୟଙ୍କର ନୀରୋଗ ଭବିଷ୍ୟତ ନିର୍ଦ୍ଧାରଣ କରାଏ ।
ସମସ୍ତ ଗର୍ଭବତୀ ମହିଳା ପ୍ରଥମ ୩ ମାସ ମଧ୍ୟରେ ଭି.ଏଚ୍.ଏସ୍.ଏନ୍.ଡି./ ୟୁ.ଏଚ୍.ଏସ୍.ଏନ୍.ଡି. କିମ୍ବା ସରକାରୀ ଡାକ୍ତରଖାନାରେ ଏଚ୍.ଆଇ.ଭି. ଓ ସିଫିଲିସର ପରୀକ୍ଷା ଅବଶ୍ୟ କରାଇ ନିଅନ୍ତୁ ।
ସଂକ୍ରମଣ ଥିବା ଜାଣିଲେ ଏ.ଆର୍.ଟି. ଓ ସିଫିଲିସ ଚିକିତ୍ସା କରାଇଲେ ଶିଶୁକୁ ଏଚ୍.ଆଇ.ଭି. କେବଳ ୩-୫% ଯିବାର ସମ୍ଭାବନା ଥାଏ / କିମ୍ବା ସଂକ୍ରମଣ ଯାଇ ନ ଥାଏ ।


# ଦାଦନ ଖଟୁଛନ୍ତି ୱାର୍ଡ ସଭ୍ୟ

ବୈପାରୀଗୁଡ଼ା, ୧୯।୨(ସମିସ): ପେଟ ପାଇଁ ଦି ମୁଠା ଦାନା ଯୋଗାଡ଼ କରିବା ପାଇଁ ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଇଛନ୍ତି ୱାର୍ଡ ସଭ୍ୟ। ଏଭଳି ଅଭାବନୀୟ ଚିତ୍ର କୋଟପାଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ୍ ଅଧିନ କାଠପୋଡା ପଞ୍ଚାୟତ ଚିକଟଯୋଡି ଗାଁ ରୁ ଆସିଛି। ଏଠିକାର ନିର୍ବାଚିତ ୱାର୍ଡ ସଭ୍ୟ ରାଜୁଖିଲ। ଗତ ଦୁଇ ମାସ ହେଲା ଘରେ ମାଆ ଓ ସ୍ତ୍ରୀ କୁ ଛାଡି କେରଳ ରାଜ୍ୟକୁ ଦାଦନ ଖଟି ଯାଇଛନ୍ତି। ତେବେ ଲୋକଙ୍କ ସୁଖଦୁଃଖ ବୁଝିବା ପାଇଁ ନିର୍ବାଚିତ ହୋଇଥିବା ୱାର୍ଡ ସଭ୍ୟ ନିଜେ ଦାଦନ ଯିବା ଘଟଣା ଦୁଃଖର ବିଷୟ ବୋଲି କହିଛନ୍ତି ସ୍ଥାନୀୟ ସରପଞ୍ଚ ଗୌରୀ ପାଙ୍ଗି। ସରକାରଙ୍କ କୋଟିକୋଟି ଟଙ୍କାର ଗରିବ କଲ୍ୟାଣ ଯୋଜନା ସତ୍ତ୍ୱେ ଆଜି ବି ଲୋକେ ପେଟ ପାଟଣା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟି ଯାଉଛନ୍ତି। ତେବେ ଏହା ଏବେ ଆହୁରି ଗୁରୁତର ସମସ୍ୟା ଭାବେ ଉଭା ହୋଇଛି, ଯେତେବେଳେ ଦି ପଇସା ରୋଜଗାର ପାଇଁ ନିର୍ବାଚିତ ଲୋକ ପ୍ରତିନିଧି ଦାଦନ ଶ୍ରମିକ ସାଜିଛନ୍ତି ।

# କୋରାପୁଟ ଜିଲ୍ଲା ଶୌଣ୍ଡିକ ସମାଜ ବୈଠକ



## ● ନାରାୟଣ ବିଷୋୟୀ ସଭାପତି ମନୋନୀତ

କୋରାପୁଟ,୧୯।୨(ସମିସ): ଶାବରଶ୍ରୀକ୍ଷେତ୍ର ସ୍ଥିତ ଅତିଥିଭବନ ସମ୍ମିଳନୀ କକ୍ଷରେ ଗୁରୁବାର କୋରାପୁଟ ଜିଲ୍ଲା ଶୌଣ୍ଡିକ ସମାଜ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ପ୍ରତିନିଧି ଯୋଗ ଶୌଣ୍ଡିକ ସମାଜର ବିଭିନ୍ନ ସମସ୍ୟା ଏବଂ ସାମାଜିକ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ବୈଠକ ଶେଷ ପର୍ଯ୍ୟାୟରେ ସମାଜର ନୂତନ କର୍ମକର୍ତ୍ତା ଚୟନ କରା ଯାଇଥିଲା। ଏହି ଅବସରରେ ଦଶମନ୍ତପୁର ବ୍ଲକ ଶାଖା ସଭାପତି ନାରାୟଣ ବିଶୋଇଙ୍କୁ (ପଣ୍ଡିତ) ସର୍ବ ସମ୍ମତି କ୍ରମେ ଜିଲ୍ଲା ସଭାପତି ଭାବରେ ମନୋନୀତ କରା ଯାଇଥିବା ବେଳେ କପିଲ ବିଶୋଇଙ୍କୁ ସମ୍ପାଦକ ଭାବେ ମନୋନୀତ କରା ଯାଇଛି। ସେହିପରି ଜିତେନ୍ଦ୍ର ସୁବୁଦ୍ଧି କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବା ଜଣା ପଡ଼ିଛି। ଦଶମନ୍ତପୁର ଶୌଣ୍ଡିକ ସଂଘ ସହ ସମ୍ପାଦକ ଚୋଳଗଙ୍ଗ ବିଶୋଇ ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ସଂଘ ଉପଦେଷ୍ଟା କଦଣ୍ଡ ଚୌଧୁରୀ ନିର୍ବାଚନ ଅଧିକାରୀ ଭାବରେ ଯୋଗ ଦେଇଥିଲେ।

## ● ମାର୍ଚ୍ଚ ୨୮ ରେ ଓକିଲ ସଂଘ ନିର୍ବାଚନ

# ମନୋରଞ୍ଜନ ରାଉତରାୟ ନିର୍ବାଚନ ଅଧିକାରୀ ନିଯୁକ୍ତ



କୋରାପୁଟ, ୧୯।୨(ସମିସ): ରାଜ୍ୟରେ ଓକିଲ ସଂଘ ନିର୍ବାଚନ ପାଇଁ ଗତବର୍ଷ ଡିସେମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲାବେଳେ କୋରାପୁଟ ଓକିଲ ସଂଘର ନିର୍ବାଚନ ମାର୍ଚ୍ଚ ୨୮ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ମନୋରଞ୍ଜନ ରାଉତରାୟଙ୍କୁ ନିଯୁକ୍ତ କରାଯାଇଛି। ସଂଘର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସୂଚନା ଅନୁସାରେ, କୋରାପୁଟ ଓକିଲ ସଂଘର (୨୦୨୬-୨୭) ନିର୍ବାଚନ ନିମନ୍ତେ ଏକ ସାଧାରଣ ପରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘ ସଭାପତି ପ୍ରଭାତ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ସୁନୀଲ ଜେନା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ଓ କୋଷାଧ୍ୟକ୍ଷ କମାକ୍ଷା ମାଝୀ ଆୟ ବ୍ୟୟର ହିସାବ ରଖିଥିଲେ। ନିର୍ବାଚନକୁ ସୁପରିଚାଳନା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତ ଦିଆଯାଇଥିବା ସଙ୍ଘ ପକ୍ଷରୁ ଜଣା ଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କୃଷ୍ଣଚନ୍ଦ୍ର ସାଁ, ବିବେକ ରଞ୍ଜନ ସେଠି, ଗୁପ୍ତେଶ୍ୱର ପାଣିଗ୍ରାହୀ, ଜୟନ୍ତ ମିଶ୍ର, ଶରତ ଆଚାର୍ଯ୍ୟ, ଉତ୍ତମ ମିଶ୍ର, କମଳ ଖୁରା, ଦୀପଙ୍କର ପାଣିଗ୍ରାହୀ, ସୁଜାତା ନାୟକ, ନିହାର ପଟ୍ଟନାୟକ, କିଶୋର ପଟ୍ଟନାୟକ, ବିଦ୍ୟାଧର ସାହୁ, ପ୍ରଶାନ୍ତ ପାତ୍ର, ଜଗାରାଓ ଖେମୁଣ୍ଡୁ, ନିତ୍ୟାନନ୍ଦ ମହାନ୍ତି, ମିଟୁ ଜେନା, ରୁବି ସାହୁ, ସଞ୍ଜୟ ଝା, ଶିଶିର ବିଶ୍ୱାଳ, ସୀମାଞ୍ଚଳ ମିଶ୍ର, ପ୍ରଶାନ୍ତ ଶିଆଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାସନ ସାମଗ୍ରୀ ଯୋଗାଣ ଦାୟିତ୍ୱ ଗ୍ରହଣ ପାଇଁ ଦାବି

ବୈପାରୀଗୁଡ଼ା,୧୯।୨(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ପେନ୍ଦାପୋଡା ପଞ୍ଚାୟତର ରଣାଗୁଡ଼ା ଗାଁର ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ବୈପାରୀଗୁଡା ବିଡ଼ିଓ



ସୁବ୍ରତ ସାହୁଙ୍କ ନିକଟରେ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାମଙ୍କ ଅଭିଯୋଗ ଅନୁଯାୟୀ, ପେନ୍ଦାପୋଡା ପଞ୍ଚାୟତ ପୂର୍ବରୁ ରାମଗିରି ପଞ୍ଚାୟତ ଅଧିନରେ ଥିଲା । ଗତ ୧୦.୩.୨୦୧୭ ରିଖରେ ନୂତନ ଭାବେ ପେନ୍ଦାପଡା ପଞ୍ଚାୟତ ଗଠନ ହେଲା । ନୂତନ ପଞ୍ଚାୟତକୁ ଆଠ ବର୍ଷ ବିତିଲା । କିନ୍ତୁ ରାସନ ସାମଗ୍ରୀ ବଣ୍ଟନ ଦାୟିତ୍ୱ ପଞ୍ଚାୟତକୁ ଦିଆଯାଇନାହିଁ । ଫଳରେ ରାସନ ବଣ୍ଟନରେ ବିଳମ୍ବ ହେଉଛି । ଏଥିରେ ପ୍ରାୟ ୭ଶହରୁ ଉର୍ଦ୍ଧ ରାସନ କାଡଧାରୀ ହଇରାଣ ହେଉଛନ୍ତି। ଏଣୁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀକୁ ରାସନ ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦିଆଯାଉ ବୋଲି ଅଭିଯୋଗ ହୋଇଛି।

# କଡ଼ା ସୁରକ୍ଷାରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ



ଜୟପୁର,୧୯ ।୨(ସମିସ): ଆଜି ଠାରୁ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦଶମ ଶ୍ରେଣୀ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। କୋରାପୁଟ ଜିଲ୍ଲା ଜୟପୁର ସହର ଏବଂ ବ୍ଲକରେ ସମୁଦାୟ ୧୨ଟି ପରୀକ୍ଷା କେନ୍ଦ୍ରରେ କଡା ସୁରକ୍ଷାବଳୟ ମଧ୍ୟରେ ପ୍ରଥମ ଦିବସରେ ଓଡିଆ ଭାଷା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜୟପୁର ବ୍ଲକର ଏକମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ଠାରେ ସମସ୍ତ ୧୩୯ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହିଥିଲେ। ସେହିପରି ଫାମ୍ପୁଣି ଗ୍ରାମ ସ୍ଥିତ ଶ୍ରୀନିବାସ ଉଚ୍ଚ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରର ୧୯୬ଜଣ ପରୀକ୍ଷାର୍ଥୀରୁ ଜଣେ ଅନୁପସ୍ଥିତ ରହିଥିଲେ , ବାରିଣିପୁଟ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ୨୧୭ଜଣଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହିଥିଲେ। ଆମ୍ବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୪୧ଜଣ ଏବଂ ହରଡାପୁଟ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟରେ ୨୩୩ ଜଣ ପରୀକ୍ଷାର୍ଥୀଙ୍କୁ ମଧ୍ୟରୁ ଉଭୟ ପରୀକ୍ଷାକେନ୍ଦ୍ରରେ ଜଣେ ଲେଖାଏଁ ପରୀକ୍ଷାର୍ଥୀ ଅନପୁସ୍ଥିତ ରହିଥିଲେ। ଜୟପୁର ସହରର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩୫୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣ ଅନୁପସ୍ଥିତ ରହିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୭୫ ଜଣଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହିଥିଲେ ଏବଂ ଏହି କେନ୍ଦ୍ରରେ ମଧ୍ୟମା ପରୀକ୍ଷା ପାଇଁ ୧୪ ଜଣଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହିଥିଲେ। ସରକାରୀ ପୌର ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୪ ଜଣଙ୍କ ମଧ୍ୟରୁ ୩ ଜଣ ଅନୁପସ୍ଥିତ ରହିଥିଲେ। ସିଟ ଉଚ୍ଚ ବିଦ୍ୟାଳୟରେ ୧୪୨ଜଣଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ, ଜେଇଏଲସି ଉଚ୍ଚ ବିଦ୍ୟାଳୟରେ ସମସ୍ତ ୧୪୫ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହିଥିଲେ। ସେହିପରି ସ୍ଥାନୀୟ ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଓଡିଶା ମୁକ୍ତବିଦ୍ୟାଳୟ ମାଟ୍ରିକ ପରୀକ୍ଷାର୍ଥୀ ଭାବେ ୨୯୧ ଜଣଙ୍କ ମଧ୍ୟରୁ ୧୧୩ଜଣ ଉପସ୍ଥିତ ରହିଥିବା ବେଳେ ୧୭୮ଜଣ ଅନୁପସ୍ଥିତ ରହିଥିଲେ ଏବଂ ଅନୁରୂପ ଭାବେ ଶାରଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୨୯ ଜଣଙ୍କ ମଧ୍ୟରୁ ୧୫୪ ଜଣ ଉପସ୍ଥିତ ରହିଥିବା ବେଳେ ୭୫ ଜଣ ଅନୁପସ୍ଥିତ ରହିଥିଲେ। ପ୍ରକାଶ ଯେ, ଆଜି ପୂର୍ବାହ୍ନ ୬ଟାରୁ ସାଢେ ୬ଟା ମଧ୍ୟରେ ସ୍ଥାନୀୟ ନୋଡାଲ କେନ୍ଦ୍ର ସରକାରୀ ବାଳିକା ବିଦ୍ୟାଳୟ ଠାରୁ ପ୍ରଶ୍ନପତ୍ର ଓ ଉତ୍ତରଖାତା ନେଇ ବିଭିନ୍ନ ପରୀକ୍ଷାକେନ୍ଦ୍ରକୁ ସ୍ୱତନ୍ତ୍ର ପୁଲିସର କଡା ସୁରକ୍ଷା ମଧ୍ୟରେ ୪ଚକିଆ ଯାନରେ ନିଆଯାଇଥିଲା। ପୂର୍ବାହ୍ନ ସାଢେ ୭ଟାରୁ ୮ ମଧ୍ୟରେ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଁଚିଥିଲା। ପୂର୍ବାହ୍ନ ୮ଟାରେ ଛାତ୍ରଛାତ୍ରୀ ମାନଙ୍କୁ କପି ନିମନ୍ତେ କଡା ଯାଞ୍ଚ ପରେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରାଯାଇଥିଲା । ପୂର୍ବାହ୍ନ ୯ ଟା ଠାରୁ ସାଢେ ୧୧ ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସେହିପରି ପରୀକ୍ଷା ଶେଷ ହେବା ପରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ପୁଣି ସଂଗ୍ରହ କରିବା ପରେ ନୋଡାଲ କେନ୍ଦ୍ରକୁ କଡା ସୁରକ୍ଷା ମଧ୍ୟରେ ଅଣାଯାଇ ସୁରକ୍ଷିତ ଭାବେ ରଖାଯାଇଥଛି।

# ମା' ଦେଉଛି ପରୀକ୍ଷା, କୁନି ଛୁଆକୁ ଧରି ସ୍କୁଲ ବାରଣ୍ଡାରେ ବାପା



କୋରାପୁଟ,୧୯।୨(ସମିସ): ମା' ଦେଉଛି ମାଟ୍ରିକ୍ ପରୀକ୍ଷା। କୁନି ଛୁଆକୁ ଧରି ବାପା ସ୍କୁଲ ଦାଣ୍ଡରେ ଜଗିଛି। ଏଭଳି କିଛି ଦୃଶ୍ୟ ଆଜି କୋରାପୁଟ ସଦର ମହକୁମା ସ୍ଥିତ ସୁନାପୁର ହାଇସ୍କୁଲ ସେଣ୍ଟରରେ ଦେଖିବାକୁ ମିଳିଥିଲା। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ତୋଟା ଗୁଡ଼ା ଗ୍ରାମରୁ ଶୀତ କାକରରେ ପାଖାପାଖି ୩୫ କିଲୋମିଟର ଦୂରରୁ ବାଇକ୍‌ରେ ମାଟ୍ରିକ ପରୀକ୍ଷା ଦେବାକୁ କୁମାରୀ ଦିଶାରୀ ପହଞ୍ଚିଥିଲେ। ସାଙ୍ଗରେ ଥିଲେ ୧୮ ମାସର କୁନି ଛୁଆ ସହ ସ୍ୱାମୀ ତ୍ରିନାଥ ମୁଦୁଲି। ମା' ମାଟ୍ରିକ ପରୀକ୍ଷା ଦେଇ ପାସ ହେଲେ ମିଳିବ ଅଙ୍ଗନବାଡି ଚାକିରି । ଏହି ଆଶା ନେଇ କୁନି ପିଲାକୁ ସ୍କୁଲ ଦାଣ୍ଡରେ ଧରି ଅପେକ୍ଷା କରିଛି ସ୍ୱାମୀ। ଅବୁଝା ପିଲା ମାକୁ ଖୋଜିଲେ କେତେବେଳେ ବିସ୍କୁଟ କିଣି ଖାଇବାକୁ ଦେଉଥିବା ବେଳ ଆଉ କେତେବେଳେ ଗେହ୍ଲା ଆଦରି କରି କୁନି ଛୁଆକୁ ବୁଝାଇବାକୁ ଚେଷ୍ଟା କରୁଛି ବାପା। ପରିବାର ବର୍ଗ ଆଶା ରଖିଛନ୍ତି ମାଟ୍ରିକ ପରୀକ୍ଷାରେ ପାସ ହେବା ପରେ ଅଙ୍ଗନବାଡ଼ି ଚାକିରିଟିଏ ମିଳିବ ବୋଲି କହିଛନ୍ତି ସ୍ୱାମୀ ତ୍ରିନାଥ। ପରୀକ୍ଷା ସରିବା ପରେ ମା'କୁ ଦେଖି ବାହୁନି ବାହୁନି କାନ୍ଦିଛି କୁନି ଛୁଆ। ୨୦୨୨ ମସିହାରେ ନବମ ଶ୍ରେଣୀରୁ ପାଠ ଛାଡି ଦେଇଥିଲି। ଏବେ ତାକୁ ୨୨ ବର୍ଷ ବୋଲି କୁମାରୀ ଦିଶାରୀ କହିଛନ୍ତି। ପରୀକ୍ଷା ହଲରେ ଛୁଆ କଥା ମନେ ପଡୁଥିଲା । ତଥାପି ପରୀକ୍ଷା ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ସାଧା ବଦଳରେ ଚିକେନ୍ ବିରିୟାନୀ ଦେବାକୁ ନେଇ ଉତ୍ତେଜନା

ଗୁଣୁପୁର, ୧୯।୨(ସମିସ): ନେତାଜୀ ନଗରର ଭୁବନା ମହାପାତ୍ର ନ ଜଣେ ବ୍ରାହ୍ମଣ ସାକାହାରି ଯୁବକ । ସେ ଗୁଣୁପୁର ନୂତନ ବସଷ୍ଟାଣ୍ଡ ନିକଟରେ ଥିବା ହୋଟେଲ ରୟାଲ ଦମ ବିରିୟାନୀର ମେନୁ ପଢିବା ପରେ ସାଦା ବିରିୟାନୀ ଅଛିକି ବୋଲି ପଚାରିଥିଲେ। ହୋଟେଲ ମାଲିକ ସାଧା ବିରିୟାନୀ ଅଛି ବୋଲି କହିବା ପରେ ସେ ଏକ ବିରିୟାନୀ ପାର୍ସଲ ମାଗି ଘରକୁ ନେଇ ସେ ଓ ତାଙ୍କ ଝିଅ ଖାଇବା ଆରମ୍ଭ କରିଥିଲେ। ବିରିୟାନୀର ସୁଆଦ କିଛି ଅଲଗା ଥିବା ଅନୁଭବ କରିଥିଲେ ଏବଂ ଛୋଟ ଛୋଟ ଚିକେନ୍ ଖଣ୍ଡ ମଧ୍ୟ ପାଇଥିଲେ । ତୁରନ୍ତ ଖାଇବା ବନ୍ଦ କରି ଉକ୍ତ ବିରିୟାନୀକୁ ନେଇ ହୋଟେଲକୁ ଯାଇ ପଚରାଉଚରା କରିଥିଲେ। ହୋଟେଲରେ ଥିବା ସାଧା ବିରିୟାନୀ ହାଣ୍ଡି ଦେଖନ୍ତୁ ବୋଲି କହିଥିଲେ। ହୋଟେଲ ମାଲିକ ଜନକ କହିଲେ ଯେ ସମସ୍ତ ବିରିୟାନୀ ସରିଯିବା ଫଳରେ ହାଣ୍ଡି ଧୂଆ ହୋଇ ରଖିଦେଲୁ । ଚିକେନ ବିରିୟାନୀରୁ ହିଁ ଚିକେନ୍ ବାଛି ଖାଲି ବିରିୟାନୀ ଦିଆ ଯାଇଛି ବୋଲି ସ୍ପଷ୍ଟ ହୋଇଥିଲା। କିଛି ସମୟ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲେ ମଧ୍ୟ ହୋଟେଲ ମାଲିକ ଭୁଲ୍ ମାନି ନଥିଲେ। ଫଳରେ ଗୁଣୁପୁର ବିଜେଡି ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ବାଉରି, ବିଜେପି ନେତା ଟିଙ୍କୁ ପଣ୍ଡା ଏବଂ ସ୍ଥାନୀୟ ଲୋକେ ହୋଟେଲରେ ତାଲା ପକାଇ ପୁଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ବିରିୟାନୀ କିଣିଥିବା ବ୍ୟକ୍ତିଙ୍କୁ କହିଥିଲେ ଯେ ତୁମେ ଆମିଶ ହୋଟେଲରେ କାହିଁକି ସାଧା ବିରିୟାନୀ କିଣିଲ ବୋଲି ପଚାରିଲେ ଏବଂ ଥାନାକୁ ଆସ ବୋଲି କହି ପଳାଇ ଯାଇଥିଲେ। ଏ ସମ୍ପର୍କରେ ପୁଲିସକୁ ପଚାରିବାରୁ ସେ କହିଛନ୍ତି ଯେ ଏ ସମ୍ପର୍କରେ ଆମକୁ କେହି ଲିଖିତ ଅଭିଯୋଗ କରିନାହାନ୍ତି କି ବର୍ତ୍ତମାନ୍ ସୁଦ୍ଧା ହୋଟେଲ ମାଲିକ ବିରୋଧରେ କହିବା ପାଇଁ କେହି ଆସି ନାହାନ୍ତି । ପୁଲିସ ପକ୍ଷରୁ ହୋଟେଲ ମାଲିକ ଓ ଘର ମାଲିକ ଙ୍କୁ ଡାକି ଥାନାରେ ଅଟକ ରଖା ଯାଇଥିଲା । କିନ୍ତୁ ଅଭିଯୋଗ କାରି ଥାନାକୁ ଆସି ନଥିବା ଯୋଗୁଁ ମାମଲା ରୁଜୁ ହୋଇନାହିଁ ବୋଲି କହିଛନ୍ତି।

# ଗ୍ରାମସାଥୀଙ୍କ ଦାବିପତ୍ର ପ୍ରଦାନ

କୋରୁକୋଣ୍ଡା,୧୯ ।୨(ସମିସ):ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ଗ୍ରାମ ସାଥିମାନେ ମହାନା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜାନାର ବିଭିନ୍ନ ସମସ୍ୟାକୁ ନେଇ ମିଳିତ ଭାବେ ଆଜି ଗ୍ରାମ ସାଥି। ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ମାସେ ଥିବା ବେଳେ ବିଭିନ୍ନ ପଞ୍ଚାୟତର ମନରେଗା ଜନିତ କାର୍ଯ୍ୟ ସକଳର ଅନ୍ତିମ ସମୟ ଉପସ୍ଥିତ ହୋଇ ଥିଲେ ସୁଦ୍ଧା ମନରେଗା ଜନିତ ପ୍ରକଳ୍ପ ସମୂହର ଦୀର୍ଘଦିନର ଅଣକୁଶଳୀ ଶ୍ରମିକ ମଜୁରୀ ପ୍ରାୟ ଦୁଇମାସ, ଅର୍ଦ୍ଧକୁଶଳୀ ଏବଂ ସାମଗ୍ରୀ କ୍ରୟ ଜନିତ ଟଙ୍କା ଦୀର୍ଘ ପାଞ୍ଚ ମାସ ଅତି ବାହିତ ହୋଇଥିଲେ ମଧ୍ୟ ଏଯାବତ ପ୍ରଦାନ କରାଯାଇ ପାରିନାହିଁ। ଯଦିଓ ଏହି ନିକଟ ଅତୀତରେ ଅର୍ଦ୍ଧକୁଶଳୀ ଏବଂ ସାମଗ୍ରୀ କ୍ରୟ ଟଙ୍କା ଆସିଥିବାର ସରକାରୀ ସୂଚନା ପାଇଥିଲେ ସୁଦ୍ଧା କୌଣସି କାରଣ ବଶତଃ ଅନଲାଇନ ସାଇଡ ଖୋଲୁ ନଥିବା ଯୋଗୁ ପୈଠ କରାଯାଇ ପାରୁନାହିଁ। ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ମାନଙ୍କରେ ଉକ୍ତ ପ୍ରାପ୍ୟ ସମୂହ ପ୍ରଦାନ କରାଯାଉଥିବା ବେଳେ କେବେଳ ଆମ ଜିଲ୍ଲାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଅଛି। ଯାହା ଫଳରେ ଚାଲୁ ରହିଥିଯବା ପ୍ରକଳ୍ପ ସମୂହ ସମାପ୍ତ କରାଯିବା ଦିଗରେ ବିଭିନ୍ନ ପ୍ରକାର ସମସ୍ୟା ପରିଲକ୍ଷିତ ହେଉଅଛି। ଆଗାମୀ ଦିନରେ ସରକାର ନାମ ପରିବର୍ତନ କରିବାକୁ ରହିଥିବା ବେଳେ ବିଗତ ଦିନର ବକେୟା ଅର୍ଥ ବର୍ତ୍ତମାନ ସୁଧା ଶ୍ରମିକ ମାନଙ୍କୁ ପଇଠ କରାଜି ପାରି ନାହି ଏଣୁ ଶ୍ରମିକ ମାନଙ୍କ ମନରେ ଅଶୋନ୍ତୋଷ ଦେଖିବାକୁ ମିଳୁଛି। ଏଣୁ ସରକାରୁଙ୍କୁ ଅନୁରୋଧ ପୂର୍ବକ ବକେୟା ଅର୍ଥ ସୋଘର ପଇଠକରିବାକୁ ଗ୍ରାମ ସାଥିମାନେ ଅନୁରୋଧ ପୂର୍ବକ ଦାବି ପତ୍ର ପ୍ରଦାନ କରିଥିଲେ।

# ବଟ ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୋରାପୁଟ,୧୯।୨(ସମିସ): କୋରାପୁଟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଠାରେ ଶ୍ରୀ ଶ୍ରୀ ଶ୍ରୀ ବଟ ଗଣେଶ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ଉତ୍ସବ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତକାଲି , ଆଜି ଶାଳା ପ୍ରତିଷ୍ଠା, ଶୁଭାଧିବାସ, ଅଙ୍କୁରାରୋପଣ ଓ ଗର୍ଭାଧାନ କର୍ମ ଅନୁଷ୍ଠିତ ହୋଇଯାଇଛି। ଆଜି କଳସ ଯାତ୍ରା କରାଯାଇ କଳସ ସ୍ଥାପନ କରାଯାଇଛି। ଏହାପରେ ଆଚାର୍ଯ୍ୟ ବରଣ ଏବଂ ସନ୍ଧ୍ୟା ପର୍ଯ୍ୟନ୍ତ ହୋମଯଜ୍ଞ କରାଯିବ ବୋଲି ଆୟୋଜକ କମିଟିର ପି କେ ନାୟକ କହିଛନ୍ତି। ୨୧ ତାରିଖ ଦିନ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। କୋରାପୁଟ ସହରବାସୀଙ୍କ ପାଇଁ ୨୧ ତାରିଖ ଦିନ ପ୍ରସାଦ ସେବନର ବ୍ୟବସ୍ଥା ରହିଛି ବୋଲି ଶ୍ରୀ ନାୟକ କହିଛନ୍ତି।

## ● ଉତ୍କଳ ଆଲୁମିନାର ରକ୍ତଦାନ ଶିବିର

# ୧୦୦ ୟୁନିଟ୍ ରକ୍ତ ସଂଗୃହୀତ

ଟିକିରି ,୧୯।୨(ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ନୂଆପଡ଼ା ସ୍ଥିତ ଟାଉନସିପ କ୍ଲବ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ମହତ ଦାନ, ଏହି ମହତ ଉଦ୍ଦେଶ୍ୟ ନେଇ ଉତ୍କଳ ଆଲୁମିନା ସିଏସଆର ତରଫରୁ ଆୟୋଜିତ ଏହି ରକ୍ତଦାନ ଶିବିରରେ ୧୦୦ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିରକୁ କାରଖାନା ମୁଖ୍ୟ ରବି ନାରାୟଣ ମିଶ୍ର, ଉତ୍କଳ ଆଲମିନା ମହିଳା କ୍ଲବର ସଭାନେତ୍ରୀ ପ୍ରଭାମୟୀ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରକ୍ତ କେନ୍ଦ୍ରର ଡାକ୍ତର ଗୌତମ ପଟ୍ଟନାୟକ, ସରୋଜକାନ୍ତ ଆଚାର୍ଯ୍ୟ, ବି. କିଶୋର କୁମାର,ଉମାକାନ୍ତ ମିଶ୍ର, ଶଙ୍କର ତାଡ଼ିଙ୍ଗି, ବୃର୍ଷା ହିମିରିକା, ଚିନ୍ମୟ



ପରିଛା, ଅନନ୍ତ ଭାତ୍ରା ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରରେ ଉତ୍କଳ ଆଲୁମିନା କମ୍ପାନିର ୟୁନିଟ୍ ହେଡ୍ ରବି ନାରାୟଣ ମିଶ୍ର, ପ୍ରଭାମୟୀ ମିଶ୍ର , କମ୍ପାନିର ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ଲୋକ ସମ୍ପର୍କ ତଥା କର୍ପୋରେଟ ଆଫାୟାର ବିଭାଗର ସାଧାରଣ ପରିଚାଳକ ପିତାମ୍ବର ବେହେରା, ପ୍ଲାଣ୍ଟ ସିଏସଆର ମୁଖ୍ୟ ଦିଗନ୍ତ ମହାନ୍ତି,କମ୍ପାନିର ଉପସଭାପତି ଉତ୍ତମ ଗିରି,ସିଏସଆର ବିଭାଗ କର୍ମକର୍ତା ରୂପେନ ପଟନାୟକ, ଉତ୍କଳ ଆଲୁମିନା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରୋଜେନ୍ଦ୍ର ମଣ୍ଡଳ, ସୁବାସ ଚନ୍ଦ୍ର ନାୟକ,ଲୋକ ସଂପର୍କ ଅଧିକାରୀ କାର୍ତ୍ତିକ ସାହୁ,ଆଶିଷ କୁମାର ସାହୁ, ସତ୍ୟଭାମା ନାୟକ,ମୋହିନୀ ନାୟକ, ସୁଧୀର ନାୟକ, ହେମଲତା ସାଉନ୍ତା, ଗୌରୀ ଶଙ୍କର, ଦେବୀ ପ୍ରିୟା,ସଂଜୀବ, ବାଦଲ ତ୍ରିପାଠି, ଅଜୀତ କୁମାର ନାୟକ,ଦେବବ୍ରତ ଗୌଡ଼, ପି.କୁମାର, ଦୈତାରୀ ସାମନ୍ତରାଏ,ସରିତା ବାଗ, ପ୍ରିତୀମୟୀ ଦୂରୀଆ, ପ୍ରଫୁଲ ମାଝି, ଦୁର୍ଯ୍ୟୋଧନ ମାଝି, ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଥି ସହିତ ଭବିଷ୍ୟତରେ ରକ୍ତ ଅଭାବରୁ କାହାରିକୁ ମରିବାକୁ ଦିଆଯିବନି ବୋଲି ଶପଥ ଗ୍ରହଣ କରିଥିଲେ ।

# ବାଇକ୍ ଦୁର୍ଘଟଣାରେ ଯୁବକର ଛିଡ଼ିଲା ଗୋଡ଼



କଲ୍ୟାଣସିଂହପୁର,୧୯।୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କରପା ପଞ୍ଚାୟତର କ୍ରୀଷ୍ଟାପାତ୍ରଗୁଡା ନିକଟସ୍ଥ ପାଣି ଟାଙ୍କି ପାଖରେ ବାଇକ ଦୁର୍ଘଟଣାରେ ଯୁବକର ଗୋଡ଼ କଟି ଗୁରୁତର ହୋଇ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ ହୋଇଛି। ବୁଡ଼ାଗୁଡା ପଞ୍ଚାୟତର ଅଲଣ୍ଡା ଗ୍ରାମର ଶାଙ୍କାରାଓ କାଡ୍ରାକା (୪୫) ଟିୟୁସନରୁ ପିଲାଙ୍କୁ କ୍ରୀଷ୍ଟାପାତ୍ରଗୁଡା ଠାରୁ ନେବା ପାଇଁ ଆସି ରାସ୍ତା ପାଶ୍ୱର୍ରେ ବାଇକ ରଖି ବସିରହିଥିଲେ। ସେହି ସମୟରେ ଅନ୍ୟ ଏକ ବାଇକ୍‌ରେ ଭାଗିରଥି ବେନିଆଙ୍କ ପୁଅ ଏଙ୍କେନା ବେନିଆ କାର୍ଯ୍ୟ ସାରି କଲ୍ୟାଣ ସିଂହପୁର ଘରକୁ ଆସୁଥିବା ବେଳେ କ୍ରୀଷ୍ଟା ପାତ୍ର ଗୁଡା ନିକଟରେ ଶାଙ୍କାରାଓ କାଡ୍ରାକାକୁ ଧକ୍କା ଦେବାରୁ ଶାଙ୍କାରାଓଙ୍କ ଗୋଡ଼ ଛିଡି ଯାଇଥିଲା। ଉକ୍ତ ଖବର ପରିବାର ଲୋକ ଜାଣି ଘଟଣା ସ୍ଥଳରେ ପହଞ୍ଚି ରୋଗୀବୁହା ଗାଡିକୁ ଯୋଗାଯୋଗ କରି ସଙ୍ଗେ ସଙ୍ଗେ କଲ୍ୟାଣ ସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଏଠାରେ ଡକ୍ଟର ପ୍ରାଥମିକ ଚିକିତ୍ସା କରି ଦୁହିଁଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ। ଉକ୍ତ ଯୁବକର କଟା ଗୋଡ଼କୁ ଏକ ଶୀତଳ ବାକ୍ସରେ ରଖି ପଠାଯାଇଛି।

## ଗାଡ଼ି ମାଲିକଙ୍କୁ ଗିରଫ, କ୍ଷତିପୂରଣ ଦାବି

# ପରିବାର ଓ ଗ୍ରାମବାସୀଙ୍କ ଥାନା ଘେରାଉ




ଜୟପୁର,୧୯ ।୨(ସମିସ): ଗତକାଲି ଅପରାହ୍ନ ୪ଟାରେ ଗ୍ଲୋକାଲ ଚିକିତ୍ସାଳୟ ଏବଂ ଜଗନ୍ନାଥ ସାଗରକୁ ସଂଯୋଗ କରୁଥିବା ବାଇପାସ ରାସ୍ତାରେ ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଯୁବକ ଗୁରୁତର ଭାବେ ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଆଜି ମୃତକ ଏବଂ ଗୁରୁତର ଯୁବକଙ୍କ ପରିବାର ଓ ଗ୍ରାମବାସୀ ମାନେ ଟାଉନ ଥାନାକୁ ଘେରଉ କରିବା ସହିତ ମହିଳା ମାନେ ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଆଜି ଅପରାହ୍ନରୁ ସଂଧ୍ୟା ପର୍ଯ୍ୟନ୍ତ ଥାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟିବାର ୨୪ ଘଣ୍ଟା ବିତିଯାଇଥିଲେ ହେଁ ଆଜିସୁଦ୍ଧା ଦୁର୍ଘଟଣା ଘଟାଇଥିବା ଗାଡିକୁ ଚିହ୍ନଟ କରାଯାଇନଥିବା ବେଳେ ମାଲିକଙ୍କୁ ଗିରଫ କରାଯାଇନାହିଁ। ଏହିପରି ମୃତକଙ୍କ ଶବବ୍ୟବଚ୍ଛେଦ ମଧ୍ୟ କରାଯାଇନାହିଁ। ତେଣୁ ତୁରନ୍ତ ଗାଡି ମାଲିକଙ୍କୁ ଗିରଫ ଏବଂ କ୍ଷତିପୂରଣ ରାଶି ପ୍ରଦାନ ଦାବି ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହିପରି ପୁଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ମହିଳା ମାନେ ଥାନା ସମ୍ମୁଖରେ ଗାଳିଗୁଲଜ କରୁଥିବା ସହ ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କ ଘଣ୍ଟ ଘୋଡାଉଛି ବୋଲି ପରିବାର ଓ ଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ। ଏହିପରି ପୂର୍ବତନ କାଉନସିଲର ତଥା ବରିଷ୍ଠ ବିଜେଡି ନେତା ବାଲାରାୟ ଥାନାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ କୌଣସି ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ। ଏହିପରି ପୁଲିସ ପକ୍ଷରୁ ମଧ୍ୟ ଦୁର୍ଘଟଣା ଘଟାଇଥିବା ଗାଡିକୁ ସିସି ଟିଭି ମାଧ୍ୟମରେ ଚିହ୍ନଟ କରାଯାଇ ଅଟକ ରଖାଯାଇଛି ଏବଂ ଗାଡି ମାଲିକଙ୍କୁ ଥାନାକୁ ଆସିବାକୁ ସୂଚନା ଦିଆଯାଇଛି। ମାଲିକ ଆସିବା ପରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେବା ପରେ ଆନ୍ଦୋଳନକାରୀ ମାନେ ଧାରଣାରୁ ଉଠିଥିଲେ ଏବଂ ପରିସ୍ଥିତି ଶାନ୍ତ ପଡିଥିଲା। ପ୍ରକାଶଯେ, ଗତରାଲି ଅପରାହ୍ନରେ ଘଟିଥିବା ସଡକ ଦୁର୍ଘଟଣାରେ ବାଇକ ଚାଳକ ସ୍ଥାନୀୟ ସଦରଥାନା ଅଞ୍ଚଳର ପାତ୍ରପୁଟ ଗ୍ରାମର ଘାସିରାମ ଗଲୋରି ମୃତ୍ୟୁ ହୋଇଛଥିବା ବେଳେ ଭଟ୍ଟାଛିଞ୍ଚି ଗ୍ରାମର କ୍ରିସ କୁମାର ନାଗ ଗୁରୁତର ଭାବେ ଆଗତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ସ୍ଥାନୀୟ ପ୍ରତ୍ୟେକ୍ଷଦର୍ଶୀ କହିବା ଅନୁଯାୟୀ ଏକ ପିକଅପ ଭ୍ୟାନ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଏଥିନେଇ ଟାଉନଥାନାରେ ଏକ ମାମଲା ରୁଜୁ ହେବା ସହିତ ତଦନ୍ତ ବେଳେ ସିସିଟିଭି ଫୁଟେଜ ଅନୁଯାୟୀ ଦୁର୍ଘଟଣା ଘଟାଇଥିବା ଗାଡିକୁ ପୁଲିସ ଜବତ କରିଥିଲେ।

# ପ୍ରବୋଧନ ତାଲିମ ଶିବିର ଉଦ୍‌ଯାପିତ

ଚନ୍ଦ୍ରପୁର,୧୯।୨(ସମିସ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ଆଦର୍ଶ ବିଦ୍ୟାଳୟଠାରେ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୭୨ଜଣ ଶିକ୍ଷକ ଶିକ୍ଷୟିତ୍ରୀ



ମାନଙ୍କୁ ନେଇ ବ୍ଲକ୍ ସ୍ତରୀୟ ପାଞ୍ଚ ଦିନିଆ "ପ୍ରବୋଧନ' ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରପୁର ବ୍ଲକର ଶିକ୍ଷାଧିକାରୀ ଗଣେଷ ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କାଳନ୍ଦୀ ଚରଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସିଙ୍ଗନା ତାଡିଙ୍ଗି, ମଧ୍ୟାହ୍ନ ଭୋଜନର ଦାୟିତ୍ୱରେ ଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାର ବାଳକୃଷ୍ଣ ବିହାରୀ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ଅତିଥି ଭାବରେ ଯୋଗଦେଇ ତାଲିମ କାର୍ଯ୍ୟକ୍ରମକୁ ଶୁଭ ମହୁରତ ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ତାଲିମଧାରୀଙ୍କୁ ଜାତୀୟ ଶିକ୍ଷାନୀତି-୨୦୨୦ରେ ନୂତନ ଭାବରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ-୨୦୨୫ ଓ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନକୁ କିପରି ଭାବରେ ଶିକ୍ଷାଦାନ ଦେଇ ଶିକ୍ଷା ବ୍ୟବସ୍ଥାରେ ନୂତନ ଅଧ୍ୟାୟ ସୃଷ୍ଟି କରିପାରିବା ଓ ନୂଆ ଶିକ୍ଷା ନୀତିକୁ ଆପେଣେଇବା ପାଇଁ ଉତ୍ସାହିତ କରିଥିଲେ। ପ୍ରକାଶ ଥାଉ କି ଏହି ପ୍ରଶିକ୍ଷଣ ଶିବିରଟି ଚଳିତ ମାସ ୨ ତାରିଖଠାରୁ ଆଜି ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ୧୫ଦିନ ଧରି ଚାଲିଥିଲା। ଏହି ପ୍ରଶିକ୍ଷଣ ଶିବିରକୁ ସମ୍ବଳ ଶିକ୍ଷକ ଚିତ୍ତରଞ୍ଜନ ମାଝୀ, ପ୍ରଦୀପ କୁମାର ବାଉରୀ, ରଜନୀକାନ୍ତ ବଳିୟାରସିଂ, ଲିଲିମା ଖଡିଆ, ପ୍ରସନ୍ନ କୁମାର ତ୍ରିପାଠୀ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



## ଉରୁବାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ଯୁକ୍ତ ଦୁଇ ପରୀକ୍ଷା ପାଇଁ ଆଡ୍‌ମିଟ କାର୍ଡ ମିଳିନଥିବା ଅଭିଯୋଗ



ମାଲକାନଗିରି, ୧୯ା୨(ସମିସ); ସାରା ରାଜ୍ୟରେ ଆସନ୍ତା କାଲି ଅର୍ଥାତ ଶୁକ୍ରବାର ଠାରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏନେଇ ବିଭିନ୍ନ ସ୍ଥାନରେ ପୂର୍ବରୁ ଛାତ୍ର ଛାତ୍ରୀଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯାଇଥିବା ବେଳେ ମାଲକାନଗିରି ଜିଲ୍ଲାର ଉରୁବାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କିଛି ଛାତ୍ର ଛାତ୍ରୀଙ୍କୁ ଆଜି ଯାଏଁ ଏହି ଆଡମିଟ କାର୍ଡ ମିଳି ନଥିବା ନେଇ ଅଭିଯୋଗ ହୋଇଛି। ଅପର ପକ୍ଷରେ ଏହାକୁ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି ଅନୁଷ୍ଠାନର ଅଧ୍ୟକ୍ଷ। ଅଭିଯୋଗ ଅନୁଯାୟୀ ମାଲକାନଗିରି ଜିଲ୍ଲା ଉରୁବାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷରେ ୧୫୮ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୯ ଜଣଙ୍କୁ ଆଡମିଟ କାର୍ଡ ମିଳିଥିବା ସହ ୫୯ ଜଣଙ୍କୁ ଏହା ମିଳି ନଥିବା ଛାତ୍ର ମହେନ୍ଦ୍ର ରାୟ, କିରଣ ସରକାର ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେମାନେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଭେଟିଥିଲେ। ହେଲେ ଅଧ୍ୟକ୍ଷ ଯାହାର ଆଡମିଟ କାର୍ଡ ନାହିଁ। ସିଏ ପରୀକ୍ଷା ଦେଇ ପାରିବେ ନାହିଁ ବୋଲି କହିଥିବା ପ୍ରକାଶ କରିଛନ୍ତି। ଫଳରେ ଛାତ୍ର ମାନେ ନିରାଶ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ସେମାନେ ଦାବି ପତ୍ର ପ୍ରଦାନ କରି ଏହାର ସମାଧାନ ପାଇଁ ଅନୁରୋଧ କରିଛନ୍ତି।

### ଆବେଦନ କରିନାହାନ୍ତି : ଅଧ୍ୟକ୍ଷ

ତେବେ ଅପର ପକ୍ଷରେ କିନ୍ତୁ ଏହି ଛାତ୍ର ମାନଙ୍କ ଅଭିଯୋଗକୁ ସିଧା ସଳଖ ଖଣ୍ଡନ କରିଛନ୍ତି ଅଧ୍ୟକ୍ଷ ଗିରିଜା ବେହେରା। ଶ୍ରୀ ବେହେରାଙ୍କ କହିବା ଅନୁଯାୟୀ ଚଳିତ ବର୍ଷ ୧୫୮ ପିଲାଙ୍କ ମଧ୍ୟରୁ କେବଳ ୧୦୮ ଜଣ ଏହି ପରୀକ୍ଷା ନିମନ୍ତେ ଫର୍ମ ଆବେଦନ କରିଥିଲେ ଓ ସେମାନନଙ୍କ ଆଡମିଟ କାର୍ଡ ଆସି ଯାଇଛି। ଏହି ପିଲାଏ ବିଦ୍ୟାଳୟକୁ ସଠିକ ଭାବେ ଆସୁ ନଥିବା ବେଳେ ସେମାନଙ୍କୁ ବାରମ୍ବାର ଅବଗତ କରିବା ପରେ ବି ସେମାନେ ପରୀକ୍ଷା ପାଇଁ ନିଜର ଫର୍ମ ଆବେଦନ ମଧ୍ୟ କରି ନଥିଲେ। ଏହା ସତ୍ୱେ ମଧ୍ୟ ସେ ଏହି ଛାତ୍ର ଛାତ୍ରୀଙ୍କ ଫର୍ମ ଆବେଦନ ପାଇଁ ତାରିଖ ସରିଥିବା ପରେ ବି ଚେଷ୍ଟା କରିଥିଲେ ହେଁ ଏହା ସମ୍ଭବ ହୋଇନଥିଲା। ଯାହା ଫଳରେ ଏହି ପିଲାଙ୍କ ଆଡମିଟ କାର୍ଡ ଆସି ନଥିବା ସେ ପ୍ରକାଶ କରିଛନ୍ତି। ପିଲାଙ୍କ ଦ୍ୱାରା ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

■ ଅପହଞ୍ଚ ଇଲାକାରେ ବଢୁଛି ପାଣି ସମସ୍ୟା

# ଖଜୁରୀପୁଟରେ ଚୁଆ ପାଣି ଭରସା



ବୈପାରୀଗୁଡ଼ା,୧୯ା୨(ସମିସ): ଜଳ ହିଁ ଜୀବନ ଜଳ ବିନା କେହି ବଞ୍ଚି ପାରିବେ ନାହିଁ। ଏହାକୁ ଗୁରୁତ୍ୱ ଦେଇ ସରକାର ଗାଁ ଗାଁରେ ନଳକୂପ ଖନନ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାଲୁଖିଆଲି ନୀତି ଯୋଗୁଁ ଲୋକେ ବିଶୁଦ୍ଧ ପାଣି ପାଇପାରୁନାହାନ୍ତି। ଗ୍ରୀଷ୍ମ ପୂର୍ବରୁ ଜଳ କଷ୍ଟ , ପିଇବାକୁ ମିଳୁନି ମୁନ୍ଦାଏ ପାଣି , ବାଧ୍ୟ ହୋଇ ଛୁଆଁ ପାଣି ଉପରେ ନିର୍ଭର କରନ୍ତି ଗ୍ରାମବାସୀ। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କଠପୋଡ଼ା ପଞ୍ଚାୟତରେ ଖଜୁରୀପୁଟ ଠାରେ ଦେଖିବାକୁ ମିଳିଛି। ଖଜୁରୀପୁଟ ଅନ୍ୟ ସାହି ଜୋନାଗୁଡ଼ାରେ ମୋଟ ପନ୍ଦର ପରିବାର ବସବାସ କରନ୍ତି। ଲୋକଙ୍କ ପାନୀୟ ଜଳ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଦୁଇ ବର୍ଷ ପୂର୍ବେ ଖଜୁରୀପୁଟ ଠାରେ ଗୋଟିଏ ନଳକୂପ ଖନନ କରାଯାଇଥିଲା। ହେଲେ କିଛି ମାସ ପରେ ସେ ନଳକୂପ ଅଚଳ ଅବସ୍ଥାରେ ପଡିରହିଛି। ଫଳରେ ଗ୍ରାମବାସୀ ମାନେ ବାଧ୍ୟ ହୋଇ ଚୁଆ, ପାଣି ଜଳ ବ୍ୟବହାର କରୁଛନ୍ତି କ୍ଷ ସୌର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ପାଣି ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ମାନଙ୍କ ତରଫରୁ ବିଭୁତି ଖରା, ରୋଇଲା, କ୍ରିଷ୍ଣାନି, ମୋତି ଖରା,ଧନୁର୍ଜ୍ୟୟ ଖରା,ଡମ୍ବୁଧର ଖରା ପ୍ରମୁଖ ଦାବୀ କରିଛନ୍ତି। ଏନେଇ ଗ୍ରାମ୍ୟଜଳ ଯୋଗଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏନେଇ କୌଣସି ଅଭିଯୋଗ ଆସିନାହିଁ, କିନ୍ତୁ ଅତିଶୀଘ୍ର ନଳକୂପ ମରାମତି କରାଯିବ ସମସ୍ୟା ସମାଧାନ କରାଯିବ କହିଛନ୍ତି। ସରକାର ବିଭିନ୍ନ ଗ୍ରାମାଞ୍ଚଳ ପାଇଁ ଅନେକ ଯୋଜନା ପ୍ରଣୟନ କରୁଥିଲେ ସୁଦ୍ଧା ସଠିକ୍ ବ୍ୟବହାର ଅବହେଳା ଯୋଗୁଁ ଅପହଞ୍ଚ ଇଲାକାରେ ଟୋପାଏ ପାଣି ସମସ୍ୟା ପାଇଁ ଛୁଆଁ ଉପରେ ନିର୍ଭର କରିଥାନ୍ତି କ୍ଷ ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପାନୀୟ ଜଳ ସମସ୍ୟା ଯୋଗାଇବା ନିମନ୍ତେ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ଶିକାରୀଙ୍କ ବିଦ୍ୟୁତ ତାର ସ୍ପର୍ଶରେ ଯୁବକ ମୃତ

ପଟ୍ଟାଙ୍ଗି,୧୯ା୨(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଦେଓପଟ୍ଟାଙ୍ଗି ଗ୍ରାମ ଜଙ୍ଗଲରେ ବାର୍‌ହା ଶିକାର ନିମନ୍ତେ ଲାଗିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯୁବକର ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ସମ୍ପର୍କୀୟ ଭାଇ ଦୀନବନ୍ଧୁ ଖରାଙ୍କ କହିବା ଅନୁଯାୟୀ ସକାଳୁ ଗ୍ରାମର ଏକ ବ୍ୟକ୍ତି ମୃତ୍ୟୁବରଣ କରିଥିବା ସ୍ଥାନରେ ଉପସ୍ଥିତ ରହିଥିଲେ। ଏହି ସମୟରେ ତାଙ୍କ ସମ୍ପର୍କୀୟ ଭାଇ ଜଗଦୀଶ ଖରା ନିକଟ ଜଙ୍ଗଲର ଲାଗିଥିବା ବିଦ୍ୟୁତରେ ଲାଗି ମୃତ୍ୟୁବରଣ କରିଥିବା ନେଇ ଖବର ପହଞ୍ଚିଥିଲା। ତୁରନ୍ତ ଗ୍ରାମବାସୀ ଏବଂ ପରିବାର ବର୍ଗ ମିଶି ସେଠାରେ ପହଞ୍ଚି ଦେଖିବା ସହ ଉକ୍ତ ଘଟଣା ନେଇ ପଟ୍ଟାଙ୍ଗି ପୋଲିସଙ୍କୁ ସୂଚନା ପ୍ରଦାନ କରିଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତ ଶରୀରଟିକୁ ଜବତ କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗିକୁ ସ୍ଥାନାନ୍ତର କରିଥିଲା। ଉକ୍ତ ଯୁବକ ଜଣକ କାହିଁକି ସେଠାକୁ ଯାଇଥିଲେ, ତାହା କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏଥିନେଇ ଅଧିକା ତଦନ୍ତ କରୁଛି। କିନ୍ତୁ ନିକଟବର୍ତ୍ତି ସ୍ଥାନରେ କୌଣସି ବିଦ୍ୟୁତ ସଂଯୋଗ ରହିଥିବା ବେଳେ ଉକ୍ତ ଜଙ୍ଗଲରେ ଜଙ୍ଗଲି ଘୁଷୁରୀ ଶିକାର କରିବା ନିମନ୍ତେ ଜିଆଇ ତାରରେ ବିଦ୍ୟୁତ ସଂଯୋଗ କରାଯାଇଥିବା ବେଳେ ଉକ୍ତ ଅଘଟଣ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏଥିନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକା ତଦନ୍ତ କରୁଥିବା ବେଳେ ମୃତ ଶରୀରଟିକୁ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।।

## ସେରୁବନ୍ଧ ଖଣି ଖନନ ପାଇଁ ଆସିଥିବା ଅଧିକାରୀଙ୍କୁ ବିରୋଧ



ପଟ୍ଟାଙ୍ଗି,୧୯ା୨(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକର ମାଳିପୁଟ ଠାରୁ ସେରୁବନ୍ଧ ପର୍ବତ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସହ ଉକ୍ତ ଅଞ୍ଚଳର ଥିବା ଜଙ୍ଗଲ କାଟିବା ନିମନ୍ତେ ନାଲ୍‌କୋର ଥିଲା ଯୋଜନା। କିନ୍ତୁ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପାଇ ଘଟଣା ସ୍ଥଳରେ ଶହ ଶହ ଲୋକ ପହଞ୍ଚି କାର୍ଯ୍ୟକ୍ରମକୁ କଲେ ଭଣ୍ଡୁର। ସୂଚନା ଅନୁଯାୟୀ, ଆଜି ନାଲ୍‌କୋର କିଛି ଅଧିକାରୀ ଏବଂ ପୋଲିସ ଓ ବ୍ଲକ ପ୍ରଶାସନ ଅଧିକାରୀ ଗଣ ମିଶି ୨୬ ନଂ ଜାତୀୟ ରାଜପଥ ମାଳିପୁଟ ଗ୍ରାମ ନିକଟରୁ ରାସ୍ତା ମରାମତି ଓ ଜଙ୍ଗଲରୁ ଗଛ କାଟିବା ନିମନ୍ତେ ଶୁଭ ଦେବାର ଯୋଜନା ନେଇ ପହଞ୍ଚିଥିଲେ। କିନ୍ତୁ ଉକ୍ତ ବିଷୟ ନେଇ ସେରୁବନ୍ଧ ସୁରକ୍ଷା ସମିତି ଓ ସ୍ଥାନୀୟ ଲୋକଙ୍କ ନିକଟରେ ସୂଚନା ମିଳିଥିଲା। ତୁରନ୍ତ ଶହ ଶହ ଲୋକ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ କାର୍ଯ୍ୟକ୍ରମ କରିବାକୁ ଦେଇ ନଥିଲେ। ଫଳରେ ଆସିଥିବା ଅଧିକାରୀ ଗଣ ଫେରିଯାଇଥିବା ନେଇ ଜଣାପଡିଛି। କାର୍ଯ୍ୟକ୍ରମ କରିବାକୁ ନ ଦେବା ନିମନ୍ତେ ଆଜି ଦିନ ତମାମ ଲୋକ ମାନେ ଜଗି ରହିଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ମଧ୍ୟ ଖଣି ଖନନକୁ ତୀବ୍ର ବିରୋଧ କରାଯିବ ବୋଲି ସେରୁବନ୍ଧ ସୁରକ୍ଷା ସମିତି ପକ୍ଷରୁ ପ୍ରତିକ୍ରିୟା ଦିଆଯାଇଛି। ଉକ୍ତ ସ୍ଥାନରେ ସେରୁବନ୍ଧ ସୁରକ୍ଷା ସମିତିର ସଦସ୍ୟ ଗଣ ଏବଂ ବିଭିନ୍ନ ଗ୍ରାମବାସୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୂତନ କୋଠାରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ



ରାୟଗଡ଼ା,୧୯ା୨(ସମିସ): ଆଜି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଦ୍ୱାରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୂତନ କୋଠାରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟା ୩୦ ମିନିଟ୍ ସମୟରେ ପୂଜକ ବଡ଼ବାବୁ କାଳିଚରଣ ରଥଙ୍କ ମନ୍ତ୍ର ପାଠ ଓ ଦେବ କାର୍ଯ୍ୟ ହୋମଯଜ୍ଞ ସହ ପୂଜା ଅର୍ଚ୍ଚନା କରାଯାଇଥିଲା। ପ୍ରାୟ ୩କୋଟି ୬୧ଲକ୍ଷ ୭୮ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି କୋଠାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଫେବୃଆରୀ ୨ ତାରିଖରେ ଉଦ୍‌ଘାଟିତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିହାର ରଞ୍ଜନ କହଁର, ଡେପୁଟି କଲେକ୍ଟର ନିର୍ମଳ ସାହୁ, ସହକାରୀ ଜିଲ୍ଲାପାଳ ମାନଭଂଜନ କହଁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସହକାରୀ ଜିଲ୍ଲାସୂଚନା ଅଧିକାରୀ ଦେବରାଜ ଟାକ୍ରୀ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଏନ ଗୁଣ ଶେଖର, ଜିଲ୍ଲା କ୍ରୀଡ଼ା ଅଧିକାରୀ ସେଖ ଆଲେନୁର, ଡେପୁଟି କଲେକ୍ଟର ବିଚିତ୍ରସେଠୀ, ଲିପ୍ସା ପଟେଲ,ରଶ୍ମିରେଖା ବିଷୋୟୀ,ଶିବ ପ୍ରସାଦ ସାହୁ, ନୂତନ ଭାବେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଯୋଗଦେଇ ଥିଲେ। ଏହାପରେ ନୂତନ କୋଠାରେ ନିର୍ମିତ ସଭାଗୃହରେ ଏକ ଷ୍ଟାଫ ମିଟିଙ୍ଗ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ସମସ୍ତ ବିଭାଗୀୟ କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା କରି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ସମସ୍ତଙ୍କୁ ନିଷ୍ଠାପର ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ଛାତ୍ରାବାସରେ ପିଅନଙ୍କ ଆତ୍ମହତ୍ୟା

ନନ୍ଦପୁର,୧୯ା୨(ସମିସ): ନନ୍ଦପୁର ବ୍ଲକ ଅନ୍ତର୍ଗତ ମାଛକୁଣ୍ଡ ଥାନା ଅଧୀନ ଜବାଗଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରାବାସରେ ଗତ ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଯାହାକୁ ନେଇ ଛାତ୍ରବାସରେ ଆତଙ୍କ ଖେଳାଯାଇଛି। ଛାତ୍ରାବାସ ପିଅନ ଅଣ୍ଟାବିର ଗାଁର ଶିବ ନାୟକ ବେକରେ କପଡା ଦେଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଏ ନେଇ ଜବାଗଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଖୋସଲା ସ୍ଥାନୀୟ ମାଛକୁଣ୍ଡ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଲିଖିତ ଏତଲା ଅନୁସାରେ ପ୍ରତି ଦିନ ଭଳି ଶିବ ରାତିରେ ଛାତ୍ରମାନଙ୍କୁ ଖାଇବାକୁ ଦେଇ ସାରିବା ପରେ ବିଦ୍ୟାଳୟର ଅଫିସ୍ ରୁମ୍‌କୁ ଯାଇ ଭିତର ପଟୁ କବାଟ ଦେଇ ଶୋଇଥିଲେ। ପରଦିନ ସକାଳୁ ଛାତ୍ରାବାସରେ ଶିବକୁ ଛାତ୍ର ଓ ଶିକ୍ଷକ ମାନେ ଦେଖିବାକୁ ନପାଇ ତାକୁ ଏଣେ ତେଣେ ଖୋଜା ଖୋଜି କରିଥିଲେ। ଖୋଜିବା ସମୟରେ ତା ନିଜ ରୁମ୍‌ରେ ଗାଡିଥିବା ଦେଖିଥିଲେ ଓ ପରେ ଅଫିସ୍ ରୁମ୍ କବାଟ ବନ୍ଦ ଥିବା ଦେଖିଥିଲେ। କିନ୍ତୁ କବାଟ ନ ଖୋଲିବାରୁ ସନ୍ଦେହରେ ସ୍ଥାନୀୟ ସରପଞ୍ଚଙ୍କୁ ଏ ବିଷୟରେ ଅବଗତ କରାଇ ତାଙ୍କ ଉପସ୍ଥିତିରେ କବାଟକୁ ଭାଙ୍ଗିଥିଲେ। ଶିବକୁ ଅଫିସ ରୁମ୍ ଭିତରେ ଝୁଲନ୍ତା ଅବସ୍ଥାରେ ଦେଖି ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବାବେଳେ ମାଛକୁଣ୍ଡ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବଜବତକରିତଦନ୍ତଆରମ୍ଭକରିଥିବାଜଣାପଡିଛି।

## ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କ କୃତିତ୍ୱ



ଚନ୍ଦାହାଣ୍ଡି,୧୯ା୨(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଝାଲିଆପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଭାଗ୍ୟଶ୍ରୀ ଖମାରୀ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଭାଗ୍ୟଶ୍ରୀ ଖମାରୀ ହେଉଛନ୍ତି ଝାଲିଆପଡା ଗ୍ରାମର ତନୁରାମ ଖମାରୀ ଓ ସସ୍ମିତା ଖମାରୀଙ୍କ ଝିଅ। ତାଙ୍କର ଏହି ସଫଳତାକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ବେଶ୍ରା ସହକର୍ମୀ ଲକ୍ଷ୍ମଣ ମାଝୀ ଓ ପରିଚାଳନା କମିଟି ଖୁସି ହେବା ସହ ଭାଗ୍ୟଶ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

# ୨୪ରୁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା



➤ ଜିଲ୍ଲା ହସ୍ପିଟାଲରେ ଆରମ୍ଭ ହେବ
➤ ଚିକିତ୍ସା କରିବେ ରାଜ୍ୟର ବିଶେଷଜ୍ଞ ଡାକ୍ତରୀ ଦଳ

ମାଲକାନଗିରି,୧୯ା୨(ସମିସ): ମାଲକାନଗିରି ଜିଲ୍ଲା ହସ୍ପିଟାଲରେ ଆସନ୍ତା ୨୪ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ଆରମ୍ଭ ହେବାକୁ ଯାଉଛି। ରାଜ୍ୟର ବିଶେଜ୍ଞ ବରିଷ୍ଠ ଡାକ୍ତର ମାନେ ଉପସ୍ଥିତ ରହି ରୋଗୀ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବେ। ସେଥି ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଯାଇଛି। ଜିଲ୍ଲା ହସ୍ପିଟାଲର ମୁଖ୍ୟ ଅଧିକ୍ଷକ ଡ. ଚୌଧୁରୀ ନିହାର ରଞ୍ଜନ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବରିଷ୍ଠ ଡାକ୍ତରଙ୍କ ସହ ଡାକ୍ତରଖାନା ପରିଚାଳକ ଏବଂ ବରିଷ୍ଠ ସେବିକାଗଣ ଉପସ୍ଥିତ ରହିଥିଲେ। ଏହି ଶିବିରରେ ରାଜ୍ୟସ୍ତରୀୟ ବିଶେଷଜ୍ଞ ଡାକ୍ତର ଯଥା ସ୍ନାୟୁ ରୋଗ ବିଶେଷଜ୍ଞ, ହୃଦ୍‌ରୋଗ ବିଶେଷଜ୍ଞ, ବୃକ୍କ ରୋଗ ବିଶେଷଜ୍ଞ, ପାଚନତନ୍ତ୍ର ରୋଗ ବିଶେଷଜ୍ଞ, ଅନ୍ତଃସ୍ରାବୀ ରୋଗ ବିଶେଷଜ୍ଞ, ଲଓପାରୋସ୍କୋପି ଏବଂ ଶଲ୍ୟ ବିଶେଷଜ୍ଞ ପ୍ରମୁଖ ଡାକ୍ତରୀ ଦଳ ଯୋଗଦେଇ ଚିକିତ୍ସା ସେବା ସହ ଅସ୍ତ୍ରୋପ୍ରଚଓର କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଜିଲ୍ଲାବାସୀଙ୍କୁ ସଚେତନତା ସହ ଶିବିରରେ ଆସୁଥିବା ବିଶେଷଜ୍ଞ ଡାକ୍ତର ସମ୍ପର୍କିତ ବାର୍ତ୍ତା ଦେବା ନିମନ୍ତେ ୭ଟି ବ୍ଲକ ଓ ମାଲକାନଗିରି ସହରାଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରାଯିବା ବ୍ୟବସ୍ଥା କରାଯାଇଛି। ଏହି ଶିବିରକୁ ଅଧିକରୁ ଅଧିକ ରୋଗୀ ଯୋଗଦେଇ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିକିତ୍ସା ସେବାର ଲାଭ ଉଠାଇବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଚଳିତ ମାସ ୨୪ ତାରିଖଠାରୁ ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିରର ଲାଭ ଉଠାଇବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୋଳମଣି ପ୍ରଧାନ ସୂଚନା ଦେଇଛନ୍ତି।

## ଚିତ୍ର ଆଙ୍କି ସ୍ୱାବଲମ୍ବୀ ଶିଳ୍ପୀରାଣୀ



ଉମରକୋଟ,୧୯ା୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ୱାର୍ଡ ନମ୍ବର ୧୨ଯୁଭି ୩ ଡଙ୍ଗରିଗୁଡାର ସ୍ୱର୍ଗତ ସଦାନନ୍ଦ ବିଶ୍ୱାସଙ୍କ ଝିଅ ଶିଳ୍ପୀରାଣୀ ବିଶ୍ୱାସ। ଶିଳ୍ପୀରାଣୀର ପିଲାଟି ଦିନରୁ ଚିତ୍ର କରିବାର ଯେଉଁ ନିଶା ଥିଲା, ତାହାକୁ ପେଷାରେ ବଦଳାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ। ପାଠ ଶେଷ ପରେ ଚାକିରି ପଛରେ ନ ଗୋଡ଼ାଇ ନିଜେ ସ୍ୱାବଲମ୍ବୀ ହେବାକୁ ମନ ବଳାଇଥିଲେ। ଶିଳ୍ପୀରାଣୀ ବିଶ୍ୱାସ ଜଣେ ଉଚ୍ଚ ଶିକ୍ଷିତ ଯୁବତୀ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି ଓ ଦିନେ ୟୁ ଟ୍ୟୁବ୍‌ରୁ ମଣ୍ଡଳା ଆର୍ଟ ସମ୍ପର୍କରେ ଜାଣି ତାହାକୁ ଶିଖିବା ପରେ ପରୀକ୍ଷା ମୂଳକଭାବେ ଏକ ଚିତ୍ର କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଯାହା ଅନେକ ପ୍ରଶଂସା ସାଉଣ୍ଟିଥିଲା। ସେହି ସୋସିଆଲ ମିଡିଆର ପୋଷ୍ଟ ଓ ଅନେକ ଲୋକ ନିଜ ଘର ପାଇଁ ଅର୍ଡର ଦେଇଥିଲେ। ଧୀରେ ଧୀରେ ଲୋକଙ୍କ ଅର୍ଡର ସଂଖ୍ୟା ବଢ଼ିବାରେ ଲାଗିଲା। ବର୍ତ୍ତମାନ ସୁଦ୍ଧା ଶିଳ୍ପୀରାଣୀ ୮୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଚିତ୍ର କରି ବିକ୍ରି କରିସାରିଲେଣି। ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ନିଜେ ଅନେକ ଚିତ୍ରକରି ତାହାକୁ ବିକ୍ରି କରିଛନ୍ତି। ଉମରକୋଟ ଭଳି ଦୁର୍ଗମ ଅଞ୍ଚଳର ଜଣେ ଶିଳ୍ପୀଙ୍କ ଚିତ୍ର ଏବେ ଦେଶ ବାହାରେ ମଧ୍ୟ ଆଦୃତ ହୋଇପାରିଛି। ଶିଳ୍ପୀରାଣୀଙ୍କ ହାତ ତିଆରି ଜଗନ୍ନାଥ ଚିତ୍ରର କାନାଡା, ଅଷ୍ଟ୍ରେଲିଆ ଓ ଦୁବାଇରେ ବେଶ୍ ଚାହିଦା ରହିଛି। ଏହାଦ୍ୱାରା ବେଶ୍ ଭଲ ଅର୍ଥ ମଧ୍ୟ ରୋଜଗାର ହେଉଥିବା ଶିଳ୍ପୀରାଣୀ ବିଶ୍ୱାସ କହିଛନ୍ତି। ଦେଶ ବାହାରୁ ଆସିଥିବା ଅର୍ଡରର କାମ ଚାଲିଛି। ଖୁବ ଶୀଘ୍ର ସେଗୁଡିକ ପୋଷ୍ଟାଲ ମାଧ୍ୟମରେ ପଠାଇବି ବୋଲି କହିଛନ୍ତି। ଏହି ଚିତ୍ର ପାଇଁ ବ୍ୟବହୃତ ରଙ୍ଗ ପରିବେଶ ଉପଯୋଗୀ ହୋଇଥିବା ବେଳେ କଞ୍ଚାମାଲ ସବୁ ଦିଲ୍ଲୀରୁ ଆଣିବାକୁ ପଡୁଛି ବୋଲି ଶିଳ୍ପୀରାଣୀ କହିଛନ୍ତି। ଆଗାମୀ ଦିନରେ ଆର୍ଟ କ୍ଲାସ୍ ଖୋଲିବା ସହ ସ୍ଥାନୀୟ ଯୁବକ ଯୁବତୀଙ୍କୁ କର୍ମ ଯୋଗାଇବା ଲକ୍ଷ୍ୟ ରଖୁଥିବା ଶିଳ୍ପୀରାଣୀ କହିଛନ୍ତି। ଶିଳ୍ପୀରାଣୀଙ୍କ ଚିତ୍ରର ଏକ ସ୍ୱତନ୍ତ୍ରତା ରହିଛି। ଆମ ଅଞ୍ଚଳର କଳାକୃତି ଦେଶ ବାହାରେ ଯାଉଛି ; ଯାହାକି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ଗର୍ବର ବିଷୟ ପାଲଟିଛି। ଏହି ପ୍ରୟାସ ଜାରି ରଖୁଲେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି କ୍ରେତା ଏବଂ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି। ଏହି ମଣ୍ଡଳା ଆର୍ଟ ପାଇଁ ଉତ୍ସାହ ଓ ସହଯୋଗ କରିଥିବାରୁ ମାଁ ନିଳିମା ବିଶ୍ୱାସ, ଭାଇ ରିଷି ବିଶ୍ୱାସ, ଅଙ୍କିତା ହାଲଦାର , ପ୍ରତିଜ୍ଞା ପଟ୍ଟନାୟକ, କୋସିକ ମିର୍ଦ୍ଧା, ଅଞ୍ଜନ ହାଲଦାର, ଆଶିଷ ମହାପାତ୍ର ଓ ସାନ୍ତନୁ ସାହୁଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

## ସୁନାଚେନ୍ ଲୁଟ ଘଟଣାରେ ୨ ଗିରଫ

ମୁନିଗୁଡା, ୧୯ା୨(ସମିସ): ମୁନିଗୁଡା ସହରର ଗୁଣ୍ଡିଚାନଗର ଛକରେ ଘରେପଶି ଛୁରୀରେ ଆକ୍ରମଣ ସହ ସୁନାଚେନ୍ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ମୁନିଗୁଡା ପୁଲିସ। ଏହି ଘଟଣାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଲୁଟ୍ ସୁନା ଉଦ୍ଧାର କରି ସଂପୃକ୍ତ ପରିବାରକୁ ଫେରାଇଛି ପୁଲିସ। ଗତ ଡିସେମ୍ବର ୧୩ ତାରିଖ ସନ୍ଧ୍ୟାରେ ଘରଭଡା ବାହାନାରେ ଅଜୟ କୁମାର ରାଉତଙ୍କ ଘରେ ୨ ଜଣ ଯୁବକ ପଶି ତାଙ୍କ ସ୍ତ୍ରୀଙ୍କୁ ଛୁରୀରେ ଆକ୍ରମଣ କରିବା ସହ ବେକରେ ପିନ୍ଧିଥିବା ସୁନା ଚେନ ଲୁଟି ନେଇଥିଲେ। ଏ ନେଇ ଅଜୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏତଲାକୁ ଭିତ୍ତି କରି ପୁଲିସ ତଦନ୍ତକରି ଲୁଟ୍ ସୁନା ଉଦ୍ଧାର କରି ହସ୍ତାନ୍ତର କରିବା ସହ ଅଭିଯୁକ୍ତ ଯୁଧିଷ୍ଠି କୈଶଲ୍ୟା ଓ ରୋହିତ ହିଆଲକୁ ଗିରଫକରି କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ସୁନା ଫେରି ପାଇବା ପରେ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି ଅଜୟ କୁମାର ରାଉତ।

## ଜଗନ୍ନାଥ ସାଗର ପୁନରୁଦ୍ଧାର ଦୁର୍ନୀତି ଅଭିଯୋଗ

# ପୌର ଅଧ୍ୟକ୍ଷ ଇସ୍ତଫା ଦିଅନ୍ତୁ : ପୂର୍ବତନ ପୌର ଉପାଧ୍ୟକ୍ଷ



ଜୟପୁର, ୧୯ା୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ରାଜନୀତି ସରଗରମ ହୋଇଯାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଉପାଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ରଥ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ପୌରସଂସ୍ଥାର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଜଣେ ଲୋକ ପ୍ରତିନିଧି ଏବଂ ଦାୟିତ୍ୱ ସମ୍ପନ୍ନ ପଦବୀରେ ରହିଥିଲେ ସୁଦ୍ଧା ନିଜ ବ୍ୟକ୍ତିଗତ ବ୍ୟବସାୟିକ ସାମ୍ରାଜ୍ୟକୁ ବଞ୍ଚାଇ ରଖିବା ପାଇଁ ହାଇକୋର୍ଟ ଭଳି ଏକ ପବିତ୍ର ସଂସ୍ଥାକୁ ବିଭ୍ରାନ୍ତ କରିବା ସହିତ ମିଥ୍ୟା ସତ୍ୟପାଠ ମାଧ୍ୟମରେ ରୁଟ ପରମିଟ ହାସଲ କରିବା ଏକ କଳଙ୍କ ଇତିହାସ ସୃଷ୍ଟି କରିବା ସହିତ ଜୟପୁର ସହରର ପାଇଁ ଏହା ଦୁର୍ଭାଗ୍ୟ ଜନକ ବୋଲି ଅଭିଯୋଗ କରିବା ସହିତ ତୁରନ୍ତ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ନୈତିକତା ଦୃଷ୍ଟିରୁ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏହିପରି ନିଜ ମାଲିକାନାରେ ରହିଥିବା ଘରୋଇ ବସର ଅସ୍ଥାୟୀ ରୁଟ ପରମିଟ ସ୍ଥାୟୀ କରିବା ନେଇ ନିର୍ଦ୍ଧାରିତ ସମୟରେ ଆବେଦନ କରିନଥିବା ଯୋଗୁଁ ଉକ୍ତ ଅସ୍ଥାୟୀ ପେରମିଟ ଖାରଜ ହୋଇଯାଇଥିଲା। କିନ୍ତୁ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ମାଧ୍ୟମରେ ବିଶାଖପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଏପ୍ରିଲ ମାସରୁ ଜୁଲାଇ ମାସ ପର୍ଯ୍ୟନ୍ତ ଦୀର୍ଘ ୧୦୬ ଦିନ ଚିକିତ୍ସିତ ହେଉଥିବା ନେଇ ଲିଖିତ ଭାବେ ଜଣାଇଥିଲେ। ଯଦି ସେ ସେଠାରେ ଚିକିତ୍ସା ହେଉଥିଲେ ଉକ୍ତ ଦୀର୍ଘ ୩ ମାସ ପର୍ଯ୍ୟନ୍ତ ଜୟପୁର ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ପୌରସଂସ୍ଥା ଓ ସରକାରୀ କାର୍ଯ୍ୟକ୍ରମରେ କିଭଳି ଉପସ୍ଥିତ ରହି ସଭା ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିଥିଲେ। ଏହିପରି ଏହା ବାବଦକୁ ଗସ୍ତଖର୍ଚ୍ଚ ବାବଦକୁ ପୌରସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ୪ ଚକିଆ ଯାନରେ ପେଟ୍ରୋଲ କିମ୍ବା ଡିଜେଲ ବାବଦକୁ ଟଙ୍କା କିଭଳି ପୈଠ କରାଯାଇଛ ବୋଲି ପ୍ରଶ୍ନ କରିବା ସହିତ ଏହା ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି। ଏହି ଅଭିଯୋଗ ନେଇ ପୂର୍ବରୁ ଜଗତଜନନୀ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। କିନ୍ତୁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟୀତ୍ୱରେ ଜଣେ ଯୁବ ମହିଳା ଭାରତୀୟ ପ୍ରଶାସନିକ ଅଧିକାରୀ ରହିଥିବା ବେଳେ ଏହାର ତଦନ୍ତ ନ କରିବା ଏବଂ ଚୁପ ରହିବାର କାରଣ କଣ ବୋଲି ପୂର୍ବତନ ଉପାଧ୍ୟକ୍ଷ ଶ୍ରୀ ରଥ ପ୍ରଶ୍ନ କରିଛନ୍ତି। ଏହିପରି ଜଗନ୍ନାଥ ସାଗର ଉନ୍ନତୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ଦେଖାଇ ଅଧିକାଂଶ ଟଙ୍କା ନିର୍ମାଣକାରୀ ସଂସ୍ଥା ଉପାଧ୍ୟକ୍ଷ ଶ୍ରୀ ରଥ ଅଭିଯୋଗ କରିଛନ୍ତି। ଏହିପରି ବିଜେଡି ଦଳ ପକ୍ଷରୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ୍ନ ବିଭାଗିୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଏହାର ତଦନ୍ତ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବ। ଅନ୍ୟଥା

### ନିଜ ବ୍ୟବସାୟକୁ ବଞ୍ଚାଇବା ପାଇଁ ମିଥ୍ୟା ସତ୍ୟପାଠ

ପୌରସଂସ୍ଥା ପକ୍ଷରୁ ଆରସାତ କରାଯାଇଛି। ବର୍ତ୍ତମାନ ଜଗନ୍ନାଥ ସାଗରର ଉନ୍ନତିମୂଳକ କାର୍ଯ୍ୟ ସମ୍ପନ୍ନ କରିବା ପୌରସଂସ୍ଥାର ଉଦ୍ଦେଶ୍ୟ ନାହିଁ। ଏହାର ପୁନଃଉଦ୍ଧାର ନାମରେ ବିଭିନ୍ନ ସଂସ୍ଥାର ପାଣ୍ଠି ଓ ରାଜ୍ୟ ସରକାରଙ୍କ ପାଣ୍ଠି ଲୁଟ କରିବାର ଜଗନ୍ନାଥ ସାଗର ମୁଖ୍ୟ ଉତ୍ସ ପାଲଟିଛି। ଏହି ଦୁର୍ନିତୀରେ ସିଧାସଳଖ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ସଂଶ୍ଳିଷ୍ଟ ରହିଥିବା ବେଳେ ଜୟପୁର ବିଧାୟକ ମଧ୍ୟ ଏଥିର ସଂଶ୍ଳିଷ୍ଟ ରହିଛନ୍ତି। ନଚେତ ସାଧାରଣ ସଭା ବୈଠକରେ ପୌରଅଧ୍ୟକ୍ଷ ଶ୍ରୀ ମହାନ୍ତି କୌଣସି ଦୁର୍ନିତୀ କରିଲେ ତାଙ୍କୁ ତୁରନ୍ତ ପଦବୀରୁ ହଟାଇବାକୁ ଦାବି କରିବେ ବୋଲି ଭାଷଣବାଜି କହୁଥିବା ବିଧାୟକ ବର୍ତ୍ତମାନ ଜଗନ୍ନାଥ ସାଗର ଏବଂ ପୌରସଂସ୍ଥାର ଦୁର୍ନୀତି ବିରୋଧରେ କୌଣସି ମନ୍ତବ୍ୟ ନ ଦେବା ସ୍ପଷ୍ଟ କରୁଛି ବୋଲି ପୂର୍ବତନ ଆଗାମୀ ଦିନରେ ଜୟପୁରରେ ବିଜେଡି ଦଳ ପକ୍ଷରୁ ଏକ ଜୋରଦାର ଆନ୍ଦୋଳନ କରିବା ସହିତ ପୌର ଅଧ୍ୟକ୍ଷ ନିଜ ପଦବୀରୁ ଇସ୍ତଫା ଦେବା ବାଧ କରାଯିବ। ଅନ୍ୟଥା ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ତାଙ୍କୁ ଭୋଟ ଦେଇ ଜୟଯୁକ୍ତ କରିଥିବା ସହର ବାସିନ୍ଦାଙ୍କୁ ସାଧାରଣରେ କ୍ଷମା ପ୍ରାର୍ଥନା କରିବା ସହିତ ନିଜ ଦୋଷକୁ ସ୍ୱୀକାର କରୁନ୍ତ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜୟପୁର ନଗର ବିଜେଡି ସଭାପିତ ଏ. ଶ୍ରୀନିବାସ ରାଓ ଉପସ୍ଥିତ ରହିଥିଲେ। ଏଥିନେଇ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କୁ ମତାମତ ନେଇ ଯୋଗାଯୋଗ କରିବାରୁ ଆଗାମୀ ଦିନରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟରେ ଏହି ଅଭିଯୋଗର ସମସ୍ତ ଉତ୍ତର ଦେବା ସହିତ ଖୁଲାସା କରିବି ବୋଲି କହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ମାନବାଧିକାର ଉଲ୍ଲଙ୍ଘନ ଓ ମର୍ଯ୍ୟାଦାର ହନନ କରୁଥିବା ବାଲ୍ୟବିବାହ ପରମ୍ପରାକୁ ଆମ ସମାଜ ଗ୍ରହଣ କରିନେଇଛି । ଏହାଠାରୁ ବଳି ଦୁର୍ଭାଗ୍ୟଜନକ ବିଷୟ ଆଉ କ'ଣ ହୋଇପାରେ?
-ନୋବେଲ୍ ବିଜେତା କୈଳାସ ସତ୍ୟାର୍ଥୀ

## 'ଗାଲଗୋଟିଆସ'ର ଗୋଳ

ବିଶ୍ୱଗୁରୁ ହେବାର ଆକାଂକ୍ଷା ଓ ବାସ୍ତବତା ମଧ୍ୟରେ ଯେ ଆକାଶପାତାଳ ଫରକ ରହିଛି, ତାହା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍'ରେ ପ୍ରମାଣିତ ହୋଇଛି । ଚୀନ୍‌ରେ ନିର୍ମିତ କୁକୁର ଆକୃତିର ଏକ ରୋବୋଟ୍(ରୋବୋଡଗ୍)କୁ ନିଜସ୍ୱ ନାମ(ଓରିଅନ୍) ଦେଇ ଗାଲଗୋଟିଆସ ବିଶ୍ୱବିଦ୍ୟାଳୟ ନିଜସ୍ୱ ଉତ୍କର୍ଷ କେନ୍ଦ୍ରର ଉଦ୍‌ଭାବନ ବୋଲି ଚଳିତ ବୈଶ୍ୱିକ ଏଆଇ ସମ୍ମିଳନୀରେ ପ୍ରଦର୍ଶିତ କରି ଧରାପଡ଼ିଯିବା ପରେ ସମ୍ମିଳନୀରୁ ବହିଷ୍କୃତ ହୋଇଛି । ଅନୁଷ୍ଠାନର କ୍ଷମାପ୍ରାର୍ଥନା କିମ୍ବା ସ୍ପଷ୍ଟୀକରଣ ଏହି ଅପମାନଜନକ ଘଟଣାରେ ପୂର୍ଣ୍ଣଛେଦ ଟାଣିପାରିନାହିଁ, ବରଂ ଏକ ଅବାଞ୍ଛିତ ଅଧ୍ୟାୟର ଆରମ୍ଭ କରିଛି । ଏହି ଘଟଣା ପରେ ଭବିଷ୍ୟତରେ ଭାରତର ପ୍ରତିଟି ଉଦ୍‌ଭାବନକୁ ବିଶ୍ୱ ସନ୍ଦେହଚକ୍ଷୁରେ ଦେଖିବ ଏବଂ ପ୍ରଶ୍ନ କରିବ - 'ଏହା ତୁମର ନିଜସ୍ୱ ଜ୍ଞାନକୌଶଳ ନା ଅନୁକରଣ?' ସେତେବେଳେ ସମ୍ପୂର୍ଣ୍ଣ ନିଷ୍ଠା ଓ ସାଧୁତାପୂର୍ଣ୍ଣ ଅଧ୍ୟବସାୟରେ ବିକଶିତ ଉତ୍ପାଦର ଉଦ୍ଭାବକଟିର ମନ ଓ ପ୍ରାଣକୁ ଯେଉଁଭଳି ପ୍ରଚଣ୍ଡ ଆଘାତ ଲାଗିବ ତାହାର ଭରଣା କରିବ କିଏ? ଏଆଇରେ ବିଶ୍ୱରେ ତୃତୀୟ ଅଗ୍ରଣୀ ଦେଶ ଭାବରେ ଭାରତ ଖୁବ୍‌ଶୀଘ୍ର ଉଭା ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ଗାଲଗୋଟିଆସର ଗୋଲମାଲିଆ କାରବାର କେବଳ ଫିକା କରିଦେଇନାହିଁ, ବରଂ ବିଶ୍ୱ ଦରବାରରେ ଭାରତକୁ ଲୋକହସା କରିବା ସାର ହୋଇଛି । ଏଥିସହିତ ଜାତୀୟ ସ୍ୱାର୍ଥ ଓ ଭାବମୂର୍ତ୍ତି ଜଡ଼ିତ ଥିବାରୁ ସମ୍ମିଟ୍‌ରୁ ବହିଷ୍କାର ଦଣ୍ଡ ଯଥେଷ୍ଟ ନୁହେଁ, ଦୃଷ୍ଟାନ୍ତମୂଳକ ଭାବେ ଆହୁରି କଠୋର ଦଣ୍ଡବିଧାନର ଆବଶ୍ୟକ ରହିଛି ।

ଏହି ସ୍ଥୂଳ ଘଟଣାରୁ ଯେଉଁ ସୂକ୍ଷ୍ମ ଅନୁଭବ ଓ ସନ୍ଦେଶଟିଏ ମିଳୁଛି ତାହା ହେଲା ବ୍ୟାଖ୍ୟାନ ଓ ଦକ୍ଷତା, ପ୍ରଦର୍ଶନ ଓ ଉତ୍ପାଦନ, ଆକାଂକ୍ଷା ଓ ସାମର୍ଥ୍ୟ ଭିତରେ ଅନେକ ଫରକ ରହିଛି । ଉଚ୍ଚତର ଗବେଷଣା ଓ ଅଧ୍ୟୟନ ଲକ୍ଷ୍ୟରେ ବିଶ୍ୱବିଦ୍ୟାଳୟମାନ ଗଠନ କରାଯାଇଛି ଏବଂ ଏଥିପାଇଁ ପ୍ରଧ୍ୟାପକମାନେ ମୋଟା ଅଙ୍କର ଅର୍ଥରାଶି ଦରମା ଆକାରରେ ପାଉଛନ୍ତି । ଏହାଛଡ଼ା ଫେଲୋସିପ୍ ଜରିଆରେ ମିଳୁଥିବା ଅର୍ଥର ମଧ୍ୟ ଅଭାବ ନାହିଁ । କିନ୍ତୁ ଶିକ୍ଷାର ସର୍ବୋଚ୍ଚ ମନ୍ଦିର ରୂପେ ଅଭିହିତ ବିଶ୍ୱବିଦ୍ୟାଳୟଗୁଡ଼ିକ ଯଦି ଗବେଷଣା, ଆବିଷ୍କାର, ଉଦ୍ଭାବନ, ବିକାଶକୁ ଗୁରୁତ୍ୱ ଦେବା ବଦଳରେ ବ୍ୟାଖ୍ୟାନକୁ ଅଗ୍ରାଧିକାର ଦିଅନ୍ତି ତେବେ ଭାରତର ବିଶ୍ୱଗୁରୁ ଘୋଷଣା କେବଳ ପ୍ରହସନ ହୋଇ ରହିଯିବ ।

ଏହି ଲଜ୍ଜାଜନକ ଘଟଣା ପରେ ଗାଲଗୋଟିଆସ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି ଯେ ବିଶ୍ୱରେ ଏଆଇ ଓ ରୋବୋଟିକ୍ ଜ୍ଞାନକୌଶଳ କେଉଁ ଉଚ୍ଚସ୍ତରକୁ ଗଲାଣି ତାହା ଦେଖାଇବା ପାଇଁ(ଡେମୋ) ରୋବୋଡଗ୍ ପ୍ରଦର୍ଶନ କରାଯାଇଥିଲା । ବିଶ୍ୱରେ ପ୍ରତିକ୍ଷଣରେ କ'ଣ ଘଟୁଛି ତାହା ଇଣ୍ଟରନେଟ୍ ଯୋଗେ ବିଶ୍ୱ ଜନସମାଜର ସବୁସ୍ତରରେ ପହଞ୍ଚିପାରୁଛି । ତେଣୁ ଗାଲଗୋଟିଆସର ସ୍ପଷ୍ଟୀକରଣରୁ ତା'ର ବିବଶତା, ନିଃସହାୟତା ଓ ହାସ୍ୟାସ୍ପଦ ଆତ୍ମରକ୍ଷା ଉଦ୍ୟମ ବୋଲି କୁହାଯାଇପାରେ । ପୁଣି ଯଦି ବିଶ୍ୱବିଦ୍ୟାଳୟଗୁଡ଼ିକ ଏଭଳି ଡେମୋର ଡ୍ରାମା ପେଣ୍ଡାଲ୍ ବା ନାଟକ ମଞ୍ଚ ହୋଇ ରହିଯିବେ ତେବେ ସେଥିରୁ ବୈଜ୍ଞାନିକ, ଉଦ୍ଭାବକ ବଦଳରେ କେବଳ କଳାକାରମାନେ ବାହାରିବେ, ଯେଉଁମାନେ ଭଲ ବ୍ୟାଖ୍ୟାନ ସୃଷ୍ଟି କରିପାରୁଥିବେ ଏବଂ ସେହି ବ୍ୟାଖ୍ୟାନ ବଳରେ ଭାରତକୁ ବିଶ୍ୱଗୁରୁରେ ପରିଣତ କରିବାର ସ୍ୱପ୍ନ ଦେଖୁଥିବେ । ଯଦି ଏହି ଦୃଷ୍ଟିକୋଣରେ ଯଥାଶୀଘ୍ର ପରିବର୍ତ୍ତନ ନ ଆସେ ତେବେ ବିଶ୍ୱର ଅଗ୍ରଣୀ ବୈଷୟିକ କମ୍ପାନୀମାନେ ଚାହୁଁଥିବା ଭଳି ଭାରତ ଆହୁରି ଶହେ ବର୍ଷ ପର୍ଯ୍ୟନ୍ତ କେବଳ ଉପଭୋକ୍ତା ଦେଶ ହୋଇରହିଯିବ ।

ଆମ ନୀତି ନିର୍ଦ୍ଧାରଣର ଆଉ ଏକ ସମସ୍ୟା ହେଲା ଆମେ ଦୂରଦୃଷ୍ଟିର ଅର୍ଥକୁ କେବଳ ପଠନ ଦୃଶ୍ୟମାନତା ବା ଆଖିର ଦକ୍ଷତାରେ ସୀମିତ କରିଦେଉଛୁ । ଏଆଇ ଯୁଗରେ ଏହି ଚିନ୍ତାଧାରାରେ ପରିବର୍ତ୍ତନ ହିଁ ପ୍ରଥମ ଆବଶ୍ୟକତା । ଭାରତ ଓ ଚୀନ୍ ପ୍ରାୟ ଏକାସମୟରେ 'ମେକ୍ ଇନ୍ ଇଣ୍ଡିଆ' ଓ 'ମେକ୍ ଇନ୍ ଚାଇନା' ଅଭିଯାନ ଆରମ୍ଭ କରିଥିଲେ । ଆଜି ଚୀନ୍ ଆମଠାରୁ ଅଭାବନୀୟ ଅଗ୍ରଣୀ ହାସଲ କରିବା ପଛର କାରଣ ହେଉଛି ଆମେ ଅଧିକରୁ ଅଧିକ ପ୍ରଚାର ପ୍ରସାରରେ ମାତିଥିବା ବେଳେ ଚୀନ୍ ନିରବରେ ଏପରିକି ଗୁପ୍ତରେ ତାହାର ନିର୍ମାଣ ଓ ନବସୃଜନ କାର୍ଯ୍ୟକ୍ରମ ଜାରି ରଖିଥିଲା । ଗାଲଗୋଟିଆସ ଘଟଣା ଏହି ତ୍ରୁଟିକୁ ପଦାରେ ପକାଇ ଦେଇ ଆତ୍ମସମୀକ୍ଷାର ସୁଯୋଗଟିଏ ସୃଷ୍ଟି କରିଛି ।

ଏହି ପୃଷ୍ଠଭୂମିରେ ଭାରତ ଡିଜିଟାଲ୍ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଦ୍ରୁତ ଚିନ୍ତା କରିବାର ବେଳ ଆସିଛି । କମ୍ପ୍ୟୁଟର, ମୋବାଇଲ୍ ଫୋନ୍, ନେଭିଗେସନ୍ ସିଷ୍ଟମ୍(ଉପଗ୍ରହ) ଆଦିର ପ୍ରାଣଶକ୍ତି ହେଉଛି 'ଅପରେଟିଂ ସିଷ୍ଟମ୍'(ଓଏସ୍) । ରୁଷ୍, ଚୀନ୍, ଏପରିକି ଇରାନ୍ ଭଳି ଦେଶ ନିଜସ୍ୱ 'ଓଏସ୍' ବିକଶିତ ଓ ବ୍ୟବହାର କରିଆସୁଥିବା ବେଳେ ବିପୁଳ ମେଧାଶକ୍ତି ସମୃଦ୍ଧ ଭାରତ ଏ ପର୍ଯ୍ୟନ୍ତ ଏଥିପ୍ରତି ଦୃଷ୍ଟି ଦେଇନାହିଁ । ଭାରତରେ ବ୍ୟବହୃତ ଶତପ୍ରତିଶତ 'ଓଏସ୍'ର ଚାବିକାଠି ଆମେରିକୀୟ କମ୍ପାନୀଙ୍କ ହାତରେ । ଅର୍ଥାତ୍ ଏବେ ଡିଜିଟାଲ୍ ଇଣ୍ଡିଆ ଆମେରିକାର ହାତମୁଠାରେ । ଯଦି ଆମେରିକା ଦୁଷ୍ଟବୁଦ୍ଧି ପ୍ରୟୋଗ କରେ ନିମିଷକେ ଭାରତର ଆର୍ଥିକ, ସାମରିକ, ପ୍ରଶାସନିକ ଓ ସାମାଜିକ ଜୀବନଯାତ୍ରା ସ୍ଥାଣୁ ହୋଇଯିବ । ସମସ୍ତ ଆନ୍ତର୍ଜାତିକ ନୀତିନିୟମକୁ ଉଲ୍ଲଙ୍ଘନ କରି ଆମେରିକା ଯେଭଳି ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଅପହରଣ କରିନେଲା ସେହି ଆଧାରରେ 'ଡିଜିଟାଲ୍ ଇଣ୍ଡିଆ'କୁ ଆମେରିକା ସ୍ଥାଣୁ କରିଦେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ ।

ଏଣୁ ବ୍ୟାଖ୍ୟାନରୁ ବାହାରି ଏବେ ବାସ୍ତବତା ଦିଗରେ ଅଧିକ ଦୃଷ୍ଟି ଦେବାର ସମୟ ଉପଗତ । ନୀତି ନିର୍ଦ୍ଧାରକମାନେ ଏ ଦିଗରେ ଅଧିକ ଗୁରୁତ୍ୱ ଦେବେ ବୋଲି ଭାରତୀୟମାନେ ଆଶା କରିବା ସ୍ୱାଭାବିକ । ନୂଆଦିଲ୍ଲୀରେ ଅନୁଷ୍ଠିତ ଏଆଇ ଶିଖର ସମ୍ମିଳନୀ ସଚେତନ ହେବାର ଯେଉଁ ସୁଯୋଗ ଆଣିଛି ତାହାକୁ ଉପେକ୍ଷା ନ କରିବା ହିଁ 'ଡିଜିଟାଲ୍ ଇଣ୍ଡିଆ'ର ସାର୍ବଭୌମତ୍ୱ, ପ୍ରତିଷ୍ଠା ଓ ଆତ୍ମସମ୍ମାନ ପ୍ରତି ଶୁଭସଙ୍କେତ ହେବ ।

# ବିଶ୍ୱ ଅର୍ଥନୈତିକ ମଞ୍ଚରେ ଓଡ଼ିଶା

ନଳିନୀକାନ୍ତ ଧର

ଗତ ଜାନୁୟାରୀ ୧୯-୨୩ ପାଞ୍ଚଦିନ ବ୍ୟାପୀ ସ୍ୱିଜରଲାଣ୍ଡର ଡାଭୋସ୍‌ଠାରେ ବିଶ୍ୱ ଅର୍ଥନୈତିକ ସଂସ୍ଥାର ୫୬ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ୬୫ ଦେଶର ରାଷ୍ଟ୍ରମୁଖ୍ୟ, ୪୦୦ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିବିଶେଷ, ୮୫୦ ବୃହତ୍ ବ୍ୟବସାୟିକ ସଂସ୍ଥାର ମୁଖ୍ୟ, ରେକର୍ଡ ୧୭୦୦ ପ୍ରତିନିଧି ଯୋଗଦେଇଥିବା ବେଳେ ଭାରତରୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଶିବରାଜ ଚୌହ୍ୱାନଙ୍କ ସହ ୧୦ଟି ରାଜ୍ୟ ପ୍ରତିନିଧିତ୍ୱ କରିଥିଲେ । କେନ୍ଦ୍ର ସରକାରଙ୍କଠାରୁ ମନୋନୀତ ନ ହୋଇପାରିଲେ ମଧ୍ୟ ରାଜ୍ୟମାନେ ନିଜସ୍ୱ ଉଦ୍ୟମରେ ରାଜ୍ୟର ବ୍ୟବସାୟ-ବାଣିଜ୍ୟ ପ୍ରଚାର, ପ୍ରସାର ଓ ବହୁମୁଖୀ ଲକ୍ଷ୍ୟସାଧନ ପାଇଁ ଯୋଗଦାନ କରିପାରିବେ । ଆନ୍ଧ୍ର ସରକାର ଆଉ ଏକ ପାଦ ଆଗକୁ ଯାଇ ନିଜ ରାଜ୍ୟ ପାଇଁ ଅଧିକ ବିଦେଶୀ ପୁଞ୍ଜି ଆକର୍ଷଣ କରିବା ଉଦ୍ଦେଶ୍ୟରେ ରାଜ୍ୟର ବୈଷୟିକ ପ୍ରତିନିଧି ମଣ୍ଡଳ ସହ ଏକ ପାଭିଲିୟନ ମଧ୍ୟ ସେଠାରେ ସ୍ଥାନିତ କରାଇଥିଲେ ।

ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବାର୍ଷିକ ଅଧିବେଶନରେ ବିଶ୍ୱ ଅର୍ଥନୀତି, ସମାଜ, ପରିବେଶ, ବିକାଶ, ରୋଜଗାର, ସରକାରୀ-ବେସରକାରୀ ସହଯୋଗିତା, ଗବେଷଣା, ନେତୃତ୍ୱ ଇତ୍ୟାଦି ବିଷୟ ଉପରେ ଉଚ୍ଚସ୍ତରୀୟ ବିଚାର ବିମର୍ଶ କରାଯାଇଥାଏ । ଅଣଆନୁଷ୍ଠାନିକ ଭାବେ ଏହା ନୀତି ନିର୍ଦ୍ଧାରଣ ଓ ବାଣିଜ୍ୟ-ବ୍ୟବସାୟିକ ନିଷ୍ପତ୍ତିକୁ ପ୍ରଭାବିତ କରିପାରୁଥିବା ବିଶ୍ୱର ସର୍ବୋଚ୍ଚ ମଞ୍ଚ । ତେଣୁ ପ୍ରତିବର୍ଷ ଅନ୍ତର୍ଜାତୀୟ ସ୍ତରରେ ନିଜର ଦ୍ରୁତ ପ୍ରଭାବ ବିସ୍ତାର ନିମନ୍ତେ ସବୁଦେଶ ଓ ରାଜ୍ୟ ପାଇଁ ଏହା ଏକ ଅପୂର୍ବ ସୁଯୋଗ ସୃଷ୍ଟି କରିଥାଏ । ଏହା ବିଶ୍ୱର ସର୍ବୋଚ୍ଚ ଅଣଆନୁଷ୍ଠାନିକ ଅର୍ଥନୈତିକ ସମ୍ମିଳନୀ ହୋଇଥିବାରୁ ରାଜ୍ୟମାନେ ବିଭିନ୍ନ ଦେଶର ଶିଳ୍ପର ଢାଞ୍ଚା, ନଗର ଯୋଜନା ପ୍ରଣାଳୀ, ଦକ୍ଷତା ବିକାଶ, ଜଳବାୟୁ ନୀତି, ପ୍ରଶାସନ ଓ ସ୍ଥାୟିତ୍ୱ, ବୈଶ୍ୱିକ ମାନଦଣ୍ଡ, ସାଂପ୍ରତିକ ରାଜନୈତିକ ସ୍ଥିତି, ଅର୍ଥନୈତିକ ସ୍ଥିତି, ପୁଞ୍ଜିବଜାର, ଅନ୍ତର୍ଜାତୀୟ ବାଣିଜ୍ୟ ଆଇନ, ବୈଦେଶିକ ନୀତି, ନୂତନ ସମ୍ଭାବନା ଇତ୍ୟାଦି ସମସ୍ତ କ୍ଷେତ୍ରରେ ଜ୍ଞାନ ଓ ଅଭିଜ୍ଞତା ଆହରଣ କରିପାରିବେ, ଯାହାକି ଭବିଷ୍ୟତ କର୍ମପନ୍ଥା ଓ କୌଶଳ ନିରୂପଣ ପାଇଁ ସହାୟକ ହେବ ।

ଭାରତରେ ୯୦ ଦଶକରୁ ଉଦାରୀକରଣ, ଜଗତୀକରଣ, ଘରୋଇକରଣ ଅର୍ଥନୀତି ପ୍ରଚଳିତ ହେବା ପରେ ଆମ ଦେଶର ଗଣତାନ୍ତ୍ରିକ ସଂଘୀୟ ବ୍ୟବସ୍ଥାରେ ରାଜ୍ୟ-ରାଜ୍ୟ ମଧ୍ୟରେ ଶିଳ୍ପ-ବାଣିଜ୍ୟ ସେବା ଆଦି କ୍ଷେତ୍ରରେ ପ୍ରତିଯୋଗିତା ଦିନକୁ ଦିନ ବୃଦ୍ଧି ପାଇଛି ଏବଂ କିଛି ରାଜ୍ୟ ନିଜର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ବ୍ୟବସାୟିକ ଅନୁକୂଳ ନୀତିନିୟମ ପ୍ରଣୟନ, ଅଧିକ ପ୍ରୋତ୍ସାହନ, ଉନ୍ନତ ଭିତ୍ତିଭୂମି ଓ ଆବଶ୍ୟକ ମାନବ ସମ୍ବଳ ଉପଲବ୍ଧି ଯୋଗୁଁ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ନିବେଶ ଆକର୍ଷଣ କରି ଦ୍ରୁତଗତିରେ ବିକାଶ ଲାଭ କରିପାରୁଛନ୍ତି । ଉଦାହରଣ ସ୍ୱରୂପ ମହାରାଷ୍ଟ୍ର, ଗୁଜୁରାଟ, ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଆଦି ରାଜ୍ୟକୁ ନିଆଯାଇପାରେ । ବର୍ତ୍ତମାନ କିଛିମାତ୍ରାରେ ଉତ୍ତର ପ୍ରଦେଶ, ଆସାମ, ଓଡ଼ିଶା, ଛତିଶଗଡ଼ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛନ୍ତି ।

ଚଳିତବର୍ଷ ବିଶ୍ୱ ଅର୍ଥନୈତିକ ସମ୍ମିଳନୀରେ ମହାରାଷ୍ଟ୍ର, ଗୁଜୁରାଟ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଉତ୍ତର ପ୍ରଦେଶ, ତାମିଲନାଡୁ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ଆସାମ, ଝାଡ଼ଖଣ୍ଡ ଆଦି ୧୦ଟି ରାଜ୍ୟ ଭାଗ ନେଇ ଶିଳ୍ପ, ଖଣିଜ, ପ୍ରଯୁକ୍ତି ବିଦ୍ୟା, ଅକ୍ଷୟ ଶକ୍ତି ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଥିବା ସୁଯୋଗ ପ୍ରଦର୍ଶିତ କରିବା ସହ ରାଜ୍ୟର ବ୍ୟବସାୟିକ ନୀତି ନିୟମ, ପ୍ରୋତ୍ସାହନ ନୀତି, ମାନବ ସମ୍ବଳ, ଭିତ୍ତିଭୂମି ଇତ୍ୟାଦି ବିଶ୍ୱକୁ ଅବଗତ କରାଇବା ଏବଂ ଅନୁକୂଳ ବ୍ୟବସାୟିକ ବୁଝାମଣାର ପ୍ରତିଶ୍ରୁତି ଦେଇ ନିଜ ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ଆଲୋଚନା କରିଥିଲେ । ବର୍ତ୍ତମାନ ସବୁ ରାଜ୍ୟ ଅଧିକ ବିଦେଶୀ ପୁଞ୍ଜି (ଏଫ୍‌ଡିଆଇ), ଗ୍ରାଣ୍ଟ, ସହଭାଗିତା, ଋଣ ମାଧ୍ୟମରେ ଆକୃଷ୍ଟ କରିବା ପାଇଁ ଅମଲାତାନ୍ତ୍ରିକ ସୋପାନ ବା ହସ୍ତକ୍ଷେପକୁ ବାଦ୍ ଦେଇ ସିଧାସଳଖ ବିନିଯୋଗକାରୀଙ୍କ ସହ ଆଲୋଚନା କରି ଆସ୍ଥାଭାଜନ ହୋଇପାରୁଛନ୍ତି ।

ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଯେହେତୁ ବିଶ୍ୱର ସମସ୍ତ ଉଚ୍ଚସ୍ତରୀୟ ନେତୃମଣ୍ଡଳ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥା'ନ୍ତି, ଏହାର ସୁପରିଣାମ ବ୍ୟାପକ ହେବା ସହ ପ୍ରଭାବଶାଳୀ ଓ ସୁଦୂରପ୍ରସାରୀ । ଗତ ସମ୍ମିଳନୀରେ ମୁମ୍ବାଇ ମେଟ୍ରୋପଲିଟାନ ରିଜନ୍ ଏମ୍.ଏମ୍.ଆର୍.ଡି.ଏ. କେବଳ ଭିତ୍ତିଭୂମି ବିକାଶ ଭିତ୍ତିକ ପ୍ରକଳ୍ପ ପାଇଁ ୮୭, ୩୦୦ କୋଟି ଟଙ୍କାର ବିଦେଶୀ ପୁଞ୍ଜି ଆକୃଷ୍ଟ କରିବା ପାଇଁ ସକ୍ଷମ ହୋଇପାରିଛି । ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଗୁଗୁଲ୍, ବ୍ଲାକ୍‌ଷ୍ଟୋନ ଭଳି ବିଶ୍ୱର ବୃହତ୍ ସଂସ୍ଥା ଏବଂ ୟୁଏଇ ସହିତ ଭିତ୍ତିଭୂମି, ଦୀର୍ଘମିଆଦୀ ପ୍ଲାଟଫର୍ମ, ମାନୁଫେକ୍‌ଚରିଂ, ଖାଦ୍ୟ ପ୍ରକ୍ରିୟାକରଣ ଇତ୍ୟାଦି କ୍ଷେତ୍ରରେ ଲକ୍ଷାଧିକ କୋଟି ଟଙ୍କାର ରାଜିନାମା ସ୍ୱାକ୍ଷରିତ କରିଛନ୍ତି । ଭାରତର ବିଭିନ୍ନ ରାଜ୍ୟ ଯଥା ଗୁଜୁରାଟ- ଉତ୍ପାଦନ ଶିଳ୍ପ, ବ୍ୟବସାୟ ପରିଚାଳନା ସହାୟତା, କର୍ଣ୍ଣାଟକ-ଷ୍ଟାର୍ଟଅପ୍ ଓ ପ୍ରଯୁକ୍ତି ବିଦ୍ୟା, ତାମିଲନାଡୁ-ଔଷଧ, ଇଲେକ୍ଟ୍ରୋନିକ୍ସ ଓ ଇଭି, ତେଲେଙ୍ଗାନା-ନବସୃଜନ ଓ ପ୍ରାଣିବିଜ୍ଞାନ ସାମଗ୍ରୀ ଇତ୍ୟାଦି କ୍ଷେତ୍ରରେ ନିଜର ବ୍ରାଣ୍ଡ ଓ ଦୃଶ୍ୟମାନ୍ୟତା ବିଶ୍ୱ ଦରବାରରେ ସାବ୍ୟସ୍ତ କରିବାରେ ସକ୍ଷମ ହୋଇପାରିଛନ୍ତି ।

୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଶତବର୍ଷ ଏବଂ ୨୦୪୭ରେ ଭାରତର ସ୍ୱାଧୀନତାର ଶତବର୍ଷ ପାଳନ ପରିପ୍ରେକ୍ଷୀରେ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ଏହିପରି ଏକ ପ୍ରଭାବଶାଳୀ ସମ୍ମିଳନୀରେ ଆମ ଯୋଗଦାନ ଗୁରୁତ୍ୱ ବହନ କରେ । ଭବିଷ୍ୟତରେ ବିକଶିତ ଓଡ଼ିଶାର ଆମେ ଯେଉଁ ସ୍ୱପ୍ନ ଦେଖୁଛୁ ତାହା ବୈଦେଶିକ ପୁଞ୍ଜି, ଜ୍ଞାନକୌଶଳ ଓ ବହିର୍ବାଣିଜ୍ୟ ବିନା ସମ୍ଭବପର ନୁହେଁ । ଓଡ଼ିଶା ମଧ୍ୟ ପ୍ରାଧାନ୍ୟ ରଖୁଥିବା କିଛି ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା ଧାତୁ ଓ ବୃହତ୍ ଶିଳ୍ପ, ନବସୃଜନ, ସେମିକଣ୍ଡକ୍ଟର, ଡାଟା ସେଣ୍ଟର, ସବୁଜଶକ୍ତି, ଔଷଧ, ବୟନ, ରସାୟନ ଶିଳ୍ପ ଇତ୍ୟାଦି କ୍ଷେତ୍ରରେ ନିଜର ଗଠନମୂଳକ ଯୋଗଦାନ କରି ବିଶ୍ୱର ନିୟମ ଓ ନିଷ୍ପତ୍ତି ପ୍ରଣୟନକାରୀଙ୍କୁ ପ୍ରଭାବିତ କରି ଅଧିକ ପୁଞ୍ଜି ଆକୃଷ୍ଟ କରିପାରିବ ।

ପ୍ରାକୃତିକ ସଂପଦ ଭରା ରତ୍ନଗର୍ଭା ଓଡ଼ିଶା, ବହିର୍ବାଣିଜ୍ୟ ପାଇଁ ଦୀର୍ଘ ୪୦୦ କି.ମି. ବ୍ୟାପୀ ସାମୁଦ୍ରିକ ତଟ, ଗୁରୁତ୍ୱପୂର୍ଣ୍ଣ ଭୌଗୋଳିକ ସ୍ଥିତି, ଆବଶ୍ୟକ ମାନବ ସମ୍ବଳ, ସ୍ଥାୟୀ ନୀତି ଇତ୍ୟାଦି ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମି ଉପଲବ୍ଧି ପାଇଁ ଆମେ ଭାରତର ଯେ କୌଣସି ରାଜ୍ୟ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସମକକ୍ଷ । ତେଣୁ ଓଡ଼ିଶା ବର୍ତ୍ତମାନ ଦ୍ରୁତ ବିକାଶ ଲାଭ କରିବା ଦ୍ୱାରଦେଶରେ ଉପନୀତ ହୋଇଛି । ଅବଶ୍ୟ ଏହାକୁ ବଜାୟ ରଖିବା ସହ ଉତ୍ତୋରତ୍ତର ଉନ୍ନତି ପାଇଁ ନିରନ୍ତର ସମୟୋପଯୋଗୀ ସଂସ୍ଥାରମୂଳକ ପଦକ୍ଷେପ ନେବା ବାଞ୍ଛନୀୟ ।

ଶେଷରେ ଯଦିଓ ଏହିପରି ସମ୍ମିଳନୀରେ ଯୋଗଦାନ ରାଜ୍ୟମାନଙ୍କୁ ଅନେକ କ୍ଷେତ୍ରରେ ଲାଭଦାୟକ ହେବ; କିନ୍ତୁ ତାହାପାଇଁ ଏକ ସୁସଂହତ ଦୁରଦୃଷ୍ଟି ସଂପନ୍ନ ପୂର୍ବପ୍ରସ୍ତୁତି ସହ ଯୋଗଦାନ କରି ପରବର୍ତ୍ତୀ ସମୟରେ ନିଜ ରାଜ୍ୟ ପାଇଁ ସମ୍ଭାବନା ରଖୁଥିବା ସମସ୍ତ ଅଂଶୀଦାରଙ୍କ ସହ ନିରନ୍ତର ଯୋଗସୂତ୍ର ଓ ପ୍ରୟାସ ଜାରି ରଖିବା ଆବଶ୍ୟକ । ଅନେକ ପ୍ରତିଦ୍ୱନ୍ଦ୍ୱୀ ରାଜ୍ୟ ଏହି ସମ୍ମିଳନୀରେ ଭାଗ ନେଉଥିବାରୁ ଆମେ ଅନ୍ୟ ରାଜ୍ୟ ତୁଳନାରେ ଆମର ବୈଶିଷ୍ଟ୍ୟ ପ୍ରତିପାଦନ କରିବାପାଇଁ ସକ୍ଷମ ହେବା ସହ ଅନ୍ୟରାଜ୍ୟର ସ୍ଥିତି, କୌଶଳ, ନିଜସ୍ୱ ଦୁର୍ବଳତା, ନୂତନ ବ୍ୟବସାୟିକ ଜ୍ଞାନ ଇତ୍ୟାଦି ଆହରଣ କରିପାରିବୁ, ଯାହା ଭବିଷ୍ୟତ କର୍ମପନ୍ଥା ନିର୍ଣ୍ଣୟ କରିବା ପାଇଁ ଅନୁକୂଳ ହେବ ।

ରାଉରକେଲା, ମୋ: ୯୪୩୭୩୪୪୬୫୪

# ଲୀଳାବତୀ ସୂତ୍ର: ଭାରତୀୟ ଜ୍ଞାନବିଜ୍ଞାନର ସନ୍ତକ

ଶ୍ରୀବତ୍ସ ନାୟକ

ଭାରତୀୟମାନେ ଯେତେବେଳେ ପଥର ଉଠାନ୍ତି, ସେତେବେଳେ ଭବ୍ୟ ମନ୍ଦିର ନିର୍ମାଣ କରନ୍ତି; ନଚେତ୍ ଅଳଂଘ୍ୟ ସମୁଦ୍ର ଉପରେ ସେତୁବନ୍ଧ ନିର୍ମାଣ ହୋଇଯାଏ । ସେମାନେ ଯେତେବେଳେ ପ୍ରେମ କରନ୍ତି 'ଗୀତଗୋବିନ୍ଦ' ଓ 'ଲୀଳାବତୀ ସୂତ୍ର' ଭଳି ମହାନ ପରୋପକାର ଗ୍ରନ୍ଥମାନ ରଚନା କରନ୍ତି । ଏହା ହିଁ ହେଉଛି ଭାରତୀୟ ସଂସ୍କୃତିର ବିଶେଷତ୍ୱ ।

୧୧୧୪ ମସିହାରେ ମହାରାଷ୍ଟ୍ର ଜନ୍ମିତ ପ୍ରସିଦ୍ଧ ଜ୍ୟୋତିର୍ବିଦ୍ ଓ ଗଣିତଜ୍ଞ ଭାସ୍କରାଚାର୍ଯ୍ୟଙ୍କ କନ୍ୟା ଲୀଳାବତୀ ଥିଲେ ଅସାମାନ୍ୟ ସୁନ୍ଦରୀ ଓ ବୁଦ୍ଧିମତୀ । ଭାସ୍କରାଚାର୍ଯ୍ୟ ଗଣନା କରି ଜାଣିପାରିଲେ ଯେ ଲୀଳାବତୀ ବିବାହ ସିନା କରିବେ, ମାତ୍ର ଖୁବ୍ ଅଳ୍ପଦିନରେ ବିଧବା ହୋଇଯିବେ । ଆହୁରି ଅଧିକ ଗଣନା କରିବା ପରେ ସେ ଜାଣିପାରିଲେ ଯେ ଯଦି ଏକ ନିର୍ଦ୍ଦିଷ୍ଟ ଲଗ୍ନରେ ବିବାହ କାର୍ଯ୍ୟ ସମାପନ କରାଯାଏ, ତେବେ ବିଧବା ଦଶା କଟିଯାଇପାରେ । ସେତେବେଳେ ଆଜିକାଲି ପରି ଘଣ୍ଟା ନଥିଲା । ତେଣୁ ଠିକ୍ ସମୟ ଜାଣିବା ପାଇଁ ଏକ କଣାମାଠିଆକୁ ଏକ ପାଣି ଭର୍ତ୍ତି ପାତ୍ରରେ ଭସାଇଦେଲେ । ସେହି କଣାବାଟେ ମାଠିଆ ଭିତରକୁ ପାଣି ଧୀରେ ଧୀରେ ପଶି ଯେତେବେଳେ ଭର୍ତ୍ତି ହୋଇଯିବ, ସେତେବେଳେ ଏହା ବିବାହର ଠିକ୍ ସମୟ ବୋଲି ଧରାଯିବ । ହେଲେ ବିଧିର ବିଧାନ ବିଚିତ୍ର । ସେଦିନ ଅଳଙ୍କାର ପିନ୍ଧି ଲୀଳାବତୀ କାହିଁକି କେଜାଣି ମାଠିଆ ଭିତରକୁ ଚାହିଁଦେଲେ । ଏତିକିବେଳେ ତାଙ୍କ ମଥାମଣିରୁ ମୁକ୍ତାଟିଏ ଖସି ସେ ମାଠିଆ ଭିତରେ ପଡ଼ି ଛିଦ୍ରଟିକୁ ବନ୍ଦ କରିଦେଲା । ଫଳରେ ସେ ମାଠିଆ ଆଉ ଜଳପୂର୍ଣ୍ଣ ହେଲା ନାହିଁ । ବାହାଘର କାର୍ଯ୍ୟ ସମ୍ପନ୍ନ ହେଲା ଏବଂ ଅଳ୍ପଦିନ ପରେ ଲୀଳାବତୀ ବିଧବା ହୋଇଗଲେ ।

ଏହାପରେ ପିତାଙ୍କ ଘରକୁ ଫେରି ଆସି ଲୀଳାବତୀ ପିତାଙ୍କଠାରୁ ଗଣିତ ଜ୍ଞାନ ଆହରଣ କଲେ । ସେସମୟରେ ଭାରତରେ ଗଣିତ ଶିକ୍ଷା ପ୍ରଧାନତଃ ପୁତ୍ରକୈନ୍ଦ୍ରିକ ଥିଲା । ନାରୀମାନଙ୍କର ଭୂମିକା ଅତି ସୀମିତ କିମ୍ବା ପ୍ରାୟ ଅସ୍ତିତ୍ୱହୀନ ଥିଲା । କିନ୍ତୁ ଲୀଳାବତୀ ଜଣେ ବିଚକ୍ଷଣ ପ୍ରତିଭାଧାରୀ ହୋଇଥିବାରୁ ଭାସ୍କରାଚାର୍ଯ୍ୟଙ୍କଠାରୁ ଗଣିତ ଶାସ୍ତ୍ରର ପ୍ରୟୋଗ ତଥା କୌଶଳକୁ ଅକ୍ଳେଶରେ ଗ୍ରହଣ କଲେ । କାଳକ୍ରମେ ଅଙ୍କ ବିଦ୍ୟାରେ ପିତାଙ୍କଠାରୁ ବଳି ଅସାଧାରଣ ଜ୍ଞାନର ଅଧିକାରୀ ହେଲେ ଲୀଳାବତୀ । ପିତା ଓ ପୁତ୍ରୀ ଉଭୟ ମିଶି ବୀଜଗଣିତ ଉପରେ ବିଭିନ୍ନ ଆଲୋଚନା କରି ତା'ର ସମାଧାନ ପାଇଁ ସରଳ ସୂତ୍ରମାନ ନିର୍ଦ୍ଧାରଣ କଲେ । ୧୧୫୦ ଖ୍ରୀଷ୍ଟାବ୍ଦରେ ଭାସ୍କରାଚାର୍ଯ୍ୟ 'ଗଣିତସୂତ୍ର' ନାମକ ପୁସ୍ତକ ଲେଖିଲେ, ଯାହା ପରବର୍ତ୍ତୀ ସମୟରେ 'ଲୀଳାବତୀ ସୂତ୍ର' ନାମରେ ସୁଖ୍ୟାତି ଅର୍ଜନ କଲା ।

ଭାସ୍କରାଚାର୍ଯ୍ୟଙ୍କର ମୁଖ୍ୟ ଗ୍ରନ୍ଥ 'ସିଦ୍ଧାନ୍ତ ଶିରୋମଣି' (ଗ୍ରନ୍ଥମାନଙ୍କର ମୁକୁଟ)ର 'ଲୀଳାବତୀ', 'ବୀଜଗଣିତ', 'ଗ୍ରହଗଣିତ' ଓ 'ଗୋଳାଧ୍ୟାୟ' ନାମରେ ଯେଉଁ ଚାରୋଟି ଖଣ୍ଡ ରହିଛି ତନ୍ମଧ୍ୟରୁ ଭାରତୀୟ ଗଣିତ ପରମ୍ପରାରେ 'ଲୀଳାବତୀ' ସବୁଠାରୁ ପ୍ରଶଂସିତ ଓ ଲୋକପ୍ରିୟ । ଆଧୁନିକ ଗଣିତ ଶାସ୍ତ୍ରର ପ୍ରାୟ ୧୦୦ ବର୍ଷ ପୂର୍ବେ ପାଟି (ମୌଖିକ) ଗଣିତ, ବୀଜ ଗଣିତ, ଜ୍ୟାମିତି, ପରିମିତି, ତ୍ରିକୋଣମିତି, ଅଙ୍କଗଣିତ, ବୀଜଗଣିତ, ଜ୍ୟାମିତି, ମାପନଶାସ୍ତ୍ର ଓ ସଂଖ୍ୟାତତ୍ତ୍ୱ ଆଦିର ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ରୂପେ ଏହା ସର୍ବଜନବିଦିତ ଥିଲା । 'ଲୀଳାବତୀ ସୂତ୍ର' ପ୍ରଧାନତଃ ଅଙ୍କଗଣିତ ଉପରେ ଆଧାରିତ ଏବଂ ଏଥିରେ ୨୭୯ଟି ସଂସ୍କୃତ ପଦ୍ୟ ରହିଛି । ଏଥିରେ ଜଟିଳ ଗାଣିତିକ ସମସ୍ୟାଗୁଡ଼ିକର ସରଳ ସମାଧାନଗୁଡ଼ିକ ପଦର ଲାଳିତ୍ୟରେ ଅତୀବ ଅକର୍ଷଣୀୟ ଓ ମାଧୁର୍ଯ୍ୟମୟ ଢଙ୍ଗରେ ବର୍ଣ୍ଣିତ ହୋଇ ଗଦ୍ୟ ଟୀକା ସହିତ ଉପସ୍ଥାପିତ ହୋଇଛି ।

ଆଧୁନିକ ଗଣିତର ମୁଖ୍ୟ ଅଂଶ ହେଉଛି 'ପ୍ରମାଣ' । କିନ୍ତୁ ଭାସ୍କରାଚାର୍ଯ୍ୟ ଏହା ସମ୍ପର୍କରେ ବିଶେଷ ଧାରଣା ରଖିଥିଲେ ବୋଲି ଅନୁଭବ ନହେଲେ ମଧ୍ୟ ତାଙ୍କର ସଂକ୍ଷିପ୍ତ ପଦ୍ୟଗୁଡ଼ିକରେ ଥିବା ନିୟମ ଓ ସାଧାରଣୀକରଣଗୁଡ଼ିକ ଏହାକୁ ସୂଚାଏ ଯେ ସେ ସମୟରେ ମଧ୍ୟ ତାଙ୍କ ମନରେ ନିଶ୍ଚୟ କିଛି ତର୍କ ଓ ବିଚାର ଥିଲା । ତାଙ୍କର ଗାଣିତିକ ସମସ୍ୟା ସମାଧାନର ପ୍ରଣାଳୀ ଥିଲା ସଠିକ୍ ଓ ନିର୍ଦ୍ଦିଷ୍ଟ । ତର୍କକୁ ସ୍ପଷ୍ଟ ଭାବେ ଲେଖିବାକୁ ସେ ଆବଶ୍ୟକ ମନେ କରୁନଥିଲେ ବରଂ ସମ୍ପୂର୍ଣ୍ଣ ଅନୁଭୂତି ଉପରେ ଭରସା କରୁଥିଲେ । ତତ୍କାଳୀନ ସମୟରେ ଗାଣିତିକ ପ୍ରତୀକ ବା ସଂକେତ ପ୍ରଣାଳୀ ନଥିଲା । ଗାଣିତିକ ଚିତ୍ର ଓ ରେଖାଚିତ୍ରର ପ୍ରଚଳନ ହୋଇନଥିଲା । ଅନୁଭୂତି ଆଧାରିତ ଚିନ୍ତା ଓ ଆଲଗୋରିଦମ୍ ପଦ୍ଧତିରେ ନିପୁଣ ଥିବା ଭାସ୍କରାଚାର୍ଯ୍ୟ ରସାତ୍ମକ, ଆନନ୍ଦଦାୟକ ଓ ମନୋରଞ୍ଜନ ଧର୍ମୀ କାବ୍ୟ ମାଧ୍ୟମରେ ସଂଖ୍ୟା ପଦ୍ଧତି, ଯୋଗ ପଦ୍ଧତି, ବିୟୋଗ ପଦ୍ଧତି, ଗୁଣନ ପଦ୍ଧତି, ଭାଗ ପଦ୍ଧତି, ଭାଗାଂଶ, ଶୂନ୍ୟ ଓ ଦଶମିକ ଧାରଣା, ନିୟମ ତ୍ରୟୀ, ସୁଧ ଗଣନା, ଲାଭକ୍ଷତି ଗଣନା, ମିଶ୍ରଣ ପଦ୍ଧତି, ମାପ ଓ ମାପକ, କ୍ଷେତ୍ରଫଳ ଗଣନା, ଘନଫଳ ଗଣନା, ସରଳ ସମୀକରଣ, ଅନୁପାତ ଓ ପ୍ରମାଣ, ସରଳ ଜ୍ୟାମିତି, ପ୍ରଶ୍ନଉତ୍ତର ଆଧାରିତ ପଦ୍ଧତିଗୁଡ଼ିକୁ ଅତି ନିଖୁଣ ଭାବେ ପରିପ୍ରକାଶ କରିଥିଲେ । ଭାସ୍କରାଚାର୍ଯ୍ୟଙ୍କ 'ଲୀଳାବତୀ' ଗ୍ରନ୍ଥରେ ବ୍ୟବହୃତ ଶେଷ ପଦ୍ୟ ଭାସ୍କରାଚାର୍ଯ୍ୟଙ୍କ କାବ୍ୟ ପ୍ରତିଭାକୁ ଆହୁରି ସୁନ୍ଦର ଭାବେ ପ୍ରକାଶ କରେ । ଏହି ପଦ୍ୟଟି ଲୀଳାବତୀ ନାମକ ଜଣେ ସୁସଂସ୍କୃତ କନ୍ୟାଙ୍କ ବର୍ଣ୍ଣନା ପରି ଲାଗେ । କିନ୍ତୁ ଏହାକୁ ଗଣିତ ଗ୍ରନ୍ଥ ରୂପେ ମଧ୍ୟ ବୁଝାଯାଇପାରେ । ଏହି କାରଣରୁ ଭାସ୍କରାଚାର୍ଯ୍ୟଙ୍କୁ 'ଗଣକଚକ୍ରଚୂଡ଼ାମଣି', ଅର୍ଥାତ୍ 'ଗଣିତଜ୍ଞମାନଙ୍କ ମଧ୍ୟରେ ଶିରୋମଣି' ଉପାଧି ଦିଆଯାଇଥିଲା ।

ମାକୁଏଲେ ଇଂରେଜ ଶିକ୍ଷା ଢାଞ୍ଚାରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ପକାଇବା ପୂର୍ବରୁ ସମସ୍ତ ଚାଟଶାଳୀ ଓ ବେଦବିଦ୍ୟାଳୟରେ 'ଗଣିତ' ବୋଇଲେ ଏହି ବିରାଟ 'ଲୀଳାବତୀ ସୂତ୍ର' ହିଁ ପଢ଼ାଯାଉଥିଲା । ଲୀଳାବତୀରେ ବିକଶିତ ଧାରଣା ଓ ପଦ୍ଧତିଗୁଡ଼ିକ ଆଜି ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ବିଦ୍ୟାର୍ଥୀ, ଶିକ୍ଷକ, ପଣ୍ଡିତ, ଇତିହାସବିଦ୍ ଓ ଗଣିତ ପ୍ରସାରରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କ ପାଇଁ ଉପକାରୀ । ଭାରତର ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ (ଯେଉଁଠାରେ କ୍ୟାଲକୁଲେଟର ଅନୁମତି ନାହିଁ) ଏହି ପୁସ୍ତକଟି ବିଶେଷ ଭାବେ ସହାୟକ । ଏହି ଗୁରୁତ୍ୱପୂର୍ଣ୍ଣ ପାଠ୍ୟଗ୍ରନ୍ଥଟି ପ୍ରାୟ ୮୫୦ ବର୍ଷ ଧରି ଶିକ୍ଷା ଦେବାରେ ବ୍ୟବହୃତ ହୋଇଆସିଛି ଏବଂ ଆଜି ମଧ୍ୟ ଭାରତର ଅନେକ ସଂସ୍କୃତ ବିଦ୍ୟାଳୟରେ ପାଠ୍ୟପୁସ୍ତକ ଭାବେ ବ୍ୟବହୃତ ହେଉଛି । ପାଣ୍ଡିତ୍ୟପୂର୍ଣ୍ଣ, ସୁସ୍ପଷ୍ଟ ଓ ଐତିହାସିକ ଉପସ୍ଥାପନା ଯୋଗୁଁ ଏହି ଗ୍ରନ୍ଥଟି ବିଶ୍ୱର ଅନେକ ଭାଷାକୁ ଅନୂଦିତ ହୋଇଛି ।

(ଅଧ୍ୟାପକ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ)
କଟକ

# ପଙ୍ଗପାଳର ଦେବତା

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ସ୍ରଷ୍ଟାଙ୍କର ଏ ଅନନ୍ୟ ସୃଷ୍ଟିରେ ଜୀବଜଗତରେ ଦେବତ୍ୱର ଅଂଶକୁ ଉପଲବ୍ଧି କରି ମନୁଷ୍ୟ କାହିଁ କେଉଁ କାଳରୁ ପ୍ରକୃତିର ଉପାସନା କରିଆସୁଛି । ତେଣୁ ମନୁଷ୍ୟ ଦୃଷ୍ଟିରେ କ୍ଷୁଦ୍ରାତିକ୍ଷୁଦ୍ର ପ୍ରାଣୀ ମଧ୍ୟ ପୂଜନୀୟ । ଏହି ଧାରାରେ ଭାରତର କେତେକ ଗ୍ରାମୀଣ ଅଞ୍ଚଳରେ କୃଷିକୁ ଭୟାବହ କ୍ଷତି ପହଞ୍ଚାଉଥିବା ପଙ୍ଗପାଳ ଉଦ୍ଦେଶ୍ୟରେ ପୂଜା କରାଯାଉଛି ।

ରାଜସ୍ଥାନର ନାଗୋରସ୍ଥିତ ଜାୟଲ୍ ତହସିଲ୍ ଗ୍ରାମବାସୀମାନେ ଜଣେ ସନ୍ଥଙ୍କୁ ପଙ୍ଗପାଳର ଦେବତା ଭାବେ ପୂଜା କରନ୍ତି । ଗୋପୀନାଥ ମହାରାଜଙ୍କ ଜନ୍ମ ନାଗୋରର ଛୋଟି ଖାଟୁରେ ହୋଇଥିଲା । ସେ ଜାୟଲ୍‌କୁ ନିଜର ତପୋସ୍ଥଳ ଭାବେ ଚୟନ କରିଥିଲେ । ସେ ସେଠାରେ ୬୦ ବର୍ଷ ପର୍ଯ୍ୟନ୍ତ ତପୋସାଧନା କରି ଦିବ୍ୟଶକ୍ତି ପ୍ରାପ୍ତ କରିଥିଲେ । ସନ୍ଥ ଗୋପୀନାଥ ମହାରାଜଙ୍କ ମନ୍ଦିର ଜାୟଲ୍ ତହସିଲ୍‌ର ଘମୋଟିଆବାସଠାରେ ନିର୍ମାଣ କରାଯାଇଛି । ଏଠାକାର ଗ୍ରାମବାସୀଙ୍କର ବିଶ୍ୱାସ ରହିଛି ଯେ ସନ୍ଥଙ୍କ କୃପାରୁ ଆଜିପର୍ଯ୍ୟନ୍ତ ତାଙ୍କର ଫସଲକୁ ପଙ୍ଗପାଳମାନେ କୌଣସି କ୍ଷତି କରିପାରି ନାହାନ୍ତି ।

ଏହି ଗଭୀର ବିଶ୍ୱାସ ପଛରେ ଗୋଟିଏ ଲୋକକଥା ମଧ୍ୟ ପ୍ରଚଳିତ । ଏକଦା ଏହି ଗ୍ରାମକୁ ପଙ୍ଗପାଳ ଦଳ ଆସି ଫସଲର ବ୍ୟାପକ କ୍ଷତି କରିଥିଲେ । ଗ୍ରାମବାସୀମାନେ ଅସହାୟ ହୋଇ ସନ୍ଥ ଗୋପୀନାଥ ମହାରାଜଙ୍କ ନିକଟକୁ ଯାଇ ଫସଲକୁ ସୁରକ୍ଷା ଦେବା ପାଇଁ ଆକୁଳ ପ୍ରାର୍ଥନା କଲେ । ଗ୍ରାମବାସୀଙ୍କ ପ୍ରାର୍ଥନା ଗ୍ରହଣ କରି ସନ୍ଥ ଗୋପୀନାଥ ନିଜର ଦିବ୍ୟଶକ୍ତି ଦ୍ୱାରା ଗୋଟିଏ ପଙ୍ଗପାଳକୁ ଧରି ନିଜ ଘୋଡ଼ା ଉପରେ ବସି ବହୁଦୂର ଚାଲିଗଲେ । ଅଲୌକିକ ଭାବେ ସନ୍ଥଙ୍କ ଘୋଡ଼ାକୁ ଅନୁସରଣ କରି ସମସ୍ତ ପଙ୍ଗପାଳ ଉଡ଼ିବାକୁ ଲାଗିଲେ । ସନ୍ଥ ଗୋପୀନାଥ ଉକ୍ତ ପଙ୍ଗପାଳକୁ ତହସିଲ୍ ବାହାରେ ଥିବା ଅନାବଶ୍ୟକ ଭୂମିରେ ଛାଡ଼ି ଦେଇଥିଲେ । କ୍ରମେ ଅନ୍ୟସବୁ ପଙ୍ଗପାଳ ମଧ୍ୟ ସେଠାକୁ ଉଡ଼ି ଆସିଥିଲେ ଏବଂ ଅଦୃଶ୍ୟପ୍ରାୟ ହୋଇଯାଇଥିଲେ । ତା'ପରଠାରୁ କେବେ ମଧ୍ୟ ଏହି ତହସିଲ୍‌ରେ ପଙ୍ଗପାଳ ଦେଖାଯାନ୍ତି ନାହିଁ କିମ୍ବା ପଙ୍ଗପାଳ ଦ୍ୱାରା ଫସଲର କ୍ଷୟକ୍ଷତି ହୋଇନାହିଁ । ତେଣୁ ସେହିଦିନଠାରୁ ଗ୍ରାମବାସୀମାନେ ସନ୍ଥଙ୍କୁ ପଙ୍ଗପାଳର ଦେବତା ଭାବେ ପୂଜା କରିଆସୁଛନ୍ତି ।

ସନ୍ଥ ଗୋପୀନାଥଙ୍କ ବିଭିନ୍ନ ଦିବ୍ୟଲୀଳାକୁ ଗ୍ରାମବାସୀମାନେ ଅନୁଭବ କରି ଆସୁଛନ୍ତି । ବର୍ତ୍ତମାନ ସମୟରେ ମଧ୍ୟ ଗ୍ରାମରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହେଲେ ସନ୍ଥଙ୍କ ନିକଟରେ ବିବାହ କରୁଥିବା ବ୍ୟକ୍ତି ସ୍ୱହସ୍ତରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଗ ଅର୍ପଣ କରିଥା'ନ୍ତି । ଏଭଳି ନ କରିବା ଦ୍ୱାରା ବିବାହ ଭୋଜିରେ ଯେତେ ଅଧିକ ଖାଦ୍ୟ ପ୍ରସ୍ତୁତ ହୋଇଥିଲେ ମଧ୍ୟ ନିଅଣ୍ଟ ହୁଏ ବା ଶୀଘ୍ର ସରିଯାଏ ବୋଲି ଜନଶ୍ରୁତି ରହିଛି ।

ପ୍ରାଚୀନ ସମୟରେ ଚୀନ୍‌ରେ ମଧ୍ୟ ପଙ୍ଗପାଳଙ୍କ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ପଙ୍ଗପାଳ ମନ୍ଦିର ନିର୍ମିତ ହୋଇଥିଲା, ଯେଉଁଠି ବିଧିପୂର୍ବକ ପୂଜାନୁଷ୍ଠାନ କରାଯାଉଥିଲା । ଏଠାରେ କୌଣସି ଦେବତାଙ୍କୁ କିମ୍ବା କୌଣସି ଜୀବକୁ ନୁହେଁ, ବରଂ ପଙ୍ଗପାଳର ଆତଙ୍କରୁ ରକ୍ଷା ପାଇବା ପାଇଁ ବିଶ୍ୱାସର ସହ ପାରମ୍ପରିକ ଭିତ୍ତିରେ ପ୍ରାର୍ଥନା ବା ଦୃଢ଼ତାର ସହ ସ୍ମରଣ କରାଯାଉଥିଲା । ଏହାର କେତେକ ଐତିହାସିକ ପ୍ରମାଣ ମଧ୍ୟ ଅଛି । କେତେକ ଗ୍ରନ୍ଥରେ ପ୍ରାୟ ୧୩୬୦ ଖ୍ରୀଷ୍ଟାବ୍ଦରେ ଚୀନ୍‌ରେ ପଙ୍ଗପାଳ ଦେବତାଙ୍କ ପୂଜା କରାଯାଉଥିଲା ବୋଲି ଉଲ୍ଲେଖ ରହିଛି । ବାଇବେଲ୍‌ରେ ପଙ୍ଗପାଳକୁ ବିନାଶ ଓ ବିପତ୍ତିର ପ୍ରତୀକ ବୋଲି କୁହାଯାଇଛି । ତେଣୁ ତାହାର ଦୌରାତ୍ମ୍ୟକୁ ହ୍ରାସ ବା ନିୟନ୍ତ୍ରଣ କରିବା ପାଇଁ ଈଶ୍ୱରଙ୍କୁ ପ୍ରାଥନା କରାଯିବା ଉଚିତ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ବିଶ୍ୱର କେତେକ ଅଞ୍ଚଳରେ ଲୋକକଥା, ପରମ୍ପରା, ସଂସ୍କୃତି ଓ ବିଶ୍ୱାସ ଭିତ୍ତିରେ ପଙ୍ଗପାଳକୁ ସୌଭାଗ୍ୟ, ପ୍ରଗତି ଓ ନୂତନ ଆରମ୍ଭର ପ୍ରତୀକ ଭାବେ ଗ୍ରହଣ କରାଯାଉଛି । ତେଣୁ ପଙ୍ଗପାଳର ସମ୍ମାନାର୍ଥେ କେତେକ ସାମାନ୍ୟ ପୂଜା ମଧ୍ୟ କରାଯାଉଛି ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ସୋର ତହସିଲଦାରଙ୍କୁ ମାଡ଼ିବସିଲା ଭିଜିଲାନ୍ସ

ବାଲେଶ୍ୱର/ସୋର, ୧୯।୨ (ସମିସ): ପଥର ବୋଝେଇ ଟ୍ରକ୍ ଛାଡ଼ିବାକୁ ୪୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ବାଲେଶ୍ୱର ଜିଲ୍ଲା ସୋର ତହସିଲଦାର ଦୈତାରୀ ମଲ୍ଲିକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତହସିଲ କାର୍ଯ୍ୟାଳୟ ପରିସରରେ ଦଲାଲ ମାଧ୍ୟମରେ ସେ ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବରୁ ଛପି ରହିଥିବା ବାଲେଶ୍ୱର ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ତହସିଲଦାରଙ୍କୁ ଭିଜିଲାନ୍ସ ଗିରଫ କରିଥିବା ବେଳେ ଦଲାଲକୁ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସର ୩ଟି ଟିମ୍ ତହସିଲଦାର ଶ୍ରୀ ମଲ୍ଲିକଙ୍କ ବାସଭବନ ସମେତ ୩ଟି ଠିକଣାରେ ଏକକାଳୀନ ଚଢ଼ଉ କରିଛି।

### ପଥର ଗାଡ଼ି ଛାଡ଼ିବାକୁ ୪୦ ହଜାର ଲାଞ୍ଚ

କିଛି ଦିନ ତଳେ ବାଗୁଡ଼ି ପଥର ଖାଦାନରୁ ପଥର ଚୋରି ହେଉଥିବା ନେଇ ତହସିଲଦାର ଶ୍ରୀ ମଲ୍ଲିକ ଖବର ପାଇଥିଲେ। ଗତ ୧୧ ତାରିଖରେ ତହସିଲଦାର ସଦଳବଳେ ସେଠାରେ ଚଢ଼ଉ କରି ୫ଟି ବେଆଇନ ପଥର ବୋଝେଇ ଟ୍ରକକୁ ଜବତ କରିଥିଲେ। କିନ୍ତୁ, ପରବର୍ତ୍ତୀ ସମୟରେ ଟ୍ରକ୍‌ଗୁଡ଼ିକୁ ଛାଡ଼ିବାକୁ ତହସିଲଦାର ଶ୍ରୀ ମଲ୍ଲିକ ଟ୍ରକ୍ ମାଲିକଙ୍କୁ ୧ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନଦେଲେ ଗାଡ଼ିଗୁଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର କରିଦେବେ ଏବଂ ସେଠାରେ ଅଧିକ ଜରିମାନା ଦେବାକୁ ପଡ଼ିବ ବୋଲି କହି ଧମକାଇଥିଲେ। ଏ ସଂପର୍କରେ ଟ୍ରକ୍ ମାଲିକ ଗତ ୧୨ତାରିଖରେ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ପ୍ରଥମେ ଭିଜିଲାନ୍ସ ତହସିଲଦାର ଓ ଟ୍ରକ୍ ମାଲିକ ମଧ୍ୟରେ ମୂଲଚାଲର ଫୋନ୍ ବାର୍ତ୍ତାଳାପ ରେକର୍ଡିଂ କରିଥିଲା। ୪୦ ହଜାର ଟଙ୍କାରେ କଥା ଛିଡ଼ିଥିଲା। ଏହି ଲାଞ୍ଚ ଟଙ୍କା ଟ୍ରକ ମାଲିକ ଆସୋସିଏସନ୍‌ର ଉପସଭାପତି ଦୟାନିଧି ଜେନାଙ୍କ ମାଧ୍ୟମରେ ଦେବାକୁ ତହସିଲଦାର ଶ୍ରୀ ମଲ୍ଲିକ କହିଥିଲେ। ଆଜି ତହସିଲ ଅଫିସ୍ ପରିସରରେ ତହସିଲଦାର ଦୟାନିଧିଙ୍କଠାରୁ ଉକ୍ତ ୪୦ହଜାର ଲାଞ୍ଚ ଟଙ୍କା ନେବା ବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ୬ଜଣ ଅଧିକାରୀ ଦୁହିଁଙ୍କୁ କାବୁ କରିନେଇଥିଲେ। ପରେ ଦୁହିଁଙ୍କୁ ବାଲେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ଭିଜିଲାନ୍ସ ତହସିଲଦାରଙ୍କୁ ଗିରଫ କରିଥିବା ବେଳେ ଦୟାନିଧିଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବ୍ରିଟେନର ପୂର୍ବତନ...

ଘନିଷ୍ଠ ବନ୍ଧୁତା ଥିବା କଥା ପୂର୍ବରୁ ସାମ୍ନାକୁ ଆସିଥିଲା। ଏହି ନେଟୱର୍କରେ ଅନେକ ପ୍ରଭାବଶାଳୀ ବ୍ୟକ୍ତି ନାବାଳିକାଙ୍କୁ ଯୌନ ଶୋଷଣ କରୁଥିବା ଅଭିଯୋଗ ରହିଛି। ଏନେଇ ବିବାଦ ବଢ଼ିବା ପରେ ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କ ଠାରୁ ସାମରିକ ପଦବୀ ଓ ରାଜକୀୟ ସମ୍ମାନ ପ୍ରତ୍ୟାହାର କରାଯାଇଥିଲା। ବର୍ତ୍ତମାନ ସେ ଗିରଫ ହେବା ବ୍ରିଟିଶ ରାଜପରିବାର ପାଇଁ ଏକ ବଡ଼ ଅଡୁଆ ସୃଷ୍ଟି କରିଛି। ବ୍ରିଟେନର ସୁରକ୍ଷା ଏଜେନ୍ସି ଓ ପୁଲିସ ଏହି ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତଦନ୍ତ ଜାରି ରଖିଛନ୍ତି। ତେବେ ଏପର୍ଯ୍ୟନ୍ତ ଏହି ମାମଲାରେ ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କ ପକ୍ଷରୁ କୌଣସି ବୟାନ ଆସିନାହିଁ। କିନ୍ତୁ ସେ ପୂର୍ବରୁ ସବୁ ଅଭିଯୋଗକୁ ବରାବର ଅସ୍ୱୀକାର କରି ଆସିଛନ୍ତି।

## ବିଧାନସଭା ଅଚଳ...

ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତର ମଧ୍ୟ ମନ୍ତ୍ରୀ ରଖିଥିଲେ। ମାତ୍ର ପ୍ରବଳ ହୋ ହଲ୍ଲା ଯୋଗୁଁ କିଛି ଶୁଣା ଯାଉ ନ ଥିଲା ଓ ୫ ମିନିଟ୍ ପରେ ବାଚସ୍ପତି ବାଚସ୍ପତି ଗୃହକୁ ୧୧ଟା ୩୦ ଯାଏଁ ମୁଲତବୀ ରଖିଥିଲେ। ଗୃହକାର୍ଯ୍ୟ ପୁନର୍ବାର ଆରମ୍ଭ ହେବା ପରେ ସମାନ ଢଙ୍ଗରେ ବିରୋଧୀ ନିଜର ପ୍ରତିବାଦ ଜାରି ରଖିଥିଲେ। ବିଜେଡି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଅଧିରାଜ ପାଣିଗ୍ରାହୀ, ମାଧବ ଧଡ଼ା ପ୍ରମୁଖ ବାଚସ୍ପତିଙ୍କ ଆସନ ନିକଟକୁ ଯିବାକୁ ପ୍ରୟାସ କରିଥିଲେ। ବାଚସ୍ପତିଙ୍କ ସୁରକ୍ଷା କର୍ମୀ ସେମାନଙ୍କୁ ଅଟକାଇଥିଲେ। ଗୃହର ଅସ୍ୱାଭାବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଚସ୍ପତି ୧୧ଟା ୩୬ ମିନିଟରୁ ଅପରାହ୍ନ ୪ଟା ଯାଏଁ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ। ଅପରପକ୍ଷେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିରୋଧୀ ଆଦୌ ଭାଗ ନେଇନଥିବା ବେଳେ ମୁଖ୍ୟମନ୍ତ୍ରୀ ଉତ୍ତର ରଖୁଥିବା ବେଳେ ଉଭୟ କଂଗ୍ରେସ ଓ ବିଜେଡି ସଦସ୍ୟ ଗୃହ ମଧ୍ୟରେ ପ୍ରବଳ ହୋ ହଲ୍ଲା ଜାରି ରଖିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ରାଜ୍ୟପାଳଙ୍କ ଅଭିଭାଷଣ ପୁସ୍ତିକାକୁ ଚିରି ପ୍ରତିବାଦ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ଉତ୍ତର ରଖୁଥିବା ବେଳେ ଉଭୟ ବିରୋଧୀ କକ୍ଷତ୍ୟାଗ କରିଥିଲେ।

ଗୃହ ବାହାରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସରକାରଙ୍କ ଅପାରଗତାକୁ ତୀବ୍ର ସମାଲୋଚନା କରିଥିଲେ। ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ରଙ୍କ ଇସ୍ତଫା ଦାବି କରିବା ସହ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେ କହିଥିଲେ ଚାଷୀ ଧାନ ନେଇ ମଣ୍ଡିରେ ବସିଛି। ସରକାର ମଉଜ କରୁଛନ୍ତି। ଜାଣିଶୁଣି ଧାନ କେମିତି କିଣାଯିବନି ସରକାର ଷଡଯନ୍ତ୍ର କରୁଛନ୍ତି। ଆଳୁ ଠାରୁ ଧାନ ପର୍ଯ୍ୟନ୍ତ ସବୁଠି ଯୋଗାଣମନ୍ତ୍ରୀ ବିଫଳ ବୋଲି ସେ କହିଥିଲେ। ଅନୁରୂପ ଭାବରେ ସାରଦା ପ୍ରସାଦ ଜେନା ଓ ବିଧାୟକ ଡଃ ବ୍ୟୋମକେଶ ରାୟ ମଧ୍ୟ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟିକା ସୋଫିଆ ଫିରଦୋସ ସରକାରଙ୍କ କାର୍ଯ୍ୟ ଓ ଭାଷାକୁ କଟୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ସରକାର ଚାଷୀ ପ୍ରତି ନକଲି ଓ ନୌଟଙ୍କି ଭଳି ଭାଷା ପ୍ରୟୋଗ କରୁଛନ୍ତି। ଚାଷୀଙ୍କ କଥା ନ ଶୁଣିବା ସରକାରଙ୍କ ଅଭ୍ୟାସ ହୋଇ ଗଲାଣି। ୩୦୦ ୟୁନିଟ ମାଗଣା ବିଜୁଳି କଥା ସରକାର କହିଥିଲେ। ହେଲେ ତାହା ବି ଲୋକଙ୍କୁ ମିଳିନି। ଏହାକୁ ବିରୋଧ କରି ଆମେ ଗୃହ ରେ ବାରମ୍ବାର ଏ ପ୍ରସଙ୍ଗ ଉଠାଉଛୁ, ସରକାର ଶୁଣୁନାହାନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେପି ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ଯେ, ବିଧାନସଭା ନ ଚାଲିଲେ ସରକାରୀ ଦଳର ଲାଭ। ସରକାରକୁ ଉତ୍ତର ଦେବାକୁ ପଡିବନି। ସେ ବିରୋଧୀ ଦଳ ନେତା ଥିବାବେଳେ ସବୁବେଳେ ଆଲୋଚନା କରିଥିଲେ। ସରକାରୀ ଦଳକୁ ସମାଲୋଚନା କରୁଥିଲେ। ଯାହା କହିବା କଥା ସେମାନେ ବିଧାନସଭାରେ କହି ସରକାରକୁ ଘେରି ପାରନ୍ତେ। ଗୃହ ଅଚଳ କରି, ସେ ସୁଯୋଗ ବିରୋଧୀ ହାତଛଡ଼ା କରୁଛନ୍ତି ବୋଲି ସେ କହିଛନ୍ତି।

## ସବୁ ଧାନ କିଣିବେ...

ସଂଗ୍ରହ ବ୍ୟବସ୍ଥାର ପ୍ରମାଣ। ଚାଷୀଙ୍କଠାରୁ ସରକାର ସବୁଧାନ କିଣିବେ, ଏଥିରେ କୌଣସି ଶଙ୍କା ନାହିଁ ବୋଲି ବିଧାନସଭାରେ ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାକୁ "ସମୃଦ୍ଧ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପିତ "ବିକଶିତ ଭାରତ'ର ଗ୍ରୋଥ ଇଞ୍ଜିନ ହେବା। ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ରାଜ୍ୟକୁ ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ରାଜ୍ୟ ମଧ୍ୟରେ ସ୍ଥାନ ଦେବା। ଏହା କେବଳ ଏକ ପରିକଳ୍ପନା ନୁହେଁ, ଏହା କରଣୀୟ ଏବଂ ଆମେ କରିବୁ। ରାଜ୍ୟପାଳ ନିଜ ଅଭିଭାଷଣରେ ଆମ ରାଜ୍ୟକୁ ଏକ ସମୃଦ୍ଧ, ଶକ୍ତିଶାଳୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଭିଜନକୁ ଦର୍ଶାଇଛନ୍ତି। ଏହି ଦୂରଦୃଷ୍ଟି ସମ୍ପନ୍ନ ଅଭିଭାଷଣ ଆଗାମୀ ଦିନରେ ଆମ ରାଜ୍ୟ ପାଇଁ ଏକ ମାର୍ଗଦର୍ଶିକା ସଦୃଶ ହେବ।

ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶାକୁ ଦୃଢ଼ ସମର୍ଥନ କରୁଛନ୍ତି। ଓଡ଼ିଶାରେ ବର୍ତ୍ତମାନ ପ୍ରାୟ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଚାଲୁ ରହିଥିବା ବେଳେ, ଗତ ଦେଢ଼ ବର୍ଷ ମଧ୍ୟରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପ ମଞ୍ଜୁର ହୋଇଛି। ରାଜ୍ୟ ସରକାର ମଧ୍ୟ ୫ ବର୍ଷରେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ ପାଇଁ ସଂକଳ୍ପ କରିଛନ୍ତି। ନୂଆ ଏୟାରପୋର୍ଟ, ହେଲିପୋର୍ଟ, ବନ୍ଦର ଆଦି ନିର୍ମାଣ କରାଯାଇ ଓଡ଼ିଶାକୁ ସଡ଼କ ପଥ, ରେଳପଥ, ଜଳପଥ ଓ ଆକାଶପଥ- ସବୁ ସମ୍ଭାବିତ ମାର୍ଗରେ ବିଶ୍ୱସ୍ତରୀୟ ଯୋଗାଯୋଗ ଦ୍ୱାରା ପୂର୍ବ ଭାରତର ଗେଟ୍-ୱେ କରିବା ପାଇଁ ଆମ ସରକାର ବିଭିନ୍ନ ପ୍ରକଳ୍ପ ଆରମ୍ଭ କରିଛନ୍ତି। କ୍ୟାପିଟାଲ ରିଜିଅନ ରିଂଗ ରୋଡ, ଭୁବନେଶ୍ୱର -କଟକ- ପୁରୀ -ପାରାଦୀପ ଇକୋନୋମିକ ରିଜିଅନ ଜରିଆରେ ଏହି ଅଞ୍ଚଳକୁ ଦେଶର ଏକ ଗ୍ରୋଥ ହବ୍ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ଓଡ଼ିଶା ଏବେ କେବଳ ଦେଶ ନୁହେଁ, ସାରା ବିଶ୍ୱର ଶିଳ୍ପ ସଂସ୍ଥା ଓ ନିବେଶକ ମାନଙ୍କର ଆସ୍ଥାର ପାତ୍ର ହୋଇଛି। ଓଡ଼ିଶାକୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଆସିଛି। ତନ୍ମଧ୍ୟରୁ ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଙ୍ଗ୍ ହୋଇ ସାରିଛି। ଏହାଦ୍ୱାରା ପ୍ରାୟ ୨ ଲକ୍ଷ ନିଯୁକ୍ତି ଆମେ ସୃଷ୍ଟି କରିସାରିଛୁ।

ସେ ଆହୁରି ମଧ୍ୟ କହିଥିଲେ ଯେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ମଧ୍ୟ ଆମ ସରକାର ଯେଉଁ ପଦକ୍ଷେପ ନେଇଛି, ତାହା ନିଶ୍ଚିତ ଭାବେ ପୂର୍ବରୁ କେହି କେବେ ଦେଖି ନାହାନ୍ତି। କୋଟିଏ ମା'ଙ୍କ ଆକାଉଣ୍ଟକୁ ବର୍ଷକୁ ୧୦ ହଜାର କୋଟି ଟଙ୍କା ଯାଉଛି। ୧୭ ଲକ୍ଷ ଲକ୍ଷପତି ଦିଦି ହେଉଛନ୍ତି ଆମ ମହିଳା ସଶକ୍ତିକରଣର ଏକ ସୁଦୃଢ଼ ପରିଚୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶାସକ ଦଳ ପକ୍ଷରୁ ଆଲୋଚନାରେ ବିଧାୟକ ଟଙ୍କଧର ତ୍ରିପାଠୀ, ଇରାଶିଷ ଆଚାର୍ଯ୍ୟ, ପ୍ରତାପ ଚନ୍ଦ୍ର ନାଏକ ଓ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଭାଗ ନେଇଥିଲେ।

## ମାଗଣା ସୁବିଧା...

କାଲକୁଲେସନ୍ ଆଉଥରେ କରିବାକୁ ପଡୁଛି। କେବଳ ତାମିଲନାଡୁ ନୁହେଁ, ଦେଶର ଅଧିକାଂଶ ରାଜ୍ୟ ନିଅଣ୍ଟିଆ ବଜେଟ୍‌ରେ ଚାଲୁଛନ୍ତି, ତଥାପି ସେମାନେ ବିକାଶମୂଳକ କାର୍ଯ୍ୟକୁ ଅଣଦେଖା କରି ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଯେଉଁମାନେ ବିଜୁଳି ବିଲ୍ ଦେଇପାରିବେ ନାହିଁ, ସେମାନଙ୍କୁ କଲ୍ୟାଣକାରୀ ଯୋଜନା ଅଧୀନରେ ଆଶ୍ୱସ୍ତି ପ୍ରଦାନ କରିବା ଗ୍ରହଣୀୟ। କିନ୍ତୁ ସକ୍ଷମ ଓ ଅକ୍ଷମଙ୍କ ମଧ୍ୟରେ ପାର୍ଥକ୍ୟ ନକରି ସମସ୍ତଙ୍କୁ ମାଗଣା ସୁବିଧା ଦେବା- ଏହା କ'ଣ ରାଜନୈତିକ ତୁଷ୍ଟୀକରଣ ନୀତି ନୁହେଁ କି?

ସୂଚନାଯୋଗ୍ୟ ଯେ, ତାମିଲନାଡୁ ପାୱାର ଡିଷ୍ଟ୍ରିବ୍ୟୁସନ କର୍ପୋରେସନ ପକ୍ଷରୁ ଦାୟର ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁଣାଣି କରୁଥିଲେ। କମ୍ପାନୀ ୨୦୨୪ ବିଦ୍ୟୁତ (ସଂଶୋଧନ) ନିୟମାବଳୀ ଧାରା ୨୩କୁ ଚ୍ୟାଲେଞ୍ଜ କରିଛି। ଯେଉଁଥିରେ ଉପଭୋକ୍ତାଙ୍କ ଆର୍ଥିକ ସ୍ଥିତି ନିର୍ବିଶେଷରେ ସମସ୍ତଙ୍କୁ ମାଗଣା ବିଜୁଳି ଦେବାକୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ସରକାର ଘରୋଇ ଗ୍ରାହକଙ୍କୁ ପ୍ରତି ଦୁଇମାସରେ ପ୍ରାୟ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ବିନା କୌଣସି ସର୍ତ୍ତରେ ପ୍ରଦାନ କରୁଛନ୍ତି। ଅର୍ଥାତ ଉପଭୋକ୍ତା ଯେତେ ବିଜୁଳି ବ୍ୟବହାର କଲେ ମଧ୍ୟ ପ୍ରଥମ ୧୦୦ ୟୁନିଟ ପାଇଁ ସେମାନଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼େ ନାହିଁ। ଏହି ମାମଲାରେ କୋର୍ଟ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ବିଜୁଳି ଦର ଘୋଷଣା କରିବା ପରେ ତାମିଲନାଡୁ କମ୍ପାନୀ କାହିଁକି ହଠାତ୍ ମାଗଣା ବିଜୁଳି ଦେବାକୁ ନିଷ୍ପତ୍ତି ନେଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି।

## ଏଆଇରେ ୧୦ ଲକ୍ଷ କୋଟି...

କ୍ଷୁଦ୍ର ବ୍ୟବସାୟ, ସ୍କୁଲ, ହସ୍ପିଟାଲ୍ ଓ ଚାଷଜମି ପର୍ଯ୍ୟନ୍ତ ପହଞ୍ଚିପାରିବ। ଜିଓ ଏଆଇ ଭାରତୀୟ ଭାଷାମାନଙ୍କରେ କାମ କରିବ, ଯାହା ଫଳରେ ଚାଷୀ, ଯୁବକ, ଛାତ୍ରଛାତ୍ରୀ ଓ ଛୋଟ ବ୍ୟବସାୟୀମାନେ ନିଜ ଭାଷାରେ ଏହାର ଲାଭ ନେଇପାରିବେ। ଏହି କ୍ରମରେ ଶିକ୍ଷା ପାଇଁ ଜିଓ ଶିକ୍ଷା ଏଆଇ, ସ୍ୱାସ୍ଥ୍ୟ ପାଇଁ ଜିଓ ଆରୋଗ୍ୟ ଏଆଇ, କୃଷି ପାଇଁ ଜିଓ କୃଷି ଏବଂ ସାଧାରଣ ବ୍ୟବହାର ପାଇଁ ଜିଓ ଭାରତ ଆଇକ୍ୟୁ ପରି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି, ଯାହା ସ୍ଥାନୀୟ ଭାଷାରେ ଏଆଇ ଆଧାରିତ ସହାୟତା ଉପଲବ୍ଧ କରାଇବ।

ଅମ୍ବାନୀ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ, ଯଦି ପ୍ରଯୁକ୍ତି ସୁଲଭ ଏବଂ ଦେଶର ଆବଶ୍ୟକତା ଅନୁରୂପ ବିକଶିତ କରାଯିବ ତେବେ ଭାରତ ଏକବିଂଶ ଶତାବ୍ଦୀରେ ଅଗ୍ରଣୀ ଏଆଇ ଶକ୍ତି ହୋଇପାରିବ।

## ୩୦୦ ମ୍ୟୁଲ ଆକାଉଣ୍ଟରେ...

ରହିଛି। ଏହି ଘଟଣାରେ ମୋଟ ୫୨ ଜଣଙ୍କୁ ଅଟକ ରଖାଯାଇଛି। ସାଇବର ଠକେଇରେ ସମ୍ପୃକ୍ତ ଥିବା ୨୦ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୩୨ ଜଣଙ୍କୁ ନୋଟିସ ଦେଇ ତଦନ୍ତ ପରିସରଭୁକ୍ତ କରାଯାଇଛି।

ଅପରସେନ ସାଇବର କବଚରେ ଜିଲ୍ଲାର ସଦର ଥାନାରେ ୩, ଟାଉନ ଥାନାରେ ୫, ଅଇଁଠାପାଲି ୫, ବୁର୍ଲା ୩, କ୍ଷେତରାଜପୁରରେ, ରେଙ୍ଗାଲି, ରେଢାଖୋଲ ଓ କତରବଗା ଥାନାରେ ଗୋଟାଏ ଲେଖାଏଁ ମାମଲା ରୁଜୁ ହୋଇଛି। ଅଟକ ୫୨ଜଣଙ୍କ ବ୍ୟାଙ୍କ ଖାତାରେ ୭୫ କୋଟିରୁ ଅଧିକ ଟଙ୍କା ଟ୍ରାଞ୍ଜାକ୍ସନ୍ ହୋଇଛି। ଲୋକେ ଟିକେ ଅସାବଧାନ ହେଲେ ବ୍ୟାଙ୍କ ଖାତାରୁ ଲକ୍ଷାଧିକ ଟଙ୍କା ଏହି ସାଇବର ଲୁଟେରା ଆଖି ପିଛୁଳାକେ ଲୁଟି ନେଉଛନ୍ତି। ତେଣୁ ଲୋକେ ସାବଧାନ ନ ହେଲେ ଏହି ରାକେଟରେ ରୋକ ଲାଗିପାରିବନି ବୋଲି ସମ୍ବଲପୁର ଏସପି କହିଛନ୍ତି।

## ବିନା ଫିଟନେସରେ...

ପ୍ରମାଣ ପତ୍ର ବା ପିୟୁସିସି ଗତ ଡିସେମ୍ବର ୨୨ ତାରିଖରୁ ସରିଗଲାଣି ବୋଲି ସୂଚନା ଦିଆଯାଇଛି। ତେବେ ଏହି ତଥ୍ୟ ସହ ଏଣିକି ବିନା ଫିଟ୍‌ନେସ୍‌ରେ ଗାଡ଼ି ଚଳାଚଳ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ସ୍କୁଲ ବସର ଫିଟନେସ ଓ ପିୟୁସିସି ଆବଶ୍ୟକ। ଏସବୁର ଯାଞ୍ଚ ହେବ। କିଛି ଗାଡି ଉପରେ କାର୍ଯ୍ୟାନୁଷ୍ଠାନ ହେଲାଣି। ବାରମ୍ବାର ଅମାନିଆ ହେଲେ ସେହି ଗାଡିଗୁଡିକର ଆରସି ବାତିଲ ହେବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।

## ରଙ୍ଗ ଗେରୁଆ...

ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଯାହା ୨୦୨୪-୨୫ରେ ଅଭିବୃଦ୍ଧି ୭.୨% ଏବଂ ଜାତୀୟ ହାର ୭.୪%ଠାରୁ ଅଧିକ। ମୁଣ୍ଡପିଛା ଆୟ କ୍ଷେତ୍ରରେ ମଧ୍ୟ ରାଜ୍ୟ ଜାତୀୟ ହାର ସହିତ ରହିଥିବା ଏହା ଆୟ ବ୍ୟବଧାନକୁ ସ୍ଥିର ଭାବରେ ହ୍ରାସ ଘଟାଇବାରେ ଲାଗିଛ, ଯାହା ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତିକୁ ପ୍ରତିଫଳିତ କରିଛି। ଓଡିଶା ପାଇଁ ଶିଳ୍ପ ଅଭିବୃଦ୍ଧି ପ୍ରମୁଖ ବାହକ ହୋଇଛି। ମୋଟ ରାଜ୍ୟ ସଂଯୋଗିତ ମୂଲ୍ୟରେ ଶିଳ୍ପ କ୍ଷେତ୍ରର ଯୋଗଦାନ ୪୧.୩ ପ୍ରତିଶତ ରହିଛି, ଯାହାର ମୂଲ୍ୟ ୩.୬ ଲକ୍ଷ କୋଟି ଟଙ୍କା। ଶିଳ୍ପ କ୍ଷେତ୍ରରେ ରାଜ୍ୟ ୬.୪% ପ୍ରତିଶତ ଅଭିବୃଦ୍ଧି ପଞ୍ଜୀକୃତ କରିଛି, ଉତ୍ପାଦନ ଜାତୀୟ ହାରଠାରୁ ୮.୩ ପ୍ରତିଶତ ବୃଦ୍ଧି ପାଇବାର ଆଶା କରାଯାଉଛି। ୨୦୨୫ରେ ରାଜ୍ୟ ୫.୬୬ ଲକ୍ଷ କୋଟିର ନିବେଶ ସହିତ ୨୪୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯାହା ୩.୩୫ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରଖିଛି।

ରିପୋର୍ଟ ଅନୁସାରେ ଓଡ଼ିଶା ତାର ଦୃଢ଼ ବିତ୍ତୀୟ ଶୃଙ୍ଖଳାକୁ ବଜାୟ ରଖିଛି। ରାଜ୍ୟର ଋଣ-ଜିଏସ୍‌ଡିପି ଅନୁପାତ ୧୩.୬ ପ୍ରତିଶତ ରହିବା ନେଇ ବଜେଟରେ ଆକଳନ କରାଯାଇଛି। ପୁଞ୍ଜି ବ୍ୟୟ ଜିଏସ୍‌ଡିପିର ୬.୬ ପ୍ରତିଶତକୁ ବୃଦ୍ଧି ପାଇଛି। ବର୍ଦ୍ଧିତ ନିବେଶ, ଦୃଢ଼ ଶିଳ୍ପ ଅଭିବୃଦ୍ଧି, ଉନ୍ନତ ଭିତ୍ତିଭୂମି ଏବଂ ବିଚକ୍ଷଣ ଆର୍ଥିକ ପରିଚାଳନା ରାଜ୍ୟକୁ ଆଗାମୀ ବର୍ଷଗୁଡ଼ିକରେ ନିରନ୍ତର ଉଚ୍ଚ ଅଭିବୃଦ୍ଧି ଏବଂ ସାଂରଚନିକ ପରିବର୍ତ୍ତନ କ୍ଷେତ୍ରରେ ଲାଭଦାୟକ ହେବ ବୋଲି ସର୍ଭେରେ କୁହାଯାଇଛି। ଡିଜିଟାଲ୍ ଅର୍ଥନୀତିର କେନ୍ଦ୍ର ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା(ଏଆଇ), ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ବିଶ୍ୱସ୍ତରୀୟ କ୍ଷମତା କେନ୍ଦ୍ର ଭଳି ଉଦୀୟମାନ କ୍ଷେତ୍ର ଉପରେ ସରକାରଙ୍କ ଧ୍ୟାନକୁ ସର୍ଭରେ ଉଲ୍ଲେଖ କରାଯାଇଛି। ରାଜ୍ୟର କୃଷି କ୍ଷେତ୍ର ସ୍ଥିର ରହିଛି, ଅର୍ଥନୀତିକୁ ଏହାର ଯୋଗଦାନ ୧୯.୬ ପ୍ରତିଶତ ରହିଛି, ଯାହା ଜାତୀୟ ହାର ୧୬.୮ ପ୍ରତିଶତଠାରୁ ଅଧିକ। ଏହି କ୍ଷେତ୍ର ୫.୩ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରିଛି। ସେହିପରି ୯୨.୬ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି, ଯାହା ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ସବ୍‌ସିଡି ମାଧ୍ୟମରେ ପ୍ରାୟ ୨୦ ଲକ୍ଷ ଚାଷୀଙ୍କୁ ଲାଭ ଦେଇଛି। ରାଜ୍ୟ ଏହାର ଜଳସେଚନ କ୍ଷମତାକୁ ୭୪.୨ ଲକ୍ଷ ହେକ୍ଟରକୁ ବୃଦ୍ଧି କରିଛି। ଓଡିଶାର ରେଳ ନେଟୱର୍କ ବଢ଼ିଛି। ରାଜ୍ୟକୁ ଚଳାଚଳ କରୁଥିବା ବିମାନ ସଂଖ୍ୟା ୧୨୦୦କୁ ବୃଦ୍ଧି ପାଇଛି। ବନ୍ଦର କ୍ଷମତା ମଧ୍ୟ ବୃଦ୍ଧି ପାଇଛି। ଦେଶର ମୋଟ ମାଲ ପରିବହନର ପ୍ରାୟ ୧୮% ପାରାଦୀପ ବନ୍ଦର ଜରିଆରେ ହେଉଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି

## ଦୁଇ ଦିନରେ...

ଲକ୍ଷ୍ୟ ବୋଲି ଉଲ୍ଲେଖ କରିଥିଲେ। ମାତ୍ର ଦୁଇଦିନ ପରେ ରାଜ୍ୟ ସରକାର ବିଧାନସଭାରେ ଉପସ୍ଥାପନ କରିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟର ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ୭ ହଜାର ବୃଦ୍ଧି ପାଇ ୧.୮୭ ଲକ୍ଷ ଟଙ୍କାରେ ପହଞ୍ଚିଛି। ରିପୋର୍ଟରେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟରେ ମୁଣ୍ଡପିଛା ଆୟ ୧.୮୭ ଲକ୍ଷ ଥିବା ଉଲ୍ଲେଖ ରହିଛି। ତେବେ ମାତ୍ର ଦୁଇଟି ଦିନ ବ୍ୟବଧାନରେ ରାଜ୍ୟର ହାରାହାରି ମୁଣ୍ଡପିଛା ଆୟ ୭ ହଜାର ଟଙ୍କା କିପରି ବଢ଼ିଗଲା ତାହା ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି।

### ସଂଶୋଧନ

ତା.୧୯.୦୨.୨୦୨୬ରିଖରେ ସମ୍ବାଦପତ୍ର 'ସକାଳ'ରେ ମୋ ନାମରେ ପ୍ରକାଶିତ "ହଜିଛି" ସ୍ତମ୍ଭରେ ମୋର ନାମକୁ ଶ୍ରୀମତୀ ରେଖା ଦାଶ ପରିବର୍ତ୍ତେ **ଶ୍ରୀମତୀ ରଶ୍ମୀ ରେଖା ଦାଶ** ପଢ଼ିବାକୁ ଅନୁରୋଧ।


**WANTED**

A well-established firm invites applications for the following positions:

1. **Senior Accountant - (1 No.)** Experience : 10 yrs. above
2. **Junior Accountant - (1 No.)** Experience : 2-5 yrs. above
3. **Supervisor - (2 Nos.)** Experience : 2-5 yrs. above
4. **Sales Executive - (1 No.)** Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to Email: 19sanatang@gmail.com

Contact 7978386707



**OFFICE OF THE EXECUTIVE ENGINEER**
**RWS&S DIVISION, RAIRANGPUR**

25001/200/2526

Email:-eerwss_rai@nic.in, eerwss.rai@gmail.com

QUOTATION CALL NOTICE NO- 03 OF 2025-26

The Superintending Engineer, RWS&S Division, Rairangpur on behalf of Government of Odisha invites sealed Quotation for the following works as stated below from authorized dealer/ Distributor / Supplier under following terms and conditions.

| | | |
|---|---|---|
| 1 | Nature of work | ISI marked steel tubes used in water wells of type electric resistance welder (ERW) confirming to IS-4270/2001 with subsequent amendments if any having length of 3.05 mtrs cutting tolerance (-0.00mtr. + 0.05 mtr) and both sides beveled. The angle of bevel shall be 15º in one end and 45º in other end. Nominal Bore 5" (125 mm dia) ERW MS Casing Pipe having wall thickness 5.40 mm |
| 2 | No of item | 1 (One) |
| 3 | The Quotation document will be available in O/o The Superintending Engineer, RWS&S, Division, Rairangpur | From 23.02.2026 (10 AM) to 05.03.2026 (5.00 PM) |
| 4 | Last date and time for submission of Quotation papers in the Quotation box kept in the O/o the Superintending Engineer, RWS&S, Division, Rairangpur | Dt- 06.03.2026 up to 5:00 PM |
| 5 | Date and time of opening of Quotation | Dt. 07.03.2026 at 11.00 AM in the Office of Superintending Engineer, RWS&S, Division, Rairangpur |

Subsequent corrigendum if any shall appear in the office notice board of the undersigned.

OIPR-25001/25010/1/25-26/0017 — Superintending Engineer, RWS&S Division, Rairangpur



**GOVERNMENT OF ODISHA** 19001/37/2526
**OFFICE OF THE PANCHAYAT SAMITI, JODA**
NOTICE INVITING TENDER e-Procurement
Online Bid ID No. 02 -Joda (KJR/ 2025-2026)

The Block Development Officer, Joda, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 4 (Four) Nos. |
| Estimated Cost | Rs. 65.93 Lakhs |
| Tender Paper Cost | Mentioned in Column No. 6 of Tender call notice |
| Period of completion | 08 (Eight) calendar months |
| Availability of Bid Documents | From 07.03.2026 to 18.03.2026 during office hours in Website (www.tenderorissa.gov.in) |
| Period of receipt of Bid through online | From 07.03.2026 to 18.03.2026 through online. |
| Date of Opening of Technical Bid Documents | At 11.00 A.M. on 19.03.2026 in the office chamber of the Panchayat Samiti, Joda, Keonjhar |
| Date of Lottery | At 11.00 A.M. on 24.03.2026 in the office chamber of the Panchayat Samiti, Joda, Keonjhar |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT: | the Panchayat Samiti, Joda, Keonjhar At/Po-Banaikala, Dist- Keonjhar Pin-758038. E-Mail ori-joda@nic.in |

Further Details can be seen from the web site : www.tendersorissa.gov.in

OIPR-19001/19122/1/25-26/0001 — Block Development Officer, Joda, Block



**NOTICE INVITING TENDER** 13001/301/2526
**OFFICE OF THE MUNICIPAL COUNCIL, NAYAGARH**
NAYAGARH(ODISHA), PIN-752069
e-Mail: nacnayagarh@yahoo.co.in
Tender Call Notice No. 357 dt. 16.02.2026
E-Procurement Notice No.

| | | | |
|---|---|---|---|
| 1 | Name of the Work | : | Supplying, Installation, Testing and Commissioning of Decorative Lights at Balangi Park and other places in Nayagarh Municipality. |
| 2 | Class of Bidder | : | Holder of MV/HT License of ELBO with Authorized Dealer |
| 3 | Nos. of Tender | : | 01no. |
| 4 | Date of Publication | : | Dt.17.02.2026 |
| 5 | Date and Time of availability of Document | : | From Dt.18.02.2026 at 10.00 AM to Dt.06.03.2026 up to 5.00 PM |
| 6 | Last date of submission of original documents in this office | : | On or before 5.00 P.M. on Dt.10.03.2026 by Registered Post / Speed Post (Not allowed in other mode) |
| 7 | Date and Time of opening Bid | : | Dt.11.03.2026 at 11.30 AM at Municipality Office, Nayagarh |
| 8 | Address and address of the office inviting bid | | -Sd- Executive officer, Nayagarh Municipality |

OIPR-13001/13134/1/25-26/0017 — Executive officer, Nayagarh Municipality



13001/295/2526 OFFICE OF THE
**NOTIFIED AREA COUNCIL, TARBHA**
"e" Procurement Notice
BID Identification No: TRV-NAC-03/2025-26
TENDER ID: 2026_ORULB_126021
Tender Call Notice No. 198 / Date 13.02.2026

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : As per DTCN
2. No. of works : 09 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date &Time of Bidding : From Dt.16.02.2026 from 11.00 A.M.
6. Last Date & Time for Receipt of tenders through online : On or before Dt.26.02.2026 up to 05.00 PM
7. Bids received online shall be opened on : On Dt.27.02.2026 at 11.00 AM
8. Name and address of the Officer inviting Bid : Executive Officer,Tarbha NAC

Further details can be seen from the procurement portal i.e. www.tendersodisha.gov.in

OIPR-13001/13199/1/25-26/0036 — Executive Officer, Tarbha NAC



**ସାର୍ବଜନୀନ ସୂଚନା**

ଏହା ଘୋଷଣା କରାଯାଉଛି ଯେ, ଜି.ଏ. ପ୍ଲଟ୍ ନଂ.ଡି–୨୩(ଅଂଶ) ସମ୍ବନ୍ଧୀୟ ଦିନାଙ୍କ ୧୧.୦୩.୨୦୨୨ ରେ କରାଯାଇଥିବା ଏକ ରେଜିଷ୍ଟର୍ଡ ବିକ୍ରୟପତ୍ର, ଡକ୍ୟୁମେଣ୍ଟ ନଂ. ୧୧୦୮୨୨୦୩୫୮୫, ଯାହା ଶ୍ରୀ ଧନୁଷଧାରୀ ମିଶ୍ର ଓ ଆର୍.ସି.ବି.ଇନ୍‌ଫ୍ରା ପ୍ରାଇଭେଟ ଲିମିଟେଡ୍ (RCB Infra Pvt. Ltd.) ମଧ୍ୟରେ, ତାଙ୍କ ଅଧିକୃତ ସ୍ୱାକ୍ଷରକାରୀ ଶ୍ରୀ ତାପସ କୁମାର ସ୍ୱାଇଁ ମାଧ୍ୟମରେ ସମ୍ପାଦିତ ହୋଇଥିଲା, ଅଜାଣତରେ ହଜିଯାଇଛି।

ଏହି ପରିସ୍ଥିତିରେ ସାଧାରଣ ଜନସାଧାରଣଙ୍କୁ ଜଣାଯାଉଛି ଯେ, ଉକ୍ତ ଡକ୍ୟୁମେଣ୍ଟ ନଂ. ୧୧୦୮୨୨୦୩୫୮୫ ବର୍ତ୍ତମାନ ହଜିଯାଇଛି ଏବଂ କୌଣସି ପକ୍ଷଙ୍କ ନିକଟରେ ଉପଲବ୍ଧ ନାହିଁ। ଏହା ସମ୍ବନ୍ଧରେ ଶ୍ରୀ ତୁଷାର ରଞ୍ଜନ ନନ୍ଦ, ଯିଏ ଦିନାଙ୍କ ୦୪.୧୦.୨୦୨୫ ଠାରୁ ଉକ୍ତ ପ୍ଲଟ୍‌ର ପରବର୍ତ୍ତୀ କ୍ରେତା, ବଡ଼ଗଡ଼ ଥାନାରେ ଏକ ଏଫ୍‌ଆଇଆର ଦାଖଲ କରିଛନ୍ତି।

ଯଦି କାହାରି ପାଖରେ ଉକ୍ତ ହରାଇଯାଇଥିବା ଡକ୍ୟୁମେଣ୍ଟ ସମ୍ବନ୍ଧରେ କୌଣସି ସୂଚନା ରହିଥାଏ, ଦୟାକରି ବଡ଼ଗଡ଼ ଥାନା କିମ୍ବା ଏମ୍/ଏସ୍. ଟି.ଏମ୍. କନ୍‌ଷ୍ଟ୍ରକ୍‌ସନ୍ସ, (M/s. TM Constructions) ଠିକଣା: ଡି-୨୦, ବି.ଜେ.ବି. ନଗର, ଭୁବନେଶ୍ୱର -୭୫୧୦୧୪ ସହିତ ଯୋଗାଯୋଗ କରିବେ। ଡକ୍ୟୁମେଣ୍ଟ ମିଳିଲେ ତାହା ଜମାକରିବେ ବୋଲି ଶ୍ରୀନନ୍ଦ ଦାୟିତ୍ୱଗ୍ରହଣ କରିଛନ୍ତି ଏବଂ ସମ୍ପତ୍ତି ରେକର୍ଡ ସୁରକ୍ଷା ପାଇଁ ସାଧାରଣ ଲୋକଙ୍କ ସହଯୋଗ ଅଭିଳାଷା କରୁଛନ୍ତି।

ଯଦି କୌଣସି ବ୍ୟକ୍ତିଙ୍କର ଏହା ସମ୍ବନ୍ଧରେ କୌଣସି ଆପତ୍ତି ଥାଏ, ତେବେ ଶ୍ରୀ ତ୍ରିଲୋଚନ ପୃଷ୍ଟି, ଅଧିବକ୍ତାଙ୍କ ସହିତ ମୋବାଇଲ୍ ନଂ. ୮୨୪୯୬୭୬୫୨୭ ରେ ୩୦ ଦିନ ମଧ୍ୟରେ ଯୋଗାଯୋଗ କରିବେ।



**VEHICLE FOR SALE**

1. LEYLAND 3118 TRUCK , Model - 2017, Registration No-OD-21-F-4905, in as is where is condition, Contact: M/S Sundaram Finance Limited, BHUBANESWAR BRANCH, Ph:0674-2544772 within 7 days

**WANTED**

A well-established firm invites applications for the following position

**Tele Sales Executive**
Out Bound Uk process
Good English Speaking
**Salary: 10k to 20k**
depend upon experience

Interested candidates can send their CV to Email: pin24u@gmail.com

9776245778
7752003261

Location: Bhubaneswar

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Brake-Van-25-26-29

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଏବଂ ୱାଲ୍ଟିୟର ମଣ୍ଡଳରେ ନିର୍ଦ୍ଦିଷ୍ଟକାଳିକ ଓଭରହଲିଙ୍ଗ ସମୟରେ ବ୍ରେକ୍ ଭ୍ୟାନଗୁଡ଼ିକରେ ସମନ୍ୱୟ ଯୋଗ୍ୟ ଗାର୍ଡ ଚେୟାର ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧାଗୁଡ଼ିକର ବ୍ୟବସ୍ଥା ଏବଂ ବ୍ରେକ୍ ଭ୍ୟାନଗୁଡ଼ିକର ଉନ୍ନତୀକରଣ।

ବିଜ୍ଞାପିତ ମୂଲ୍ୟ : ₹ 9,40,51,120.50, EMD : ₹ 6,20,300/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.02.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.03.2026ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର

PR-1138/Q/25-26

**AFFIDAVIT**

**Jyostnarani Panda,** W/o: Saroj Kumar Panda, Resident At/ PO: Ekadal, Chandrapur, PS: Kanpur-754037, Odisha, declare by this Affidavit No: 4034, Date: 17.02.2026, that now onwords I shall be known as **Jyotsnarani Panda** for all future purposes.

**AFFIDAVIT**

By virtue of an affidavit sworn before **Executive Magistrate, Rayagada, dtd 19.02.2026,** I, **Sri Gopinath Kulisika,** resident of Vill- Nimajhola, P.O.- Majhiguda, P.S.- Kalyansinghpur, Dist-Rayagada, Odisha-765017, hereby declare that the name of my minor daughter has been changed from "Rani Karkaria" to "Sameer Kulisika". Henceforth, she shall be known as **"Sameer Kulisika"** for all purposes.

**Sri Gopinath Kulisika**

**AFFIDAVIT**

By virtue of an affidavit sworn before **Executive Magistrate, Rayagada, dtd 19.02.2026,** I, **Sri Madan Karkaria,** resident of Vill- Nimajhola, P.O.- Majhiguda, P.S.- Kalyansinghpur, Dist-Rayagada, Odisha-765017, hereby declare that the name of my minor daughter has been changed from "Rani Karkaria" to "Estar Karakaria". Henceforth, she shall be known as **"Estar Karakaria"** for all purposes.

**Sri Madan Karkaria**

**AFFIDAVIT**

By virtue of an affidavit sworn before **Notary public Bhubaneswar on dated 18.02.2026,** I, **Pradeep Kumar Jena**, resident of At-Baulachauka, Po-Jopan, PS-Balanga, Rudradeipur, Dist-Puri, Odisha, Pin-752105 declare that I have changed my name from **Pratap Kumar Jena to Pradeep Kumar Jena.** Henceforth, I shall be known as **PRADEEP KUMAR JENA** for all purposes.

**(PRADEEP KUMAR JENA)**

**AFFIDAVIT**

I, Lalchand Jain, S/o- Dhanraj Jain @ Bucha, resident Meria Bazar, Dist- Cuttack, PIN-753001, Odisha declare by this affidavit No. 27, dtd- 19/02/2026 that now onwards I shall be known as **LALCHAND JAIN** for all future purpose. Henceforth, **Lalchand Jain** and **Rakesh Jain** is the same and one person who is myself.

**AFFIDAVIT**

By virtue of an affidavit sworn before Executive Magistrate Kanas, No- 579, dated-17/2/2026. I, Sri **Prakash kumar Jena,** resident of At-Khuntiabanpur, Po- Olhan, Ps- Gadisagoda, Block-Kanas, Dist- Puri, Odisha, Pin- 752019 declare that I have changed the name of my Son's from **Abhinna Jena** to **Abhin Kumar Jena**. Henceforth, he shall be known as **Abhin Kumar Jena** for all purpose.

**Prakash Kumar Jena**

● ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଆରମ୍ଭ

## ୩ଟି କେନ୍ଦ୍ରରେ ୭ ୯ ୫ ଜଣ ପରୀକ୍ଷାର୍ଥୀ

ଜୟପୁର,୧୯ ।୨(ସମିସ): ପରୀକ୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ବୁଧବାର ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମର ପ୍ରଥମ ଦିବସରେ ଓଡିଆ। ବିଷୟର ପରୀକ୍ଷାରେ ଜୟପୁର ସହରର ବିକ୍ରମଦେବ କନିଷ୍ଠ ମହାବିଦ୍ୟାଳୟ, ସରକାରୀ ମହିଳା କନିଷ୍ଠ ବିଦ୍ୟାଳୟ ଏବଂ ବାମୁଣିପୁଟ ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ କନିଷ୍ଠ ମହାବିଦ୍ୟାଳୟରେ ସମୁଦାୟ ୭ ୯ ୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏଥିରେ ବିକ୍ରମଦେବ କନିଷ୍ଠ ମହାବିଦ୍ୟାଳୟରେ ୫୧୮ ଜଣଙ୍କ ମଧ୍ୟରୁ ୧୨ ଜଣ ଅନୁପସ୍ଥିତ ରହିଥିବା ବେଳେ ୫୦୬ ଜଣ, ସରକାରୀ କନିଷ୍ଠ ମହାବିଦ୍ୟାଳୟରେ ୧୪୪ ଜଣଙ୍କ ମଧ୍ୟରୁ ୪ଜଣ ଅନୁପସ୍ଥିତ ରହି ୧୪୦ ଜଣ ପରୀକ୍ଷାର୍ଥୀ ରହିଥିଲେ। ସେହିପରି ବାମୁଣିପୁଟ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ ଠାରେ ୧୫୪ ଜଣଙ୍କ ମଧ୍ୟରୁ ୫ ଜଣ ଅନୁପସ୍ଥିତ ରହିଥିଲେ ଏବଂ ୧୪୯ ଜଣ ଉପସ୍ଥିତ ରହିଥିଲେ। କଡା ସୁରକ୍ଷା ମଧ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା ବୋଲି ପରୀକ୍ଷା କେନ୍ଦ୍ର ମହିବିଦ୍ୟାଳୟ ଅଧ୍ୟକ୍ଷମାନେ ପ୍ରକାଶ କରିଛନ୍ତି।

## ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଦେଲେ ୪୧୬ ଛାତ୍ରଛାତ୍ରୀ

ଗୁଡାରୀ,୧୯।୨(ସମିସ): ୨୦୨୫-୨୬ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ତରଫରୁ ଦଶମ ଶ୍ରେଣୀ ପରୀକ୍ଷା ଗୁରୁବାର ଦିନ ସାରା ରାଜ୍ୟରେ ଆରମ୍ଭ ହୋଇଯାଇଛି। ରାୟଗଡ଼ା ଜିଲ୍ଲା ଗୁଡାରୀ ପରିଷଦରେ ଦୁଇଟି ଉଚ୍ଚ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ରୂପେ ସ୍ଥାନ ନିରୂପଣ କରାଯାଇଥିଲା। ଏଥିରେ ଏସ୍‌ଏସ୍‌ଡି ବିଦ୍ୟାଳୟରେ ଅସଡା, ଏମକେ ରାଇ, ଲୋକନାଥପୁର, ଡେପାଗୁଡ଼ା ସମ୍ବର ଲେଣ୍ଡିର ସର୍ବୋମୋଟ ୧୬୫ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ୨ ଜଣ ପରୀକ୍ଷାତ୍ରୀ ଅନୁପସ୍ଥିତ ଥିଲେ। ସେହିପରି ଗୁଡାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ, ନାଇରା, ବୁରୁକୁଡୁ, କଦମା, ବାଇନାଗୁଡ଼ା ବିଦ୍ୟାଳୟର ସର୍ବମୋଟ ୨୫୧ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଅନୁପସ୍ଥିତ ପରୀକ୍ଷାତ୍ରୀ ସଂଖ୍ୟା ୬ ଥିବା ଜଣାପଡିଛି। ଏହି ଦଶମ ବାର୍ଷିକ ପରୀକ୍ଷା ମାର୍ଚ୍ଚ ୨ ତାରିଖରେ ଶେଷ ହେବ ବୋଲି ସହକାରୀ ଶିକ୍ଷକ କିରୋଣଦୟ ନନ୍ଦ ସୂଚନା ଦେଇଛନ୍ତି। ଏହି ଦଶମ ଶ୍ରେଣୀ ପରୀକ୍ଷା ସୁରୁଖୁରୁରେ ପରିଚାଳନା ପାଇଁ ଥାନାଧିକାରୀ ଶ୍ରୀମତି ବିଶ୍ୱବନ୍ଦିନୀ ବାଗ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛନ୍ତି।

### ନିଘୋଡ଼ ନିଦ୍ରାରେ ବାଲିମେଳା ପୌରପାଳିକା

# ଗନ୍ଧରେ ନାକ ଫାଟୁଛି ; ମଶା ପାଇଁ ଲୋକେ ଛଟପଟ

କୋରୁକୋଣ୍ଡା,୧୯ ।୨(ସମିସ): ବାଲିମେଳା ସହରର ସଫେଇ କାର୍ଯ୍ୟ ସହିତ ମଶାଧୂଆଁ ବୁଲାଇବା ଏବଂ ବ୍ଲିଚିଂ ପାଉଡର ପକାଇବାକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ନେଇ କାଗଜ କଲମରେ ଦର୍ଶାଯାଉଛି। ପ୍ରତି ୱାର୍ଡକୁ ସଫା ରଖିବା ପାଇଁ ସଫେଇ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ହେଲେ ସହରର ମୁଖ୍ୟ ସ୍ଥାନ ଗୁଡିକ ପଚା ଦୁର୍ଗନ୍ଧରେ ନାକ ଫାଟୁଥିବା ବେଳେ ମଶା କାମୁଡ଼ାରେ ଲୋକେ ଛଟପଟ। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସହର ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ବାଲିମେଳା ବିଜ୍ଞାପିତ ପରିଷଦ ପକ୍ଷରୁ ବର୍ଷ ବର୍ଷ ଧରି ମଶାଧୂଆଁ ଦିଆ ଯାଉନାହିଁ କିମ୍ବା ଆଞ୍ଜୁଳାଏ ବ୍ଲିଚିଂ ପାଉଡର ମଧ୍ୟ ପକାଯାଉ ନାହିଁ। କିନ୍ତୁ କାଗଜ କଲମରେ ଲକ୍ଷ ଲକ୍ଷ ଟଙ୍କା ବିଲ କରାଯାଇ ଛାତି ଫୁଲା ନେତା ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ମଧ୍ୟରେ ଭାଗ ବଣ୍ଟା ହେଉଛି। ଗୋପବନ୍ଧୁ ଛକ ଠାରୁ ନାଲା ଛକ, ରଥ ଚକ ଠାରୁ ବସ୍‌ଷ୍ଟାଣ୍ଡ, ମେଡିକାଲ ସମ୍ମୁଖ, ରାଣିରୋଡ କାଙ୍ଗାଳି ଦୋକାନ ପଛପଟ ଠାରୁ ଡ୍ରଗଲାଇନ୍ ପର୍ଯ୍ୟନ୍ତ ସହରର ମୁଖ୍ୟ ନାଳ ବର୍ତ୍ତମାନ କଚରା ଗଦା ପାଲଟିଯାଇଛି।



ଜଳଖିଆ ଦୋକାନୀ ଠାରୁ ବୁଲା ବିକାଳିଙ୍କ ସୋଲ ଦନା , ଜରି , ପତ୍ର ଦନା , ଦୋକାନର ଅପରିଷ୍କାର ପାଣି , ପଚା ଫଳ ପନିପରିବା ପଡ଼ି ପ୍ରବଳ ଦୁର୍ଗନ୍ଧ ହେଉଛି। କିଛି ନାଳ ରାସ୍ତା ଦେଇ ଲୋକମାନେ ଗଲାବେଳେ ନାକରେ ହାତ ଦେଇ ଯାଉଛନ୍ତି। ସହରର ମୁଖ୍ୟ ସଡ଼କରେ ନାଳ ଗୁଡ଼ିକ ଥିବାରୁ ଅନେକ ସ୍ଥାନରେ ନାକ ଫଟା ଦୁର୍ଗନ୍ଧ ପୌରପରିଷଦର ସଫେଇ ଗାଥା ବଖାଣୁଛି। ବର୍ଷା ଦିନରେ ଅଳିଆ ଆବର୍ଜନା ଭାସିଯାଏ, କିନ୍ତୁ ବାକି ଦିନରେ ମାନଙ୍କରେ ଅଳିଆ ଆବର୍ଜନା ଜମାହୋଇ ଦୁର୍ଗନ୍ଧ ସୃଷ୍ଟି କରୁଛି। ତେବେ ପୌରପରିଷଦ ପକ୍ଷରୁ ନା ନାଳନର୍ଦ୍ଦମା ସଫା କରାଯାଉଛି ନା କେବେ କୌଣସି ସ୍ଥାନରେ ବ୍ଲିଚିଂ ମୁଠାଏ ପକାଯାଉଛି। ଫଳରେ ନାଳନର୍ଦ୍ଦମାରେ ପଚା ପାଣି ଜମି ରହିବା କାରଣରୁ ମଶା ବଂଶ ବୃଦ୍ଧି ପାଇବାରେ

### ଧୂଆଁ ଗାଡ଼ି ବୁଲୁନି ; ବ୍ଲିଚିଂ ପଡୁନି

ଲାଗିଛନ୍ତି। ଯାହା ଦ୍ୱାରା ନାଳପାଖ ଅଞ୍ଚଳବାସୀଙ୍କୁ ଦିନ ବେଳେ ମଧ୍ୟ ମଶା ରଖେଇ ବସେଇ ଦେଉନାହାଁନ୍ତି। ପୌରପରିଷଦ କାର୍ଯ୍ୟାଳୟ ପାଖ ଅଞ୍ଚଳବାସୀ ମଧ୍ୟ ମଶା କାମୁଡ଼ାରେ ଅତିଷ୍ଠ ହୋଇପଡ଼ିଛନ୍ତି। ସନ୍ଧ୍ୟା ସମୟରେ ଦୈନିକ ବଜାର ଠାରୁ ବସ୍ତି ବାସିନ୍ଦା ପର୍ଯ୍ୟନ୍ତ ମଶା କାମୁଡ଼ାର ଶୀକାର ହେଉଛନ୍ତି। ଅଳିଆ ସଂଗ୍ରହ ଓ ସଫେଇ କାର୍ଯ୍ୟ ପାଇଁ ପ୍ରତି ଘରୁ ଟଙ୍କା ଆଦାୟ କରାଯାଉଛି । ମାତ୍ର ସଠିକ୍ ସେବା ଯୋଗାଇବାରେ ପୌର ପରିଷଦ ଅକ୍ଷମ ହୋଇପଡିଛି। ପୌର ପରିଷଦ ପକ୍ଷରୁ ମଶା ଧୂଆଁ ମରା ଟିଫା ମେସିନ୍ ଏବଂ ଲକ୍ଷ ଲକ୍ଷ ଟଙ୍କାର ମଶା ତେଲ କିଣା ଯାଉଛି। ହେଲେ ସହରର ଗଳିକନ୍ଦିରେ ବର୍ଷ ବର୍ଷ ଧରି ମଶାଧୂଆଁ ବୁଲାଇବା କେହି ଦେଖୁନାହାନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସାଧାରଣ ଲୋକଙ୍କ ଟିକସ ଟଙ୍କାରେ ଦରମା ପାଉଥିବା ସରକାରୀ ବାବୁ ମାନଙ୍କ ଘରବାଡି ସଫା ରଖାଯାଉଥିବା ଦେଖିବାକୁ ମିଳୁଛି। ହେଲେ ଅଞ୍ଚଳବାସୀଙ୍କ ପାଇଁ କୌଣସି ୱାର୍ଡରେ ମୁଠାଏ ବ୍ଲିଚିଂ ପାଉଡର ପକାଯାଉନି। କିନ୍ତୁ କେବଳ ବଡ଼ ନେତା ଏବଂ ସଭା ସମିତି ବେଳେ ଲୋକ ଦେଖାଣିଆ ଭାବେ ବ୍ଲିଚିଂ ପାଉଡର ପକାଇ ଦିଆଯାଉଛି। ମଶା ତେଲ, ବ୍ଲିଚିଂ ପାଉଡର, ମେଲେରିଆ ତେଲ କିଣାରେ ବଡ଼ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ତେବେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ ନହେବା ଯୋଗୁଁ ପ୍ରତିକ୍ରିୟା ମିଳିପାରିନାହିଁ।

● ସରକାରୀ ଆଇଟିଆଇରେ ଏମ୍‌ଏସ୍‌ଏମ୍‌ଇ ବାଣିଜ୍ୟ ମେଳା

## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ସହାୟତା ବଣ୍ଟନ




ରାୟଗଡ଼ା,୧୯।୨(ସମିସ): ଆଜି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ହିତାଧିକାରୀମାନଙ୍କ ପାଇଁ ପ୍ରଦର୍ଶନୀ ତଥା ବାଣିଜ୍ୟ ମେଳା ରାୟଗଡ଼ା ସହର ସ୍ଥିତ ସରକାରୀ ଆଇଟିଆଇ ପରିସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ଏମଏସଏମଇର ମିଳିତ ସହଯୋଗିତାରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାୟଗଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଏଡିଏମ୍ ଶ୍ରୀ ନାୟକ ଉପସ୍ଥିତ ଥିବା ସମସ୍ତଙ୍କୁ ବିଶ୍ୱକର୍ମା ଯୋଜନା ଅଧୀନରେ କିପରି ଜଣେ ସଫଳ ଉଦ୍ୟୋଗପତି ନିଜ ନିଜର ଦକ୍ଷତା ନେଇ ଆଗେଇ ପାରିବେ ସେ ନେଇ ତାଙ୍କ ସମ୍ଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ। ଏମ୍‌ଏସଏମଇ ବାଣିଜ୍ୟ ମେଳାକୁ ମଧ୍ୟ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଉଦ୍‌ଘାଟନ କରିଥିଲେ। କଟକ ଏମ୍‌ଏସଏମଇ ଯୁଗ୍ମ ନିର୍ଦ୍ଦେଶକ ପି କେ ଗୁପ୍ତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ମେଳାରେ ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବରେ ଉପସ୍ଥାପନା କରିଥିଲେ। ମେଳାଗୁଡ଼ିକ କାରିଗରମାନଙ୍କୁ ୧୮ରୁ ଅଧିକ ପାରମ୍ପରିକ ବ୍ୟବସାୟ ପ୍ରଦର୍ଶନ କରିବା, ଗ୍ରାହକଙ୍କ ସହ ସଂଯୋଗ ସ୍ଥାପନ କରିବା ଏବଂ ଦକ୍ଷତା ସ୍ୱୀକୃତି ଏବଂ ଆର୍ଥିକ ସହାୟତା ପାଇବା ପାଇଁ ଏକ ପ୍ଲାଟଫର୍ମ ହୋଇପାରିଛି। ଏଥିରେ ସ୍ଥାନୀୟ ସରକାରୀ ଆଇଟିଆଇର ସଫଳପ୍ରଦ ବିଦ୍ୟାର୍ଥୀଙ୍କ ଦ୍ୱାରା ଅନ୍ତର୍ନିହିତ ଦକ୍ଷତାର ଉତ୍ପାଦ ପ୍ରଦର୍ଶନ ଯେପରିକି ଟୋକେଇ, ସିଲେଇ, ବଢ଼େଇ, ଇତ୍ୟାଦି ଯାହାକି ବ୍ୟାଙ୍କିଙ୍ଗର ବା ଆର୍ଥିକ ପ୍ରୋତ୍ସାହନ ପାଇଁ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମଞ୍ଚାସିନ ଥିବା ଅତିଥିଙ୍କ ମଧ୍ୟରୁ ପିଏମ୍‌ଇ ରାଜ୍ୟ କୋର୍ଡିନେଟର ଏସ୍.କେ ସାହୁ, ଏମଏସଏମଇ କଟକର ଡେଭଲପମେଣ୍ଟ ଏକ୍ସପର୍ଟ ସମ୍ପ୍ରିକା ମହାପାତ୍ର, ଜିଏମ୍ ଡିଆଇସି ଏସ୍.କେ ପଟ୍ଟନାୟକ, ଡିଆଇପିଆରଓ ବସନ୍ତ ପ୍ରଧାନ, ଏଲଡିଏମ ଡି କେ ବାଉରୀ, ଏମଏସଏମଇ ଡିଏଫଓ ସୁଭାଷ କୁମାର ସାହୁ, ପ୍ରିନ୍ସିପାଲ ବି କେ ବସନ୍ତରାଏ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମଞ୍ଚାସିନ ଥିବା ଅତିଥି ନିଜ ନିଜ ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ବିଦ୍ୟାର୍ଥୀ, ଉଦ୍ୟୋଗପତିଙ୍କ ସମେତ ସମସ୍ତ ଅଂଶୀଦାରଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସଫଳପ୍ରଦ ଭାବେ ୫ ଜଣ ମନୋନୀତଙ୍କୁ ୧ଲକ୍ଷ ଟଙ୍କାର ଋଣ ଚେକ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଅଂଶଗ୍ରହଣକାରୀଙ୍କ ଉପସ୍ଥିତ ଥିଲେ।

## ଘର ଭିତରେ ପଶିଲା ପିକଅପ୍

ଜୟପୁର,୧୯ ।୨(ସମିସ): ଅପରାହ୍ନ ୪ଟା ସମୟରେ ବାରିଣିପୁଟ ନିକଟସ୍ଥ ୨୬ନମ୍ବର ଜାତୀୟ ରାଜପଥରେ ଏକ ପିକଅପ ଭ୍ୟାନ ଆସୁଥିବା ସମୟରେ ପିକଅପ ଭ୍ୟାନ ସମ୍ମୁଖରେ ଏକ ବାଇକ ଚାଲିଆସିଥିଲା। ଯାହା ଫଳରେ ଭ୍ୟାନ ଡ୍ରାଇଭର ହଠାତ ବ୍ରେକ ଦବାଇବାରୁ ଭ୍ୟାନ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଗଡିଣିଆ ରହିଥିବା ଯୋଗୁଁ ଭ୍ୟାନଟି ଗଡିଯାଇ ଘର ଭିତରେ ପଶି ଯାଇଥିଲା। ଉକ୍ତ ଗୃହର କାନ୍ଥ ଭାଙ୍ଗିଥିବା ବେଳେ ଭ୍ୟାନଟି ଭାରି କ୍ଷତିଗ୍ରସ୍ତ ହୋଇଥିଲା। କିନ୍ତୁ ଗୃହ ଭିତରେ ଲୋକ ମାନେ ରହିଥିବା ଯୋଗୁଁ କୌଣସି ଅଘଟଣ ଘଟିନାହିଁ।

## ଏକମ୍ବା କ୍ରିକେଟ୍ ଦଳ ଚାମ୍ପିଅନ୍

କୁନ୍ଦୁରା, ୧୯।୨ (ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଭୂଷଣଗୁଡା ୟୁଥ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଏକମ୍ବା ସହ ଗିର୍ଲି ଗୁଡା ମଧ୍ୟରେ ଫାଇନେଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଏକମ୍ବା ଦଳ ଚମ୍ପିୟନ ହୋଇଥିଲା । ଗିର୍ଲି ଗୁଡା ୧୨ ଓଭର ୬୬ ରନ କରିଥିବା ବେଳେ ଏକମ୍ବା ଦଳ ୭ ଓଭରେ ୬୭ ରନ କାରି ବିଜୟ ହୋଇଥିଲେ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ନିର୍ବାଚନ ମଣ୍ଡଳୀ ର କଂଗ୍ରେସ ବିଧାୟକ ପାର୍ଥ ଅନାମ ଦିଆନ, ସମ୍ମାନିତ ଅଥିଥି ଭାବେ ବ୍ଲକ କଂଗ୍ରେସ ସଭାପତି ଗକୁଳ ପଟ୍ଟନାୟକ, ସମ୍ପାଦକ ଦୈତାରୀ ମଲ୍ଲିକ, ପିସିସି ସଭ୍ୟ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସଂଖ୍ୟାଲଘୁ ସଭାପତି ସୁବାସ ଚନ୍ଦ୍ର ସେବିତି, ଜିଲ୍ଲା ସମ୍ପାଦକ ରାଜେଶ ଗୁରୁ, ରାଣୀଗୁଡା ପଂଚାୟତ ସରପଞ୍ଚ ଶିବ ପ୍ରଧାନୀ, ଭୂଷଙ୍ଗଗୁଡା ସରପଞ୍ଚ ଦମ୍ବୁରୁ ପୂଜାରୀ, ରାମନାଥ ପ୍ରଧାନୀ ଉପସ୍ଥିତ ରହି ବିଜୟୀ ଦଳକୁ ଟ୍ରଫି ସହ ତୋରିଷି ହଜାର ଟଙ୍କା ଏବଂ ଉପ ଜିଜେତା ଦଳକୁ କୋଡ଼ିଏ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

## କୁନ୍ଦୁରା ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ପ୍ରଥମ ବିବାହ ପଞ୍ଜୀକରଣ




କୁନ୍ଦୁରା, ୧୯।୨(ସମିସ): ସ୍ଥାନୀୟ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଠାରେ ଆଜି ଏକ ବିବାହ ପଞ୍ଜିକରଣ କରାଯାଇଛି। ସବ୍ ରେଜିଷ୍ଟ୍ରାର ତଥା ତହସିଲଦାର ବିନୋଦ କୁମାର ନାଏକ ଏହି ପଞ୍ଜୀକରଣ କରିଛନ୍ତି। ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ସଦର ପଞ୍ଚାୟତ ଜିରାଗୁଡ଼ାର ଉମା ଭତରା (୨୦) ପି.ସୀତାରାମ ଏବଂ ଜୟପୁର ବ୍ଲକ ଯାମୁଣ୍ଡା ପଞ୍ଚାୟତ କୁମ୍ଭାରଗୁଡ଼ାର ବଳରାମ ଭତରା (୨୭) ପି.ସନା । ନିୟମ ପ୍ରକାରେ ସେମାନେ ପଞ୍ଜିକରଣ ପାଇଁ ଆବେଦନ କରିଥିଲେ । ଆବେଦନ ପରେ ଉଭୟଙ୍କ ସ୍ଥାୟୀ ବାସିନ୍ଦା, ଜନ୍ମ ଓ ଠିକଣା ପ୍ରମାଣପତ୍ର ଗୁଡ଼ିକ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଏକ ମାସ ଅବଧିର ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି ମାସେ ମଧ୍ୟରେ କାହାରି କିଛି ଅଭିଯୋଗ ହୋଇନଥିଲା। ଏଣୁ ନିୟମ ଅନୁସାରେ ଆଜି ତିନି ଜଣ ସାକ୍ଷୀଙ୍କ ଉପସ୍ଥିତିରେ ଶପଥ ପାଠ କରାଯାଇ ବିବାହ ପଞ୍ଜୀକରଣ କରାଯାଇଛି । ଗତ ୨୦୨୫ ନଭେମ୍ବର ୧ ତାରିଖରୁ କୁନ୍ଦୁରା ତହସିଲ କାର୍ଯ୍ୟାଳୟରେ ବିବାହ ପଞ୍ଜିକରଣ ପାଇଁ ବ୍ୟବସ୍ଥା ଆରମ୍ଭ ହୋଇଥିଲେ ବି ଆଜି ସୁଦ୍ଧା ପଞ୍ଜିକରଣ ପାଇଁ ଆବେଦନ ହୋଇନଥିଲା। ବିବାହ ପଞ୍ଜୀକରଣରେ ତିନୋଟି କିସ୍ତିରେ ୫୧ ହଜାର ଟଙ୍କାର ଆର୍ଥିକ ଓ ଉପହାର ସହାୟତା ରହିଛି। ପଞ୍ଜୀକରଣ ହେବାର ଏକ ସପ୍ତାହ ମଧ୍ୟରେ ସହାୟତା ରାଶି ପ୍ରଦାନ ପ୍ରକ୍ରିୟା ଆରମ୍ଭ ହେବ। ଆଜି ପ୍ରଥମ ବିବାହ ପଞ୍ଜିକରଣ ପରେ ଦମ୍ପତିଙ୍କୁ ସୁଖଦ ଦାମ୍ପତ୍ୟ ଜୀବନ ପାଇଁ ଆଶୀର୍ବାଦ ପ୍ରଦାନ କରିବା ସହ କାର୍ଯ୍ୟାଳୟରେ ପ୍ରଥମ ପଞ୍ଜୀକରଣକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି ସବ୍ ରେଜିଷ୍ଟ୍ରାର ଶ୍ରୀ ନାଏକ।

## ଭୀମଭୋଇ ସାମର୍ଥ୍ୟ ଶିବିର

ପୋଡ଼ାଗଡ଼, ୧୯।୨(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଜି ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଆଜି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌତମ ଖୋସଲା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଧୀର କୁମାର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭ ଉଦ୍‌ଘାଟନ କରିଥିବା ଜଣାପଡିଛି। ତେବେ ଏହି ବ୍ଲକ ସ୍ତରୀୟ ସାମର୍ଥ୍ୟ ଶିବିରରେ ବ୍ଲକ ଅଧିନରେ ଥିବା ୧୬ ପଞ୍ଚାୟତରୁ ମୋଟ ୪୫୦ ଭିନ୍ନକ୍ଷମଙ୍କ ନାମ ପଞ୍ଜିକରଣ କରାଯାଇଥିଲା। ସେଥି ମଧ୍ୟରୁ ମୋଟ ୨୧୧ ଜଣଙ୍କ ପାଇଁ ଦିବ୍ୟାଙ୍ଗ ପ୍ରମାଣ ପତ୍ର ଏବଂ କୃତ୍ରିମ ଅଙ୍ଗ ଓ ସହାୟକ ଉପକରଣ ନେଇ ପଞ୍ଜିକରଣ କରାଯାଇଥିବା ନଜରକୁ ଆସିଛି। ପ୍ରତ୍ୟେକ ଭିନ୍ନକ୍ଷମ ଚିକିତ୍ସା ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ମାନଙ୍କ ଠାରୁ ପରାମର୍ଶ ନେଇଥିବା ଜଣାପଡିଛି। ଉପଯୁକ୍ତ ଦିବ୍ୟାଙ୍ଗ ମାନଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଯାଇ ଅନ୍ୟାନ୍ୟ ପ୍ରମାଣ ପତ୍ର ଓ ବିଭିନ୍ନ ବିଭାଗୀୟ ବିଶେଷଜ୍ଞ ମାନେ ଭିନ୍ନ ଭିନ୍ନ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ସରପଞ୍ଚ ସାଇବେଣି ଜାନି, ସବାଇ ମୁଦୁଲି, ରମାକାନ୍ତ ଦଳାଇ, ପୂର୍ଣ୍ଣ ନାଚିକାଙ୍କ ସମେତ ୧୬ ପଞ୍ଚାୟତର ସରପଞ୍ଚ, କମ୍ପ୍ୟୁଟର ପ୍ରୋଗ୍ରାମର ଶାନ୍ତନୁ ନାହାକ ଏବଂ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ, ରାଧାକୃଷ୍ଣ ଅଧିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିଥିବା ଜଣାପଡିଛି।

## ବିପଦସଂକୁଳ ଅବସ୍ଥାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର



ବୈପାରୀଗୁଡ଼ା,୧୯।୨(ସମିସ): ସରକାର କୋମଳମତି ଶିଶୁମାନଙ୍କ ଯତ୍ନ, ପୁଷ୍ଟିକର ଖାଦ୍ୟ, ପୋଷାକ, ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଆଦି ଭଲ ପରିବେଶ ମଧ୍ୟରେ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ବିଡମ୍ବନାର ବିଷୟ ବୈପାରୀଗୁଡା ବ୍ଲକ ଅଧିନ କାଠପୋଡା ପଞ୍ଚାୟତର ଚିକଟଯୋଡି ଅଙ୍ଗନବାଡି କନ୍ଦ୍ରଟି ବିପଦସଂକୁଳ ପରିବେଶରେ ଚାଲିଛି। ଅଙ୍ଗନବାଡି କେନ୍ଦ୍ରଟି ଦୀର୍ଘ ଦିନ ହେବ ବିପଦସଂକୁଳ ଅବସ୍ଥାରେ ପଡିରହିଛି। ଛାତ ଓ କାନ୍ଥରୁ ପାଣି ଝରୁଛି, ବର୍ଷା ହେଲେ ପାଣିଗଳି ଘର ସନ୍ତସନ୍ତିଆ ରହୁଥିବାରୁ ଅସନ୍ତୁଳନ ଭାବରେ କେନ୍ଦ୍ର ପରିଚାଳନା କରାଯାଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବଢୁଛି। ଏ ସମ୍ପର୍କରେ ସ୍ଥାନୀୟ ଅଙ୍ଗନବାଡି କର୍ମୀ କହିଛନ୍ତି ଯେ, ଅଙ୍ଗନବାଡି କେନ୍ଦ୍ର ମରାମତି ନିମନ୍ତେ ସିଡିପିଓଙ୍କୁ ଜଣାଯାଇଛି । ସେପଟେ ଗାଁ ଲୋକେ ସରପଞ୍ଚ, ପିଇଓ ଏବଂ ବିଡ଼ିଓଙ୍କ ନିକଟରେ ଫେରାଦ ହୋଇଥିଲେ। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଡମ୍ବୁରୁଧର ପୂଜାରୀ କହିଛନ୍ତି ଅତିଶୀଘ୍ର ମରାମତି କାମ ଆରମ୍ଭ ହେବ।

## ପାପଡାହାଣ୍ଡି ଗ୍ରାମ୍ୟ ନାଗରିକ କମିଟି ଗଠନ

ପାପଡାହାଣ୍ଡି,୧୯।୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ ଠାରେ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ହେବା ସହ ଗ୍ରାମ୍ୟ ନାଗରିକ କମିଟି ଗଠନ କରାଯାଇଥିଲ। ଏହି ବୈଠକର ସଭାପତି ଶଶୀମୋହନ ଶର୍ମା ଙ୍କ ସଭାପତିତ୍ୱ ରେ ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ସରପଞ୍ଚ ଚନ୍ଦ୍ରଶେଖର ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏନେଇ ପାପଡାହାଣ୍ଡି ଗ୍ରାମରେ କିଛି ଯୁବକ ଅସାମାଜିକ କାମ ରେ ଲିପ୍ତ ହେବା ସହ ଖରାପ ରାସ୍ତା ଯାଉଥିବା ନେଇ ଆଲୋଚନା ହୋଇଥିଲା। ଏଥିଯୋଗୁଁ ଗ୍ରାମରେ ଅଶାନ୍ତି ହେବା ସହ ଝଗଡା ହେଉଥିବା ନେଇ ଆଲୋଚନା ହୋଇଥିଲା । ଗ୍ରାମର ଉନ୍ନତି ମୂଳକ କାର୍ଯ୍ୟ କରିବା, ପାଇ ନିଷ୍ପତି ହୋଇଥିଲା। ବର୍ତ୍ତମାନ ଗ୍ରାମରେ ଆବଶକୀୟ ରହୁଥିବା ଶବ ବ୍ୟବଚ୍ଛେଦ ଗୃହ, ସ୍?ାଶନ ର ଉନ୍ନତି କରଣ, ବାଇପାସ ରାସ୍ତା, ପାପଡାହାଣ୍ଡି ରେ ରହିଥିବା ସମସ୍ତ ସରକାରୀ କାର୍ଯ୍ୟଳୟ ଠାରେ ଠିକ ସମୟରେ କର୍ମଚାରୀ ଆସୁନଥିବା ନେଇ ଅଭିଯୋଗ କୁ ନେଇ ଆଲୋଚନା ହୋଇଥିଲା. ନୂତନ ଭାବେ ଗ୍ରାମ୍ୟ ନାଗରିକ କମିଟି ଗଠନ କରାଯାଇଥିଲା. ସଭାପତି ଭାବେ ବି. ଜଗନ ମୋହନ ରାଓ, କାର୍ଯ୍ୟକାରୀ ସଭାପତି ଭାବେ ଶିବ ପ୍ରସାଦ ଅଗ୍ରୱାଲ, ଉପ ସଭାପତି ଭାବେ ୪ ଜଣ ଜି ଅନନ୍ତ ମୂର୍ତ୍ତି, ତ୍ରିନାଥ ପ୍ରଧାନ, ହରି ପାଣିଗ୍ରାହୀ, ବିନୋଦ ଅଗ୍ରୱାଲ, ରମେଶ ସତନାମୀ ସମ୍ପାଧକ ଭାବେ ଏନ. ଜନାର୍ଦ୍ଦନ ରାଓ, ସହ ସମ୍ପାଧକ ଭାବେ ନୀଳକଣ୍ଠ ତ୍ରିପାଠୀ,କୋଷାଧକ୍ଷ ଭାବେ ମହେନ୍ଦ୍ର ବିଷୋୟୀ,ଉପଦେଷ୍ଟା ଭାବେ ଈଶ୍ୱର ପଟ୍ଟନାୟକ, ସ୍ୱାଧୀନ ପଟ୍ଟନାୟକ, ତ୍ରିଲୋଚନ ବରାଳ, ଜଗନ୍ନାଥ ନାୟକ, ମିତ୍ରଭାନୁ ସତନାମୀ, ଦୂର୍ଜନ ଭତରା,ସହ ୧୩ କମିଟି ସଦସ୍ୟ ଭାବେ, ଟୁଟୁ ବିଷୋୟୀ, କିଷାନ ଅଗ୍ରୱାଲ, ରବି ସତନାମୀ, ଏ. ଶ୍ରୀନିବାସ ରାଓ, ଗଙ୍ଗା ନାୟକ, ରାଜନ ଭତରା, ବାସୁ ପାଇକ, ସୁଶୀଲ ହରିଜନ, ତରଣୀ କଷ୍ୟପ, ଗୁରୁପ୍ରସାଦ ପଣ୍ଡା, ବାବାସିତ ଦଣ୍ଡସେନା, ରାଜ କିଶୋର ରାଓ ଦାମଧର ପୂଜାରୀ କୁ ସର୍ବସହମତି ଭାବେ ନିଷ୍ପତି କରାଯାଇଥିଲା. ଏହି ବୈଠକ ରେ ବି. ରାମବାବୁ, ବି. ସୀମାଦ୍ରୀ ରାଓ, ବିଭୁପ୍ରସାଦ ପଣ୍ଡା,ମନୋଜ ଅଗ୍ରୱାଲ, ସୁମିତ କୁମାର ଘଣ୍ଟ ଗୌତମ ଅଗ୍ରୱାଲ ସହ ୧୦୦ ରୁ ଉର୍ଦ୍ଧ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

### ଜୟପୁର ପୌର ପରିଷଦର ସ୍ୱତନ୍ତ୍ର ବୈଠକ

# ସଫେଇ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟାରେ ଦେବାକୁ ନିଷ୍ପତ୍ତି



ଜୟପୁର, ୧୯ । ୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ଆଜି ଏକ ସ୍ୱତନ୍ତ୍ର ଜରୁରୀକାଳିନ ବୈଠକ ଜୟପୁର ପୌରସଂସ୍ଥାର ସଭାଗୃହ ଠାରେ ମଧ୍ୟାହ୍ନ ସାଢେ ୧୨ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରା ଅନୁଷ୍ଠିତ ଏହି ସ୍ୱତନ୍ତ୍ର ବୈଠକ ପ୍ରାରମ୍ଭରୁ ସହରର ଉନ୍ନତୀମୂଳକ କାର୍ଯ୍ୟ ବନ୍ଦ ରହିଥିବା ନେଇ କାଉନସିଲର ମାନେ ଅସନ୍ତୋଷ ପ୍ରକୋଟ କରିଥିଲେ। ଉନ୍ନତୀମୂଳକ କାର୍ଯ୍ୟକୁ ହଠାତ୍ ବନ୍ଦ କରାଯିବାକୁ ନେଇ ପ୍ରଥମେ ୨୮ ନମ୍ବର ୱାର୍ଡର କାଉନସିଲର ଯଶପାଲ ସିଂ ପ୍ରଶ୍ନ କରିଥିଲେ। ଆଗାମୀ ଦିନରେ ରାଜ୍ୟରେ ଗଠିତ ନୂତନ ପୌରସଂସ୍ଥା ଏବଂ ଏନଏସିରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଘୋଷଣା କରାଗଲେ ଉନ୍ନତୀମୂଳକ କାର୍ଯ୍ୟ ବନ୍ଦ ହୋଇଯିବ। ତେଣୁ ବଳକା ରହିଥିବା ସମସ୍ତ ଉନ୍ନତୀମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ କାଉନସିଲର ମାନଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏହାପରେ ଚଳିତ ମାସ୨୮ ତାରିଖରେ ଜୟପୁର ପୌରସଂସ୍ଥାର ପରିମଳ ଓ ସଫେଇ କାର୍ଯ୍ୟ କରୁଥିବା ଠିକାସଂସ୍ଥାର ସମୟ ଶେଷ ହେଉଥିବା ଯୋଗୁଁ ପୁଣି ଉକ୍ତ ସଂସ୍ଥାର ସମୟ ଅବଧିକୁ ବୃଦ୍ଧି ନ କରିବାକୁ ଅଧିକାଂଶ କାଉନସିଲର ମତ ଦେଇଥିଲେ। ତେଣୁ ଆଗାମୀ ୧୫ ଦିନରୁ ଏକ ମାସ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରାଯାଇ ଟେଣ୍ଡର ମାଧ୍ୟମରେ ସହରର ପରିମଳ ଓ ସଫେଇ ଦାୟୀତ୍ୱ ପ୍ରଦାନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଅନ୍ୟ ପକ୍ଷରେ ସହରରୁ ନିର୍ଗତ ଅଳିଆ ଆବର୍ଜନାକୁ ସହରର ବିଭିନ୍ନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର (ଏମସିସି) ଗୁଡିକ ରହିଛି। କିନ୍ତୁ ଏହି ଅଳିଆ ଆବର୍ଜନା ରଖିବା ଉଦ୍ଦେଶ୍ୟରେ ଡମ୍ପିୟାର୍ଡର ଜମିର ଅଭାବ ଯୋଗୁଁ ମକପୁଟ ସ୍ଥିତ ଡମ୍ପିୟାଡର ଅଳିଆ ଆବର୍ଜନା ରାସ୍ତା ପାର୍ଶ୍ୱରେ ପଡିରହିବା ଯୋଗୁଁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଏହିପରି ନିକଟରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଏକ ଆବାସିକ ବିଦ୍ୟାଳୟ ରହିଥିବା ଯୋଗୁଁ ସମସ୍ୟା ସୃଷ୍ଟି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା କୌଣସି ସମାଧାନ ହୋଇପାରୁନାହିଁ। ତେଣୁ ପୌରସଂସ୍ଥାକୁ ଡମ୍ପିୟାର୍ଡ ପାଇଁ ଜମିର ବ୍ୟବସ୍ଥା କରାଯାଉନାହିଁ କାହିଁକି ବୋଲି କାଉନ୍‌ସିଲର ମାନେ ପ୍ରଶ୍ନ କରିଥିଲେ। କିନ୍ତୁ ପୌରସଂସ୍ଥା ସଂଲଗ୍ନ ଜମି ଗୁଡିକ ପଞ୍ଚାୟତର ଅଧିନରେ ରହିଥିବା ଯୋଗୁଁ ସରପଞ୍ଚ ମାନେ ସେମାନଙ୍କ ଅଞ୍ଚଳ ଅଳିଆ ଆବର୍ଜନାର ସମସ୍ୟା ସମ୍ମୁଖିନ ରହିଥିବା ନେଇ ଅନୁମତି ପ୍ରଦାନ କରୁନାହାଁନ୍ତି ବୋଲି ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେ‡ପ୍ରକାଶ କରିଥିଲେ। ଏହିପରି ଡମ୍ପିୟାର୍ଡରେ ଅଳିଆ ଆବର୍ଜନା ରଖିବା ନେଇ ମଧ୍ୟ ସରକାରଙ୍କ ପକ୍ଷରୁ ନିଷେଧାଦେଶ ରହିଛି। ସଂଗୃହିତ ଅଳିଆ ଆବର୍ଜନା ତୁରନ୍ତ ପ୍ରକ୍ରିୟା କରିବାର ନିୟମ ରହିଛି। କିନ୍ତୁ ଜୟପୁରରରେ ଉଚ୍ଚମାନର ବର୍ଜ୍ୟବସ୍ତୁ ପରିଚାଳନା ମେସିନ ନଥିବା ଯୋଗୁଁ ତୁରନ୍ତ ପ୍ରକ୍ରିୟା କରଣ ହୋଇପାରୁ ନାହିଁ ବୋଲି ବୈଠକରେ ସ୍ପଷ୍ଟ କରାଯାଇଥିଲା। ସେହିପରି ସହରର ଟ୍ରାଫିକ, ସହରାଞ୍ଚଳରେ ଚିକିତ୍ସାରେ ସମସ୍ୟା ନେଇ କାଉନସିଲର ମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହିପରି କେତେ ସଂଖ୍ୟାରେ ନୂତନ ଟ୍ରେଡ୍ ଲାଇସେନ୍ସ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଛି, ଯେଉଁମାନେ ବିନା ଟ୍ରେଡ ଲାଇସେନ୍ସରେ ବ୍ୟବସାୟ କରୁଛନ୍ତି ସେମାନଙ୍କୁ ତୁରନ୍ତ ନୋଟିସ କରିବାକୁ କାଉନସିଲର ବି. ବିଷ୍ଣୁବର୍ଦ୍ଧନ ରେ‡ ଦାବି କରିଥିଲେ। ତେଣୁ ତୁରନ୍ତ ପୁଲିସକୁ ସହରର ଟ୍ରାଫିକ ନିୟନ୍ତ୍ରଣ ଏବଂ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ସହରାଞ୍ଚଳରେ ଉପଯୁକ୍ତ ଡାକ୍ତରଙ୍କୁ ନିଯୁକ୍ତି ଏବଂ ସଫଳ ଚିକିତ୍ସା ବ୍ୟବସ୍ଥା କରିବାକୁ ଆଲୋଚନା କରାଯିବ। ସେହିପରି ବିନା ଟ୍ରେଡ ଲାଇସେନ୍ସରେ ବ୍ୟବସାୟୀ କରୁଥିବା ଲୋକଙ୍କୁ ନୋଟିସ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାରୀ ରେ‡ ସୂଚନା ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ପୌର ନିର୍ବାହୀ ଅଧିତାରୀ ପୂଜା ରାଉତ, ପୌରଯନ୍ତ୍ରୀ ଅଜୟ ଜାନୀ, ମୁଖ୍ୟ ସେକ୍ସନ ଅଧିକାରୀ ସୁକଦେବ ବେହେରା, କାଉସିଲର ପ୍ରଣବ କିଶୋର ନାୟକ, ଦେବରାଜ ଚୌଧୁରୀ, ସିମାଞ୍ଚଳ ବିଶୋୟୀ, ସୁଷମା ମହାପାତ୍ର, ପଦ୍ମା ରେ‡. ଶଶିରେଖା ପରଜା, ଅର୍ପିତା ଷଡଙ୍ଗୀ, ପାର୍ଥ ସାରଥୀ ମଲ୍ଲିକ, ଅଜିତ ବେହେରା, ଗୋପୀନାଥ ମହାନ୍ତି, ମଧୁସ୍ମିତା ଓରାନ, ରବିନ୍ଦ୍ର ସାହୁ ପ୍ରମୁଖ ଏବଂ ବିଭିନ୍ନ ବିଭାଗିୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କୋଷାଗୁମୁଡା,୧୯।୨(ସମିସ): ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମା ଥାନାରେ ନୂତନ ଥାନାଧିକାରୀ ଶ୍ରୀମତୀ ବଙ୍ଗୀଙ୍କୁ ସଦର ମହକୁମାର ଶହୀଦ ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଶହୀଦ ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଘର ସଭାପତି ସୁଦର୍ଶନ ନାୟକ, ସମ୍ପାଦକ ଏମ୍ ମୋହନ ରାଓ ଓ ସଂଘର ଉପଦେଷ୍ଟା ସନ୍ତୋଷ କୁମାର ଉପସ୍ଥିତ ଥିଲେ। କୋଷାଗୁମୁଡା ଅଞ୍ଚଳରେ କିଭଳି ଶାନ୍ତି, ଶୃଙ୍ଖଳା, ବାଲ୍ୟ ବିବାହ ବନ୍ଦ ସହ ବେଆଇନ ଗଞ୍ଜେଇ, ବାଲି, ମଦ ଚାଲାଣ ଭଳି ଅସାମାଜିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ସହ ଚୋର, ଡକାୟତ, ମଦୁଆ ଗାଡ଼ି ଚାଳକଙ୍କୁ ଉଚିତ ଦଣ୍ଡ ମିଳିବ ସେ ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଭଦ୍ରମଣ୍ଡଳୀ, ବୁଦ୍ଧିଜୀବୀ, ସମାଜସେବୀ, ସ୍ୱେଚ୍ଛାସେବୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

# ଆରମ୍ଭ ହେଲା ଦଶମ ବୋର୍ଡ ପରୀକ୍ଷା



ମାଲକାନଗିରି, ୧୯ ।୨(ସମିସ): ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ କଟକ ତରଫରୁ ଆଜି ମାଲକାନଗିରି ଜିଲ୍ଲାର ୪୬ଟି ପରୀକ୍ଷା କେନ୍ଦ୍ରକୁ ନେଇ ସୁରୁଖୁରୁରେ ଦଶମ ବୋର୍ଡ ପରୀକ୍ଷା ପ୍ରଥମ ଦିନ ସମ୍ପନ୍ନ ହୋଇଯାଇଛି। ଏହାକୁ ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିଚାଳନା କରିଥିଲା। ଆଜି ପ୍ରଥମ ଦିନ ମାତୃଭାଷା ଓଡ଼ିଆ ପରୀକ୍ଷା ମୋଟ ରେଗୁଲାର ୯୩୯୪ ପରୀକ୍ଷାର୍ଥୀରୁ ୯୧୧୨ ଉପସ୍ଥିତି ଥିଲା ବେଳେ ୨୮୨ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟର ୪୪୯ ପରୀକ୍ଷାର୍ଥୀରୁ ୩୪୮ ଉପସ୍ଥିତି ଥିଲା ବେଳେ ୧୦୧ ଅନୁପସ୍ଥିତି ଥିଲେ। ଏହିପରି ପ୍ରଥମ ଦିନରେ ମୋଟ ୯୮୪୩ ପରୀକ୍ଷାର୍ଥୀରୁ ୯୪୬୦ ପରୀକ୍ଷା ଦେଇଥିବା ବେଳେ ଜିଲ୍ଲାରୁ ୩୮୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିଲେ। ପ୍ରଥମ ଦିନ ମାତୃଭାଷା ଓଡ଼ିଆ ପରୀକ୍ଷା ହୋଇଥିବା ବେଳେ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଠାରୁ ପୁନଶ୍ଚ ଉତ୍ତର ଖାତା ନୋଡାଲ କେନ୍ଦ୍ର ଯାଏଁ ପହଞ୍ଚିବା କାର୍ଯ୍ୟ ସୁରୁଖୁରୁରେ ହୋଇଥିବା ଜିଲ୍ଲା ଶିକ୍ଷା ଅଧିଆକରି ଚିତ୍ତରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆଜିର ଏହି ପରୀକ୍ଷାରେ ୪୬ ଜଣ ପର୍ଯ୍ୟବେକ୍ଷକ ବିଭିନ୍ନ କେନ୍ଦ୍ରରେ ଉପସ୍ଥିତ ଥିଲା ବେଳେ ଜିଲ୍ଲା ପ୍ରଶାସନ ଏହା ଉପାଏ ସମ୍ପୂର୍ଣ ନଜର ରଖିଥିଲା। ଦିବ୍ୟାଙ୍ଗ ପିଲାମାନେ କେମିତି ସହଜରେ ସୁରକ୍ଷିତ ଭାବେ ପରୀକ୍ଷା ଦେବେ ତାହାର ବି ବ୍ୟବସ୍ଥା କରାଯାଇଥିଲା। ସଂପୂର୍ଣ୍ଣ ପରୀକ୍ଷାରେ କୌଣସି ପ୍ରକାର କପି ହୋଇନଥିବା ବେଳେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗୀରଥି ବେହେରା, ଜିଲ୍ଲା ବିଜ୍ଞାନ ନୀରିକ୍ଷକ ଜଗନ୍ନାଥ ବେହେରା ଏବଂ ସ୍କ୍ୱାର୍ଡ ଦଳ କେନ୍ଦ୍ର ଗୁଡିକୁ ନିରୀକ୍ଷଣ କରିଥିଲେ।

## ମାଛ ଧରିବାକୁ ଯାଇ ପରିବାର ନିଖୋଜ ଘଟଣା

# ମାଆ ଝିଅର ପତ୍ତା ମିଳୁନି, ନଦୀରେ ଖୋଜୁଛି ଓଡ୍ରାଫ୍ ଟିମ୍



ବୈପାରୀଗୁଡ଼ା,୧୯।୨(ସମିସ): ବୈପାରୀଗୁଡା ବାଦୁଡ଼ି ପାହାଡ଼ରେ ମାଛ ଧରିବାକୁ ଯାଇ ପୁରା ପରିବାର ନିଖୋଜ ଘଟଣାରେ ଗତକାଲି ଦୁଇଟି ଶବ ଠାବ ହୋଇଥିବା ବେଳେ ଆଜି ଏକ ଅପମୃତ୍ୟ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇଛି । ଶବ ବ୍ୟବଚ୍ଛେଦ ସମୟରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଝାଡେଶ୍ୱର ସୌରା , ଡାକ୍ତର, ସରପଞ୍ଚ ଚେଣ୍ଡିଆ ଖିଲ, ଦଣ୍ଡାବାଡି ପଞ୍ଚାୟତର ୯ ନମ୍ବର ୱାର୍ଡ ସଭ୍ୟ ଅଭି ଗୌଡ଼, ପୋଲିସ ପ୍ରଶାସନ ପ୍ରମୁଖ ଉପସ୍ଥିତ ଥିଲେ । ସାବରୀ ନଦୀରୁ ନିଖୋଜ ଦୁଇ ଗଳିତ ଶବ ମଧ୍ୟରୁ ନିଖୋଜ ଲଳିତ ପୂଜାରୀ ଏବଂ ତାଙ୍କ ସାନ ଝିଅ ଗେଲି ପୂଜାରୀକୁ ଚିହ୍ନଟ କରାଯାଇଛି। ସୂଚନା ଥାଉକି,

### ବାପା ଓ ସାନ ଝିଅର ଶବ ବ୍ୟବଚ୍ଛେଦ

ଗତ ଫେବୃଆରୀ ଏକ ତାରିଖ ଦିନ ମାଛ ଧରିବାକୁ ଯାଇ ଦଣ୍ଡାବାଡ଼ି ଗାଁର ଲଳିତ ପୂଜାରୀଙ୍କ ପୁରା ପରିବାର ତଥା ଗର୍ଭବତୀ ସ୍ତ୍ରୀ, ଆଉ ଦୁଇ ନାବାଳିକା ଝିଅ ବାଦୁଡି ପାହାଡ଼ରେ ନିଖୋଜ ହୋଇଯାଇଥିଲେ। ସେମାନେ ଆଉ ନ ଫେରିବାରୁ ପରିବାର ଲୋକେ ଗତ ୧୫ତାରିଖ ଦିନ ବୈପାରୀଗୁଡା ଥାନାରେ ଏତଲା ଦେଇ ଥିଲେ । ପରେ ଖୋଜା ଖୋଜି ଆରମ୍ଭ ହୋଇଥିଲା । ଗତ କାଲି ଓଡ୍ରାଫ ଟିମର ନଦୀରେ ସନ୍ଧାନ ସମୟରେ ଲଳିତ ପୂଜାରୀ ଏବଂ ତାଙ୍କ ଚାରି ବର୍ଷୀୟ ସାନ ଝିଅ ଗେଲି ପୂଜାରୀଙ୍କ ଶବ ଉଦ୍ଧାର ହୋଇଥିଲା । ନିଖୋଜ ଚାରି ସଦସ୍ୟ ମଧ୍ୟରୁ ସାତ ମାସର ଗର୍ଭବତୀ ମାଆ ଓ ବଡ଼ ଝିଅରେ ପତ୍ତା ମୁଳୁନି । ଆଜି ବି ଘଟଣା ସ୍ଥଳରେ ଓଡ୍ରାଫ ଟିମ,ଅଗ୍ନିଶମ ବାହିନୀ, ପୋଲିସ ପ୍ରଶାସନ ଓ ଗ୍ରାମବାସୀ ତଦନ୍ତ ଜାରି ରଖିଛନ୍ତି ।

# ବନ୍ଧୁଗାଁ ବ୍ଲକରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଲେ ୩୦୦ ଛାତ୍ରଛାତ୍ରୀ

ବନ୍ଧୁଗାଁ,୧୯।୨(ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବନ୍ଧୁଗାଁ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁମ୍ଭାରିପୁଟ ରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫୦ ଜଣ ପରୀକ୍ଷା ଦେଇ ଥିବା ବେଳେ ୩ ଜଣ ପରୀକ୍ଷା ଦେବାକୁ ଆସି ନ ଥିଲେ। କୁମ୍ଭାରିପୁଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫୨ ଜଣ ଛାତ୍ରଛାତ୍ରୀରୁ ୧୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଥିବା ବେଳେ ୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଆସି ନ ଥିଲେ। ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ସୁପରିଟେଣ୍ଡେଣ୍ଟ ଭାବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ଚୌଧୁରୀ, ଡେପୁଟି ସୁପରିଟେଣ୍ଟନ୍ଟ ଭାବେ ମଧୁସୂଦନ ବଡନାଇକ , ପରୀକ୍ଷା ନିରୀକ୍ଷକ ଭାବେ ଲକ୍ଷ୍ମୀପୁର ମହାବିଦ୍ୟାଳୟ ର ଅଧାପିକା ତିଳୋତ୍ତମା ପଟ୍ଟନାୟକ ନିୟୋଜିତ ଥିଲେ। ଏଥି ସହିତ ୧୦ ଜଣ ଶିକ୍ଷକ ଶିକ୍ଷୟତ୍ରୀ ପରୀକ୍ଷକ ଭାବରେ କାର୍ଯ୍ୟ କରିଥିଲେ। ସେହିପରି କୁମ୍ଭାରିପୁଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରିନ୍ସପାଲ ସରଜ୍ କୁମାର ତରାଇ ସୁପରି ଟେଣ୍ଡେଣ୍ଟ ଓ ସୁଶିଲ କୁମାର ପ୍ରଧାନ ଡେପୁଟି ସୁପରୀତେଣ୍ଡେଣ୍ଟ ଭାବେ ରହି ଥିଲେ। ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପୋଲିସ ସହାୟତାରେ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ହୋଇଥିଲା।

# ଗାଁ ସାଥୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ପଡିଆ,୧୯ ।୨(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ସମସ୍ତ ଆଠୋଟି ପଞ୍ଚାୟତର ଗାଁ ସାଥୀଙ୍କ ମଜୁରୀ ପ୍ରଦାନ କରଯାଇ ନଥିବାରୁ ଆଜି ନିଜର କ୍ଷୋଭ ଜାହିର କରିଛନ୍ତି ବ୍ଲକ ଗାଁ ସାଥୀ ସଂଘ। ଏଥିପାଇଁ ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ କମିଶନ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଗାଁ ସାଥୀ ମାନେ ଗ୍ରାମାଞ୍ଚଳରେ ମନରେଗାର ବିଭିନ୍ନ ପ୍ରକଳ୍ପରେ ଦିନ ମଜୁରିଆଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ସହ ଦୈନିକ ଉପସ୍ଥାନ ପକାଇବା କାର୍ଯ୍ୟ କରିଆନ୍ତି। ଏ ବାବଦରେ ସରକାରଙ୍କ ପକ୍ଷରୁ ପ୍ରତ୍ୟକ ଗାଁ ସାଥୀଙ୍କୁ ଅର୍ଦ୍ଧ କୁଶଳୀ ଶ୍ରମିକ ଭାବେ ୫୧୨ ଟଙ୍କା ଲେଖାଁଏ ମିଳିଥାଏ। ତେବେ ଗତ କିଛି ମାସ ଧରି ଗାଆଁ ସାଥିମାନେ ଏହି ଶ୍ରମ ଅର୍ଥ ପାଇବାରୁ ବଞ୍ଚିତ ହୋଇଥିବାରୁ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ। ଉପରିସ୍ଥ ଅଧିକାରୀ ମାନେ ମଧ ବିଭିନ୍ନ ଆଳ ଦେଖାଇ ଗାଆଁ ସାଥୀଙ୍କୁ ସେମାନଙ୍କ ପ୍ରାପ୍ୟରୁ ବଞ୍ଚିତ କରିଥିବାରୁ ଗୁରୁବାର ଦିନ ପଡିଆ ବ୍ଲକ ଗାଆଁ ସାଥି ସଂଘର ପ୍ରାୟ ୩୫ରୁ ଉଦ୍ଧ୍ୱର୍ ଗାଁ ସାଥି ଏକ୍ ଦାବିପତ୍ର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ କମିଶନ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏହି ଦାବିପତ୍ରକୁ ପଡିଆ ବ୍ଲକର ବରିଷ୍ଠ କିରାଣୀ ଦେବା ମାଡକାମି ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀ ଓ ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରେରଣ କରିବେ ବୋଲି କହିଛନ୍ତି। ଅନ୍ୟପଟେ ବ୍ଲକର କେତେକ ଗାଆଁ ସାଥୀଙ୍କୁ ଅର୍ଦ୍ଧ କୁଶଳୀ ଶ୍ରମିକ ଟଙ୍କା ପ୍ରଦାନ କରା ଯିବାକୁ ଥିବା ବେଳେ ଅନ୍ୟକିଛି ଗାଁ ସାଥୀ ପୂର୍ବରୁ ଶ୍ରମିକ ଭାବେ କାର୍ଯ୍ୟ କରିଆସୁଥିବାରୁ ଗାଁ ସାଥୀ ହେବା ପରେ ସମାନ ଆକଉଣ୍ଟକୁ ଟଙ୍କା ପଠାଇବାରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହେଉଛି ବୋଲି ମନରେଗା ବିଭାଗର ଜଣେ ଅଧିକାରୀ କହିଛନ୍ତି। ତେବେ ଗାଁ ସାଥୀଙ୍କୁ ସେମାନଙ୍କ ହକ୍ ତୁରନ୍ତ ପ୍ରଦାନ କରିବାକୁ ବ୍ଲକ ମନରେଗା ଗାଆଁ ସାଥି ସଂଘର ସଭାପତି ରାଜୁ ମାଡକାମି, ସମ୍ପାଦକ ବାସୁଦେବ ମାଡକାମି, କୋଷାଧକ୍ଷ ସୁଜିତ୍ ବିସ୍?ାଶ ସମେତ ସମସ୍ତ ଆଠଗୋଟି ଗାଁ ସାଥି ଦାବି କରିଛନ୍ତି।

● ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆରମ୍ଭ, ୬୬୩ ଅନୁପସ୍ଥିତ

# ଦୃଷ୍ଟିବାଧିତ ଦେଲେ ମାଟ୍ରିକ୍ ପରୀକ୍ଷା

କୋରାପୁଟ,୧୯।୨(ସମିସ):ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଜିଲ୍ଲାର ୯୪ଟି ପରୀକ୍ଷା କେନ୍ଦ୍ରରେ ଚାଲିଥିବା ପ୍ରଥମ ଦିନର ଓଡିଆ ପରୀକ୍ଷାରେ ୬୬୩ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ରେଗୁଲାରରେ ୧୮୧୫୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ସେହିପରି ଏକ୍ସ ରେଗୁଲାରେ ୪ ଜଣ,ଏସଓଏସସି ରେ ୪୮୮, ସିସି ଏବଂ ମଧ୍ୟମାରେ ଜଣେ ଲେଖାଏଁ ଅନୁପସ୍ଥିତ ରହିଥିବା ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ସୂଚନା ଦେଇଛନ୍ତି। ପ୍ରଥମ ଦିନର ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ସେ କହିଛନ୍ତି। ସକାଳ ୭ ଟା ୩୦ ମିନିଟରୁ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ଆରମ୍ଭ ହୋଇଥିଲା। ଦିନ ୧୧ଟା ୩୦ ରେ ପ୍ରଥମ ଦିନର ମାଟ୍ରିକ ପରୀକ୍ଷା ଶେଷ ହୋଇଥିଲା। ଡିଇଓ ସ୍କ୍ୱାର୍ଡ ଏବଂ ସ୍ୱତନ୍ତ୍ର ସ୍କ୍ୱାର୍ଡ ପ୍ରଥମ ଦିନରେ ୧୨ଟି ପରୀକ୍ଷା କେନ୍ଦ୍ର ବୁଲିଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡିଛି। ଜିଲ୍ଲାରେ ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷା ଚାଲିଥିବା ଜଣାପଡିଛି। ସେହିପରି ପରୀକ୍ଷା ସୁପରିଚାଳନା ପାଇଁ ପ୍ରତି କେନ୍ଦ୍ରରେ ଜଣେ ଜଣେ ବରିଷ୍ଠ ଅଧିକାରୀ ମାନଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। କପି ରୋକିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଫ୍ଲାଇଂ ସ୍କ୍ୱାର୍ଡ ଗଠନ କରଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ମଧ ସ୍କ୍ୱାର୍ଡ ନିୟୋଜିତ ରହିଛନ୍ତି ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ସୁପରିଚାଳନା ଏବଂ କପି ରୋକିବା ପାଇଁ ସମସ୍ତ କେନ୍ଦ୍ରରେ ସିସିଟିଭ ଲଗାଯାଇଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ କହିଛନ୍ତି। ପ୍ରଥମ ଦିନ ପରୀକ୍ଷାରେ ୬୬୩ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିବା ନିଶ୍ଚିନ୍ତ ଭାବେ ଚିନ୍ତାର ବିଷୟ ପାଲଟିଛି। ମାଟ୍ରିକ ପରୀକ୍ଷା ଦେବା ପାଇଁ ଛାତ୍ର ଛାତ୍ରୀଙ୍କ ଭିତରେ ବେଶ ଉତ୍ସାହ ଦେଖିବା ପାଇଁ ମିଳିଥିବା ବେଳେ ଏଥିରେ ସାମିଲ ହୋଇଛନ୍ତି କୋରାପୁଟ ଦୃଷ୍ଟି ବାଧିତ ବିଦ୍ୟାଳୟର ଛାତ୍ରଛାତ୍ରୀ। ଦୃଷ୍ଟି ବାଧିତ ବିଦ୍ୟାଳୟର ୧୩ ଜଣ ଛାତ୍ରଛାତ୍ରୀ ଆଜି କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଲେଖାଏଁ ଲେଖିବା ପାଇଁ ରାଇଟର ରହିଛନ୍ତି। ବିଦ୍ୟାର୍ଥୀଙ୍କ ପାଇଁ ଅଧିକ ୩୦ ମିନିଟ ସମୟ ମଧ ଦିଆ ଯାଇଛି। ଦୀର୍ଘ ୨୫ ବର୍ଷ ଧରି କୋରାପୁଟ ଦୃଷ୍ଟି ବାଧିତ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ପରୀକ୍ଷା ଦେଇ ଆସୁଥିବା ସହ ସଫଳତା ହାସଲ କରୁଥିବା ଶିକ୍ଷକ ଚନ୍ଦ୍ର ଶେଖର ପଟ୍ଟନାୟକ କହିଛନ୍ତି।

# ୫ କେନ୍ଦ୍ରରେ ପରୀକ୍ଷା ଦେଲେ ୧୧୬୯ ଛାତ୍ରଛାତ୍ରୀ

ଲକ୍ଷ୍ମୀପୁର, ୧୯।୨(ସମିସ) ଆରମ୍ଭ ହେଲା ଓଡିଶା ମାଧ୍ୟମିକ ବୋର୍ଡ ପରୀକ୍ଷା। ପ୍ରଥମ ଦିନରେ ମାତୃ ଭାଷା ଓଡ଼ିଆ ଥିବା ବେଳେ ଛାତ୍ରଛାତ୍ରୀମାନେ ଅତି ଆନନ୍ଦର ସହ ପରୀକ୍ଷା ଦେଇଥିବା କହିଛନ୍ତି। ଗୁରୁବାର ଏହି ପରୀକ୍ଷା ଆରମ୍ଭ ହୋଇଛି। ଲକ୍ଷ୍ମୀପୁର ବ୍ଲକ୍ ସାଙ୍ଗାନା ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର କରଯାଇଛି। ଏଠାରୁ ୫ ପରୀକ୍ଷା କେନ୍ଦ୍ରକୁ ଯଥା ସାଙ୍ଗାନା ଉଚ୍ଚ ବିଦ୍ୟାଳୟ, ମିନାପାଇ, କାକିରିଗୁମା, ପଞ୍ଚଡ଼ା ଓ ଚମ୍ପି ଉଚ୍ଚ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନେ ପରୀକ୍ଷା ଦେଇଛନ୍ତି। ସକାଳୁ ନିର୍ଦ୍ଧାରିତ ସମୟ ଅନୁସାରେ ପରୀକ୍ଷା ଆରମ୍ଭ ହୋଇଥିଲା। ଲକ୍ଷ୍ମୀପୁର ନୋଡାଲ କେନ୍ଦ୍ରରୁ ସବୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଗୁଡ଼ିକ ଦୁଇଟି ବିତରକ ଟିମ୍ ଦ୍ୱାରା ନିଆ ଯାଇଥିଲା। ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ୩୭୩ରୁ ୩୬୯, ମିନାପାଇ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୮୦ ରୁ ୧୭୮, କକିରିଗୁମ୍ମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୩୫ରୁ ୨୨୧, ପଞ୍ଚଡା ଆଶ୍ରମ ଉଚ୍ଚ ବିଦ୍ୟାଳୟରେ ୨୫୯ରୁ ୨୫୩ ଜଣ ପରୀକ୍ଷା ଦେଇଥିଲେ। ଚମ୍ପି ଆଶ୍ରମ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଅଧୀନରେ ୨୨୧ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୪୭ଜଣ ପରୀକ୍ଷା ଦେଇଥିଲେ। ପରୀକ୍ଷା ଶେଷ ହେବା ପରେ ବିତରକ ଟିମ୍ ଦ୍ୱାରା ସମସ୍ତ ଉତ୍ତର ଖାତା ନୋଡାଲ କେନ୍ଦ୍ରରେ ଆସି ରହିବାର ବ୍ୟବସ୍ଥା କରାଯାଉଛି। ନୋଡାଲ ଅଧିକାରୀ ଭାବେ ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ, ଉପ ଅଧିକାରୀ ଭାବେ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ନୋଡାଲ କେନ୍ଦ୍ର ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଛି। ଲକ୍ଷ୍ମୀପୁର ତହସିଲଦାର ନୈବେଦ୍ୟ ଭୋଇ ନୋଡାଲ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ପ୍ରଥମ ଦିନର ପରୀକ୍ଷା ଶାନ୍ତି ଶୃଙ୍ଖଳା ସହ ହୋଇଥିବା ବେଳେ ସମସ୍ତ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଛି। ଜିଲ୍ଲା ମୁଖ୍ୟାଳୟରୁ ଆସିଥିବା ପୁଲିସ ନୋଡାଲ କେନ୍ଦ୍ରକୁ ଦିବାରାତ୍ର ଜଗି ରହିଛନ୍ତି। ନୋଡାଲ କେନ୍ଦ୍ରରୁ ପ୍ରଶ୍ନ ପତ୍ର ଯିବା ଓ ଉତ୍ତର ଖାତା ଆଣୁଥିବା ବିତରକ ଟିମ୍ ସହ ପୁଲିସକୁ ସାଥିରେ ନେଇ ନିଆଯାଉଛି। ଦୁଇଟି ବିତରକ ଟିମ୍‌ରେ ଅଫିସର ଭାବେ ଶିକ୍ଷକ ମାନସ ରଞ୍ଜନ ଜେନା, ଚକ୍ରଧର ଧର, ସୁନୀଲ ଗରଡ଼ା,କିରଣମୟ ଦତ୍ତ କାର୍ଯ୍ୟ ନିର୍ବାହ କରୁଛନ୍ତି। ଏହି ବୋର୍ଡ ପରୀକ୍ଷା ମାର୍ଚ୍ଚ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ସମସ୍ତ ପରୀକ୍ଷା କେନ୍ଦ୍ରକୁ ସୁପର ଭିଜନ ଦାୟିତ୍ୱ ତୁଲାଉ ଥିଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁତି ଭୁଷଣ ଟାକ୍ରି।

# ଛତ୍ରପତି ଶିବାଜୀଙ୍କ ଜୟନ୍ତୀ




ଜୟପୁର,୧୯ ।୨(ସମିସ): ମରାଠା ବୀର ଛତ୍ରପତି ଶିବାଜୀ ମହାରାଜଙ୍କ ୩୯୬ତମ ଜୟନ୍ତୀ ହିନ୍ଦୁ ସମାଜ ପକ୍ଷରୁ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ହିନ୍ଦୁ ସମାଜର କର୍ମକର୍ତ୍ତା ମାନେ ରଥପଡିଆ ଠାରେ ଏକତ୍ରିତ ହୋଇ ଶିବାଜୀଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ ଦେଇଥିଲେ। ରଥପଡିଆ ଠାରୁ ଏହି ଶୋଭାଯାତ୍ରାର ବାହାରି ପୌର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସ୍ଥାନୀୟ ଜୟନଗର ଛକ ଠାରେ ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହିତ ଶିବାଜୀ ଛକ ନାମରେ ନାମିତ କରିବା ନିମନ୍ତେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସନ୍ଧ୍ୟାରେ ରଥପଡିଆ ନିକଟରେ ଦୀପ ଜଳାଇ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଆଜିର ଏହି ଜୟନ୍ତି କାର୍ଯ୍ୟକ୍ରମରେ ଲଳିତ ଅଗ୍ରୱାଲ, ସିଦ୍ଧାର୍ଥ ପାତ୍ର, ସତିଶ ନନ୍ଦ, ନିଖିଲ ସାହୁ, ଅରୁଣ ବେହେରା, ଚନ୍ଦ୍ର ଶେଖର ଡାର୍ଲି, ପି.କିରଣ କୁମାର, ଓମ ପ୍ରକାଶ ପାଣିଗ୍ରାହୀ, ଚନ୍ଦ୍ରେଶ ରାଠୋର ପ୍ରମୁଖ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଦିନକ ପରେ ମା'ଙ୍କ ଯାତ୍ରା ଆରମ୍ଭ

କୋରୁକୋଣ୍ଡା,୧୯ ।୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ଠାରେ ଆସନ୍ତା ୨୦ତାରିଖ ଠାରୁ ୨୫ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମା' ମାଉଳିଙ୍କ ଯାତ୍ରା ନିମନ୍ତେ ପ୍ରସ୍ତୁତି ଶେଷ ପ୍ରଯ୍ୟାୟରେ। ମା'ଙ୍କ ଯାତ୍ରା ପ୍ରତ୍ୟେକ ଦୁଇ ବର୍ଷରେ ଥରେ ହୁଏ। ସେହି ଭାବରେ ଚଳିତ ବର୍ଷ ଏହି ଯାତ୍ରା ଆସନ୍ତା ୨୦ ତାରିଖ ଠାରୁ ଆରମ୍ଭ ହେଉଥିବା ବେଳେ ପ୍ରଥମ ଦିନରେ ମା'ଠାକୁରାଣୀଙ୍କ ଗଠନ, ଦ୍ୱିତୀୟ ଦିନରେ ଗ୍ରାମ ଦେବତୀ ମା' ମାଉଳିଙ୍କ ନିମନ୍ତ୍ରଣ କ୍ରମେ ଦେବାଦେବୀ ତଥା ସେମାନଙ୍କ ଲାଠି ସ୍ଥାନୀୟ ମାଉଳି ମା' ପାହାଡ ପାଦଦେଶରେ ଦିନ ତମାମ ପୂଜା ପାଇବା ସହିତ ଭକ୍ତଙ୍କ ଭିଡ଼ ଲାଗିରହିବା ଏବଂ ସନ୍ଧ୍ୟାରେ ମା ପାଟ ପଟୁଆରରେ ବାହାରି ମାଣ୍ଡିଆ ଭଟା ଅସ୍ଥାୟୀ ମଣ୍ଡପକୁ ଆସିବେ। ତା ପରଦିନ ମା ମାଣ୍ଡିଆ ଭଟା ଅସ୍ଥାୟୀ ମଣ୍ଡପରେ ଦୂର ଦୁରାନ୍ତରରୁ ଆସିଥିବା ଭକ୍ତଙ୍କୁ ଦର୍ଶନ ଦେବା ସହିତ ସନ୍ଧ୍ୟାରେ ବିଭିନ୍ନ ବାଜା ରୋଷଣୀରେ ଗ୍ରାମରେ ଥିବା ମା ମାଉଳି ମନ୍ଦିର ନିକଟ ଅସ୍ଥାୟୀୟ ମଣ୍ଡପକୁ ଆସିବେ। ସେଠାରେ ଦୁଇଦିନ ରହି ଭକ୍ତଙ୍କୁ ଦର୍ଶନ ଦେବା ସହିତ ଶେଷ ଦିନ ଅର୍ଥାତ ୨୫ ତାରିଖ ଭୋର ସମୟରେ ମା' ନିଜ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ଯାତ୍ରାରେ ଜିଲ୍ଲା ସମେତ ପଡୋଶୀ ରାଜ୍ୟ ଛତିଶଗଡ, ତେଲେଙ୍ଗାନା, ଆନ୍ଧ୍ରରୁ ମଧ ବହୁ ଭକ୍ତ ଆସି ମା'ଙ୍କ କୃପା ଲାଭ କରିଥାନ୍ତି। ଏହି ଯାତ୍ରାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ ବିଭିନ୍ନ ଡୋଲି ସାଙ୍ଗକୁ ଭିନ୍ନ ଭିନ୍ନ ସାମଗ୍ରୀ ବିକ୍ରୟ କରିବାକୁ ବାହାର ରାଜ୍ୟର ବ୍ୟବସାୟୀ ମାନେ ଆସିଥାନ୍ତି ବୋଲି ପୂଜା କମିଟି ସଭାପତି କୈଳାସ ଦୋରା କହିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ କାନାଗାଁ ଛାତ୍ରାବାସ ଆଶ୍ରମ ପାଚେରି



ବନ୍ଧୁଗାଁ, ୧୯।୨(ସମିସ): ବନ୍ଧୁଗାଁ ବ୍ଲକ କାନାଗାଁ ପଞ୍ଚାୟତ ସଦର ଗ୍ରାମର ଛାତ୍ରାବାସ ଆଶ୍ରମ ପାଚେରି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଛାତ୍ରାବାସ ପାଇଁ ପୁରୁଣା ଛାତ୍ରାବାସର ଅଧା ପାଚେରୀ ଭାଙ୍ଗି ନୂତନ କୋଠା ନିର୍ମାଣ କାର୍ଯ୍ୟ ଚାଲି ଥିବା ବେଳେ ଅଧା ପାଚେରୀ ଭାଙ୍ଗି ନ ଥିବା, ତାହା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଛାତ୍ରାବାସର ଭଙ୍ଗା ପାଚେରୀ ନିକଟରେ ଏକ ବରକୋଳି ଗଛ ରହିଛି। ସ୍କୁଲରେ ପଢୁଥିବା ଓ ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀ ବିଭିନ୍ନ ବାହାନାରେ ଯାଇ ଭଙ୍ଗା ପାଚେରୀ ଉପରେ ଚଢି ବରକୋଳି ତଳୁଥିବା ଦେଖିବାକୁ ମିଳୁଛି। ଭଙ୍ଗା ପାଚେରୀ ବିପଦସଙ୍କୁଳ ଅବସ୍ଥାରେ ଥିବା ଯୋଗୁଁ କେତେ ବେଳେ ନିରୀହ ଶିଶୁଙ୍କ ଜୀବନ ପ୍ରତି ବିପଦ ରହିଛି। ଅତି ଶୀଘ୍ର ସେହି ବିପଦସଙ୍କୁଳ ପାଚେରି ଭାଙ୍ଗିବା ପାଇଁ ସ୍ଥାନୀୟ ଅଭିଭାବକ ଅନୁରୋଧ କରିଛନ୍ତି।।

● ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

# ମାତୃଭାଷା ପରୀକ୍ଷାରେ ୩୨୭ ଜଣ ଅନୁପସ୍ଥିତ

### ପରୀକ୍ଷା ଦେଲେ ୧୨ ହଜାର ୨୫୭ ଜଣ

ରାୟଗଡ଼ା,୧୯।୨(ସମିସ): ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ରାଜ୍ୟରେ ମାଟ୍ରିକ ପରୀକ୍ଷା ଆଜିଠୁ ଆରମ୍ଭ ହୋଇଛି। ରାୟଗଡ଼ା ଜିଲ୍ଲାର ମୋଟ ୬୪ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଛି। ରେଗୁଲାର, ଏକ୍ସରେଗୁଲାର ଏବଂ ଓଡ଼ିଶା ମୁକ୍ତ ବିଦ୍ୟାଳୟ ଅଧୀନରେ ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ପାଇଁ ମୋଟ ୧୨୫୮୪ଜଣ ପରୀକ୍ଷାର୍ଥି ପରୀକ୍ଷା ଦେବାକୁ ଥିବା ବେଳେ ମୋଟ ୧୨ହଜାର ୨୫୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଲେଖିଛନ୍ତି। ବାର୍ଷିକ ପରୀକ୍ଷାରେ ୨୩୦ଜଣ ପରୀକ୍ଷାର୍ଥି ଅନୁପସ୍ଥିତ ରହିଥିବା ବେଳେ ମୁକ୍ତ ବିଦ୍ୟାଳୟର ୯୭ଜଣ ଅନୁପସ୍ଥିତ ରହିଛନ୍ତି। ଆଜି ପ୍ରଥମ ଦିନରେ ୩୨୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଆଜି ପରୀକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିବା ବେଳେ ଫ୍ଲାଇଂ ସ୍କ୍ୱାର୍ଡ ୧୦ଟି ପରୀକ୍ଷା କେନ୍ଦ୍ର ବୁଲି କପି ଯାଞ୍ଚ କରିଥିଲେ। ତେବେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲ୍ଲାରେ କୌଣସି ସ୍ଥାନରେ କପି ହୋଇନଥିବା ଜଣାପଡ଼ିଛି।

# ଜିଲ୍ଲାର ୮୪ କେନ୍ଦ୍ରରେ ୧୮୧୩୮ ମାଟ୍ରିକ୍ ପରୀକ୍ଷାର୍ଥୀ

ନବରଙ୍ଗପୁର,୧୯।୨(ସମିସ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇଛି। ମାର୍ଚ୍ଚ ୨ ତାରିଖରେ ଶେଷ ହେବ ପରୀକ୍ଷା। ପରୀକ୍ଷାର୍ଥୀ ମାନେ ସକାଳ ସାଢେ ୭ଟାରୁ ସାଢେ ୮ଟା ପର୍ଯ୍ୟନ୍ତ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିଥିଲେ। ନୋଡାଲ ସେଣ୍ଟର ମାନଙ୍କରୁ ପ୍ରଶ୍ନପତ୍ର ସକାଳ ସାଢେ ୭ଟାରୁ ସାଢେ ୮ଟା ମଧ୍ୟରେ ପହଞ୍ଚି ଥିଲା । ପୂର୍ବାହ୍ନ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଓଡ଼ିଆ (ଏମ୍ଆଇଏଲ) ପରୀକ୍ଷା ଦେଇଥିଲେ । ଜିଲ୍ଲାର ୨୨୮ ହାଇସ୍କୁଲର ୧୮୫୫୭ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫାର୍ମ ପୂରଣ କରିଥିଲେ । ଏନେଇ ୮୪ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା।

● ୪୧୯ ପରୀକ୍ଷାର୍ଥୀ ଆସିଲେ ନାହିଁ

୮୧ ପରୀକ୍ଷା କେନ୍ଦ୍ରରେ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରୀ ଛାତ୍ରଙ୍କ ପାଇଁ ଓ ୩ଟି ପରୀକ୍ଷା କେନ୍ଦ୍ର ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ପାଇଁ ପରୀକ୍ଷା କେନ୍ଦ୍ର ରହିଥିଲା। ଏଥର ରେଗୁଲାରରେ ଏକ୍ସ ରେଗୁଲାର ମିଶି ୧୮୦୨୦ ପରୀକ୍ଷା ଦେବା ପରିବର୍ତ୍ତେ ୧୭୭୬୨ ଜଣ ପରୀକ୍ଷା ଦେଇଥିଲେ ଏବଂ ୨୫୮ ଜଣ ଛାତ୍ର ଛାତ୍ରୀ ଅନୁପସ୍ଥିତ ରହିଥିଲେ । ସେହିଭଳି ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ୫୫୭ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେବା ପରିବର୍ତ୍ତେ ୩୭୬ ଜଣ ପରୀକ୍ଷା ଦେଇଥିବା ବେଳେ ୧୬୧ ଛାତ୍ର ଛାତ୍ରୀ ଅନୁପସ୍ଥିତ ରହିଥିବା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଜିଲା ଶିକ୍ଷା ବିଭାଗର ଦୁଇଟି ଡିଇଓ ସ୍କ୍ୱାର୍ଡ ଏବଂ ଗୋଟିଏ ସ୍ପେଶିଆଲ୍ ସ୍କ୍ୱାର୍ଡ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଅନ୍ୟପକ୍ଷରେ ପରୀକ୍ଷା ପାଇଁ ୧୦ ଗୋଟି ନୋଡାଲ ସେଣ୍ଟର, ୧୯ ଦଳ ପ୍ରଶ୍ନ ପତ୍ର ପହଞ୍ଚାଇବା ପାଇଁ ଗଠନ କରାଯାଇଥିଲା । ବୋର୍ଡ ପକ୍ଷରୁ ବହୁ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ଏହା ବ୍ୟତୀତ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟ ପରୀକ୍ଷା କେନ୍ଦ୍ର ମାନଙ୍କରେ ମଧ ସିସି କ୍ୟାମେରା ଲାଗିଥିବା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ର ପତି ସାହୁ ସୂଚନା ଦେଇଛନ୍ତି।

# ୫୦ କୋଟି ୭୦ ଲକ୍ଷରେ ହେବ ନୂଆ ବସ୍‌ଷ୍ଟାଣ୍ଡ : ଜିଲ୍ଲାପାଳ

ନ ବ ର ଙ୍ଗ ପୁ ର , ୧ ୯ । ୨ ( ସ ମି ସ ) : ନବରଙ୍ଗପୁରରେ ହେବ ନୂତନ ଡିଜାଇନର ଅଟଳ ବସ୍‌ଷ୍ଟାଣ୍ଡ। ଏନେଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ପୁଲିସ ହାଉସିଂ ବୋର୍ଡ ବସ୍‌ଷ୍ଟାଣ୍ଡ ନିର୍ମାଣ ଉପରେ ତଦାରଖ କରିବ। ଏନେଇ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବର୍ତ୍ତମାନ ଷ୍ଟଲ ମାନଙ୍କରେ ବ୍ୟବସାୟ କରି ଆସୁଥିବା ସମସ୍ତ ଦୋକାନୀଙ୍କୁ ଡକାଯାଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବସଷ୍ଟାଣ୍ଡ ବାହାର ଓ ଭିତର ପାର୍ଶ୍ୱରେ ୯୮ଟି ଷ୍ଟଲ ରହିଛି। ତେବେ ଷ୍ଟଲ ସମସ୍ତ ବ୍ୟବସାୟୀ ପାଇବେ। ଯେଉଁ ମାନେ ପୌର ସଂସ୍ଥା ସହିତ ଚୁକ୍ତି କରି ଅନ୍ୟ ମାନଙ୍କୁ ଭଡ଼ା ସୂତ୍ରରେ ଷ୍ଟଲ ଗୁଡିକ ଦେଇଛନ୍ତି, ତାହାର ଯାଞ୍ଚ କରାଯାଇ ସେମାନଙ୍କୁ ଷ୍ଟଲ ଦିଆଯିବ। ତେବେ ବସ୍‌ଷ୍ଟାଣ୍ଡ ମଧ୍ୟରେ ତିନୋଟି ସ୍ତରରେ ୨୪ଟି ଲେଖାଏଁ ୮୪ ଷ୍ଟଲ ୧୦/୧୨ ଓସାର ଓ ଚୌଡାରେ ଷ୍ଟଲ ଗୁଡିକ ହେବ। ବଡ ବଡ ଷ୍ଟଲରେ ବ୍ୟବସାୟ କରି ଆସୁଥିବା ଦୋକାନୀ ମାନଙ୍କୁ ଦୁଇଟି ଷ୍ଟଲର ଗୋଟିଏ କାନ୍ଥ ନକରି କେତୋଟି ବଡ ଷ୍ଟଲ କରାଯିବାକୁ ଜିଲ୍ଲାପାଳ କହିଥିଲେ। ଏନେଇ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କୁ ଏକ ରେଜୁଲେସନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବସ ଷ୍ଟାଣ୍ଡ ୪ ମହଲା ବିଶିଷ୍ଟ ରହିବ। ମୂଳଦୁଆ ୧୮ ହଜାର ୩୦ ସ୍କୁୟାର ଫିଟ୍ ରହିବ। ଗ୍ରାଉଣ୍ଡ ଫ୍ଲରରେ ୧୦ଟି ଦୋକାନ ଗୃହ, ଫୁଡ୍ ପାର୍କ, ଦୁଇଟି କେଫେ ରହିବ। ଦ୍?ିତୀୟ ମହଲରେ ୧୦ଟି ବିଶ୍ରାମ କକ୍ଷ, ଡ୍ରାଇଭର, କଣ୍ଡକ୍ଟର ବିଶ୍ରାମ ପାଇଁ ୨୦ଟି ରୁମ୍ ଓ ଡର୍ମେଟେରି ରହିବ। ତୃତୀୟ ମହଲାରେ ୨୦/୪୦ର ଦୁଇଟି ହଲ ଓ ଟ୍ରେନିଂ ହଲ ସମେତ ଓ ଏସ ଆର ଟି ସି କାର୍ଯ୍ୟାଳୟ ରହିବ। ଗ୍ରାଉଣ୍ଡ ଫ୍ଲରରେ ସରକାରୀ ଓ ଘରୋଇ ବସ ଟିକେଟ କାଉଣ୍ଟର ମଧ୍ୟ ରହିବ। ବସ ଷ୍ଟାଣ୍ଡ ୩ ଏକର ୩୫ ଡିସିମିଲ ପରିସୀମା ମଧ୍ୟରେ " ତିଆରି ହେବ। ୧୯ ଗୋଟି ବସ ରହିପାରିବ। ୧୮ ଗୋଟି ବସ ଯାତାୟାତ




ପାଇଁ ସୁବିଧା ରହିବ। ଚାରିଚକିଆ ଜଣ ପାର୍କିଂ, ବସ ଟର୍ମିନାଲ ମଧ୍ୟରେ ପ୍ରତି ମହଲାରେ ମହିଳା, ପୁରୁଷ, ବିବ୍ୟାଙ୍ଗ ଓ କିନ୍ନର ମାନଙ୍କ ପାଇଁ ପରିସ୍ରାଗାର ଓ ଶୌଚାଳୟ ରହିବ ବୋଲି ଓଡ଼ିଶା ହଉସିଂ ବୋର୍ଡର ପ୍ରୋଜେକ୍ଟ ମ୍ୟାନେଜର ଗୌରାଙ୍ଗ ଚରଣ ଜେନା ସ୍ଲାଇଡ୍ ମାଧ୍ୟମରେ ବସ ଷ୍ଟାଣ୍ଡ ଡିଜାଇନ୍ ପ୍ରଦର୍ଶିତ କରିଥିଲେ ଓ ତଥ୍ୟ ପ୍ରଦାନ କରିଥିଲେ।

### ସମସ୍ତ ଦୋକାନୀ ପାଇବେ ଷ୍ଟଲ୍

ଏନେଇ ୫୦ କୋଟି ୭୦ ଲକ୍ଷ, ୨୭ ହଜାର ୫୦ ଟଙ୍କାର ଟେଣ୍ଡର ହୋଇ ସାରିଛି। ଆସନ୍ତା ୨୩ ମାସ ମଧ୍ୟରେ ବସ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ସମସ୍ତଙ୍କ ସହଯୋଗରେ ଚଳିତ ମାସ ସୁଦ୍ଧା ଓଏସଆରଟିସି ବିଭାଗକୁ ସ୍ଥାନ ହସ୍ତାନ୍ତର କରିବାକୁ ପଡ଼ିବ। ବସ ଷ୍ଟାଣ୍ଡ ନିର୍ମାଣ ସମୟରେ ଅସ୍ଥାୟୀ ଭାବେ ପୋଲିସ ପଡିଆକୁ ବ୍ୟବହାର ପାଇଁ ଜିଲ୍ଲାପାଳ ପୋଲିସ ବିଭାଗ ସହିତ ଆଲୋଚନା କରିବେ ବୋଲି କହିଥିଲେ। "ତେବେ ନବରଙ୍ଗପୁର ଠାରେ ପୂର୍ବ ସରକାର ସମୟର ୬ କୋଟି ୯ ଲକ୍ଷ ଟଙ୍କା ବ୍ୟୟରେ ବସ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧା ନିର୍ମାଣ ପରେ ୨୦୨୩ରେ କାର୍ଯ୍ୟ ବନ୍ଦ କରି ଦିଆ ଗଲା। ଏବେ ତାହା ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯିବ ବୋଲି ସୂଚନା ମିଳିଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଆର ଟି ଓ ଜିତେନ୍ଦ୍ର କୁମାର ଭୋଇ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ନବରଙ୍ଗପୁର ଓଏସଆରଟିସିର ମ୍ୟାନେଜର ସନ୍ତୋଷ କୁମାର ନାୟକ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଘରୋଇ ବସ ମାଲିକ ସଂଘ ସଭାପତି ପ୍ରକାଶ ତ୍ରିପାଠୀ, ଦୋକାନୀ ସୁଦର୍ଶନ ପାଣିଗ୍ରାହୀ ସମେତ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଷ୍ଟଲ ମାଲିକ ଉପସ୍ଥିତ ରହି ଆଲୋଚନା କରିଥିଲେ।

## ପାଟଣାଗଡ଼ ଡାକ୍ତରଖାନା ନିରାମୟ କେନ୍ଦ୍ରରେ ମାତାଲ କର୍ମଚାରୀ

# ମଦ ପିଇ ଭୁଲ ଔଷଧ ଦେଲେ



ପାଟଣାଗଡ଼, ୧୯।୨ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଡାକ୍ତରଖାନାର ନିରାମୟ କେନ୍ଦ୍ରରେ ଜଣେ ମାତାଲ କର୍ମଚାରୀ ରୋଗୀଙ୍କ ସମ୍ପର୍କୀୟଙ୍କୁ ଭୁଲ୍ ଔଷଧ ଦେଉଥିବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସୂଚନାନୁସାରେ, ବୁଧବାର ବିଳମ୍ବିତ ରାତ୍ରିରେ

### ଭିଡିଓ ଭାଇରାଲ

ପାଟଣାଗଡ଼ କୋଦୋପଡ଼ାର ବୃଦ୍ଧା ସୁକାନ୍ତୀ ବାଗ(୭୫)ଙ୍କୁ ତାଙ୍କ ନାତି ଅମର ଖରସେଲ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ବୃଦ୍ଧାଙ୍କୁ ଏକ ଟିଟି ଇଞ୍ଜେକ୍ସନ୍ ଓ ଅନ୍ୟ ଔଷଧ ଦେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଅମର ଔଷଧ ଆଣିବାକୁ ଡାକ୍ତରଖାନାର ନିରାମୟ କେନ୍ଦ୍ରକୁ ଯାଇଥିଲେ। କିନ୍ତୁ, ସେଠାରେ ଦାୟିତ୍ୱରେ ଥିବା କର୍ମଚାରୀଜଣଙ୍କ ମଦ ପିଇ ମାତାଲ ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଏତେ ମାତ୍ରାରେ ସେ ମଦ ପିଇଥିଲେ ଯେ ନିଶା ଯୋଗୁଁ ଚଲାବୁଲା ବି କରିପାରୁନଥିଲେ। ଏପରିକି, ତାଙ୍କୁ ଭୁଲ୍ ଔଷଧ ମଧ୍ୟ ଦେଇଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଅମର ଏହାର ଏକ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏ ସଂପର୍କରେ ପାଟଣାଗଡ଼ ଏସ୍‌ଡିଏମ୍‌ଓ ସରୋଜ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଉକ୍ତ କର୍ମଚାରୀଜଣଙ୍କ ପୂର୍ବରୁ ଖପ୍ରାଖୋଲରେ ଥିଲେ। ଗତ ଡିସେମ୍ବରରେ ଏଠାକୁ ଆସିଛନ୍ତି। ତେବେ ଅଭିଯୋଗ ଆସିବା ପରେ ତାଙ୍କୁ ନିରାମୟ କେନ୍ଦ୍ରରୁ ହଟାଇ ଦିଆଯାଇଛି। ଏହାସହ ଘଟଣାର ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି।

# ଭାଲୁ ସହ ଲଢ଼ି ସ୍ୱାମୀଙ୍କ ଜୀବନ ବଞ୍ଚାଇଲେ



■ କରଞ୍ଜିଆ, ୧୯।୨ (ସମିସ): ଭାଲୁ ସହ ଲଢ଼ି ସ୍ୱାମୀଙ୍କ ଜୀବନ ବଞ୍ଚାଇଲେ ସ୍ତ୍ରୀ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ କାଡଡିହ ସେକ୍ସନ୍‌ର ମିଲୁ ଗ୍ରାମରେ ଏଭଳି ଏକ ଘଟଣା ଘଟିଛି। ଭାଲୁ ଆକ୍ରମଣର ଶିକାର ବ୍ୟକ୍ତିଜଣଙ୍କ ହେଲେ, ଗ୍ରାମର ମାଲଦେ ସୋରେନ(୪୫)। ତାଙ୍କର ମୁଣ୍ଡ ଉପରିଭାଗ ଚର୍ମ ସଂପୂର୍ଣ୍ଣ ଉଠିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ମିଲୁ ଗ୍ରାମକୁ ଲାଗି ହାତୀସାଲବେଡ଼ା ଜଙ୍ଗଲ ରହିଛି। ଆଜି ଦିନ ପ୍ରାୟ ୧ଟାରେ ଉକ୍ତ ଜଙ୍ଗଲରେ ୬ଟି ଭାଲୁ ଘୂରି ବୁଲୁଥିଲେ। ଏହି ସମୟରେ ମାଲଦେ ଓ ତାଙ୍କ ସ୍ତ୍ରୀ ଲିଲି ଜଙ୍ଗଲକୁ ପତ୍ର ଗୋଟାଇବାକୁ ଯାଇଥିବା ବେଳେ ଗୋଟିଏ ଭାଲୁ ମାଲଦେଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଭାଲୁଟି ମାଲଦେଙ୍କ ମୁଣ୍ଡକୁ ବିଦାରି ପକାଇବା ସହ ଚମ ଉତାରି ଦେଇଥିଲା। ଏହା ଦେଖି ଲିଲି ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଭାଲୁକୁ ଆକ୍ରମଣ କରିଥିଲେ। ତାକୁ ଟେକାପଥର ମାଡ଼ କରିବା ସହ ଏକ ବାଡ଼ିରେ ପିଟିବାରୁ ଭାଲୁଟି ଜଙ୍ଗଲ ଭିତରକୁ ଯାଇଥିଲା। ପରେ ଲିଲିଙ୍କଠାରୁ ଖବର ପାଇ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଛି।

# ଦୁଷ୍କର୍ମ ପୀଡ଼ିତା ନାବାଳିକା ଗର୍ଭବତୀ

ମୋହନା, ୧୯।୨ (ସମିସ): ଜଣେ ଦୁଷ୍କର୍ମ ପୀଡ଼ିତା ୧୩ ବର୍ଷୀୟା ନାବାଳିକା ଗର୍ଭବତୀ ହେବା ଘଟଣାକୁ ନେଇ ମୋହନା ଥାନା ଅଞ୍ଚଳରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ଥାନାରେ ଅଭିଯୋଗ ହେବାରୁ ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଗିରଫଦାରୀ ଭୟରେ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଥିବା ଜଣାଯାଇଛି। ସେ ହେଲେ ତାରିଣୀ ପ୍ରଧାନ। ପୁଲିସ ସୂଚନାନୁସାରେ, ନାବାଳିକାର ବାପା-ମା' ଦିନ ମଜୁରିଆ। ସେମାନେ ପ୍ରତିଦିନ କାମ କରିବାକୁ ବାହାରକୁ ଚାଲିଯିବା ପରେ ତାରିଣୀ ତାଙ୍କ ଘରକୁ ଯାଇ ନାବାଳିକା ଝିଅକୁ ବିଭିନ୍ନ ପ୍ରଲୋଭନ ଦେଖାଇବା ସହ ଧମକ ଚମକ ଦେଇ ବାରମ୍ବାର ଦୁଷ୍କର୍ମ କରି ଆସୁଥିଲା। ତେବେ କିଛି ଦିନ ତଳେ ନାବାଳିକାର ଶାରୀରିକ ପରିବର୍ତ୍ତନ ଦେଖି ମା' ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଝିଅ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଖବର ପାଇ ମୋହନା ଚାଇଲ୍ଡ ଲାଇନ ସଦସ୍ୟ ପହଞ୍ଚି ନାବାଳିକାକୁ ଉଦ୍ଧାର କରିବା ସହ ମୋହନା ଥାନାକୁ ନେଇଥିଲେ। ପୁଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତ ତାରିଣୀ ଫେରାର ହୋଇଯାଇଛି। ନାବାଳିକାକୁ ମୋହନାସ୍ଥିତ ସୁଧାରଗୃହରେ ରଖାଯାଇଛି। ଶୁକ୍ରବାର ତାକୁ ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯିବ ବୋଲି ଜଣାଯାଇଛି।

ତାରିଣୀ ନାମରେ ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ରହିଛି। ୨୦୧୯ ମସିହାରେ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ଯୁବତୀଙ୍କ ସହ ଅବୈଧ ସମ୍ପର୍କ ରଖିଥିବା ନେଇ ଅଭିଯୋଗ ପରେ ଉକ୍ତ ଗ୍ରାମର ଲୋକେ ତାରିଣୀର ଘର ଭାଙ୍ଗି ଦେଇଥିଲେ। ଅଭିଯୁକ୍ତକୁ ଅତିଶୀଘ୍ର ଗିରଫ କରି କଠୋର ଦଣ୍ଡ ଦେବାକୁ ନାବାଳିକାର ପରିବାରବର୍ଗ ଏବଂ ଗ୍ରାମବାସୀ ଦାବି କରିଛନ୍ତି।

# ଥାଇଲାଣ୍ଡରେ ଫସିଛନ୍ତି ୬ ଓଡ଼ିଆ

ଭୁବନେଶ୍ୱର,୧୯।୨ (ସମିସ): ସୁଦୂର ଥାଇଲାଣ୍ଡରେ ଫସିଛନ୍ତି ୬ଜଣ ଓଡ଼ିଆ ଶ୍ରମିକ। ସେଠାରେ ସେମାନଙ୍କୁ ନିର୍ଯାତନା ଦିଆଯାଉଥିବା ସହ ଦରମା ମଧ୍ୟ ମିଳୁନଥିବା ଅଭିଯୋଗ ହୋଇଛି। ଏହି ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ଏବେ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟର ସହାୟତା ଲୋଡ଼ିଛନ୍ତି।

### ବୈଦେଶିକ ମନ୍ତ୍ରଣାଳୟର ସହାୟତା ଲୋଡ଼ିଲେ ରାଜ୍ୟ ସରକାର

ସୋସିଆଲ ମିଡିଆରେ ଏକ ଭିଡିଓ ବାର୍ତ୍ତା ଜରିଆରେ ଶ୍ରମିକମାନେ ନିଜର ଦୁଃଖ କାହାଣୀ ଜଣାଇଥିଲେ। ସେମାନଙ୍କ କହିବା ଅନୁଯାୟୀ, ଥାଇଲାଣ୍ଡର ଏକ ପ୍ଲାଏଉଡ୍ କମ୍ପାନୀରେ ସେମାନେ କାମ କରୁଥିଲେ। ମାତ୍ର ଗତ ୩ ମାସ ହେବ ସେମାନଙ୍କୁ କୌଣସି ପାରିଶ୍ରମିକ ମିଳିନାହିଁ। ଦରମା ମାଗିଲେ ମାଲିକ ଓଲଟା ଧମକଚମକ ଦେଉଛନ୍ତି। ଏବେ ସେମାନଙ୍କ ପାଖରେ ଖାଇବାକୁ ମଧ୍ୟ ଟଙ୍କା ନାହିଁ ଏବଂ ସେମାନେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା 'ଓଡ଼ିଶା ପରିବାର' ନିର୍ଦ୍ଦେଶକଙ୍କଠାରୁ ଏ ବାବଦରେ ସୂଚନା ପାଇବା ପରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ପ୍ରମୁଖ ଆବାସିକ କମିଶନର ବିଶାଲ ଗଗନ ଓ ରାଜ୍ୟ ଶ୍ରମ କମିଶନରଙ୍କ ପକ୍ଷରୁ ଏନେଇ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟର ଅତିରିକ୍ତ ସଚିବଙ୍କୁ ଏକ ଚିଠି ଲେଖି ବିସ୍ତୃତ ସୂଚନା ଦେବା ସହ ସହାୟତା ଲୋଡ଼ିଛନ୍ତି। ଶ୍ରମିକମାନଙ୍କୁ ତୁରନ୍ତ ସେଠାରୁ ଉଦ୍ଧାର କରିବା ସହ ସେମାନଙ୍କର ବାକି ସମସ୍ତ ପ୍ରାପ୍ୟ ଓ ଦରମା ପ୍ରଦାନ ପାଇଁ କୂଟନୈତିକ ସ୍ତରରେ ପଦକ୍ଷେପ ନିଆଯାଉ ବୋଲି ରାଜ୍ୟ ସରକାର ନିବେଦନ କରିଛନ୍ତି। ଏହାସହ ସେମାନଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବାକୁ ବ୍ୟବସ୍ଥା କରାଯାଉ ବୋଲି ସରକାର କହିଛନ୍ତି।

# ହୁତୁହୁତୁ ହୋଇ ଜଳିଗଲା କପଡ଼ା ଗୋଦାମ



ଯୋଡ଼ା, ୧୯।୨ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳର ୬ ନମ୍ବର ୱାର୍ଡରେ କପଡ଼ା ବ୍ୟବସାୟୀ ରୋତାଜ୍ ଅଗ୍ରୱାଲଙ୍କ ଘରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ଏଥିରେ ତାଙ୍କ କପଡ଼ା ଗୋଦାମ ଛାରଖାର ହୋଇଯାଇଛି। ତଳ ମହଲାରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଉପର ମହଲାରେ ପରିବାରର ୯ ଜଣ ସଦସ୍ୟ ରହୁଥିଲେ। ବହୁକଷ୍ଟରେ ସେମାନେ ବାହାରକୁ ଆସିବାରେ ସକ୍ଷମ ହୋଇଥିବାରୁ ଅଳ୍ପକେ ବର୍ତ୍ତିଯାଇଛି ୯ଟି ଅମୂଲ୍ୟ ଜୀବନ। ଗୁରୁବାର ଭୋର୍ ପ୍ରାୟ ୪.୩୫ ମିନିଟ୍ ସମୟରେ ବଡ଼ବିଲ ଅଗ୍ନିଶମ ବିଭାଗ ନିଆଁ ଲାଗିଥିବା ସୂଚନା ପାଇଥିଲା। ପରେ ବଡ଼ବିଲ ଅଗ୍ନିଶମ ବିଭାଗ ଯୋଡ଼ା ଅଗ୍ନିଶମ ବିଭାଗ ସହ ଅନ୍ୟ ନିଆଁଲିଭା ଗାଡ଼ି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଏହି ଅଗ୍ନିକାଣ୍ଡ କୌଣସି ସର୍ଟସର୍କିଟ ଯୋଗୁଁ ହୋଇଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କପଡ଼ା ସାମଗ୍ରୀ ଜଳିପୋଡ଼ି ଯାଇଛି।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ




ଛେଣ୍ଡିପଦା,୧୯।୨(ସମିସ): ନିଶା ଶିକ୍ସାଞ୍ଚଳ ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ମିଳିତ ଭାବେ ଜଙ୍ଗଲ ଜାମୁଣ୍ଡାରେ ଥିବା ଟ୍ରକ ପାର୍କିଂରେ ଚଢ଼ଉ କରି ୧୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଟ୍ରକ୍ ଚାଳକଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଗିରଫ ଟ୍ରକ୍ ଚାଳକ ହେଲେ, ଜରପଡ଼ା ଥାନା ଦୁର୍ଗାପୁରର ଟିକନ ବେହେରା। ଜାମୁଣ୍ଡା ଟ୍ରକ ପାର୍କିଂରୁ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କୁ ସୂଚନା ମିଳିଥିଲା। ତାଙ୍କ ନିର୍ଦ୍ଦେଶରେ ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ସେଠାରେ ଚଢ଼ଉ କରିଥିଲେ। ପୁଲିସ (ଓଡି୧୫-ସି୩୦୧୧) ଟ୍ରକ୍‌କୁ ଯାଞ୍ଚ କରିବା ବେଳେ ସେଥିରେ ୬୩ଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୁଲିସ ଚାଳକକୁ ଅଟକ ରଖି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରିଥିଲା। ୧୫ କୁଇଣ୍ଟାଲ ୭୩ କିଗ୍ରା ୨୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଗଞ୍ଜେଇକୁ ଟ୍ରକ ଯୋଗେ ଫୁଲବାଣୀରୁ ଆଣାଯାଇ ପାର୍କିଂରେ ରଖାଯାଇଥିଲା। ପରେ ଝାଡ଼ଖଣ୍ଡ ସମେତ ବିଭିନ୍ନ ରାଜ୍ୟକୁ ଚଲାଣ କରାଯାଇ ଥାଆନ୍ତା ବୋଲି ଅଭିଯୁକ୍ତ ଟ୍ରକ ଚାଳକ ସ୍ୱୀକାର କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଚାଳକଙ୍କୁ ଗରୁବାର କୋର୍ଟଚାଲାଣ କରାଯାଇଛି।

# ଶିମିଳିପାଳରେ ହେବ ହେଲିପ୍ୟାଡ୍

ଭୁବନେଶ୍ୱର,୧୯।୨(ସମିସ): ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁଙ୍କ ପ୍ରସ୍ତାବ କ୍ରମେ ଶିମିଳିପାଳ ନିକଟରେ ହେଲିପ୍ୟାଡ୍ ନିର୍ମାଣ ନିମିତ୍ତ ଆବଶ୍ୟକ ଜମି ନିରୂପଣ ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଗୁରବାର ଏନେଇ ଗୃହରେ ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଭୁବନେଶ୍ୱର-ଗୋପାଳପୁର(ଗଞ୍ଜାମ), ଭୁବନେଶ୍ୱର-ଶିମିଳିପାଳ ଜାତୀୟ ଉଦ୍ୟାନ (ମୟୂରଭଞ୍ଜ)ଠାରେ ହେଲି-ଟାକ୍ସି ସେବା ପରିଚାଳନା ପାଇଁ 'ପବନ୍ ହଂସ୍ ଲିମିଟେଡ୍' (ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ କେନ୍ଦ୍ର ସରକାରୀ ଉଦ୍ୟୋଗ) କୁ ମନୋନୀତ କରାଯାଇଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ୩୧ଟି ନୂଆ ଜିଲ୍ଲା ଗଠନ ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୧୯।୨(ସମିସ): ରାଜ୍ୟରେ ୩୧ ଟି ନୂତନ ଜିଲ୍ଲା ଗଠନ ପାଇଁ ସରକାରଙ୍କ ନିକଟକୁ ପ୍ରସ୍ତାବ ଆସିଛି। ତେବେ ଏହି ପ୍ରସ୍ତାବଗୁଡ଼ିକୁ ଉପଯୁକ୍ତ ସମୟରେ ସରକାର ବିଚାର କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାୟକ ବିଜୟ କୁମାର ଦଳବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ନୂତନ ପ୍ରସ୍ତାବ ପ୍ରାପ୍ତ ହେଲେ ତାହା ମଧ୍ୟ ସରକାର ବିଚାର କରିବେ। ଗଞ୍ଜାମରୁ ସର୍ବାଧିକ ୫ ଓ ମୟୂରଭଞ୍ଜରୁ ୪ ଟି ନୂତନ ଜିଲ୍ଲା ଗଠନ ପାଇଁ ପ୍ରସ୍ତାବ ଆସିଛି। ଅନ୍ୟପଟେ ରାଜ୍ୟରେ ୬୬ ଟି ନୂଆ ସବଡିଭିଜନ ଗଠନ ପାଇଁ ମଧ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ଆସିଛି। ନୂଆ ପ୍ରସ୍ତାବ ଗୁଡ଼ିକୁ ସରକାର ବିଚାର କରୁଛନ୍ତି। ବରଗଡ଼, ଗଞ୍ଜାମ ଓ କୋରାପୁଟ ଜିଲ୍ଲାରୁ ଏହି ବାବଦରେ ସର୍ବାଧିକ ପ୍ରସ୍ତାବ ଆସିଛି ବୋଲି ମନ୍ତ୍ରୀ କହିଛନ୍ତି।

- ■ ଗଞ୍ଜାମରୁ ୫ ଓ ମୟୂରଭଞ୍ଜରୁ ୪ ଜିଲ୍ଲା ଗଠନ ପ୍ରସ୍ତାବ
- ■ ଉପଯୁକ୍ତ ସମୟରେ ବିଚାର ହେବ: ରାଜସ୍ୱ ମନ୍ତ୍ରୀ

# ଧାନ କିଣାକୁ ନେଇ ରାଜନୀତି କରିବା ଉଚିତ୍ ନୁହେଁ: ମନମୋହନ

ଭୁବନେଶ୍ୱର,୧୯।୨(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ରେ ଶପଥ ନେଲାବେଳକୁ ଧାନ କ୍ୱିଣ୍ଟାଲ ପିଛା ୧୩୧୦ ଟଙ୍କା ଥିଲା। ଆଜି ଓଡ଼ିଶାରେ ବିଜେପିର ଡବଲ୍ ଇଞ୍ଜିନ ସରକାର ଗଠନ ହେବା ପରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣା ହେଉଛି। ଏହା ହେଉଛି ଚାଷୀ ଭାଇଭଉଣୀଙ୍କ ପ୍ରତି ବିଜେପି ସରକାରର ପ୍ରତିବଦ୍ଧତା। ଏଭଳି ସ୍ଥିତିରେ ଧାନ କିଣାକୁ ନେଇ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି କରି ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ବିରୋଧୀ ଅପଚେଷ୍ଟା କରୁଛନ୍ତି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଧାନ କିଣା ୯୦ ରୁ ୯୫ ପ୍ରତିଶତ ଅତିକ୍ରମ କରିସାରିଛି ଓ ଧାନ କିଣା ଏବେବି ଅବ୍ୟାହତ ରହିଛି। ପ୍ରଥମ, ଦ୍ୱିତୀୟ, ତୃତୀୟପର୍ଯ୍ୟାୟରେ ଟୋକନ ବ୍ୟବସ୍ଥା ଅନୁସାରେ ଧାନ କିଣାଯାଇଛି। ଆବଶ୍ୟକ ପଡ଼ିଲେ ଚତୁର୍ଥ ପର୍ଯ୍ୟାୟ ଟୋକନ ପ୍ରଦାନ କରାଯିବ । ଯେପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ଧାନ ରହିଛି, ସେପର୍ଯ୍ୟନ୍ତ ଧାନ କିଣା ଜାରି ରହିବ। ଏହାକୁ ବିରୋଧୀ ବିଜେଡି ଓ କଂଗ୍ରେସ ନେତୃବୃନ୍ଦ ହଜମ କରିପାରୁନାହାନ୍ତି। ରାଜନୀତି କରିବାକୁ ଅପଚେଷ୍ଟା କରୁଛନ୍ତି। ଧାନ କିଣା ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି। ଧାନ କିଣାରେ ସୁବ୍ୟବସ୍ଥା ଯୋଗୁ ଓଡ଼ିଶା ରାଜ୍ୟ ସମଗ୍ର ଦେଶରେ ୧୯ରୁ ୨ ନମ୍ବର ରାଜ୍ୟ ହୋଇପାରିଛି। ଏଗ୍ରିକଲଚର ଟୁଡେ ମାଗାଜିନ୍ ଅନୁସାରେ ଚଳିତବର୍ଷ ଓଡ଼ିଶା ଧାନ କିଣାରେ ଶ୍ରେଷ୍ଠ ରାଜ୍ୟ ହୋଇପାରିଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ରାଜନୀତି ବା ବିଭ୍ରାନ୍ତ ସୃଷ୍ଟି କରିବା ଉଚିତ ନୁହଁ। ଚାଷୀର ଉନ୍ନତି ହେଲେ ଓଡ଼ିଶାର ଉନ୍ନତି ହେବ। ଏହି ପ୍ରସଙ୍ଗରେ ଆଲୋଚନା ନକରି ବିରୋଧୀ ବିଧାନସଭାରେ ଯେଉଁ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ସାମଲ କହିଛନ୍ତି।

# ଜେଲର ସନ୍ତୋଷିନୀ ନିଲମ୍ବିତ

ଭୁବନେଶ୍ୱର, ୧୯।୨(ସମିସ): ସମ୍ବଲପୁର କଣ୍ଟାବାଞ୍ଜି ସବ୍‌ଜେଲର ସୁପରିଟେଣ୍ଡେଣ୍ଟ ଓ ଜେଲର୍ ଭାବେ ନିଯୁକ୍ତି ପାଇଥିବା ଚର୍ଚ୍ଚିତ ଜେଲ୍ ଅଧିକାରୀ ସନ୍ତୋଷିନୀ ଦାସଙ୍କୁ ନିଲମ୍ବିତ କରିଛି ଜେଲ ବିଭାଗ। ଗୁରୁବାର ଜେଲ୍ ବିଭାଗ ପକ୍ଷରୁ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଶ୍ରୀମତୀ ଦାସ୍ ଏହି ସମୟ ମଧ୍ୟରେ କଣ୍ଟାବାଞ୍ଜିରେ ରହିବେ ଓ ଉପଯୁକ୍ତ ଅଧିକାରୀଙ୍କ ବିନା ଅନୁମତିରେ ସେ ହେଡ୍‌କ୍ୱାର୍ଟର୍ସ ଛାଡ଼ିପାରିବେ ନାହିଁ । ଜେଲ୍ ଅନିୟମିତତା ସଂକ୍ରାନ୍ତରେ ଗଣମାଧ୍ୟମ ଜେଲ୍ ଡିଜି ସୁଶାନ୍ତ ନାଥଙ୍କୁ ଘେରିବାର ଗୋଟିଏ ଦିନ ପରେ ଏଭଳି ନିର୍ଦ୍ଦେଶନାମା ଜାରି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଗତବର୍ଷ ଅକ୍ଟୋବର ମାସରେ ହତ୍ୟା ଅଭିଯୁକ୍ତ ଦୁଇ ଜଣ ବିହାରୀ କଏଦୀ ଚମ୍ପଟ ମାରିବା ପରେ ସନ୍ତୋଷିନୀଙ୍କୁ କଣ୍ଟାବାଞ୍ଜି ଉପକାରାଗାରକୁ ବଦଳି କରାଯାଇଥିଲା। ମାତ୍ର ସେ ବିଭିନ୍ନ ସ୍ୱାସ୍ଥ୍ୟ ଗତ କାରଣ ଦର୍ଶାଇ ଦୀର୍ଘ ଦିନ ହେବ କାର୍ଯ୍ୟରେ ଯୋଗ ଦେଉ ନ ଥିଲେ। ଯେଉଁଥି ପାଇଁ ଜେଲ ଡିଜି ତାଙ୍କ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଚୌଦ୍ୱାର କାରାଗାରରୁ ଦୁଇ କୁଖ୍ୟାତ ବିହାରୀ କଏଦୀ ଫେରାର ହେବା ଘଟଣାରେ ଜେଲ ଅଧୀକ୍ଷକ ସୁଜିତ ରାଉଳଙ୍କ ନାଁରେ ଦସ୍ତଖତ ଜାଲିଆତିର ଅଭିଯୋଗ ଆଣିଥିଲେ ପୂର୍ବତନ ଜେଲର ସନ୍ତୋଷିନୀ ଦାସ । ଅଧୀକ୍ଷକ ସରକାରୀ ରେକର୍ଡରେ ଜାଲିଆତି ଓ ସରକାରୀ ପଦବୀର ଅପବ୍ୟବହାର କରିଥିବା ନେଇ ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ। ଏହି ଅଭିଯୋଗକୁ ଅଧୀକ୍ଷକ ସୁଜିତ ରାଉଳ ଖଣ୍ଡନ ସହ ସନ୍ତୋଷିନୀଙ୍କ ନାଁରେ ପାଲଟା ଅଭିଯୋଗ କରିଥିଲେ।

# କଲରାପତରିଆ ବାଘ ଛୁଆର ମୃତଦେହ ଠାବ

ଭଞ୍ଜନଗର,୧୯।୨(ସମିସ): ଘୁମୁସର ଉତ୍ତର ବନଖଣ୍ଡ ଅନ୍ତର୍ଗତ ବଜ୍ରକୋଟ ଗ୍ରାମ ସ୍କୁଲ ପଛପଟୁ କଲରାପତରିଆ ବାଘ ଛୁଆର ମୃତଦେହ ଠାବ ହୋଇଛି। ମୃତ ବାଘ ଛୁଆର ବୟସ ୨ବର୍ଷ ହେବ ବୋଲି କହିଛନ୍ତି ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି। ଭୁବନେଶ୍ୱରରୁ ଜେଟିଏଫ୍ ଟିମ୍ ପହଞ୍ଚିବା ପରେ ସ୍ଥାନୀୟ ୪ ଜଣ ପଶୁ ଚିକିତ୍ସକଙ୍କ ଉପସ୍ଥିତିରେ ତା'ର ବ୍ୟବଚ୍ଛେଦ କରାଯାଇଛି। ମୃତ ବାଘଛୁଆ ଦେହରେ କେଉଁଠି ବି କିଛି କ୍ଷତ ଚିହ୍ନନଥିବାରୁ ଶବ ବ୍ୟବଚ୍ଛେଦ ପରେ ଏହାର ଭିସେରା ଟେଷ୍ଟ କରାଯାଇ ମୃତ୍ୟୁର ସଠିକ କାରଣ ଖୋଜାଯିବ ବୋଲି ଡିଏଫ୍‌ଓ ମହାନ୍ତି ସୂଚନା ଦେଇଛନ୍ତି। ଏଥିପାଇଁ ବାଘଛୁଆ ଶରୀରରୁ କିଛି ମାଂସ ସଂଗ୍ରହ କରାଯାଇ କେମିକାଲ ଆନାଲିସିସ୍ ଟେଷ୍ଟ ପାଇଁ ଭୁବନେଶ୍ୱର ପଠାଯାଇଛି। ସେହିପରି ଏସ୍‌ଓପି ପାଳନ କରାଯାଇ ମୃତ କଲରାପତରିଆର ଶବ ବ୍ୟବଚ୍ଛେଦ ପରେ ଘଟଣାସ୍ଥଳରେ ଜେଟିଏଫ ଟିମ୍ ସହ ଡିଏଫ୍‌ଓ, ୨ ଜଣ ଏସିଏଫ୍, ମୁଜାଗଡ଼ ଓ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ, ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜୀ ତଥା ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପୋଡ଼ି ଦିଆଯାଇଛି।



ସୂଚନାଯୋଗ୍ୟ, ବୁଧବାର ଅପରାହ୍ଣରେ ବଜ୍ରକୋଟ ସ୍କୁଲ ପଛପଟେ ଏକ ବୁଦା ଭିତରେ କଲରାପତରିଆ ବାଘ ଛୁଆ ମରି ପଡ଼ିଥିବା ପ୍ରଥମେ କିଛି ସ୍କୁଲ ପିଲା ଦେଖି ଗାଁ ଲୋକଙ୍କୁ ଜଣାଇବା ପରେ ବନ ବିଭାଗକୁ ସୂଚନା ଦିଆଯାଇଥିଲା। ଡିଏଫ୍‌ଓ ମହାନ୍ତିଙ୍କ ସମେତ ମୁଜାଗଡ଼ ରେଞ୍ଜର୍ ବିମ୍ବାଧର ସାହୁ, କେନ୍ଦ୍ରୀୟ ରେଞ୍ଜର୍ ପୃଥ୍ୱୀରାଜ ପ୍ରଧାନ ଓ ଅନ୍ୟ ପଦାଧିକାରୀ ପହଞ୍ଚିଥିଲେ। ଗୁରୁବାର ଜେଟିଏଫ୍ ପହଞ୍ଚିବା ପରେ ସମସ୍ତଙ୍କ ଉପସ୍ଥିତିରେ ମୃତ ବାଘଛୁଆର ବ୍ୟବଚ୍ଛେଦ କରାଯାଇଥିଲା।

# ଓଡ଼ିଶାରେ ନୂତନ ଆଞ୍ଚଳିକ ଦଳର ଅଭ୍ୟୁଦୟ ହେବ: ମୋକିମ




ଜଗତସିଂହପୁର,୧୯।୨(ସମିସ): ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ କଟକ ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଆଜି ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବହୁ ପୂର୍ବତନ ଜନପ୍ରତିନିଧି, ସାମାଜିକ କର୍ମୀ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ମୋକିମଙ୍କ ଏହି ସଭା ପରେ ଜିଲ୍ଲାରେ ରାଜନୈତିକ ପାଣିପାଗରେ ଉଷ୍ମତା ଦେଖାଦେଇଛି। ସଭାରେ ମୋକିମ କହିଥିଲେ ଯେ ସମ୍ପ୍ରତି ଶାସନରେ ଥିବା ବିଜେପି ସରକାରଙ୍କ ଯୋଜନା ସବୁ ବାଟବଣା ହେଉଥିବା ବେଳେ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ଦିଗରେ ସରକାର ବିଫଳ ହୋଇଛି। ସର୍ବପୁରାତନ ଜାତୀୟସ୍ତରର କଂଗ୍ରେସ ଦଳର ସ୍ଥିତି ଓଡ଼ିଶାରେ ଅତ୍ୟନ୍ତ ନୈରାଶ୍ୟଜନକ। ଏଭଳି ସ୍ଥିତିରେ ଏକ ନୂତନ ଆଞ୍ଚଳିକ ଦଳର ଆବଶ୍ୟକତା ଓଡ଼ିଶାରେ ରହିଛି। ଆଗାମୀ ଦିନରେ ନିଶାମୁକ୍ତ ଓଡ଼ିଶା ଗଠନ ସହ ଜନସାଧାରଣଙ୍କର ସମସ୍ୟା ଓ ସ୍ୱାବଲମ୍ବୀ ଯୁବସମାଜ ପାଇଁ ଏକ ନୂତନ ଚିନ୍ତନ ଓ ବିଚାରଧାରା ପର୍ବ ଆରମ୍ଭ ହୋଇଛି ବୋଲି ମୋକିମ କହିଥିଲେ।

ବରିଷ୍ଠ ସାମାଜିକ କର୍ମୀ ବଦ୍ରି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜନ ଜାଗରଣ ପର୍ବରେ ମୋକିମଙ୍କ ସହିତ ନିକୁଞ୍ଜ ପସାୟତ, କୃଷ୍ଣମୋହନ ସାହୁ, ତପନ ରାଉତରାୟ, ମିହିର ଦାସ, ସତ୍ୟଦୀପ ବିଶ୍ୱାଳ, ଅନୁପମା ଦାସ, କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଦେଶ କଂଗ୍ରେସ ସୋସିଆଲ ମିଡ଼ିଆର ପୂର୍ବତନ ସମ୍ପାଦକ ସୁଧୀର ରାଉତ, ମୁରଲୀଧର ଭୋଇ, ଅନନ୍ତ ଚରଣ ଭୋଇଙ୍କ ସମେତ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ଏବଂ ବିଭିନ୍ନ ରାଜନୈତିକ ଦଳର ଆଦର୍ଶକୁ ଭଲ ପାଉନଥିବା ନେତୃବର୍ଗ ମଧ୍ୟ ସାମିଲ ହୋଇଥିଲେ। ଅପ୍ରତ୍ୟାଶିତ ଭାବେ ମହମ୍ମଦ ମୋକିମଙ୍କର ଜଗତସିଂହପୁର ଆଗମନ ଏବଂ ନୂତନ ଆଞ୍ଚଳିକ ରାଜନୈତିକ ଦଳର ଅନୁଚିନ୍ତା ସମଗ୍ର ଜିଲ୍ଲାରେ ଏକ ଭିନ୍ନ ବାତାବରଣ ସୃଷ୍ଟି କରିଛି।

## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର, ବି/୨ ପଶ୍ଚିମ,ସହୀଦ ନଗର, ଭୁବନେଶ୍ୱର - ୭୫୧୦୦୭,
ଫୋନ୍ ନଂ.: ୦୬୭୪-୨୫୪୦୦୩୨ / ୨୫୪୪୧୬୧, ଇ-ମେଲ୍ : 0815samd@iob.in

### ଦଖଲ ନୋଟିସ୍

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ କଥିତ ରୁଲ ୮ର ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ**

ନିମ୍ନସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ **ଦଖଲ** କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା / ଜାମିନଦାର / ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦିଆଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉ ଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଦଶରଥପୁର ଶାଖା / ଋଣଗ୍ରହୀତା / ବନ୍ଧକଦାତା / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେବାକୁ ଥିବା ଦେୟ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବନ୍ଧକ ସମ୍ପତ୍ତିର ସବିଶେଷ ବିବରଣୀ |
| --- | --- | --- | --- |
| ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାର ମାନେ : ମେସର୍ସ **ବାଦଶାହ ରେଷ୍ଟୁରାଣ୍ଟ,** ସା : ଓଡେଇ, ଦଶରଥପୁର, ଖାତା ନଂ.: ୩୩୪, ପ୍ଲଟ ନଂ.: ୧୭୮୩, ଯାଜପୁର, ଓଡ଼ିଶା - ୭୫୫୦୦୬ / **ସ୍ୱତ୍ୱାଧିକାରୀ : ଶ୍ରୀ ଧର୍ମରାଜ ଧୀର,** ପି : ବାବୁଲି ଧୀର, ଗ୍ରାମ : ଦଶରଥପୁର, ପୋ : ଦଶରଥପୁର, ଥାନା : ମଙ୍ଗଳପୁର, ଜିଲ୍ଲା : ଯାଜପୁର, ଓଡ଼ିଶା - ୭୫୫୦୦୬ | ତା ୩୦.୦୭.୨୦୨୫ ସୁଦ୍ଧା ଟ.୨୦,୫୨,୫୦୩.୯୦ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ପରବର୍ତ୍ତୀ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୩୦.୦୭.୨୦୨୫ / ୧୭.୦୨.୨୦୨୬ | **ଶ୍ରୀ ଧର୍ମରାଜ ଧୀର**ଙ୍କ ନାମରେ ଥିବା ବାସପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୮୩, ଖାତା ନଂ .: ୩୩୪, କ୍ଷେତ୍ର : ଏକର ୦.୧୬୦୦ ଡ଼ିସିମିଲି, ମୌଜା : ଓଡେଇ, ତହସିଲ : ଦଶରଥପୁର, ଥାନା : ମଙ୍ଗଳପୁର, ଜିଲ୍ଲା : ଯାଜପୁର, ଓଡ଼ିଶା - ୭୫୫୦୦୬, ଏହାର ଚାରିପାର୍ଶ୍ୱରେ ଉତ୍ତର : |
| ପ୍ଲଟ୍ ନଂ .: ୧୭୮୫ (ରାସ୍ତା, ମାଲିକ : ସର୍ବସାଧାରଣ), ଦକ୍ଷିଣ : ପ୍ଲଟ୍ ନଂ .: ୧୭୮୨ (ଗୋପୀନାଥ ବାରିକ), ପୂର୍ବ : ପ୍ଲଟ୍ ନଂ.: ୧୭୮୪ (ପୂର୍ଣ୍ଣ ଚନ୍ଦ୍ର ସାହୁ), ପଶ୍ଚିମ : ୧୭୭୨ (ରାମ ସାହୁ ଏବଂ ଅନ୍ୟମାନେ) | | | |

ତାରିଖ : ୧୯.୦୨.୨୦୨୬, ସ୍ଥାନ : ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିଯାତ୍ରା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୮୩୫- କଲିକତା ମେଡିକାଲ କଲେଜକୁ ସର୍ବସାଧାରଣଙ୍କ ପାଇଁ ଖୋଲି ଦିଆଗଲା।
- ୧୮୪୬- ଇଂରେଜମାନେ ଲାହୋର ଉପରେ କବ୍‌ଜା କଲେ।
- ୧୯୪୭- ଲର୍ଡ ମାଉଣ୍ଟବ୍ୟାଟେନ୍‌ଙ୍କୁ ଭାରତର ଶେଷ ଭାଇସ୍‌ରାୟ କରାଗଲା।
- ୧୯୮୭- ମିଜୋରାମ ଭାରତର ୨୩ତମ ରାଜ୍ୟ ହେଲା।
- ୨୦୦୯- ଇରାନ୍‌ରେ ବିମାନ ଦୁର୍ଘଟଣାରେ ୩୭୩ ଲୋକଙ୍କ ମୃତ୍ୟୁ।

## 'ତୁମ୍ବାଡ ୨'
# ଅକ୍ଷୟ ନା ନୱାଜୁଦ୍ଦିନ୍

ସୋହମ୍ ଶାହଙ୍କ ଫିଲ୍ମ 'ତୁମ୍ବାଡ'ର ସିକ୍ୱେଲକୁ ନେଇ ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ଏହି ହରର୍ ସସ୍‌ପେନ୍ସ ଫିଲ୍ମରେ ଖଳନାୟକ ପାଇଁ ଅକ୍ଷୟ ଖାନ୍ନା ଓ ନୱାଜୁଦ୍ଦିନ୍ ସିଦ୍ଦିକିଙ୍କ ମଧ୍ୟରୁ ଜଣକୁ ନେବା ପାଇଁ ସୋହମ୍ ଏବେ ବେଶ୍ ଜୋରସୋରରେ ପ୍ରୟାସ ଚଳାଇଛନ୍ତି। ତେବେ ଏହି ଦୁଇ କଳାକାରଙ୍କ ମଧ୍ୟରୁ ଯେ କେହି ହେଲେବି ଏହାର ରହସ୍ୟମୟ ଦୁନିଆ ଦର୍ଶକଙ୍କୁ ଆହୁରି ରୋମାଞ୍ଚିତ କରିବ ବୋଲି କୁହାଯାଉଛି। ୨୦୧୮ ମସିହାରେ ରିଲିଜ୍ ହୋଇଥିବା 'ତୁମ୍ବାଡ' ଏକ ସେମି ହିଟ୍ ଫିଲ୍ମ ଥିଲା। ଧୀରେ ଧୀରେ ଏହା ଏକ କ୍ଲାସିକ୍ ଫିଲ୍ମ ହୋଇଗଲା। ୨୦୨୪ରେ ଏହାକୁ ପୁଣି ଥରେ ରିଲିଜ୍ କରାଯାଇଥିଲା। ଏହା ଯୁବପିଢ଼ିଙ୍କୁ ବେଶ୍ ଭଲ ଲାଗିଥିଲା। ସୋହମ୍ ଏଥିରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ଭାର ମଧ୍ୟ ସମ୍ଭାଳିବେ। 'ତୁମ୍ବାଡ'ର କାହାଣୀ ଭାରତୀୟ ଲୋକକଥା ଉପରେ ଆଧାରିତ। ଏହା ଦେବତା, ସୁନା ଏବଂ ମାନବ ଲୋଭର କାହାଣୀକୁ ବର୍ଣ୍ଣନା କରେ।



# ବିଶ୍ୱ ସାମାଜିକ ନ୍ୟାୟ ଦିବସ




ଜାତିସଂଘ ସାଧାରଣ ପରିଷଦର ଅନୁମୋଦନ କ୍ରମେ ୨୦୦୯ରୁ ପ୍ରତିବର୍ଷ ଫେବୃଆରୀ ୨୦ ତାରିଖକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରାଯାଉଛି। ୨୬ ନଭେମ୍ବର, ୨୦୦୭ରେ ଏଥିପାଇଁ ଆନୀତ ପ୍ରସ୍ତାବ ଜାତିସଂଘରେ ମଞ୍ଜୁରି ଲାଭ କରିଥିଲା। ଏକ ଭେଦଭାବଶୂନ୍ୟ ସମାଜ ଗଢ଼ିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସମାଜର ବିଭିନ୍ନସ୍ତରରେ ବହୁ ଅସମତା ଓ ଭେଦଭାବ ରହିଛି। ତାହାକୁ ଦୂର କରି ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ। ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି, ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧ୍ୟରେ ଶାନ୍ତି, ସହବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସାମାଜିକ ନ୍ୟାୟ ପ୍ରତ୍ୟେକ ମଣିଷର ଅଧିକାର।

କୌଣସି ରାଷ୍ଟ୍ର ନିଜର ନାଗରିକଙ୍କୁ ଏଥିରୁ ବଞ୍ଚିତ କରିବା ଅନୁଚିତ। ମୁଖ୍ୟତଃ ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ଏହି ଅଧିକାର ଉଲ୍ଲଙ୍ଘନ ହେଉଥିବାର ଦେଖାଯାଉଛି। ତେଣୁ ଏ ବାବଦରେ ଜନସଚେତନା ସୃଷ୍ଟି କରିବା ମଧ୍ୟ ଏହି ଦିବସ ପାଳନର ଲକ୍ଷ୍ୟ। ସାମାଜିକ ନ୍ୟାୟ ଏକ ବିଚାର, ଏକ ମୂଲ୍ୟବୋଧ। ସମସ୍ତ ମଣିଷଙ୍କୁ ସମାନ ଭାବେ ଦେଖିବା, ତଥା ସାମାଜିକ-ଧାର୍ମିକ-ସାଂସ୍କୃତିକ ଆଧାରରେ ଭେଦଭାବ ନ ରଖିବା ମୂଲ୍ୟବୋଧ ଉପରେ ଏହି ବିଚାର ଆଧାରିତ। ସାମାଜିକ ନ୍ୟାୟ ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ଦାରିଦ୍ର୍ୟ, ଲିଙ୍ଗଗତ, ଶାରୀରିକ ଭେଦଭାବ, ନିରକ୍ଷରତା, ଧାର୍ମିକ ଭେଦଭାବକୁ ଦୂର କରିବା ପାଇଁ ବିଭିନ୍ନ ସମ୍ପ୍ରଦାୟକୁ ଅନ୍ତର୍ଜାତୀୟ ସ୍ତରରେ ଏକତ୍ର କରିବା। ଏହି ଦିନରେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସାମାଜିକ ସମାନତା ଉପରେ ଜୋର ଦିଆଯାଏ।

# ହାତ ଇସାରାରେ ଅଟକେ ଟ୍ରେନ୍

ରେଲୱେ ସିଗ୍ନାଲ ହେଉଛି ଟ୍ରେନ୍ ଚଳାଚଳକୁ ନିୟନ୍ତ୍ରଣ କରୁଥିବା ଏକ ପ୍ରଣାଳୀ। ଏହା ମାଧ୍ୟମରେ ଲୋକୋ ପାଇଲଟଙ୍କୁ ଟ୍ରାକ୍ ସ୍ଥିତି ଓ ଗତି ସମ୍ପର୍କରେ ସୂଚନା ମିଳିଥାଏ। ଏହା ଟ୍ରେନ୍ ଦୁର୍ଘଟଣା ରୋକିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ହେଲେ ଭାରତରେ ଏପରି ଏକ ଟ୍ରେନ୍ ଅଛି ଯାହା ଲୋକଙ୍କ ହାତର ଇସାରାରେ ଚାଲିଥାଏ। ଉତ୍ତର ପ୍ରଦେଶର ବୁନ୍ଦେଲଖଣ୍ଡ ଅଞ୍ଚଳରେ ଏହି ଟ୍ରେନ୍‌ଟି ଚାଲିଥାଏ। ଜାଲୌନ ଜିଲାର ଆଟ ଜଙ୍କସନ ଏବଂ କୋଞ୍ଚ ମଧ୍ୟରେ ଏହା ଚାଲିଥାଏ। ୧୯୦୨ ମସିହାରେ ବ୍ରିଟିଶ ଶାସନ ସମୟରେ ଏହି ଟ୍ରେନ୍ ତାର ସେବା ଆରମ୍ଭ କରିଥିଲା। ଏହି ଟ୍ରେନ୍‌ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ, ଯାତ୍ରୀମାନଙ୍କୁ ଏହାକୁ ଅଟକାଇବା ପାଇଁ କେବଳ ହାତ ହଲାଇବାକୁ ପଡ଼ିବ। ଯଦି କେହି ଟ୍ରାକ୍ ପାଖରେ କିମ୍ବା ପ୍ଲାଟ୍‌ଫର୍ମରେ ଠିଆ ହୋଇ ହାତରେ ଇସାରା କରନ୍ତି ତେବେ ଟ୍ରେନ୍ ଅଟକିଯାଏ। ଏହା ଏକ ନିର୍ଦ୍ଦିଷ୍ଟ ରୁଟ୍ ଏବଂ ସୀମିତ ଷ୍ଟେସନ ମଧ୍ୟରେ ଚାଲିଥାଏ, କିନ୍ତୁ ସ୍ଥାନୀୟ ଆବଶ୍ୟକତା ଅନୁସାରେ ଏହାର ଅଟକିବାର କ୍ଷମତା ରହିଛି। ଏଥିରେ କେବଳ ତିନୋଟି କୋଚ୍ ଅଛି। ଏହା ଘଣ୍ଟା ପ୍ରତି ୩୦ କିଲୋମିଟର ବେଗରେ ଗତି କରେ। ୧୩ କିଲୋମିଟର ଏହି ଟ୍ରେନ୍‌କୁ ଅତିକ୍ରମ କରିବାକୁ ପାଖାପାଖି ୪୦ ମିନିଟ୍ ସମୟ ଲାଗିଥାଏ। ବିଶେଷକରି ସ୍ଥାନୀୟ କୃଷକମାନେ ଏଥିରେ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ନେଇ ସ୍ଥାନୀୟ ବଜାରଗୁଡ଼ିକରେ ବିକ୍ରି କରିଥାନ୍ତି। ଛୋଟ ବ୍ୟବସାୟୀ ଓ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଟ୍ରେନ୍ ଉପରେ ନିର୍ଭର କରନ୍ତି। ତେଣୁ ଏହି ଟ୍ରେନ୍ କେବଳ ପରିବହନର ଏକ ମାଧ୍ୟମ ନୁହେଁ, ବରଂ ସ୍ଥାନୀୟ ଲୋକଙ୍କ ପାଇଁ ଜୀବନରେଖା ପାଲଟିଛି।






# କର୍କଟର ନୂତନ ଚିକିତ୍ସା ଏସ୍‌ବିଆର୍‌ଟି



କର୍କଟ ହେଉଛି ଏକ ପ୍ରାଣଘାତୀ ରୋଗ। ଏହି ରୋଗର ନାଁ ଶୁଣିଲେ ମନରେ ଭୟ ଆସିଥାଏ। ତେଣୁ ଠିକ୍ ସମୟରେ ରୋଗକୁ ଚିହ୍ନି ଏହାର ଚିକିତ୍ସା କରାଗଲେ ପୀଡ଼ିତ ସୁସ୍ଥ ହେବାର ଆଶଙ୍କା ଅଧିକ ରହିଥାଏ। ତେବେ କର୍କଟ ଆରୋଗ୍ୟ ପାଇଁ ବିଭିନ୍ନ ଚିକିତ୍ସା ପଦ୍ଧତି ଯଥା- କେମୋଥେରାପି, ରେଡିଓଥେରାପି ଆଦି ଆପଣାଯାଇଥାଏ। ଏହି ଭାବେ ଏସ୍‌ବିଆର୍‌ଟି କର୍କଟ ଚିକିତ୍ସା ପାଇଁ ପ୍ରଭାବୀ ଚିକିତ୍ସା ପଦ୍ଧତି। ଏସ୍‌ବିଆର୍‌ଟିର ଫୁଲଫର୍ମ ହେଉଛି ଷ୍ଟେରିଓଟାକ୍ଟିକ୍ ବଡି ରେଡିଓ ଥେରାପି। ସାଧାରଣତଃ କର୍କଟ ଚିକିତ୍ସା ପରେ ଯଦି କୌଣସି ସ୍ଥାନରେ କର୍କଟ ପୁଣି ଚିହ୍ନଟ ହେଉଛି ସେତେବେଳେ ଏହି ଚିକିତ୍ସା କରାଯାଏ। ଏହା ଏକ ଅତ୍ୟାଧୁନିକ ବିକିରଣ ଚିକିତ୍ସା। ଏହି ଚିକିତ୍ସାରେ ଉଚ୍ଚଶକ୍ତିଯୁକ୍ତ ବିକିରଣ ଅଧିକ ମାତ୍ରାରେ କେବଳ କର୍କଟ ଚିହ୍ନଟ ସ୍ଥାନକୁ ଅତି ଯତ୍ନ ସହକାରେ ଦିଆଯାଏ। ଏହି ଚିକିତ୍ସା ପ୍ରଣାଳୀରେ ରୋଗ ଆରୋଗ୍ୟ ସମ୍ଭାବନା ଅଧିକ ଏବଂ ପାର୍ଶ୍ୱପ୍ରତିକ୍ରିୟା କମ୍ ଥାଏ। ବିଶେଷ କରି ଯକୃତ, ଫୁସ୍‌ଫୁସ୍, ପ୍ରୋଷ୍ଟେଟ, ଅଗ୍ନାଶୟ ଆଦି ସ୍ଥାନରେ କର୍କଟ ହେଲେ ଏହି ଚିକିତ୍ସା ଅଧିକ ଫଳପ୍ରଦ ହୋଇଥାଏ।

## 'ସକାଳ'ର ସ୍ୱାସ୍ଥ୍ୟ
# ୟୁଟେରିନ୍ ଫାଇବ୍ରଏଡ୍

**ଋତୁସ୍ରାବ ମହିଳାମାନଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ଅନେକଙ୍କର ଏହି ସମୟରେ ଅତ୍ୟଧିକ ରକ୍ତସ୍ରାବ ଏବଂ ତଳିପେଟରେ ଅସହ୍ୟ ଯନ୍ତ୍ରଣା ହୋଇଥାଏ। ଯଦିଓ ମହିଳାମାନେ ଏହାକୁ ସାଧାରଣ ସମସ୍ୟା ବୋଲି ଭାବିଥାନ୍ତି। ହେଲେ ଏହା ୟୁଟେରିନ୍ ଫାଇବ୍ରଏଡ୍ ପରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଫାଇବ୍ରଏଡ୍ ସୃଷ୍ଟି ହେବାର ସଠିକ୍ କାରଣ ଯଦିଓ ସ୍ପଷ୍ଟ ନୁହେଁ, ହେଲେ ବର୍ତ୍ତମାନର ଜୀବନଶୈଳୀ, ମୋଟାପା, ବଂଶାନୁଗତ ରୋଗ, ହରମୋନ୍ ଅସନ୍ତୁଳନ, ଧୂମପାନ, ଆଦି କାରଣରୁ ଏହା ହୋଇଥାଏ। ଜର୍ଣ୍ଣାଲ ଅଫ୍ କଣ୍ଟେମ୍ପରାରୀ କ୍ଲିନିକାଲ ପ୍ରାକ୍ଟିସ ଗବେଷଣା ମୁତାବକ ବିଶ୍ୱରେ ୫୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତି ୧୦ରୁ ୭ରୁ ୮ ଜଣ ମହିଳାଙ୍କୁ ଫାଇବ୍ରଏଡ୍ ହୋଇପାରେ।**



ଫାଇବ୍ରଏଡ୍ ଗର୍ଭାଶୟ କିମ୍ବା ଏହାର ଆଖପାଖେ ବଢୁଥିବା ନନ୍-କ୍ୟାନ୍ସର ଗଣ୍ଠି। ଏହା ମାଂସପେଶୀ ଏବଂ ଫାଇବ୍ରସ୍ ଟିସୁରୁ ତିଆରି ହୁଏ। ଏହାକୁ ୟୁଟେରିନ୍ ମାୟୋମା କିମ୍ବା ଲିୟୋମାୟୋମା କୁହାଯାଏ। ଫାଇବ୍ରଏଡ୍‌ର ଆକାର ଭିନ୍ନ ଭିନ୍ନ ହୋଇଥାଏ। କିଛି ମଟର ଦାନାପରି ଛୋଟ ଓ ଆଉ କିଛି ବିରାଟକାୟ ହୋଇଥାଏ। ତେବେ ଏଷ୍ଟ୍ରୋଜେନ୍ ହର୍ମୋନ ଅଧିକ ବଢ଼ି ଫାଇବ୍ରଏଡ୍‌କୁ ବୃଦ୍ଧି କରାଏ। ଫାଇବ୍ରଏଡ୍ ବିଭିନ୍ନ ପ୍ରକାରର ରହିଛି ଯଥା- ଇଣ୍ଟ୍ରାମ୍ୟୁରଲ ଫାଇବ୍ରଏଡ୍, ସବମ୍ୟୁକୋସଲ ଫାଇବ୍ରଏଡ୍, ସବସେରୋସଲ ଫାଇବ୍ରଏଡ୍, ପେଡନ୍‌କ୍ୟୁଲେଟେଡ୍ ଫାଇବ୍ରଏଡ୍ ଇତ୍ୟାଦି।

**ଲକ୍ଷଣ:** ଫାଇବ୍ରଏଡ୍ ବଢ଼ିଲେ ଶରୀରରେ ବିଭିନ୍ନ ଲକ୍ଷଣ ଦେଖାଯାଏ। ଋତୁସ୍ରାବରେ ଅତ୍ୟଧିକ ଯନ୍ତ୍ରଣା ଓ ରକ୍ତସ୍ରାବ, ଶୀଘ୍ର ଋତୁସ୍ରାବ ହୋଇ ଅଧିକ ଦିନ ରହିବା, ବାରମ୍ବାର ପରିସ୍ରା ଲାଗିବା, ସହବାସରେ ଯନ୍ତ୍ରଣା, କମର ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ତଳିପେଟ ଭାରି ଭାରି ଲାଗିବା, ପେଟର ତଳଅଂଶ ଲଗାତାର ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଅତ୍ୟଧିକ ରକ୍ତସ୍ରାବ, ଯନ୍ତ୍ରଣା ବା ଦୁର୍ବଳ ଅନୁଭବ କରୁଥିଲେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ।


ଅନେକ ସମୟରେ ଫାଇବ୍ରଏଡ୍ ଚିହ୍ନଟ ପାଇଁ କେବଳ ଅଲଟ୍ରାସାଉଣ୍ଡ କରାଯାଏ। ହେଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପର ସ୍ପେକୁଲମ, ବାଇମାନୁଆଲ ପରୀକ୍ଷା, ପାପ୍ ସ୍ମିୟର, ଏଣ୍ଡୋମେଟ୍ରିଆଲ ବାୟୋପ୍ସି ଟେଷ୍ଟ ଆଦି କରିବା ନିତାନ୍ତ ଆବଶ୍ୟକ। ଏହାଦ୍ୱାରା କର୍କଟ ସମ୍ଭାବନା ଜାଣିହୁଏ।

**ଚିକିତ୍ସା:** ଫାଇବ୍ରଏଡ୍‌ର ଆକାର, ସଂଖ୍ୟା, ସ୍ଥାନ ଏବଂ ଲକ୍ଷଣ ଉପରେ ଏହାର ଚିକିତ୍ସା ନିର୍ଭର କରେ। ଛୋଟ ଫାଇବ୍ରଏଡ୍ ପାଇଁ ନିୟମିତ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଏ। ଆବଶ୍ୟକସ୍ଥଳେ ଔଷଧ, ହରମୋନାଲ୍ ଥେରାପି, କିମ୍ବା ସର୍ଜରୀ ବିକଳ୍ପ ଆପଣାଇ ଯାଇଥାଏ। ସେହିପରି ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଜରୁରି। ହରମୋନ୍ ସନ୍ତୁଳନ ରଖିବାକୁ ସନ୍ତୁଳିତ ଖାଦ୍ୟପେୟ, ସବୁଜ ପନିପରିବା, ଫଳ, ଅଳସୀ ଆଦି ଖାଇପାରିବେ। ପ୍ରତିଦିନ ବ୍ୟାୟାମ କରିବା ନିତାନ୍ତ ଆବଶ୍ୟକ।

# ସନ୍‌ବର୍ଣ୍ଣ

**ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ସମସ୍ୟା। ଏହା ଦ୍ୱାରା ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଉଛି। ମନୁଷ୍ୟ ଶରୀରର ଚର୍ମ ବିସ୍ତୃତ ବାହ୍ୟ ଅଙ୍ଗ ହୋଇଥିବାରୁ ସୂର୍ଯ୍ୟଙ୍କଠାରୁ ଆସୁଥିବା ଅତି ବାଇଗଣୀ ରଶ୍ମି ଚର୍ମ କୋଷିକାକୁ ପ୍ରଭାବିତ କରିଥାଏ। ଏଥିରୁ ସନ୍‌ବର୍ଣ୍ଣ ସୃଷ୍ଟି ହୁଏ। ତେଣୁ ଏହାର ଲକ୍ଷଣକୁ ଚିହ୍ନି ଉପଚାର କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହଛି।**

ସୂର୍ଯ୍ୟଙ୍କଠୁ ଆସୁଥିବା ଅତି ବାଇଗଣୀ ରଶ୍ମି ଚର୍ମ କୋଷିକାକୁ ପ୍ରଭାବିତ କରିବା ଦ୍ୱାରା ଚର୍ମରେ ଲାଲ୍ ଲାଲ୍ ହୋଇ ଫୁଲିଯାଏ। ତ୍ୱଚା କୁଣ୍ଡାଇ ହୋଇ ଚର୍ମ ଛିଡ଼ିଯାଏ। ପ୍ରାୟତଃ ଏହା କିଛି ଘଣ୍ଟା ମଧ୍ୟରେ ଦେଖାଯାଏ। କିଛି ଦିନ ଅନ୍ତରରେ ଠିକ୍ ହୋଇଯାଏ। ଏନେଇ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବାକୁ ହୁଏ। ଖରାରେ ବାହାରିବା ସମୟରେ ତ୍ୱଚାରେ ସନ୍‌ସ୍କ୍ରିନ୍, ଫୁଲ୍ ପୋଷାକ ତଥା ମୁହଁକୁ ସୂତା କପଡ଼ାରେ ଘୋଡ଼ାଇବା ଆବଶ୍ୟକ। ଆବଶ୍ୟକ ମୁତାବକ ପାଣି ପିଇ ଶରୀରକୁ ହାଇଡ୍ରେଟ ରଖାଯାଏ।



ସନ୍‌ବର୍ଣ୍ଣ ଠିକ୍ କରିବାକୁ ଘି-କୁଆଁରୀ ସବୁଠୁ ପ୍ରଭାବୀ। ଘି-କୁଆଁରୀ, ଦହି ଏବଂ ପାଚିଲା ଅମୃତଭଣ୍ଡା ରସକୁ ମିଶାଇ ମାସ୍କ କରି ଲଗାଇ ପାରିବେ। ଏହା ଜଳାପୋଡାରୁ ଆରାମ ଦେଇଥାଏ। ସେହିପରି ଘି-କୁଆଁରୀ ଏବଂ ଲହୁଣୀ ମିଶାଇ ସନ୍‌ବର୍ଣ୍ଣ ସ୍ଥାନରେ ଲଗାଇଲେ ଆରାମ ପ୍ରଦାନ କରିଥାଏ। ଚର୍ମ ମଏଶ୍ଚରାଇଜ ହୋଇଥାଏ। ଚନ୍ଦନ, କର୍ପୂର ଏବଂ ଗୋଲାପଜଳକୁ ମିଶାଇ ପେଷ୍ଟ କରି ସନ୍‌ବର୍ଣ୍ଣ ସ୍ଥାନରେ ଲଗାଇବା ଦ୍ୱାରା ଆରାମ ମିଳିଥାଏ।

# ଜେନେଟିକ୍ ଟେଷ୍ଟ
## ରୋଗ ପୂର୍ବରୁ ହେବ ଚିହ୍ନଟ



ଆଜିକାଲିର ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଏବଂ ଶାରୀରିକ ନିଷ୍କ୍ରିୟତା ଆଦି କାରଣରୁ ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ପ୍ରାରମ୍ଭିକ ଅବସ୍ଥାରୁ ରୋଗ ଚିହ୍ନଟ ହୋଇପାରେନି। ସ୍ଥିତି ଅତି ଗମ୍ଭୀର ହେଲେ ଲୋକେ ନାନା ସ୍ୱାସ୍ଥ୍ୟ ପରୀକ୍ଷା କରାଇଥାନ୍ତି। ଏହାଦ୍ୱାରା କିନ୍ତୁ ଚିକିତ୍ସା ସଫଳ ହୁଏନି। ତେବେ ଏମିତି କିଛି ସ୍ୱାସ୍ଥ୍ୟ ପରୀକ୍ଷା ରହିଛି ଯାହାଦ୍ୱାରା ରୋଗ ହେବା ପୂର୍ବରୁ ବିପଦ ଚିହ୍ନଟ କରାଯାଇପାରେ। ଏମିତି ଏକ ପରୀକ୍ଷା ହେଉଛି ଜେନେଟିକ୍ ଟେଷ୍ଟ। ଏହି ଟେଷ୍ଟ ମାଧ୍ୟମରେ ଭବିଷ୍ୟତରେ ହେବାକୁ ଥିବା ରୋଗଆଶଙ୍କା ଚିହ୍ନଟ କରି ଚିକିତ୍ସା ପ୍ରଦାନ କରାଯାଇପାରେ। ଜେନେଟିକ୍ ଟେଷ୍ଟ ଡିଏନ୍‌ଏର ପରୀକ୍ଷା କରି ଜଣଙ୍କର ଜନ୍ମଦୋଷ, ଗୁଣସୂତ୍ର ସମ୍ବନ୍ଧୀୟ ବିକାର କିମ୍ବା ବଂଶାନୁଗତ ରୋଗ, କର୍କଟ ପରି ସମସ୍ୟା ହେବ କି ନାହିଁ ତାହା ସୂଚାଏ। ଜେନେଟିକ୍ ପରୀକ୍ଷା ଦ୍ୱାରା ଆପଣ ମଧୁମେହ, କର୍କଟ ଏବଂ ହୃଦ୍‌ରୋଗ ବଂଶାନୁକ୍ରମିକ ଭାବେ ପାଇଛନ୍ତି ନା ଏହି ସ୍ୱାସ୍ଥ୍ୟ ସମସ୍ୟା ହେବାର ଆଶଙ୍କା ଅଛି ତାହା ଜଣାପଡ଼ିଥାଏ। ଶରୀରରେ କିଛି ଔଷଧ କିପରି ପ୍ରତିକ୍ରିୟା କରିବ ତାହା ମଧ୍ୟ ଏହି ପରୀକ୍ଷାରୁ ଜଣାପଡ଼େ। ଏହା ଆଧାରରେ ଜଣେ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିବ। ତେଣୁ ସର୍ବଦା ଡାକ୍ତରଙ୍କ ପରାମର୍ଶରେ ଏହି ପରୀକ୍ଷା କରିବା ଆବଶ୍ୟକ। ଏହି ପରୀକ୍ଷାର ଫଳାଫଳ ଅନୁସାରେ ଡାକ୍ତର ଔଷଧ ଦିଅନ୍ତି। ପିତାମାତା ହେବାକୁ ଯୋଜନା କରୁଥିଲେ ଜେନେଟିକ୍ ଟେଷ୍ଟ କରିପାରିବେ। ଯଦି ଜଣେ ବ୍ୟକ୍ତି ଯୁବାବସ୍ଥାରେ ଜେନେଟିକ୍ ଟେଷ୍ଟ କରିପାରିବେ ଦୀର୍ଘ ସମୟ ପର୍ଯ୍ୟନ୍ତ ନାନା ରୋଗ କବଳରୁ ସୁରକ୍ଷା ପାଇ ପାରିବେ।

### ବେନେଟ୍‌ଙ୍କ ଅର୍ଦ୍ଧଶତକ, ରାଜାଙ୍କ ବିସ୍ଫୋରକ ବ୍ୟାଟିଂ

# ଶ୍ରୀଲଙ୍କାକୁ ହରାଇ ଅପରାଜେୟ ରହିଲା ଜିମ୍ବାୱେ

ପାଲେକେଲେ,୧୯।୨(ଏଜେନ୍ସି):

ଚଳିତ ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ ମୁକାବିଲାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଜିମ୍ବାୱେ ୬ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିଛି। ପୂର୍ବରୁ ଖେଳାଯାଇଥିବା ଏହି ଗ୍ରୁପ୍‌ର ଅନ୍ୟଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୨୩ ରନ୍‌ରେ ପରାସ୍ତ କରି ଜିମ୍ବାୱେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଏହି ବିଜୟ ଫଳରେ ଜିମ୍ବାୱେ ଅପରାଜେୟ ରହି ଦମ୍‌ର ସହ ସୁପର-୮'ରେ ପ୍ରବେଶ କରିଛି। ଏହା ଫଳରେ ଜିମ୍ବାୱେ ଯେ ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଭାବ ବିସ୍ତାର କରିଛି ତାହା ଏହି ମୁକାବିଲାରୁ ସ୍ପଷ୍ଟ କରିଛି। ଗ୍ରୁପ୍-ବି'ରେ ଖେଳାଯାଇଥିବା ଅନ୍ୟ ଦୁଇଟି ମ୍ୟାଚ୍ ମଧ୍ୟରୁ ଜିମ୍ବାୱେ ୮ ୱିକେଟରେ ଓମାନକୁ ପରାସ୍ତ କରିଥିଲାବେଳେ ଆୟର୍ଲାଣ୍ଡ ସହ ମୁକାବିଲା ବର୍ଷା ଯୋଗୁଁ ବାତିଲ କରାଯାଇଥିଲା। ଜିମ୍ବାୱେ ସୁପର-୮'ରେ ଗ୍ରୁପ୍-୧'ରେ ସ୍ଥାନ ପାଇଛି। ଏହି ଦଳ ପ୍ରଥମ ମ୍ୟାଚରେ ୱେଷ୍ଟଇଣ୍ଡିଜ୍ ସହ ୨୧ରେ, ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ସହ ୨୬ରେ ଓ ଦକ୍ଷିଣ ଆଫ୍ରିକା ସହ ମାର୍ଚ୍ଚ ୧ରେ ଖେଳିବ।

ପାଲେକେଲେ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଆଜି ଶ୍ରୀଲଙ୍କା ଓ ଜିମ୍ବାୱେ ମଧ୍ୟରେ ମୁକାବିଲା ହୋଇଥିଲା। ଉଭୟ ଦଳ ସୁପର-୮'ରେ ପ୍ରବେଶ କରିଥିବାରୁ ଏହି ମ୍ୟାଚ୍‌ର ଫଳାଫଳ ଶ୍ରୀଲଙ୍କା ଲାଗି ଫରକ ପଡ଼ିନଥିଲା। ଫଳରେ ଦଳ କିଛି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦେଇ ପ୍ରଥମେ ବ୍ୟାଟିଂ କରିଥିଲା। ଜିମ୍ବାୱେ ବୋଲରଙ୍କୁ ଉଚିତ ମୁକାବିଲା କରିବା କଷ୍ଟକର ହୋଇଥିଲାବେଳେ ଓପନର ପାଥୁମ ନିଶାଙ୍କାଙ୍କ ଦ୍ରୁତ ୬୨ ଓ ଯୁବ ଖେଳାଳି ପବନ ରତନାୟକେଙ୍କ ୨୫ ବଲ୍‌ରୁ ୪୪ ରନ୍ ସଂଗୃହୀତ ହେବା ଫଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୭ୱିକେଟରେ ୧୭୮ ରନ୍ କରିଥିଲା। ପ୍ରତିପକ୍ଷ ଦଳର ପ୍ରମୁଖ ବୋଲର ବ୍ଲେସିଂ ମୁଜାରବାନି, ବ୍ରାଡ ଇଭାନ୍ସ ଓ ଗ୍ରେମ୍ କ୍ରିମର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବାରେ ସମର୍ଥ ହୋଇଥିଲେ। ଜବାବରେ ୧୭୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଜିମ୍ବାୱେର ଦୁଇ ଓପନର ପାୱାର ପ୍ଲେ'ରେ ୬୯ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ଓପନର ଟି. ମାରୁମାନି ୨୬ ବଲ୍‌ରେ ୩୪ ରନ୍ କରି ଆଉଟ୍ ହେବା ପରେ ର୍ୟାନ୍ ବର୍ଲ ୧୨ ବଲ୍‌ରେ ୨୩ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ଏମାନଙ୍କ ବ୍ୟାଟିଂ ଯୋଗୁଁ ଜିମ୍ବାୱେର ଇନିଂସ ୱିନିଂ ଟ୍ରାକ୍‌ରେ ରହିଥିଲା। ଏହି ସମୟରେ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିବା ବ୍ରିଆନ ବେନେଟ୍‌ଙ୍କ ସହ ଅଧିନାୟକ ସିକନ୍ଦର ରାଜା ଯୋଗଦେବା ପରେ ରନ୍ ହାର ବଢ଼ିଥିଲା। ଏମାନେ ତୃତୀୟ ୱିକେଟ ଭାଗୀଦାରିରେ ୪୦ ବଲ୍‌ରୁ ୬୯ ରନ୍ ଉଠାଇ ଜିମ୍ବାୱେକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ଏହି ସମୟରେ ୨୬ବଲ୍‌ରୁ ୨ଚୌକା ଓ ୪ଛକା ସହ ୪୫ ରନ୍ କରି ରାଜା ଆଉଟ ହୋଇଯାଇଥିଲ। ଏହା ଫଳରେ ମ୍ୟାଚ୍ ଶେଷ ଓଭରକୁ ଯାଇଥିଲା। ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୮ ରନ୍ ଆବଶ୍ୟକ ହେଉଥିଲା। ୨୦ତମ ଓଭର ବୋଲିଂ କରିଥିବା ମାହୀଶ ଥିକ୍‌ସାନାଙ୍କ ପ୍ରଥମ ବଲ୍‌କୁ ଛକା ମାରି ଟୋନି ମୁନ୍ୟୋଙ୍ଗା ବିଜୟର ନିକଟରେ ପହଞ୍ଚାଇ ୨ ବଲ୍‌ରେ ୭ ରନ୍ ସଂଗ୍ରହ କରି ମ୍ୟାଚ୍‌କୁ ଟାଇରେ ପହଞ୍ଚାଇଥିଲେ। ତୃତୀୟ ବଲ୍‌କୁ ବେନେଟ ଚୌକା ମାରି ଜିମ୍ବାୱେକୁ ସେ ଐତିହାସିକ ବିଶ୍ୱକପ୍ ବିଜୟ ପ୍ରଦାନ କରିଥିଲେ। ଶେଷଯାଏ ଆଉଟ ହୋଇ ନ ଥିବା ବେନେଟ ୪୮ ବଲ୍‌ର ସାମ୍ନା କରି ୮ ଚୌକା ସହ ୬୩ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ୪ଟି ଯାକ ୱିକେଟ ସ୍ପିନରଙ୍କୁ ମିଳିଥିଲା। ଏହା ମଧ୍ୟରୁ ଦୁଶନ ହେମନ୍ତ ସର୍ବାଧିକ ୨ଟି, ଅଧିନାୟକ ଦାସୁନ ଶାନକା ଓ ସୁନିଥ ୱେଲାଲାଗେ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।


ସିକନ୍ଦର ରାଜା

| ଆଜିର ବିଶ୍ୱକପ୍ ମ୍ୟାଚ୍ | | |
|---|---|---|
| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
| ଅଷ୍ଟ୍ରେଲିଆ-ଓମାନ | ରାତି ୭ଟା | ପାଲେକେଲେ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର | | |

### ■ ସାଇ ହୋପ୍‌ଙ୍କ ଦମ୍‌ଦାର ଅର୍ଦ୍ଧଶତକ

## ୱେଷ୍ଟଇଣ୍ଡିଜ୍‌ର ଆଉ ଏକ ସହଜ ବିଜୟ

କୋଲକାତା,୧୯।୨(ଏଜେନ୍ସି): ସାଇ ହୋପ୍‌ଙ୍କ ଦମ୍‌ଦାରଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଗ୍ରୁପ୍-ସି'ର ଶେଷ ଲିଗ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୪୨ ରନ୍‌ରେ ନବାଗତ ଇଟାଲୀକୁ ହରାଇ ଆଉ ଏକ ସହଜ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଅଧିନାୟକ ତଥା ୱିକେଟରକ୍ଷକ ହୋପ୍ ୪୬ ବଲ୍‌ରୁ ୬ ଚୌକା ଓ ୪ ଛକା ସହ ୭୫ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୬ୱିକେଟରେ ୧୬୫ ରନ୍ କରିଥିଲା। ରୋଷ୍ଟୋନ ଚେଜ୍ ଓ ସିର୍ଫାନ ରଦରଫୋର୍ଡ ୨୪ ରନ୍ ଲେଖାଏଁ ଉପଯୋଗୀ ସହାୟତା ଦେଇଥିଲେ। ପ୍ରତିପକ୍ଷ ଦଳର ବେନ୍ ମାନେଟି ଓ କ୍ରିଶାନ କାଲୁଗାମାଗେ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଇଟାଲୀ ୧୮ ଓଭରରେ ୧୨୩ ରନ୍ କରିଅଲଆଉଟ ହୋଇଥିଲା। ବେନ୍ ମାନେଟି ସର୍ବାଧିକ ୨୬, ଜେଜେ ସ୍ମଟ୍‌ସ ୨୪ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ସମର ଯୋଶେଫ ସର୍ବାଧିକ ୪ଟି, ମାଥ୍ୟୁ ଫୋର୍ଡେ ୩ଟି ଓ ଗୁଡକେଶ ମୋତି ୨ଟି ୱିକେଟ ପାଇଥିଲେ। ୱେଷ୍ଟଇଣ୍ଡିଜ୍ ଗ୍ରୁପ୍-ସି'ରେ ୪ଟି ଯାକ ମୁକାବିଲାରୁ ୪ଟିରେ ବିଜୟୀ ହୋଇଛି। ଇଂଲଣ୍ଡକୁ ଦଳ ୩୦ ରନ୍‌ରେ ପରାସ୍ତ କରିଛି। ଅପରାଜେୟ ରହି ସୁପର-୮'ରେ ପ୍ରବେଶ କରିଥିବା ୱେଷ୍ଟଇଣ୍ଡିଜ୍ ଜିମ୍ବାୱେ ସହ ଫେବୃଆରୀ ୨୩ରେ, ଦକ୍ଷିଣ ଆଫ୍ରିକା ସହ ୨୬ରେ ଓ ଭାରତ ସହ ମାର୍ଚ୍ଚ ୧ରେ ଖେଳିବ।

## ଇବ୍ରାହିମ୍‌ଙ୍କ ଅର୍ଦ୍ଧଶତକ: ବିଜୟ ସହ ଆଫଗାନିସ୍ତାନ ବିଦା

ଚେନ୍ନଇ, ୧୯।୨ (ଏଜେନ୍ସି): ଇବ୍ରାହିମ୍ ଜଦ୍ରାନଙ୍କ ଅପରାଜିତ ୯୫ରନ୍ ଓ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଗୁରୁବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଡି'ର ଶେଷ ଲିଗ୍ ମ୍ୟାଚ୍‌ରେ ଆଫଗାନିସ୍ତାନ ୮୨ ରନ୍‌ରେ କାନାଡ଼ାକୁ ପରାସ୍ତ କରିଛି। ଦଳର ଏହି ବିଜୟ ସହ ଆଫଗାନିସ୍ତାନ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ପଛକୁ ତୃତୀୟ ସ୍ଥାନ ଅଧିକାର କରି ବିଶ୍ୱକପ୍‌ରୁ ବିଦାୟ ନେଇଛି। ମାତ୍ର ୫୬ ବଲ୍‌ରୁ ୭ ଚୌକା ଓ ୫ଛକା ସହ ଅପରାଜିତ ୯୫ ରନ୍ କରିଥିବା ଆଫଗାନିସ୍ତାନର ଇବ୍ରାହିମ୍ ଜଦ୍ରାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୪ ୱିକେଟରେ ୨୦୦ ରନ୍ କରିଥିଲା। ଜଦ୍ରାନଙ୍କ ବ୍ୟତୀତ ସେଦିକୁଲ୍ଲା ଅଟଲ ୪୪ ଓ ରହମନୁଲ୍ଲା ଗୁରବାଜ୍ ୩୪ ରନ କରିଥିଲେ। ଜବାବରେ କାନାଡ଼ା ୨୦ ଓଭରରେ ୮ ୱିକେଟରେ ୧୧୮ ରନ୍ କରିଥିଲା। ଦଳ ପକ୍ଷରୁ ହର୍ଷ ଠାକର ସର୍ବାଧିକ ୩୦, ସାଦ୍ ବିନ୍ ଜାଫର ୨୮ ରନ୍ କରିଥିଲେ। ଆଫଗାନଙ୍କ ମଧ୍ୟରେ ମହମ୍ମଦ୍ ନବି ୪ଟି, ରଶିଦ୍ ଖାନ୍ ୨ଟି ୱିକେଟ ନେଇଥିଲେ।

### ମହିଳା ଟି-୨୦ ସିରିଜ

## ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆ ବିଜୟୀ

କାନବେରା, ୧୯।୨ (ଏଜେନ୍ସି): ଓପନର ଜର୍ଜିଆ ଭଲ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଘରୋଇ ଅଷ୍ଟ୍ରେଲିଆ ଏଠାରେ ଅନୁଷ୍ଠିତ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚରେ ୧୯ ରନରେ ଭାରତକୁ ହରାଇଦେଇଛି। ଫଳରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜ ୧-୧'ର ବରାବରସ୍ଥିତିରେ ରହିଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ଭ୍ରମଣକାରୀ ଭାରତୀୟ ମହିଳା ଦଳ ଡିଏଲ୍ ପଦ୍ଧତିରେ ୨୧ ରନରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ଶନିବାର ଆଡିଲେଡ୍‌ରେ ଖେଳାଯିବ।

ଗୁରୁବାର ଅନୁଷ୍ଠିତ ଏହି ଦ୍ୱିତୀୟ ଟି-୨୦ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ମହିଳା ଦଳ ୫ ୱିକେଟରେ ୧୬୩ ରନ କରିଥିଲା। ଦଳ ପକ୍ଷରୁ ଓପନର୍ ଜର୍ଜିଆ ଭଲ୍ ୫୭ ବଲ୍‌ରେ ସର୍ବାଧିକ ୮୮ ରନର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଥ୍ ମୁନୀ ୪୬, ଫୋଏବ ଲିଚଫିଲ୍ଡ ୬, ଏଲିସେ ପେରୀ ୭ ଓ ଆସଲେ ଗାର୍ଡନର ଅପରାଜିତ ୧୦ ରନ କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀଙ୍କୁ ୨ଟି ଏବଂ ରେଣୁକା ସିଂ ଠାକୁରଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଜବାବରେ ଭାରତ ସମ୍ପୂର୍ଣ୍ଣ ୨୦ ଓଭର ଖେଳିଥିଲେ ମଧ୍ୟ ୯ ୱିକେଟରେ ୧୪୪ ରନ କରିପାରିଥିଲା। ଅଧିନାୟିକା ହରମନପ୍ରୀତ କୌର ୩୬, ସ୍ମୃତି ମନ୍ଧାନା ୩୧, ରିଚା ଘୋଷ ୧୯ ରନ କରିଥିଲେ। ୨୯ ରନ କରିଥିବା ଶେଫାଳି ବର୍ମା ଇତ୍ୟବସରରେ ୩ୟ ଭାରତୀୟ ମହିଳା ବ୍ୟାଟର ଭାବେ ଅନ୍ତର୍ଜାତୀୟ ଟି-୨୦ରେ ୨୫୦୦ ରନ ପୂରଣ କରିଥିଲେ। ବିଜୟୀ ଅଷ୍ଟ୍ରେଲିଆ ଦଳର ଆସଲେ ଗାର୍ଡନର ୩ ଏବଂ ଆନାବେଲ୍ ସଦରଲାଣ୍ଡ, କିମ୍ ଗାର୍ଥ ଓ ଅଧିନାୟିକା ସୋଫି ମୋନିଲେକ୍ସ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜର୍ଜିଆ ଶ୍ରେଷ୍ଠ ଖେଳାଳି ହୋଇଥିଲେ।



## ମହୁମାଛି ଆକ୍ରମଣରେ ଅମ୍ପାୟର ମୃତ

ଲକ୍ଷ୍ନୌ, ୧୯।୨ (ଏଜେନ୍ସି): ଉତ୍ତର ପ୍ରଦେଶର ଉନ୍ନାଓ ଜିଲ୍ଲାରେ ଏକ କ୍ରିକେଟ୍ ମ୍ୟାଚ୍ ସମୟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ମହୁମାଛି ଦଳଙ୍କ ଆକ୍ରମଣ ଫଳରେ ମ୍ୟାଚ୍ ପରିଚାଳନା କରୁଥିବା ଜଣେ ଅମ୍ପାୟରଙ୍କ ମୃତ୍ୟୁ ଘଟିଛି। ମୃତ ଅମ୍ପାୟର ଜଣଙ୍କ ହେଲେ ୬୫ ବର୍ଷୀୟ ମାଣିକ ଗୁପ୍ତା। ମାଣିକ କାନପୁର କ୍ରିକେଟ୍ ସଂଘର ସ୍ୱୀକୃତିପ୍ରାପ୍ତ ଅମ୍ପାୟର ଥିଲେ। ମ୍ୟାଚ୍ ମଝିରେ ଜଳପାନ ବିରତି ସମୟରେ ଏହି ଅଘଟଣ ଘଟିଥିଲା। ମହୁମାଛିଙ୍କ ଆକ୍ରମଣ ଫଳରେ ସମସ୍ତ ଖେଳାଳି ଓ ଅମ୍ପାୟର ଗ୍ରାଉଣ୍ଡରେ ଶୋଇପଡ଼ିଥିଲେ। ଏଥିରେ ୧୫ରୁ ୨୦ ଖେଳାଳି ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି।

## ୧୧ ବର୍ଷ ପରେ ରଣଜୀ ଫାଇନାଲରେ କର୍ଣ୍ଣାଟକ

ଲକ୍ଷ୍ନୌ, ୧୯।୨ (ଏଜେନ୍ସି): ଆଠଥରର ଚାମ୍ପିଅନ କର୍ଣ୍ଣାଟକ ଚଳିତ ରଣଜୀ ଟ୍ରଫିର ଫାଇନାଲରେ ପ୍ରବେଶ କରିଛି। ଉତ୍ତରାଖଣ୍ଡ ଓ କର୍ଣ୍ଣାଟକ ମଧ୍ୟରେ ଚାଲିଥିବା ପ୍ରଥମ ସେମିଫାଇନାଲ ଡ୍ର ରହିଥିଲା। ତେବେ ଇନିଂସ ଅଗ୍ରଣୀଭିତ୍ତିରେ କର୍ଣ୍ଣାଟକ ଫାଇନାଲରେ ପ୍ରବେଶ କରିଛି। ଏଥିସହ ଦୀର୍ଘ ୧୧ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ କର୍ଣ୍ଣାଟକ ଶେଷରେ ରଣଜୀ ଫାଇନାଲରେ ପହଞ୍ଚିଛି। ୨୪ ତାରିଖରୁ କର୍ଣ୍ଣାଟକ-ଜମ୍ମୁ-କାଶ୍ମୀର ମଧ୍ୟରେ ଫାଇନାଲ ଆରମ୍ଭ ହେବ। ପୂର୍ବରୁ ଜମ୍ମୁ କାଶ୍ମୀର ୬ ୱିକେଟରେ ବେଙ୍ଗଲକୁ ହରାଇ ଫାଇନାଲକୁ ପ୍ରଥମଥର ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ କର୍ଣ୍ଣାଟକର ୭୩୬ ରନର ବିଶାଳ ସ୍କୋର ଜବାବରେ ଉତ୍ତରାଖଣ୍ଡ ୨୩୩ ରନରେ ଅଲ୍‌ଆଉଟ୍ ହୋଇ ଫଲୋଅନ ହୋଇଥିଲା। କିନ୍ତୁ ୫୦୩ ରନରେ ଆଗୁଆ ଥିବା କର୍ଣ୍ଣାଟକ ଫଲୋଅନ ନ ଦେଇ ଦ୍ୱିତୀୟ ଇନିଂସରେ ୩୨୩ ରନରେ ଅଲଆଉଟ୍ ହୋଇଥିଲା। ଫଳରେ ଉତ୍ତରାଖଣ୍ଡ ସାମ୍ନାରେ ୮୨୭ ରନର ଅସମ୍ଭବ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

### କଳାହାଣ୍ଡି କପ୍

## ସୁନ୍ଦରଗଡ଼ର ବିରାଟ ବିଜୟ

ଭୁବନେଶ୍ୱର, ୧୯।୨ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପର ୩ୟ ଦିବସରେ ଗୁରୁବାର ୮ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ସୁନ୍ଦରଗଡ଼ ୨୫୦ ରନରେ ଢେଙ୍କାନାଳକୁ, କେନ୍ଦ୍ରାପଡ଼ା ୧୦୫ ରନରେ ସମ୍ବଲପୁର-ବି'କୁ, ପୂର୍ବତଟ ରେଳବାଇ ୧୧୭ ରନରେ ଖୋର୍ଦ୍ଧାକୁ, କଟକ-ବି ୪୬ ରନରେ ସମ୍ବଲପୁର-ଏ'କୁ, ବଲାଙ୍ଗୀର ୧୫୩ ରନରେ ସୋନପୁରକୁ, ଭୁବନେଶ୍ୱର-ଏ' ୮ ୱିକେଟରେ ମାଲକାନଗିରିକୁ, ଦେବଗଡ଼ ୭ ରନରେ ଯାଜପୁରକୁ ଓ ବୌଦ୍ଧ ୮୯ ରନରେ କୋରାପୁଟକୁ ପରାସ୍ତ କରିଛି।

### ପାକିସ୍ତାନ ହକି ମହାସଂଘ ବିବାଦ ଘନେଇଲା

## ଅଧିନାୟକଙ୍କୁ ବାସନ୍ଦ ପରେ ସଭାପତିଙ୍କ ଇସ୍ତଫା

କରାଚି, ୧୯।୨ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତ ସମୟରେ ପାକିସ୍ତାନ ପୁରୁଷ ହକି ଖେଳାଳିଙ୍କ ଲାଗି ହୋଟେଲ ବୁକ୍ ନ କରିବା, ଖେଳାଳି ରାସ୍ତା କଡ଼ରେ ଘଣ୍ଟା ଘଣ୍ଟା ବିତାଇବାକୁ ନେଇ ବିବାଦ ଘନେଇବାରେ ଲାଗିଛି। ଏଥିଲାଗି ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍)କୁ ଚାରିଆଡ଼ୁ ସମାଲୋଚନା ଶିକାର ହେବାକୁ ପଡ଼ିଛି। ସାମ୍ପ୍ରତିକ ବିବାଦକୁ ନେଇ ଶେଷରେ ପିଏଚ୍‌ଏଫ୍ ସଭାପତି ତାରିକ ବଗଟି ଗୁରୁବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ପଦ ଛାଡ଼ିବା ପୂର୍ବରୁ ତାରିକ ଜାତୀୟ ସଂଘକୁ ସମାଲୋଚନା କରିଥିବାରୁ ହକି ଦଳର ଅଧିନାୟକ ଅମ୍ମାଦ ସକିଲ ବଟ୍ଟଙ୍କୁ ୨ ବର୍ଷ ଲାଗି ବାସନ୍ଦ କରିଛନ୍ତି। ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ଇସ୍ତଫା ପତ୍ର ପଠାଇ ତାରିକ କହିଛନ୍ତି 'ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ସମୟରେ ଅଷ୍ଟ୍ରେଲିଆରେ ଘଟିଥିବା ପରିସ୍ଥିତିର ନିରପେକ୍ଷ ତଦନ୍ତ ପାଇଁ ଦେଶର ସେନା ମୁଖ୍ୟ ଅସୀମ ମୁନିରଙ୍କୁ ଅନୁରୋଧ କରୁଛି।' ଉଲ୍ଲେଖଯୋଗ୍ୟ, ଦେଶରେ କ୍ରୀଡ଼ାକୁ ପରିଚାଳନା କରୁଥିବା ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ (ପିଏସ୍‌ବି) ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଲାଗି ପିଏଚ୍‌ଏଫ୍‌କୁ ୧ ମିଲିୟନ ପାକିସ୍ତାନ ଟଙ୍କା ପ୍ରଦାନ କରିଥିଲା। ଯେଉଁଥିରେ ପାକିସ୍ତାନ ହକି ଖେଳାଳିଙ୍କ ଅଷ୍ଟ୍ରେଲିଆ ଗସ୍ତର ଯିବାଆସିବା, ରହଣୀ, ଖାଦ୍ୟପେୟ ଆଦି ସାମିଲ ଥିଲା। କିନ୍ତୁ ପିଏଚ୍‌ଏଫ୍ ଖେଳାଳିଙ୍କ ଲାଗି ଅଷ୍ଟ୍ରେଲିଆରେ ହୋଟେଲ ବୁକ୍ କରି ନ ଥିଲା। ଖେଳାଳି କାନବେରାରେ ୧୦ରୁ ୧୨ ଘଣ୍ଟା ରାସ୍ତାରେ ବିତାଇଥିଲେ। ଏହାକୁ ନେଇ ଅଧିନାୟକ ସକିଲ ବଟ୍ଟ ପାକିସ୍ତାନ ହକି ମହାସଂଘ ଉପରେ ଖୁବ ବର୍ଷିଥିଲେ।

### ତମାଣ୍ଡୋ ପ୍ରିମିୟର ଲିଗ୍

## ଚମତ୍କାର ବିଜୟ ସହ ସେମିରେ ଆଦିତ୍ୟ ଏକାଦଶ

ଭୁବନେଶ୍ୱର,୧୯।୨(ସମିସ): ଚମତ୍କାର ବିଜୟ ସହ ଭୁବନେଶ୍ୱରର ଆଦିତ୍ୟ ଏକାଦଶ ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗ୍ରୁପ୍-ଏ'ରୁ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ (ଟିସିସି) ଓ ଯୁବି ରକ୍‌ଷ୍ଟାର ପ୍ରଥମ ଦୁଇ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ଆଜି ଆଦିତ୍ୟ ଏକାଦଶର ବିଜୟ ଓ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ଫଳରେ ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତାକାଲି ତଥା ଶୁକ୍ରବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ତମାଣ୍ଡୋ କ୍ରିକେଟ କ୍ଲବ୍ ସହ ସମ୍ବଲପୁର ଏମ୍‌ଏମ୍‌ସିସିର ଓ ଶନିବାର ଦ୍ୱିତୀୟ ସେମିଫାଇନାଲ ଆଦିତ୍ୟ ଏକାଦଶ ସହ ଯୁବି ରକ୍‌ଷ୍ଟାରର ମୁକାବିଲା ହେବ। ରବିବାର ଫାଇନାଲ ଖେଳାଯିବ।

ଆଜିର ଗ୍ରୁପ୍-ବି'ରେ ଶେଷ ମ୍ୟାଚ୍ ଆଦିତ୍ୟ ଏକାଦଶ ଓ ମାଇଟି ଏକାଦଶ ମଧ୍ୟରେ ଖେଳାଯାଇଥିଲା। ଏହି ଗ୍ରୁପ୍‌ରେ ସମ୍ବଲପୁରର ଏମ୍‌ଏମ୍‌ସିସି ଓ କାକଟପୁରର ଏମ୍‌ଏମ୍‌ସି ୨ଟି ଲେଖାଏଁ ମ୍ୟାଚ୍ ଜିତି ପ୍ରଥମ ଦୁଇଟି ସ୍ଥାନରେ ରହିଥିଲେ। ଆଜି ମ୍ୟାଚ୍‌ରେ ସେମିକୁ ଯିବାକୁ ହେଲେ ଆଦିତ୍ୟକୁ ଉନ୍ନତ ରନ୍ ରେଟ୍‌ରେ ମ୍ୟାଚ୍ ଜିତିବାକୁ ଆବଶ୍ୟକତା ଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମାଇଟି ୟଙ୍ଗଷ୍ଟାର ୧୪୪ ରନ୍‌ରେ ଆଉଟ ହୋଇଥିଲା। ସେମିରେ ପ୍ରବେଶ କରିବାକୁ ହେଲେ ଆଦିତ୍ୟ ଏକାଦଶକୁ ୧୧.୪ ଓଭରରେ ଏହି ମ୍ୟାଚ୍ ଜିତିବାର ଆବଶ୍ୟକତା ରହିଥିଲା। କିନ୍ତୁ ଏହି ଦଳ ପୂରା ଦମ୍‌ରେ ଖେଳି ୧୦ ଓଭରରେ ୫ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ଫଳରେ ଦଳ କେବଳ ସେମିଫାଇନାଲରେ ପ୍ରବେଶ କରି ନ ଥିଲା, ବରଂ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଦଳ ପକ୍ଷରୁ ଅରବିନ୍ଦ ସିଂ ୨୧ ବଲ୍‌ରେ ୫୬, ବିପ୍ଲବ ସାମନ୍ତରାୟ ୧୬ବଲ୍‌ରେ ୪୫ ଓ ମଣିକାନ୍ତ ୯ ବଲ୍‌ରେ ୨୪ ରନ୍ କରି ମ୍ୟାଚ୍ ଜିତାଇବାରେ ସମର୍ଥ ହୋଇଥିଲେ। ବିସ୍ଫୋରକ ଅର୍ଦ୍ଧଶତକ ଲାଗି ଅରବିନ୍ଦ ସିଂଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଅତିଥି ତଥା ସାପଲାସ୍ ପ୍ରାଇଭେଟ ଲିଃର ଅଶ୍ୱିନ ପୃଷ୍ଟି ପ୍ରଦାନ କରିଥିଲେ।




## ୨୭ତମ ବିହାରୀଲାଲ୍ କ୍ରିକେଟ୍ ଆରମ୍ଭ



ଭୁବନେଶ୍ୱର, ୧୯।୨ (ସମିସ): ବିହାରୀଲାଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨୭ତମ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହୋଇଛି। ପୋଖରୀପୁଟ ବିହାରୀଲାଲ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଟି-୧୦ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ସିନିଅର ଓ ସୁପର ସିନିଅରବର୍ଗର ୨ଟି ଲେଖାଏ ମ୍ୟାଚ୍ ଖେଳାଯାଇଥିଲା। ସିନିଅର ବର୍ଗରେ ରାମେଶ୍ୱର ସ୍ପୋର୍ଟିଂ ୬ ୱିକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ୨୦ ବଲରେ ୬୫ ରନ କରିଥିବା ସ୍ୱୟମ ପଣ୍ଡା ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଅନ୍ୟ ଏକ ମ୍ୟାଚରେ ମୁକ୍ତେଶ୍ୱର କ୍ଲବ ୭ ୱିକେଟରେ ପ୍ରଗତି ସ୍ପୋର୍ଟିଂକୁ ହରାଇଛି। ଆଲୋକ ବାରିକ (୨ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସୁପର ସିନିଅର (ଭେଟେରାନ) ବର୍ଗରେ ସହିଦ ସ୍ପୋର୍ଟିଂ ୪ ରନରେ ମୁକ୍ତେଶ୍ୱରକୁ ଏବଂ ଓଜିପି ବ୍ଲାଷ୍ଟର ୮ ୱିକେଟରେ ଯଦୁପୁରକୁ ହରାଇଥିଲା। ରାମ ଲାଲ (୩୪ ରନ ଓ ୧ ୱିକେଟ) ଓ ଦୀନେଶ ସାହୁ (୨୯ ରନ ଓ ୧ ୱିକେଟ) ଯଥାକ୍ରମେ ଏହି ଦୁଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ଆନୁକୂଲ୍ୟରେ ୨୨ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ବିଧାୟକ ବାବୁ ସିଂ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, ଟ୍ରଷ୍ଟର ସଭାପତି ଅକ୍ଷୟ କୁମାର ଜେନା, ତୋଫାନ ସାମନ୍ତରାୟ, କ୍ରୀଡ଼ା ସାମ୍ବାଦିକ ସୁରେଶ ସ୍ୱାଇଁ, କ୍ରିକେଟ୍ କୋଚ୍ କ୍ଷୀରୋଦ ବେହେରା, ତାପସ ଦଳେଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

### ତାଏକ୍ୱୋଣ୍ଡୋ କ୍ରୀଡ଼ା ସଂଘ ନିର୍ବାଚନ

## କୃଷ୍ଣଚନ୍ଦ୍ର ସଭାପତି, ସୁଦୀପ୍ତା ସମ୍ପାଦିକା

ଭୁବନେଶ୍ୱର,୧୯।୨(ସମିସ): ବିଶିଷ୍ଟ କ୍ରୀଡ଼ା ପ୍ରଶାସକ କୃଷ୍ଣଚନ୍ଦ୍ର ଦାସ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡା ଗୁରୁ ସୁଦୀପ୍ତା ନନ୍ଦ କଟକ ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘର ସଭାପତି ଓ ସମ୍ପାଦିକା ଭାବେ ନିର୍ବାଚିତ ହୋଇଛନ୍ତି। ସଞ୍ଜୟକୁମାର ରାୟ କୋଷାଧ୍ୟକ୍ଷ ରହିଛନ୍ତି। ସେକ୍ଟର-୯'ରେ ଥିବା ଏସ୍‌ଏନ୍ ତାଏକ୍ୱୋଣ୍ଡୋ ଏକାଡେମୀରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ଜୟକୃଷ୍ଣ ପରିଡ଼ା ଏଥିରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଏକ୍ୱୋଣ୍ଡୋ ଫେଡେରେସନ ଅଫ୍ ଇଣ୍ଡିଆର ଉପସଭାପତି ତଥା ରାଜ୍ୟ ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ଏହି ନିର୍ବାଚନରେ ଅତିଥିଭାବେ ଉପସ୍ଥିତ ରହିବା ସହ ନିର୍ବାଚିତ ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ତଥା କଟକରେ ତାଏକ୍ୱୋଣ୍ଡୋ କ୍ରୀଡ଼ାକୁ ଲୋକପ୍ରିୟ କରାଇବାକୁ ଆମ ସଂଘ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ନବନିର୍ବାଚିତ ସମ୍ପାଦିକା ସୁଦୀପ୍ତା ପ୍ରକାଶ କରିଛନ୍ତି।




### ବାରବାଟୀରେ ବଧିର ଏସିଆ କପ୍ ଉଦ୍‌ଘାଟିତ

## ଭାରତର ବିଜୟ ଅଭିଯାନ

ଭୁବନେଶ୍ୱର, ୧୯।୨ (ସମିସ):

କଟକର ବାରବାଟୀ ଷ୍ଟାଡିୟମରେ ଗୁରୁବାର ବଧିର ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ ଭାରତ ୪ ୱିକେଟରେ ଶ୍ରୀଲଙ୍କାକୁ ହରାଇ ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୧୮.୪ ଓଭରରେ ୧୩୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ହଶିତ ପ୍ରସନ୍ନା ୨୮, ଉଦୟ ଲାକମଲ୍ ୨୫, ରଜିଥା ଅସଙ୍କା ୨୦ ରନ କରିଥିଲେ। ଭାରତୀୟ ଦଳ ପକ୍ଷରୁ ପ୍ରନିଲ ମୋରେ ସର୍ବାଧିକ ୩ଟି ଏବଂ ହିଲାଲ ୱାନି ଓ ଓଡ଼ିଆ ଖେଳାଳି ଶିବୁନା ନନ୍ଦଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ଭାରତ ୭ଟି ବଲ୍ ବଳକା ଥାଇ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସାଇ ଆକାଶ ୩୫, ସନ୍ତୋଷ କେଏମ୍ ୨୮ ଓ ହିଲାଲ୍ ୨୩ ରନ କରିଥିଲେ। ସାଇ ଆକାଶଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

ଏସିଆନ ଡିଫ୍ କ୍ରିକେଟ୍ ଆସୋସିଏସନ (ଏଡିସିଏ) ଓ ଇଣ୍ଡିଆନ ଡିଫ୍ କ୍ରିକେଟ୍ ଆସୋସିଏସନ (ଆଇଡିସିଏ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଗୁରୁବାର ପୂର୍ବାହ୍ନରେ ଉଦଘାଟିତ ହୋଇଥିଲା। ଜିନ୍ଦଲ ଷ୍ଟିଲର ଉପସଭାପତି ରିଶି ପଠାଣିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିସିଏ ସଭାପତି ସୁମିତ ଜୈନ, ଜିନ୍ଦଲ ଫାଉଣ୍ଡେସନର ସିଏସଆର୍ ହେଡ୍ ଜୟନ୍ତ କୁମାର ମହାନ୍ତି, ଟାଟା ମୋଟର୍ସର ଶୈଳେଷ ରାଇ, ହିରୋ ମୋଟୋକ୍ରପର କୁନାଲ ଗୁପ୍ତା ଓ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ସେକ୍ରେଟାରୀ ବଙ୍କିମ ମହାନ୍ତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଫେବୃଆରୀ ୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୩ୟ ଦଳ ଭାବେ ନେପାଳ ଭାଗନେଇଛି। ପ୍ରତି ଦଳ ପରସ୍ପର ବିପକ୍ଷରେ ଦୁଇଥର ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS